ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୨୦/୨୦୨୧ (୧୨+୮=୨୦ ପୃଷ୍ଠା) | Sambalpur, Saturday, November 20/2021 | ★★

୧୭ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

wildcraft.com

WILDCRAFT

ପ୍ରତ୍ୟେକ ଯାତ୍ରାର
ଅଙ୍କାବଙ୍କା ରାସ୍ତା ପାଇଁ




INTRODUCING INDIA'S MOST
VERSATILE TRAVELCASES

Durable Pro-Bond Tech
Enhanced Organization
Multi-Purpose
5 YEAR International Warranty

*T&C Apply

SCAN SPIN WIN
ASSURED INSTANT REWARD

Range starting from ₹ 1899/-

Available at Wildcraft Exclusive Stores and all leading retail outlets near you.
FOR TRADE ENQUIRIES: 9938418273

Exclusive Online Partners
Flipkart | Myntra

Experience Partner
TAJ EXPERIENCES



## ମୋଦିଙ୍କ ୟୁ-ଟର୍ନ

"ଦେଶର ଅନ୍ନଦାତାମାନେ ସତ୍ୟାଗ୍ରହ ଜରିଆରେ ଅହଂକାରର ଧନୁଭଗ୍ନ କରିଛନ୍ତି।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ଉତ୍ତର ପ୍ରଦେଶ ସରକାରଙ୍କ ତରଫରୁ ସ୍ୱାଗତ କରୁଛି। ସରକାର ସବୁ ସ୍ତରରେ ଆଲୋଚନା ପାଇଁ ଉଦ୍ୟମ କରିଥିଲେ। ଆମ ପଟୁ କିଛି ଅଭାବ ରହିଯାଇଥାଇପାରେ, ଯଦ୍ଦ୍ୱାରା ଆମେ ଲୋକଙ୍କ ଆଗରେ ନିଜ ଆଭିମୁଖ୍ୟ ରଖିବାରେ ବିଫଳ ହୋଇଛୁ।
**-ଯୋଗୀ ଆଦିତ୍ୟନାଥ, ୟୁପି ମୁଖ୍ୟମନ୍ତ୍ରୀ**

ସରକାର ଓ ଏହାର ଏଜେନ୍ସିଗୁଡ଼ିକ ମିଛ ମାମଲାରେ ଫସାଇ ଟାର୍ଗେଟ କରୁଥିବା ଲୋକଙ୍କ ପାଇଁ ନ୍ୟାୟର ସଂଗ୍ରାମ ଜାରି ରହିବ। ପ୍ରଧାନମନ୍ତ୍ରୀ ନିଜ ବ୍ୟବସାୟିକ ସହଯୋଗୀଙ୍କ ସ୍ୱାର୍ଥ ଲାଗି ନେଇଥିବା ଏକଚ୍ଛତ୍ରବାଦୀ ପଦକ୍ଷେପ ପାଇଁ କ୍ଷମା ମାଗନ୍ତୁ।
**-ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ**

କ୍ଷମତା ଅହଙ୍କାରୀ ମୋଦି ସରକାରଙ୍କୁ କୃଷକମାନେ ସବୁଠୁ ବଡ଼ ଝଟ୍‌କା ଦେଇଛନ୍ତି। ସେମାନେ ବିଜୟ ଉତ୍ସବ ମନାଇବା ସହ ଆନ୍ଦୋଳନକୁ ଆଗକୁ ବଢ଼ାଇବା ଉଚିତ।
**-ଦୀପଙ୍କର ଭଟ୍ଟାଚାର୍ଯ୍ୟ, ସିପିଆଇଏମ୍ଏଲ୍ ସାଧାରଣ ସମ୍ପାଦକ**

ପଞ୍ଜାବୀମାନଙ୍କ ଅନୁରୋଧ ରକ୍ଷା କରି ୩ କଳା କୃଷି ଆଇନକୁ ପ୍ରତ୍ୟାହାର କରିଥିବାରୁ ଗୁରୁନାନକ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। କେନ୍ଦ୍ର ସରକାର କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି ଆଶା।
**-ଅମରିନ୍ଦର ସିଂ, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ**

୭୦୦ କୃଷକଙ୍କ ଜୀବନ ଯାଇଛି। କୃଷି ଆଇନକୁ ପୂର୍ବରୁ ପ୍ରତ୍ୟାହାର କରିଥିଲେ ସେମାନଙ୍କ ଜୀବନ ବଞ୍ଚାଯାଇପାରିଥାଆନ୍ତା। ଶହୀଦ କୃଷକ ଓ ସେମାନଙ୍କ ପରିବାରକୁ ସାଲ୍ୟୁଟ୍।
**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

କୃଷକ ବିରୋଧୀ ଆଇନ ପ୍ରତ୍ୟାହାର ନେଇ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଗଣତନ୍ତ୍ରରେ ଲୋକଙ୍କ ଇଚ୍ଛା ବଜାୟ ରହେ ବୋଲି ଇତିହାସ ଆମକୁ ଶିକ୍ଷା ଦେଇଥାଏ। ଗାନ୍ଧିବାଦୀ ଉପାୟରେ ସଂଗ୍ରାମରେ ସଫଳତା ହାସଲ କରିଥିବା ସମସ୍ତ ଚାଷୀଙ୍କୁ ଅଭିନନ୍ଦନ।
**-ଏମ୍.କେ. ଷ୍ଟାଲିନ, ତାମିଲନାଡୁ ମୁଖ୍ୟମନ୍ତ୍ରୀ**

ଏହା ମୁଣ୍ଡ ନୁଆଁଇବା ବିଷୟ ନୁହେଁ। ଉଦାରୀକରଣ ଓ ବୈଶ୍ୱୀକରଣ ପ୍ରକ୍ରିୟା ୧୯୯୧-୯୨ରେ ଆରମ୍ଭ ହୋଇଥିଲା। ଏହାର ଅଂଶ ଭାବେ ଅନେକ ଆଇନ ପ୍ରଣୟନ କରାଯାଇଥିଲା। ଉପା ସରକାର ଡବ୍ଲ୍ୟୁଟିଓ ଚୁକ୍ତିରେ ସ୍ୱାକ୍ଷର କରିଥିଲେ, ଯାହାର ଅଂଶ ଥିଲା କୃଷି ସଂସ୍କାର ଓ କୃଷି ମାର୍କେଟିଂ ରିଫର୍ମ।
**-ବାସବରାଜ ବୋମାଇ, କର୍ନାଟକ ମୁଖ୍ୟମନ୍ତ୍ରୀ**

କୃଷକଙ୍କ ବଳିଦାନର ମୂଲ୍ୟ ମିଳିଛି। ବହୁ ବିଳମ୍ବରେ ହେଲେ ବି ଶେଷରେ ସରକାର ୩ ବିବାଦୀୟ ଆଇନକୁ ପ୍ରତ୍ୟାହାର କରିନେଇଛନ୍ତି।
**-ମାୟାବତୀ, ବିଏସ୍‌ପି ସୁପ୍ରିମୋ**

ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଂକାରୀ ସରକାର ଉପରେ କୃଷକଙ୍କ ବିଜୟ ହୋଇଛି। ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ପ୍ରତ୍ୟେକ କୃଷକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ସରକାର ୧ କୋଟି ଟଙ୍କା ଓ ଚାକିରି ଦିଅନ୍ତୁ।
**-ସଞ୍ଜୟ ସିଂ, ଏଏପି ରାଜ୍ୟ ସଭା ସଦସ୍ୟ**

ସରକାର କୃଷି ଆଇନକୁ ପ୍ରତ୍ୟାହାର କରି ମହାନତା ଦେଖାଇଛନ୍ତି ବୋଲି ମନେକରିବା ଭୁଲ୍। ସରକାରଙ୍କ ନଜର କେବଳ ସଂଖ୍ୟା ଉପରେ ରହିଛି। ଉପନିର୍ବାଚନରେ ପରାଜୟ ପରେ ତେଲ ଦର ହ୍ରାସ କରିବାର ଏହାର ପ୍ରମାଣ।
**-ଓମାର ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ**"

୨୦୨୦ ଜୁନ୍ ୫ରେ କେନ୍ଦ୍ର ସରକାର ୩ କୃଷି ଅଧ୍ୟାଦେଶ ଆଣିଥିଲେ। ସେପ୍ଟେମ୍ବର ୧୪ରେ ଉକ୍ତ ବିଲ୍‌ଗୁଡ଼ିକୁ ପାର୍ଲାମେଣ୍ଟରେ ଆଗତ କରାଯାଇଥିଲା। ଏହା ୧୭ ତାରିଖରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ୨୪ରେ ରାଜ୍ୟ ସଭାରେ ଧ୍ୱନିମତରେ ପାରିତ ହୋଇଥିଲା। ୨ ଦିନ ପରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରୁ ଏହାର ପୁରୁଣା ସହଯୋଗୀ ଶିରୋମଣି ଅକାଳୀ ଦଳ ଓହରିଯାଇଥିଲା। ଦେଶବ୍ୟାପୀ ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଙ୍ଗଠନ ଏହାକୁ ବିରୋଧ କରି ପ୍ରତ୍ୟାହାର ଦାବି କରିଥିବାବେଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେପ୍ଟେମ୍ବର ୨୭ରେ ୩ କୃଷି ଆଇନ ଉପରେ ମୋହର ଦେଇଥିଲେ। ସେତେବେଳେ କେନ୍ଦ୍ର ସରକାର କୃଷି ଆଇନକୁ ଐତିହାସିକ ବୋଲି ଅଭିହିତ କରିଥିଲେ। ପ୍ରାୟ ବର୍ଷେ ଧରି ବିକ୍ଷୋଭ, ଧାରଣା ଓ ଆନ୍ଦୋଳନ ଜାରି ରହିବା ପରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିବାଦୀୟ ୩ କୃଷି ଆଇନ ଉଚ୍ଛେଦ ନିଷ୍ପତ୍ତି ଘୋଷଣା କରିଛନ୍ତି। ଏବେ ଆଇନ ପ୍ରତ୍ୟାହାର ଘୋଷଣାକୁ ମୋଦିଙ୍କ କ୍ୟାବିନେଟ ସହଯୋଗୀ ଓ ଭାଜପା ନେତାମାନେ ମାଷ୍ଟରଷ୍ଟ୍ରୋକ୍ ଏବଂ ଐତିହାସିକ ପଦକ୍ଷେପ ଭାବେ ଅଭିହିତ କରିବାକୁ ପଛାଉନାହାନ୍ତି।

# ମାଷ୍ଟରଷ୍ଟ୍ରୋକ୍ ନା ପରାଜୟ ଭୟ

## କହୁଥିଲେ ଆଇନ ଐତିହାସିକ, କହୁଛନ୍ତି ପ୍ରତ୍ୟାହାର ଐତିହାସିକ



"ଆନ୍ଦୋଳନ ତୁରନ୍ତ ପ୍ରତ୍ୟାହାର କରାଯିବ ନାହିଁ। ପାର୍ଲାମେଣ୍ଟରେ ଏହି ଆଇନ ଉଚ୍ଛେଦ ନ ହେବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରିବୁ। ସରକାର ଏମ୍ଏସ୍‌ପି ସମେତ ଅନ୍ୟ ପ୍ରସଙ୍ଗଗୁଡ଼ିକୁ ନେଇ ମଧ୍ୟ କୃଷକଙ୍କ ସହ ଆଲୋଚନା କରିବା ଉଚିତ।
**-ରାକେଶ ଟିକାଏତ୍, ଭାରତୀୟ କିଷାନ ୟୁନିୟନ୍ ନେତା**

**ନୂଆଦିଲ୍ଲୀ,୧୯।୧୧**

ଗୁରୁନାନକ ଦେବଙ୍କ ୫୫୨ତମ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପ୍ରତ୍ୟାଶିତ ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଯେଉଁ କୃଷି ଆଇନକୁ ନେଇ ଏତେ ତୁମ୍ବିତୋଫାନ ହେଲା, ୭୦୦ରୁ ଊର୍ଦ୍ଧ୍ୱ କୃଷକଙ୍କ ଜୀବନ ଚାଲିଗଲା ତାକୁ ନେଇ ହଠାତ୍ କିପରି ହୃଦୟ ପରିବର୍ତ୍ତନ ହେଲା ବୋଲି ଅନେକେ ପ୍ରଶ୍ନ କରୁଛନ୍ତି। ଉତ୍ତର ଖୋଜିବା ପାଇଁ ମଧ୍ୟ ବେଶି ଦୂର ଯିବାକୁ ପଡ଼ିବ ନାହିଁ। କାରଣ ମୁଣ୍ଡ ଉପରେ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ। ୨୦୨୨ ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ଭୋଟ ଥିବାରୁ କେନ୍ଦ୍ର ସରକାର ବାଧ୍ୟହୋଇ କୃଷକ ବିରୋଧୀ କୃଷି ଆଇନକୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଛି। ବିଶେଷକରି ଆନ୍ଦୋଳନରେ ପଞ୍ଜାବ ଏବଂ ୟୁପିର ବହୁ ଚାଷୀ ସାମିଲ ଥିବାରୁ ମୋଦି ସରକାର ପରାଜୟ ଭୟରେ ଏଭଳି ନିଷ୍ପତ୍ତି ନେଇଥିବା ବିରୋଧୀ ନେତାମାନେ ସମାଲୋଚନା କରିଛନ୍ତି। କାରଣ ଅନ୍ନଦାତାଙ୍କୁ ଅସନ୍ତୋଷ କରି କୌଣସି ନିର୍ବାଚନରେ ବିଜୟ ହାସଲ କରିବା ଅସମ୍ଭବ ବୋଲି ମୋଦି ସରକାର ଭଲ ଭାବେ ଜାଣନ୍ତି। ସେହିପରି ନିକଟରେ କଂଗ୍ରେସ ଛାଡ଼ିଥିବା ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ ମଧ୍ୟ ରାଜ୍ୟରେ ଭାଜପାର ସହଯୋଗ ଲୋଡ଼ିଥିଲେ। କେନ୍ଦ୍ର ସରକାର କୃଷକଙ୍କ କଥା ବୁଝିଲେ ଭାଜପା ସହିତ ମେଣ୍ଟକରି ନିର୍ବାଚନ ଲଢ଼ିବେ ବୋଲି ପଞ୍ଜାବ ଲୋକ କଂଗ୍ରେସ ଅଧ୍ୟକ୍ଷ ଅମରିନ୍ଦର କହିଥିଲେ। ପୂର୍ବରୁ ଶିରୋମଣି ଅକାଳୀ ଦଳ ଭାଜପାର ହାତ ଛାଡ଼ିସାରିଥିବାରୁ ଗୈରିକ ଦଳ ମଧ୍ୟ ଜଣେ ଆଖିଦୃଶିଆ ନେତାଙ୍କୁ ଖୋଜୁଥିଲା। ତେଣୁ ପଞ୍ଜାବରେ ଅମାନତ ହରାଇବା ସ୍ଥିତିରୁ ବର୍ତ୍ତିବା ପାଇଁ ଏହା ଭାଜପାକୁ ସହାୟକ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ୪୦୩ ଆସନ ବିଶିଷ୍ଟ ୟୁପି ବିଧାନସଭା ନିର୍ବାଚନକୁ ମଧ୍ୟ କେନ୍ଦ୍ରର କୃଷି ଆଇନ ବିଶେଷ ପ୍ରଭାବିତ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କରିଥିଲେ। ୨୦୧୭ରେ ଭାଜପା ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହି ରାଜ୍ୟରେ ୩୧୨ ଆସନ ଦଖଲ କରିଥିଲା, ଯାହାକି ୨୦୧୯ ସାଧାରଣ ନିର୍ବାଚନରେ ବିଜୟ ପାଇଁ ମୂଳଦୁଆ ପକାଇଥିଲା। କୃଷକ ଆଇନ ବିରୋଧୀ ଆନ୍ଦୋଳନ ବିଶେଷକରି ଲଖିମପୁର ଖେରି ହିଂସାରେ ୩ ଚାଷୀଙ୍କ ଜୀବନ ଯିବା ପରେ ଜାଠ୍ ସମୁଦାୟ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଏବଂ ଜୟନ୍ତ ସିଂ ଚୌଧରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ ଆଡ଼କୁ ଢ଼ଳିବାରେ ଲାଗିଥିଲେ। ସଂଖ୍ୟାଲଘୁ ଏବଂ ଓବିସି ବର୍ଗର ସମର୍ଥନ ହରାଇଥିବା ଭାଜପା ପାଇଁ ଏହା ୨୦୨୪ ଲୋକ ସଭା ନିର୍ବାଚନରେ କାଳ ହେବ ବୋଲି ବିଶ୍ଳେଷକ ଅନୁମାନ କରିଥିଲେ। ଏସବୁକୁ ନେଇ ମୋଦି ସରକାର ୟୁ-ଟର୍ନ କରିଥିବା କୁହାଯାଉଛି। ଏବେ ଉକ୍ତ ୩ ଆଇନକୁ ରଦ୍ଦ କରିବାକୁ ହେଲେ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ ପାର୍ଲାମେଣ୍ଟର ମଞ୍ଜୁରୀ ଆବଶ୍ୟକ। ଶୀତ ଅଧିବେଶନରେ ଏହାକୁ ଉଚ୍ଛେଦ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କୃଷକ କହୁଛନ୍ତି, ପ୍ରତ୍ୟାହାର କର, ତା'ପରେ ଆନ୍ଦୋଳନରୁ ହଟିବୁ।



"ଏବେ ନିର୍ବାଚନରେ ପରାଜୟ ଭୟରେ ପ୍ରଧାନମନ୍ତ୍ରୀ ଦେଶର ବାସ୍ତବତାକୁ ହଠାତ୍ ହୃଦୟଙ୍ଗମ କରିବା ଆରମ୍ଭ କରିଛନ୍ତି। ଭାରତ କୃଷକଙ୍କ ଦ୍ୱାରା ଗଠିତ କୃଷକଙ୍କ ଦେଶ। ସେମାନେ ହେଉଛନ୍ତି ଦେଶର ପ୍ରକୃତ ରକ୍ଷକ। ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କୌଣସି ସରକାର ଚାଲିପାରିବ ନାହିଁ।
**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**



କୃଷି ଆଇନ ପ୍ରତ୍ୟାହାର ଘୋଷଣା ପରେ ଜଳନ୍ଧରରେ ଉତ୍ସବ ମନାଉଛନ୍ତି ଚାଷୀ।

"କୃଷକମାନଙ୍କ ଉନ୍ନତିନିମନ୍ତେ ଏକ ବୈପ୍ଳବିକ ପରିବର୍ତ୍ତନ ଆଶାରେ ୩ କୃଷି ଆଇନ ଅଣାଯାଇଥିଲା। ଏହାର ସୁଫଳ ସମ୍ପର୍କରେ କିଛି କୃଷକ ଗୋଷ୍ଠୀଙ୍କୁ ବୁଝାଇବାରେ ଆମେ ବିଫଳ ହୋଇଛୁ। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟାହାର ଘୋଷଣା ସ୍ୱାଗତଯୋଗ୍ୟ।
**-ନରେନ୍ଦ୍ର ସିଂ ତୋମାର, କୃଷିମନ୍ତ୍ରୀ**

"ତିନି କୃଷି ଆଇନ ପ୍ରତ୍ୟାହାର ଘୋଷଣା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତଯୋଗ୍ୟ ଓ ରାଷ୍ଟ୍ରନେତା ଭଳି ପଦକ୍ଷେପ ନେଇଛନ୍ତି।
**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

"ପ୍ରଧାନମନ୍ତ୍ରୀ ମୋଦି କୃଷକଙ୍କ ପ୍ରତି ଦାୟିତ୍ୱକୁ ପ୍ରଦର୍ଶିତ କରିଛନ୍ତି। ତାଙ୍କ ନିଷ୍ପତ୍ତି ସାରା ଦେଶରେ ଭ୍ରାତୃତ୍ୱର ପରିବେଶକୁ ବଢ଼ାଇବ।
**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

"କୃଷକଙ୍କ ଭାବାବେଗ ଓ ସ୍ୱାର୍ଥକୁ ସମ୍ମାନ ଦେଇ ପ୍ରଧାନମନ୍ତ୍ରୀ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। କୃଷକଙ୍କ କଲ୍ୟାଣ ପାଇଁ ଏହା ତାଙ୍କ ସମ୍ବେଦନଶୀଳତାକୁ ଦର୍ଶାଉଛି।
**-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

"ବିରୋଧ ନାମରେ ଅନେକ ବିଚ୍ଛିନ୍ନତାବାଦୀ ତତ୍ତ୍ୱ ବିକ୍ଷୋଭ କରିବାରେ ଲାଗିଥିଲେ। ଫଳରେ ଦେଶର ସୁରକ୍ଷା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ମୋଦି ସରକାର କୃଷି ଆଇନ ପ୍ରତ୍ୟାହାର ଘୋଷଣା କରି ଦେଶବିରୋଧୀ ଓ ବିଚ୍ଛିନ୍ନତାବାଦୀଙ୍କ ମନ୍ଦ ଉଦ୍ଦେଶ୍ୟକୁ ପରାଜିତ କରିଛନ୍ତି।
**-ଅଶ୍ୱିନୀ ମହାଜନ, ସ୍ୱଦେଶୀ ଜାଗରଣ ମଞ୍ଚ ଆବାହକ**

"୩ କଳା କୃଷି ଆଇନ ଉଚ୍ଛେଦ ଘୋଷଣା ଗଣତନ୍ତ୍ରର ବିଜୟ ଏବଂ ମୋଦି ସରକାରଙ୍କ ଅହଂକାରର ପରାଜୟ। ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନରତ କୃଷକଙ୍କ ଧୈର୍ଯ୍ୟର ବିଜୟ ହୋଇଛି। ମୋଦି ସରକାରଙ୍କ ଅହଂକାର ଯୋଗୁ ଶତାଧିକ ଚାଷୀଙ୍କ ଜୀବନ ଯାଇଛି। ଏହାକୁ ଦେଶ କେବେହେଲେ ଭୁଲିପାରିବ ନାହିଁ।
**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

"୩ କଳା କୃଷି ଆଇନ ହଟାଇବା ଘୋଷଣା ପଞ୍ଜାବରୁ ଆରମ୍ଭ ହୋଇଥିବା ଲୋକଙ୍କ ଦୀର୍ଘତମ ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ବିଜୟ। ଅନ୍ନଦାତାଙ୍କୁ ସାଲ୍ୟୁଟ୍।
**-ଚରଣଜିତ୍ ସିଂ ଚନ୍ନି, ପଞ୍ଜାବ ମୁଖ୍ୟମନ୍ତ୍ରୀ**

"ଭାଜପାର ନିର୍ଦ୍ଦୟତାରେ ବିଚଳିତ ନ ହୋଇ ନିରନ୍ତର ସଂଗ୍ରାମ କରିଥିବା ପ୍ରତ୍ୟେକ କୃଷକଙ୍କୁ ସହୃଦୟ ଅଭିନନ୍ଦନ। ଏହା ଆପଣମାନଙ୍କ ବିଜୟ। ପ୍ରାଣ ହରାଇଥିବା ସମସ୍ତଙ୍କ ପରିବାରକୁ ସମବେଦନା।
**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

"ଭାରତୀୟ କୃଷକମାନେ ଶ୍ରେଣୀ ସଂଗ୍ରାମ ଇତିହାସରେ ଏକ ଉଜ୍ଜ୍ୱଳତମ ଅଧ୍ୟାୟ ଲେଖିଛନ୍ତି। ଶହୀଦ, ଚାଷୀ ଓ ସଙ୍ଗଠନଗୁଡ଼ିକୁ ସମ୍ମାନ ଜଣାଉଛି।
**-ପିନାରାୟୀ ବିଜୟନ୍, କେରଳ ମୁଖ୍ୟମନ୍ତ୍ରୀ**

# କୃଷକଙ୍କ ବିଜୟର ୫ କାରଣ

**କୃଷକଙ୍କ ଆନ୍ଦୋଳନ ଆଗରେ ମୋଦି ସରକାର ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛନ୍ତି। ନିଜର ୩ ବିବାଦୀୟ କୃଷି ଆଇନକୁ ଫେରାଇ ନେଇଛନ୍ତି। ଆଇନ ପ୍ରତ୍ୟାହାରର ସାମ୍ବିଧାନିକ ପ୍ରକ୍ରିୟା ଆସନ୍ତା ୨୯ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ କରାଯିବ ବୋଲି ଗୁରୁନାନକ ଦେବଙ୍କ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏହାକୁ ଗତବର୍ଷ ସେପ୍ଟେମ୍ବରରେ କୃଷି ଆଇନ ଅଣାଯିବା ପରଠୁ ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)ର ବଡ଼ ବିଜୟ ବୋଲି କୁହାଯାଉଛି। ଏହି ବିଜୟର ୫ ବଡ଼ କାରଣ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଗଲା।**



**ନେତୃତ୍ୱ:** କୃଷକ ଆନ୍ଦୋଳନ ସଫଳତାର ଶ୍ରେୟ ଏସ୍‌କେଏମ୍ ନେତାମାନଙ୍କୁ ଦିଆଯାଉଛି। ୨୦୨୦ ଜୁନ୍‌ରେ ମୋଦି ସରକାର ଏହି ୩ ଆଇନ ପ୍ରଣୟନ ନିମନ୍ତେ ଅଧ୍ୟାଦେଶ ଆଣିବା ପରେ ୩୨ କୃଷକ ସଙ୍ଗଠନ ଏହାକୁ ବିରୋଧ କରିବା ପାଇଁ ହାତ ମିଳାଇଥିଲେ। କୃଷକ ସଙ୍ଗଠନର ନେତାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମତଭେଦ ରହିଥିଲେ ହେଁ ସେମାନେ ଏକ ସମାନ ଉଦ୍ଦେଶ୍ୟ ନେଇ ଆନ୍ଦୋଳନ ଜାରି ରଖିଥିଲେ। ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ନେତା ବଲବୀର ସିଂ ରାଜେଓବାଲ ଏବଂ ବିକେୟୁ ଅଧ୍ୟକ୍ଷ ଅଜମେର ସିଂ ଲୋଖୱାଲଙ୍କ ମତଭେଦ ତୀବ୍ର ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋ-ଅର୍ଡିନେଶନ କମିଟି (ଏଆଇକେଏସ୍‌ସିସି) ବ୍ୟାନରରେ ସେମାନେ ଏକାଠି ହୋଇଥିଲେ। ରାକେଶ ଟିକାୟତ, ଦର୍ଶନ ପାଲ୍ ସିଂ ଓ ଯୋଗେନ୍ଦ୍ର ଯାଦବଙ୍କ ଭଳି ନେତା ଏହି ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲେ। ଏସ୍‌କେଏମ୍‌ର ୯ ସଦସ୍ୟ ବିଶିଷ୍ଟ କୋର୍ କମିଟି ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିଆବାଦ ସୀମାରେ ଆଇନ ପ୍ରତ୍ୟାହାର ଦାବିରେ ଅଡ଼ିବସିଥିଲେ।

**ସଙ୍ଗଠନ ଓ ରଣନୀତି:** ଏସ୍‌କେଏମ୍‌ର ପ୍ରତ୍ୟେକ ବୈଠକରେ ବିଭିନ୍ନ ସଙ୍ଗଠନର ନେତାମାନେ ପାଳିକରି ଅଧ୍ୟକ୍ଷତା କରୁଥିଲେ। ଯେଉଁ ସମୟରେ ଯେଉଁ ନେତା ଅଧ୍ୟକ୍ଷତା କରୁଥିଲେ ବୈଠକ ଶେଷରେ ସେ ହିଁ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଥିଲେ। ପ୍ରସ୍ତାବିତ କାର୍ଯ୍ୟକ୍ରମ ଅଥବା ଆଚରଣ ବିଧି ବାହାରେ କେହି ନିଜ ଅନୁସାରେ କିଛି କଲେ ତାଙ୍କ ବିରୋଧରେ ନିଲମ୍ବନ ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲା। ଫଳରେ ଭିନ୍ନ ଭିନ୍ନ ସଙ୍ଗଠନର ହୋଇଥିଲେ ମଧ୍ୟ ନେତାମାନେ ଏସ୍‌କେଏମ୍ ଛାତ ତଳେ ଗୋଟିଏ ପରିବାର ଭଳି କାମ କରୁଥିଲେ। ଲଖିମପୁର ଖେରି ହିଂସାରେ ପ୍ରାଣ ହରାଇଥିବା ଭାଜପା କର୍ମୀଙ୍କ ପରିବାରକୁ ଭେଟିଥିବା ସ୍ୱରାଜ ଇଣ୍ଡିଆ ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବଙ୍କୁ ଏସ୍‌କେଏମ୍ ନିଲମ୍ବିତ କରି ଗୋଟିଏ ସନ୍ଦେଶ ଦେଇଥିଲା। ତାହା ହେଉଛି, ସଙ୍ଗଠନ ଊର୍ଦ୍ଧ୍ୱରେ କେହି ନୁହନ୍ତି।

**ଅଣରାଜନୈତିକ ଓ ଅହିଂସା:** କୃଷକ ଆନ୍ଦୋଳନକୁ ଅନେକ ରାଜନୈତିକ ଦଳ ସମର୍ଥନ କରି ପ୍ରତିକ୍ରିୟା ପ୍ରକାଶ କରୁଥିଲେ। ଅନେକ ନେତା ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ କୃଷକଙ୍କ ସହ ଧାରଣାରେ ବସୁଥିଲେ। ହେଲେ ଚାଷୀଙ୍କ ସଙ୍ଗଠନ ପକ୍ଷରୁ ଏହାକୁ ରାଜନୈତିକ ଆନ୍ଦୋଳନ ହେବାକୁ ଦିଆଯାଇ ନ ଥିଲା। ଏପରି କି ଅନେକ ସଭାରେ ନେତାମାନଙ୍କୁ କହିବାକୁ ଓ ମଞ୍ଚାସୀନ ହେବାକୁ ବାରଣ କରାଯାଇଥିଲା। ସେହିପରି କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକୁ ଏସ୍‌କେଏମ୍ ବିରୋଧ କରିଆସିଥିଲା।

**ବିପୁଳ ଜନସମର୍ଥନ:** କୃଷକ ଆନ୍ଦୋଳନକୁ ଅଭୂତପୂର୍ବ ଜନସମର୍ଥନ ମିଳିଥିଲା। ସାରା ଦେଶରୁ ବିପୁଳ ଜନସମର୍ଥନ ମିଳୁଥିବା ଦେଖି ଏହାକୁ କେହି କେହି ଆଉ ଏକ ସ୍ୱାଧୀନତା ସଂଗ୍ରାମର ଆଖ୍ୟା ଦେଇଥିଲେ। ଏପରି କି ଦିଲ୍ଲୀର ୩ ସୀମାରେ ବର୍ଷାଧିକ କାଳ ଧରି ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିବା କୃଷକଙ୍କ ନିକଟକୁ ସାରା ଦେଶରୁ ମାନବୀୟ ସହାୟତାର ସୁଅ ଛୁଟିବାରେ ଲାଗିଥିଲା। ଆନ୍ଦୋଳନରେ ପଞ୍ଜାବୀ କୃଷକ ଅଧିକ ଥିବାରୁ ସ୍ୱାଭାବିକ ଭାବେ ପଞ୍ଜାବରୁ ଲଙ୍ଗର ସେବା, ବେଡ୍, ଟେଣ୍ଟ, ଔଷଧ ଓ ପୋଷାକ ଯୋଗାଇ ଦିଆଯାଉଥିଲା। କିନ୍ତୁ ଆନ୍ଦୋଳନକୁ ହରିୟାଣାର ଗାଁ ଗହଳିରୁ ସର୍ବାଧିକ ସମର୍ଥନ ମିଳିବା ପରେ ଏହା ଜନ ଆନ୍ଦୋଳନର ରୂପ ନେଇଥିଲା। କେବଳ ଏତିକି ନୁହେଁ, ଆମେରିକା, ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ ଓ ଅନ୍ୟ କେତେକ ଦେଶରେ ରହୁଥିବା ପ୍ରବାସୀ ଭାରତୀୟମାନେ ମଧ୍ୟ ସହାୟତାର ହାତ ବଢ଼ାଇଥିଲେ।

**ଚାଷୀଙ୍କ ଧୈର୍ଯ୍ୟ:** କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଡ଼ିବସିଥିବା କୃଷକମାନଙ୍କ ଧୈର୍ଯ୍ୟ ସାରା ବିଶ୍ୱ ଆଗରେ ଏକ ବଡ଼ ଦୃଷ୍ଟାନ୍ତ ହୋଇ ରହିବ। ନିଜ ଅଧିକାର ହାସଲ ପାଇଁ ଶାନ୍ତିପୂର୍ଣ୍ଣ ଉପାୟରେ କିପରି ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରାଯାଇପାରେ ତାହା ଏହି କୃଷକମାନଙ୍କଠାରୁ ଅନ୍ୟ ବର୍ଗ ଶିକ୍ଷାଲାଭ କରିବା ଉଚିତ। ଖରା, ବର୍ଷା ଓ ଶୀତ ସହି ପୋଲିସର ପାଣିମାଡ଼ ଓ ଲାଠିମାଡ଼ ଖାଇ ମଧ୍ୟ ଧୈର୍ଯ୍ୟର ସହ କୃଷକମାନେ ନିଜ ଦାବିରେ ଅଡ଼ିବସିଥିଲେ। ଏହି ଆନ୍ଦୋଳନରେ ପ୍ରାୟ ୭୦୦ ଚାଷୀଙ୍କ ଜୀବନ ଯାଇଥିଲା। କେତେଜଣ କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ଆତ୍ମହତ୍ୟା ମଧ୍ୟ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ନଭେମ୍ବର ୨୦/୨୦୨୧ Sambalpur, Saturday, November 20/2021









## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୪ ଯାଏ ମେଘୁଆ ପାଗ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ତାମିଲନାଡୁ ଉପକୂଳରେ ଥିବା ଲଘୁଚାପ ଶୁକ୍ରବାର ଦୁର୍ବଳ ହୋଇଯାଇଛି। ତେବେ ଓଡ଼ିଶା ଏବଂ ଛତିଶଗଡ଼ ଉପରେ ଥିବା ଟ୍ରଫ୍‌ଲାଇନ ଯୋଗୁ ଆସନ୍ତା ୨୪ ତାରିଖ ଯାଏ ପାଗ ମେଘୁଆ ରହିବ। ଆକାଶ ମେଘାଚ୍ଛନ୍ନ ରହିବା ସହ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଦିନରେ ତାପମାତ୍ରା କମ୍ ରହିଲେ ମଧ୍ୟ ରାତ୍ରିର ତାପମାତ୍ରା ୧୫ରୁ ୨୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବ। ରାଜ୍ୟରେ ହାଲୁକା ଶୀତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ଫୁଲବାଣୀରେ ୧୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝୁଣ୍ଟିଆ ନାଦ**
**କମ୍ପେଇ ଦେଉଛି ତିନି ବ୍ରହ୍ମାଣ୍ଡ।**

ଯୁଗ ଯୁଗରୁ ଅଳଙ୍କାର ପ୍ରତି ମହିଳାମାନଙ୍କର ରହିଆସିଛି ଅନେକ ଦୁର୍ବଳତା। ଭଲ ଗହଣାଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ଦେଖେଇ ହେବାରେ ସେମାନେ ଖୁବ୍ ଆନନ୍ଦ ପାଇଥାନ୍ତି। ଏଭଳି ସ୍ଥିତିରେ ଅଳଙ୍କାର ପରିହିତା ମହିଳା ଜଣକ ଅନ୍ୟ ଆଗରେ ନିଜର ଆତ୍ମବଡ଼ିମା ଦେଖାଇ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝାଟି ମାଟି କିଏ ଛାଣ୍ଟିଲା ଲୋ**
**ଝଡି ପଡ଼ି ଅଛି ପାନ**
**କାନ୍ତଙ୍କ କଥାରେ କରିଛି ମାନ**
**ରହିବି କି ଦୁଇ ଦିନ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା। ବେଳେବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ। ତେବେ ଏଭଳି ଅଭିମାନ ଯେ ଖୁବ୍ କ୍ଷଣସ୍ଥାୟୀ ତାହା ଏଠାରେ ସୂଚିତ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ


# ଓଡ଼ିଶାର ସ୍କିଲ୍ ଇକୋସିଷ୍ଟମ୍ ପରିଦର୍ଶନ କଲେ ମହାରାଷ୍ଟ୍ରର ୪୦ ଜଣିଆ ଦଳ



**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଦେଶରେ ଦକ୍ଷତା ବିକାଶ ଓ ଶିଳ୍ପ ତାଲିମ କ୍ଷେତ୍ରରେ ଓଡ଼ିଶା ଆଜି ଉଦାହରଣ ସାଜିଛି। ରାଜ୍ୟର ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ଓ ତାଲିମ (ଟିଭିଇଟି) ବିଷୟରେ ଜାଣିବା ନିମନ୍ତେ ମହାରାଷ୍ଟ୍ର ଦକ୍ଷତା ବିକାଶ ମିଶନର ୪୦ ଜଣିଆ ଦଳ ଓଡ଼ିଶା ଗସ୍ତରେ ଆସିଥିଲେ। ସେମାନେ ଗତ ୪ଦିନ ଧରି ସରକାରୀ ଆଇଟିଆଇ କଟକ, ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଅନୁଷ୍ଠାନ, କଟକ ଏଲ୍ଏଣ୍ଡଟି ସେଣ୍ଟର, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ଛତ୍ରପୁର ସିଏସ୍ଆ ହସ୍ପିଟାଲିଟି ସେଣ୍ଟର, ବ୍ରହ୍ମପୁର ସରକାରୀ ଆଇଟିଆଇ, ପୁରୀ ସରକାରୀ ଆଇଟିଆଇ ଏବଂ କେନ୍ଦ୍ରାପଡ଼ା ସଂକଳ୍ପ ଯୋଜନା ତାଲିମ କେନ୍ଦ୍ର ପରିଦର୍ଶନ କରିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଦ୍ୱାରା ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଓଏସ୍‌ଡିଏ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଯୋଗଦେଇ କହିଲେ, ପୁରାତନ କାଳରୁ ଓଡ଼ିଶା ସ୍କିଲର ଗନ୍ତାଘର। ଓଡ଼ିଶା ସରକାର ଦକ୍ଷତା ଶିକ୍ଷାରେ ମହିଳା, ପଛୁଆ ଓ ଅବହେଳିତ ଶ୍ରେଣୀକୁ ଅଗ୍ରାଧିକାର ଦେଇଛନ୍ତି। ନାନୋ ୟୁନିକର୍ଣ୍ଣ ଭଳି ଉଦ୍ୟୋଗିତା କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗାଁରେ କ୍ଷୁଦ୍ର ଶିଳ୍ପର ବିକାଶ ହେବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଆତ୍ମନିର୍ଭର ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି ବାଗ୍‌ଚୀ କହିଥିଲେ। ଓଏସ୍‌ଡିଏ ସିଇଓ ତଥା ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରେଘୁ ଜି ଓଡ଼ିଶାର ଟିଭିଇଟି କ୍ଷେତ୍ରର ସଫଳତା ବିଷୟରେ ସୂଚନା ଦେଇଥିଲେ। ମହାରାଷ୍ଟ୍ର ଦକ୍ଷତା ବିକାଶ ମିଶନର ଉପ ନିର୍ଦ୍ଦେଶକ ନାମଦେଓ ଭୋସଲେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପାଇଁ ନେଇଥିବା ପ୍ରତିବଦ୍ଧତା ଦେଖି ଖୁସିବ୍ୟକ୍ତ କରିଥିଲେ। ମହାରାଷ୍ଟ୍ର ଦକ୍ଷତା ବିକାଶ ମିଶନର ଅନୁସଚିବ ସନ୍ତୋଷ ରକାଡ଼େ ଆଇଟିଆଇରେ ପ୍ରଦାନ କରାଯାଉଥିବା ଲାଇଫ୍ ସ୍କିଲ ପ୍ରଶିକ୍ଷଣ, ନାନୋ ୟୁନିକର୍ଣ୍ଣ ଉଦ୍ୟୋଗିତା କାର୍ଯ୍ୟକ୍ରମ ଏବଂ ଉତ୍କର୍ଷ କେନ୍ଦ୍ର ସ୍ଥାପନ ଭଳି ପଦକ୍ଷେପ ନେବାକୁ ଆମେ ଆମ ମିଶନ ନିକଟରେ ପ୍ରସ୍ତାବ ଦେବୁ ବୋଲି ସେ କହିଥିଲେ। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ଯୁଗ୍ମ ସଚିବ ରେଣୁପ୍ରଭା ନାୟକ, ଉପ ନିର୍ଦ୍ଦେଶକ ଏସ୍. କେ. ଦାସ, ନିୟୋଜନ ଅଧିକାରୀ ଏସ୍. ଭି ଏନ୍ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟବ୍ୟାପୀ ଅବକାରୀ ଚଢ଼ାଉ, ସପ୍ତାହରେ ୬୦୩ ଗିରଫ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ସାରା ରାଜ୍ୟରେ ବଢୁଥିବା ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଏହି ଅଭିଯାନକୁ ଏବେ ତ୍ୱରାନ୍ୱିତ କରାଯାଇଥିବାବେଳେ ଦିନକୁ ହାରାହାରି ୧୦୦ ମାମଲା ରୁଜୁ ସହ ୮୬ଜଣ ଗିରଫ ହେଉଛନ୍ତି। ବିପୁଳ ପରିମାଣରେ ନିଶା ସାମଗ୍ରୀ ମଧ୍ୟ ଜବତ କରାଯାଉଛି। ଅବକାରୀ ବିଭାଗର ରିପୋର୍ଟ ଅନୁଯାୟୀ, ନଭେମ୍ବର ୧୧ରୁ ୧୭ ତାରିଖ ମଧ୍ୟରେ ଓଡିଶାର ବିଭିନ୍ନ ସ୍ଥାନରେ ନିଶା କାରବାରରେ ସମ୍ପୃକ୍ତ ୬୦୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ୬୯୩ଟି ମାମଲାର ରୁଜୁ ହୋଇଛି। ଏଥିସହିତ ଦେଶୀମଦ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ୧ ଲକ୍ଷ ୮୨ ହଜାର ଲିଟରରୁ ଅଧିକ କଞ୍ଚାମାଲ, ୪୩୮ କେଜି ଗଞ୍ଜେଇ, ୨୭୦ ଲିଟର ନକଲି ବିଦେଶୀ ମଦ ସହିତ ୪୧ଟି ଗାଡି ଜବତ ହୋଇଛି । ତେବେ ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୩ କୋଟି ୮୫ ଲକ୍ଷ ହେବ ବୋଲି ବିଭାଗ ଆକଳନ କରିଛି। ସାରା ରାଜ୍ୟରେ ଏଭଳି ଚଢାଉ ଓ ଗିରଫ ଅଭିଯାନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଛାତ୍ରୀଙ୍କୁ ଅସଦାଚରଣ: ଜେଲ୍ ଗଲେ ଶିକ୍ଷକ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ): କୋଚିଂ ସେଣ୍ଟରରେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଅଟକ ଥିବା ଜଣେ ଶିକ୍ଷକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଶ୍ରୀବିହାରରେ ରହୁଥିବା ସୁବୋଧ ଭୂୟାଁ(୫୦)। ପୋଲିସ ପୋକ୍‌ସୋ ଆକ୍ଟ ସହ ଆଇପିସିର ଦଫା '୩୫୪-ଏ' ରେ ଏକ ମାମଲା (ନଂ.୪୭୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସୁବୋଧ ଶୈଳେଶ୍ରୀବିହାରସ୍ଥିତ ଏକ କୋଚିଂ ସେଣ୍ଟରରେ ପଢ଼ାଉଥିବାବେଳେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀଙ୍କ ଅଭିଭାବକ ଓ ସମ୍ପର୍କୀୟମାନେ ସୁବୋଧଙ୍କୁ ନିସ୍ତୁକ ମାଡ଼ମାରିଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।


# classifieds Everyday
0674-2580101, 2549302




**SALE**

Verna-2017, SwiftDezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736




**SALE**

**2 Guntha commercial/ residential plot with Sand filling and boundary wall for sale. Near Puri canal side NH-16, Hanspal, Bhubaneswar. Contact: 9437922726, 7205337726.** D-22322

Barunei Overbridge ପାଖରେ stithiban plot electricity, boundary wall, Blacktop road ସହିତ ଘରପାଇଁ ସୁବିଧାରେ ମିଳୁଅଛି। 7735888421, 9800700664. D-22271

Land for sale at Gajapati Nagar Corner plot with boundary wall, Commercial type use, 120 decimal land (5227sqft.), budget: 10.5Cr. No negotiation and no broker. Contact: 8917520293. D-71905

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121. D-71729

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22126

6BHK duplex 52,00,000/- finishing Hanspal, ready to move simplex 34,00,000/-: 9668194157. D-70970

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22041

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ୍‌କୁ ଲାଗି sqft.-499/ରେ ପ୍ଲଟ୍ ଦିଆଯାଉଛି।9776121547. D-22297

**BMC, RERA, SBI, approved 3BHK premium flats for sale at Surekha Orchid, Patia, ready to move within 3months. Price 1crore onwards. Contact: 9124000333/ 444/999.** D-71739




House at Nayapalli near DAV/ Stewart School for Family. 9438490107. D-71821

**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211




Newly Open Saikrupa Panchakarma Spa positively health benefits with Expert. 8984068077. D-22247

Refreshing your mind and body with the best therapy. 7873794731. D-71902

Newly open therapy/ SPA center (Expert therapist) positively health benefits. 8249051570. D-71439

Newly opened Sandhya SPA and massage centre Bhubaneswar join lady therapist. 7978441326. D-22274

Newly open full body massage ladies and gents. 8327740003. D-71822

Refreshing your mind, your body with tha best therapy at Lotus SPA. 8018891951. D-71820

Take wellness realx massage ladies/ gents therapist @800/-. 7008773793. D-71438

Refreshments rejuvenation body massage therapy with experience therapists, Bhubaneswar. 9668374480. D-71904

**AFFIDAVIT**

By deed of an affidavit before Executive Magistrate, BBSR dated on 13.09.2021, I want to change my surname as well as my identity. Before I was called as Barsharani Dhal and identified as D/o- Biranchinarayan Dhal, Puspalata Dhal. Now I want to be called as Barsharani Samal and identified as D/o- (Late) Gopal Chandra Samal, Manjulata Samal for all purposes. D-22323

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ

**ପୁରୀ ଅଫିସ, ୧୯।୧୧**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶୁକ୍ରବାର ଶ୍ରୀମନ୍ଦିର ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଯାଇଛି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନଅଳଙ୍କାର ଓ ପାଟବସ୍ତ୍ରରେ ଶ୍ରୀଜୀଉଙ୍କୁ ରାଜବେଶରେ ସୁସଜ୍ଜିତ କରିଥିଲେ। ଏହି ବେଶରେ ଠାକୁରମାନେ ଶ୍ରୀଭୁଜ, କିରୀଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ର ସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଶଙ୍ଖ, ଚକ୍ର, ହଳ, ମୁଷଳ, ତ୍ରିଶାଖା, ଅଳକା, ତଡ଼ଗି, ଶ୍ରୀମୁଖ ପଦ୍ମ, ଘାଗଡ଼ା ମାଳି, କଦମ୍ବ ମାଳି, ହରିଡ଼ା କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ଆଡ଼କାନି, ବାଘନଖି ମାଳି ଓ ସେବତୀ ମାଳି ଆଦି ରତ୍ନଅଳଙ୍କାର ଧାରଣ କରିଥିଲେ। ସେହିପରି ଏହି ବେଶ ଥାଇ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଆଦି ନୀତି ସମ୍ପନ୍ନ ହୋଇଥିଲା। ଭୋଗମଣ୍ଡପ ପରେ ମହାପ୍ରଭୁଙ୍କ ସୁନାବେଶ ଓଲାଗି ହୋଇଥିଲା। ଇତିହାସ ତଥ୍ୟ ଅନୁଯାୟୀ, ଅତୀତରେ ଓଡ଼ିଶାର ବହୁ ରାଜା, ଜମିଦାର ଓ ସାମନ୍ତ ବର୍ଗ ଶ୍ରୀମନ୍ଦିରକୁ ଆଗମନ ପୂର୍ବକ ଦାରୁବ୍ରହ୍ମରୂପୀ ଶ୍ରୀବିଗ୍ରହଙ୍କ ଏହି ରାଜବେଶ ଦର୍ଶନରେ ପରମ ସନ୍ତୋଷ ଲାଭ କରିବା ସହ ଠାକୁରମାନଙ୍କ ଉଦ୍ଦେଶ୍ୟରେ ନାନାଦି ରତ୍ନଅଳଙ୍କାର ଦାନ କରୁଥିଲେ। ତତ୍କାଳୀନ ମୟୂରଭଞ୍ଜର ରାଜା ଓ ପାରଳାଖେମୁଣ୍ଡି ରାଜ୍ୟର ଗଜପତିମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଠାକୁରମାନଙ୍କ ରାଜରାଜେଶ୍ୱର ବେଶ ଦର୍ଶନ କରି ମହାପ୍ରଭୁଙ୍କୁ ସୁନିଆ ଭେଟି ଦେଇ ମହୋତ୍ସବ କରାଉଥିବା ଶୁଣିବାକୁ ମିଳେ। ଉତ୍କଳର ରାଜା ଏବଂ ସାମନ୍ତ ରାଜାଙ୍କ ପକ୍ଷେ ଏହି ବେଶ ଅତ୍ୟନ୍ତ ପବିତ୍ର ଓ ଦର୍ଶନୀୟ ଥିଲା ବୋଲି ଜଣାଯାଏ। ତେବେ ଚଳିତ ବର୍ଷ ମହାମାରୀ କରୋନାଜନିତ କଟକଣା କାରଣରୁ ଶୁକ୍ରବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଫଳରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଛନ୍ତି। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଗୁମୁଟରେ ପୂଜିତ ପତିତପାବନଙ୍କ ପ୍ରତୀକାତ୍ମକ ସୁନାବେଶ ଦର୍ଶନ କରି ଫେରିଥିଲେ।

**କଟକଣା ଯୋଗୁ ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ**


ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କ ପ୍ରତୀକାତ୍ମକ ସୁନାବେଶ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପରିବାରରେ ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିବ। ଏଣେ ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ସାୟାହ୍ନେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** – ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପଡ଼ିବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବର ପାଇବେ। ନିର୍ମାଣ, ପ୍ରକାଶନ,କଚେରି ମାମଲାରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ବିବାଦୀୟ ଘଟଣା, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**ମିଥୁନ** – ବହୁ ଦିନରୁ ଚେଷ୍ଟା କରୁଥିବା କୌଣସି ନୂତନ କାର୍ଯ୍ୟରେ ଯୋଗଦେବା ପାଇଁ ପ୍ରସ୍ତୁତ ହେବେ। ଆକସ୍ମିକଭାବରେ ଉପଗତ ହୋଇଥିବା ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ଯାନ ବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** – କର୍ମକ୍ଷେତ୍ରରେ ଅସୁବିଧା ଭୋଗିବେ ଏବଂ କାରଣ ନ ଥାଇ ମଧ୍ୟ ଦୋଷୀ ସାବସ୍ତ୍ୟ ହେବେ। ଗୃହ, ଯାନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ସହଯୋଗ ଅଭାବରୁ ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି ଓ ବ୍ୟବସାୟରେ ଲାଭବାନ ହେବେ।

**ସିଂହ** – ଆଜି ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ଉଚ୍ଚବର୍ଗଙ୍କ ମାଧ୍ୟମରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା ରୋଗପୀଡ଼ା ଅନୁଭବ କରିପାରନ୍ତି। କୌଣସି ସାଂଗଠନିକ କାମ ଏବଂ ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** – ସ୍ୱାର୍ଥ ହାସଲ ଲାଗି ମିତ୍ରମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି। ଅଭାବବୋଧ ସମୟରେ ବନ୍ଧୁମାନେ ସହଯୋଗ କରିବେ ଏବଂ ଟେନ୍‌ସନ୍ ମଧ୍ୟ ଦୂର ହୋଇଯିବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ। କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ ଆଜି ବହୁତ କାମ କରି କ୍ଲାନ୍ତ ଅନୁଭବ କରିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଅଫିସରେ ସନ୍ଦେହ ଏବଂ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟ, ପରିବହନ, ପ୍ଲଟିଙ୍ଗ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା** – ଆଜି ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଅଫିସ୍‌ରୁ ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ବିସ୍ମୟ ପ୍ରକାଶ କରିବେ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ସଭାସମିତି, ଆଲୋଚନା କ୍ଷେତ୍ରରେ ଆଶା ପୂରଣ ହେବ।

**ଧନୁ** – ବିବାଦୀୟ ପରିସ୍ଥିତିରେ ନିଜଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। କର୍ମକ୍ଷେତ୍ରରେ ଦିନରୁ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର** – ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିପାରନ୍ତି। ବହୁତ ଯୁକ୍ତିତର୍କ ପରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ବାଣିଜ୍ୟ, ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** – ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ସମ୍ପନ୍ନ ହେବ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ପରିବହନ ପାଇଁ ଦିନଟି ବହୁତ ବଢ଼ିଆ, ତଥାପି ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ ଅଫିସର କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ** – ପାରିବାରିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମନ ଖୁସୀ ହୋଇଯିବ। ସମସ୍ୟା ବଢ଼ିବା କାରଣରୁ ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ବହୁତ ଖଟଣୀ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

# ବନ୍ଦ କୋଠରୀରୁ ଗଳାକଟା ଯୁବକଙ୍କ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ, ୧୯।୧୧: ଝାରସୁଗୁଡ଼ା ସହର ପୁରୁଣାବସ୍ତିର ଏକ ଭଡ଼ାଘର ବନ୍ଦ କୋଠରୀରୁ ଶୁକ୍ରବାର ସ୍ଥାନୀୟ ପୋଲିସ ଗଳାକଟା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବିହାର ଆଜମଗଡର ସନ୍ଦିପ କୁମାର ସିଂହ (୪୦)। ଏ ନେଇ ମୃତକଙ୍କ ଭାଇ ସୁଶାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଝାରସୁଗୁଡ଼ା ଟାଉନ ଥାନା ଅପମୃତ୍ୟୁ କେସ୍ ନଂ୪୯/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଏକ ରକ୍ତଲଗା ଛୁରି ଓ ମୋବାଇଲ ଜବତ କରିଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଓ ଆଇଆଇସି ସାବିତ୍ରୀ ବଳ ପ୍ରାଥମିକ ତଦନ୍ତ କଲାପରେ ପାରିବାରିକ କଳହରୁ ସନ୍ଦିପ ଛୁରିରେ ନିଜ ଗଳାକାଟି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସନ୍ଦିପ ଭୂଷଣ ଷ୍ଟିଲ୍‌ପ୍ଲାଣ୍ଟରେ ଫିଟର୍ ଭାବେ କାର୍ଯ୍ୟ କରୁଥିଲେ। ନାଇଟ୍ ସିଫ୍ଟ ଡ୍ୟୁଟିକରି ସେ ସକାଳୁ ଘରକୁ ଫେରିଥିଲେ। ସେ ଘରେ ଏକାକି ରହୁଥିବାବେଳେ ଘର ଭିତରୁ କବାଟ ବନ୍ଦ ରହିଥିଲା। ତାଙ୍କ ସାଙ୍ଗ ଆସି ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଆଖପାଖ ଲୋକଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯିବା ପରେ ସନ୍ଦିପ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଗଳା କଟାଯାଇଥିବାବେଳେ ହାତରେ ରକ୍ତଲଗା ଛୁରି ରହିଥିଲା।

ଧରିତ୍ରୀ
DHARITRI
ଶନିବାର, ନଭେମ୍ବର ୨୦/୨୦୨୧ | Saturday, November 20/2021 | ପୃଷ୍ଠା-୧



## ଟେଲିଭିଜନ ଶୋ'ରେ ଆସିବେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଖୁବ୍‌ଶୀଘ୍ର ଟେଲିଭିଜନର ଏକ ରିଅଲିଟି ଶୋ'ରେ ବିଚାରକ ଭାବେ ଯୋଗଦେବାକୁ ଯାଉଛନ୍ତି।

୦୭

୦୮

## ହର୍ଷଲଙ୍କ ପ୍ରଭାବୀ ବୋଲିଂ

ନ୍ୟୁଜିଲାଣ୍ଡ ବିପକ୍ଷରେ ପଦାର୍ପଣ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ଭାରତୀୟ ଦ୍ରୁତ ବୋଲର ହର୍ଷଲ ପଟେଲ।



**ଆଜିର ସମ୍ପାଦକୀୟ**

ଗୁଜରାଟୀ ଷ୍ଟାଇଲ୍

**ଆଜିର ମନ୍ତବ୍ୟ**

"ବର୍ଷେ ଆନ୍ଦୋଳନ ଚାଲିବା ପରେ କୃଷି ଆଇନ ରଦ୍ଦ କରିବା ଲାଗି ଘୋଷଣା କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ହେଡ୍‌ଲାଇନଜୀବୀ।
–ଜୟରାମ ରମେଶ, କଂଗ୍ରେସ ନେତା

# କୃଷକ ଜିତିଲେ, ମୋଦି ନଇଁଲେ

- ୩ କୃଷି ଆଇନ ରଦ୍ଦ ହେବ
- ଦେଶବାସୀଙ୍କୁ କ୍ଷମା ମାଗିଲେ ପ୍ରଧାନମନ୍ତ୍ରୀ
- ଚାଷୀଙ୍କୁ କହିଲେ ଘରକୁ ଫେର
- ପାର୍ଲାମେଣ୍ଟରେ ଆଇନ ରଦ୍ଦ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ: ଟିକାଏତ୍



ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୧୯।୧୧**

ବର୍ଷେରୁ ଊର୍ଦ୍ଧ୍ୱ ସମୟ ଆନ୍ଦୋଳନ ପରେ ଚାଷୀଙ୍କର ବିଜୟ ହୋଇଛି। ଚାଷୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ କୃଷି ଆଇନକୁ ରଦ୍ଦ କରିବା ଲାଗି ଶୁକ୍ରବାର ଘୋଷଣା କରିଛନ୍ତି। ଗୁରୁ ନାନକ ଜୟନ୍ତୀରେ ମୋଦି ଏକ ଟେଲିଭିଜନ ବାର୍ତ୍ତାରେ ଦେଶବାସୀଙ୍କୁ କ୍ଷମା ମାଗିବା ସହ ଚଳିତ ମାସ ଶେଷ ସୁଦ୍ଧା ଆଇନ ରଦ୍ଦ କରାଯିବ ବୋଲି କହିଛନ୍ତି। ଏଥିସହିତ ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହାର କରି ନିଜ ନିଜ ଘରକୁ ଫେରିଯିବା ଲାଗି ସେ ଅନୁରୋଧ କରିଛନ୍ତି। ପାର୍ଲାମେଣ୍ଟର ଶୀତ ଅଧିବେଶନ ନଭେମ୍ବର ୨୯ରୁ ଆରମ୍ଭ ହେବାକୁ ଯାଉଥିବାବେଳେ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଆଇନକୁ ରଦ୍ଦ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୨୦୨୦ ଜୁନ୍ ୫ରେ କେନ୍ଦ୍ର ସରକାର କୃଷି କ୍ଷେତ୍ରରେ ସଂସ୍କାର ନାମରେ ୩ଟି ଅଧ୍ୟାଦେଶ କାର୍ଯ୍ୟକାରୀ କରିଥିଲେ। ୨୦୨୦ ସେପ୍ଟେମ୍ବର ୧୪ରେ ପାର୍ଲାମେଣ୍ଟରେ ୩ କୃଷି ବିଲ୍ ଆଗତ କରାଯାଇ ସେହି ମାସ ୨୦ରେ ଗୃହୀତ ହୋଇଥିଲା। ସେଗୁଡ଼ିକ ହେଲା, (୧) କୃଷକଙ୍କ ଉତ୍ପାଦିତ ସାମଗ୍ରୀର ବାଣିଜ୍ୟ ଓ ବ୍ୟବସାୟ (ପ୍ରୋତ୍ସାହନ ଓ ସହଜ କରାଇବା) ଆଇନ, ୨୦୨୦, (୨) କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ଆଶ୍ୱାସନା ଚୁକ୍ତିନାମା ଓ କୃଷି ସେବା ଆଇନ, ୨୦୨୦ ଏବଂ (୩) ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ, ୨୦୨୦। ଉକ୍ତ ଆଇନ କାର୍ଯ୍ୟକାରୀ ହେଲେ ଆଗାମୀ ଦିନରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ମିଳିବ ନାହିଁ ଏବଂ କୃଷି କ୍ଷେତ୍ରରେ ବୃହତ୍ କର୍ପୋରେଟ ସଂସ୍ଥାଗୁଡ଼ିକ ପ୍ରବେଶ କରିବେ ବୋଲି କୃଷକ ସଂଗଠନଗୁଡ଼ିକ ଆଶଙ୍କା ବ୍ୟକ୍ତ କରି ଏହାକୁ ବିରୋଧ କରିଥିଲେ। ବିଲ୍ ବିରୋଧରେ ପଞ୍ଜାବର ଚାଷୀମାନେ ସେପ୍ଟେମ୍ବର ୨୪ରେ ୩ ଦିନିଆ ରେଳରୋକୋ ଘୋଷଣା କରିଥିଲେ। ଅଖିଳ ଭାରତ କିଷାନ ସଂଘର୍ଷ ସମନ୍ୱୟ କମିଟି ଡାକରାରେ ସାରା ଦେଶର ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। କୃଷି ବିଲ୍‌କୁ ବିରୋଧ କରି ସେପ୍ଟେମ୍ବର୨୬ରେ ଶିରୋମଣି ଅକାଳୀ ଦଳ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଓହରି ଯାଇଥିଲା। ୨୭ ତାରିଖରେ ରାଷ୍ଟ୍ରପତି ବିଲ୍‌କୁ ଅନୁମୋଦନ କରିବା ସହ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ବିରୋଧରେ ନଭେମ୍ବର ୨୬ରୁ ଦିଲ୍ଲୀ ସୀମାରେ କୃଷକ ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜୀବନ ଯାଇଛି। ଇତିମଧ୍ୟରେ ସରକାରଙ୍କ ସହ କୃଷକ ନେତାମାନଙ୍କର ୧୧ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ହେଁ ସମାଧାନର ସୂତ୍ର ବାହାରି ପାରି ନ ଥିଲା। ଏପରିକି ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଭାରତର କୃଷି ଆଇନକୁ ବିରୋଧ କରାଯାଇଥିଲା। ସୁଇଡେନ୍‌ର ପରିବେଶବିତ୍ ଗ୍ରେଟା ଥନ୍‌ବର୍ଗ, ଗାୟିକା ତଥା ସାମାଜିକ କର୍ମୀ ରାହାନା ଏବଂ ଆଇନଜୀବୀ ମୀନା ହାରିସ୍ ପ୍ରମୁଖ ବିବାଦୀୟ ଆଇନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଆଗକୁ ପଞ୍ଜାବ, ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଥିବାରୁ ସରକାର ବିବାଦୀୟ ଆଇନ ରଦ୍ଦ କରିବା ଲାଗି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି।

ଟେଲିଭିଜନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, କୃଷକ ତଥା ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ଣ୍ଣ ସାଧୁତା ଓ ଶୁଦ୍ଧ ଅନ୍ତଃକରଣରେ ସରକାର କୃଷି ଆଇନ ଆଣିଥିଲେ। ସେ ପବିତ୍ର ହୃଦୟ ସହିତ ଚାଷୀମାନଙ୍କୁ ଆଇନ ସମ୍ପର୍କରେ ବୁଝାଇବାକୁ ଚାହିଁଥିଲେ। ତେବେ ସରକାରଙ୍କ ଉଦ୍ୟମରେ କୌଣସି ଅଭାବ ରହିଯିବାରୁ ଦୀପ ଆଲୋକ ଭଳି ସ୍ୱଚ୍ଛ ଆଇନର ଉଦ୍ଦେଶ୍ୟ ସମ୍ପର୍କରେ କେତେଜଣ ଚାଷୀଙ୍କୁ ବୁଝାଇବା ସମ୍ଭବ ହେଲା ନାହିଁ। ସେଥିପାଇଁ ସେ ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି। ସରକାର ଆଇନର କାର୍ଯ୍ୟକାରିତାକୁ ଦୁଇବର୍ଷ ସ୍ଥଗିତ ରଖିବାକୁ ଓ ଏହାର କେତେକ ବ୍ୟବସ୍ଥାରେ ସଂଶୋଧନ କରିବାକୁ ସରକାର ପ୍ରସ୍ତାବ ଦେଇଥିଲେ। ସୁପ୍ରିମକୋର୍ଟ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ଗୁରୁ ନାନକଙ୍କ ପବିତ୍ର ଜନ୍ମବାର୍ଷିକୀରେ କାହାକୁ ଦୋଷାରୋପ କରାଯିବା ଉଚିତ ନୁହେଁ। ୩ କୃଷି ଆଇନ ରଦ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ମୋଦି ଘୋଷଣା କରିଥିଲେ। କୃଷି ଆଇନ ପ୍ରତ୍ୟାହାର ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାରୁ ବିରୋଧୀ ଦଳଗୁଡ଼ିକ ଦେଶର ଚାଷୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ନିର୍ବାଚନରେ ହାରିଯିବା ଭୟ ଭାଜପାକୁ ଏଭଳି ନିଷ୍ପତ୍ତି ନେବା ଲାଗି ବାଧ୍ୟ କଲା ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ପାର୍ଲାମେଣ୍ଟରେ ୩ ବିବାଦୀୟ କୃଷି ଆଇନ ରଦ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାଏତ୍ ସ୍ପଷ୍ଟ କରିଛନ୍ତି। ସରକାର ଚାଷୀଙ୍କ ସହ ଆଲୋଚନା କରି ଏମ୍‌ଏସ୍‌ପି ଉପରେ ଗ୍ୟାରେଣ୍ଟି ଦିଅନ୍ତୁ ବୋଲି ଟିକାଏତ୍ କହିଛନ୍ତି।






> ମଣିଷର ସ୍ୱର୍ଗାରୋହଣ ନୁହେଁ– ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। –ଶ୍ରୀଅରବିନ୍ଦ

# ଗୁଜରାଟୀ ଷ୍ଟାଇଲ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରତିରକ୍ଷା ଉତ୍ପାଦନ ସଚିବ ରାଜ କୁମାର ସମୟ ପୂର୍ବରୁ ତାଙ୍କ ମୂଳ ଗୁଜରାଟ କ୍ୟାଡର୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲଙ୍କ ଅନୁରୋଧ କ୍ରମେ ଏହା କରାଯାଇଥିବା ଜଣାପଡ଼ିଛି। କିନ୍ତୁ ଗୁଞ୍ଜରଣ ଉଠୁଛି, ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କୁ ସମ୍ଭବତଃ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ପୁଣି ରାଜ୍ୟକୁ ଡକାଯାଇଛି। ଆସନ୍ତା ବର୍ଷ ଶେଷ ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବା ଗୁଜରାଟର ସେ ମୁଖ୍ୟ ଶାସନ ସଚିବ ହୋଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। ବର୍ତ୍ତମାନ ୧୯୮୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ପଙ୍କଜ କୁମାର ଗୁଜରାଟର ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବରରେ ଅନିଲ ମୁକିମ୍ ଅବସର ନେବା ପରେ ତାଙ୍କ ସ୍ଥାନରେ ପଙ୍କଜଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହା ସ୍ପଷ୍ଟ ଯେ, ନିର୍ବାଚନ ପୂର୍ବରୁ ରାଜ୍ୟ ପ୍ରଶାସନକୁ ଆୟତ୍ତ କରିବାରେ କୁମାରଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ରହିବ। ୨୦୨୫ ପର୍ଯ୍ୟନ୍ତ କୁମାର ଚାକିରିରେ ରହିବେ । ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ କିମ୍ବା ୨୦୨୪ ଲୋକ ସଭା ନିର୍ବାଚନ ଯାଏ ଯଦି ତାଙ୍କୁ ରାଜ୍ୟର ମୁଖ୍ୟ ସଚିବ ଭାବେ ନିଯୁକ୍ତି ଦିଆଯାଏ, ତା' ପରେ ବି ସଚିବ ଭାବେ କେନ୍ଦ୍ରକୁ ଫେରିବା ଲାଗି ତାଙ୍କ ପାଖରେ ସମୟ ରହିବ। ଗୁଜରାଟୀ ଷ୍ଟାଇଲକୁ ଯଦି ଲକ୍ଷ୍ୟ କରାଯାଏ,ତେବେ ଧରିନେବାକୁ ହେବ ଯେ, କୁମାରଙ୍କ ପାଇଁ ଏକ ଦୀର୍ଘମିଆଦୀ ଯୋଜନା ରହିଛି!

### ଗଛକଟା ରାଜନୀତି

କେରଳ ସରକାର ଭାରତୀୟ ବନ ସେବା( ଆଇଏଫ୍ଏସ୍) ଅଧିକାରୀ ତଥା ମୁଖ୍ୟ ବନ୍ୟଜୀବ ପ୍ରବନ୍ଧକ ବେନିଚେନ୍ ଥୋମାସ୍‌ଙ୍କୁ ନିଲମ୍ବିତ କରିଛନ୍ତି। ମୁଲ୍ଲାପେରିୟାର ଡ୍ୟାମ୍ ଆଖପାଖ ଅଞ୍ଚଳରୁ ୧୫ଟି ଗଛ କାଟିବା ପାଇଁ ତାମିଲନାଡୁକୁ ଅନୁମତି ଦେବା ଘଟଣାକୁ କେନ୍ଦ୍ର କରି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପିନାରାୟୀ ବିଜୟନ୍ ସରକାରଙ୍କ ଆଇନଗତ ସ୍ଥିତି ବିରୋଧରେ ଥୋମାସ କାର୍ଯ୍ୟ କରିଥିବା କୁହାଯାଉଛି। ସୂତ୍ରରୁ ଜଣାପଡ଼ିଛି, ବୃହତ୍ ମୁଲ୍ଲାପେରିୟାର ଡ୍ୟାମ୍‌ର ଜଳପତନ ବୃଦ୍ଧି କରିବା ପୂର୍ବରୁ ଛୋଟ ଡ୍ୟାମ୍‌କୁ ମଜଭୁତ କରିବା ଲକ୍ଷ୍ୟରେ ଗଛ କାଟିବା ପାଇଁ ତାମିଲନାଡୁ ସରକାର ବାରମ୍ବାର କେରଳ ସରକାରଙ୍କୁ ଅନୁରୋଧ କରିଆସିଛନ୍ତି। ହେଲେ ଏହି ଅନୁରୋଧକୁ ଲଗାତର ନାକଚ କରାଯାଉଥିଲା। ଯଦିଓ କେରଳ ସରକାରଙ୍କ ଦୃଷ୍ଟିକୋଣରେ ଏବେ କିଛି ବି ପରିବର୍ତ୍ତନ ହୋଇନାହିଁ, ତଥାପି ଏଥର ତାମିଲନାଡୁର ଅନୁରୋଧ ଗ୍ରହଣ କରାଯାଇଛି। ଏହା ୧୨୫ ବର୍ଷର ଡ୍ୟାମ୍‌କୁ ମରାମତି କରିବା ବଦଳରେ ଏକ ନୂଆ ଡ୍ୟାମ ନିର୍ମାଣ କରିବାକୁ ଚାହୁଁଛି। ଜଣାପଡ଼ିଛି, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଟି.କେ. ଜୋସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇ ଗଛ କାଟିବା ଲାଗି ତାମିଲନାଡୁକୁ ଅନୁମତି ପ୍ରଦାନ କରାଯାଇଥିବା ଚିଠିର ଏକ ନକଲ ଥୋମାସଙ୍କୁ ଦିଆଯାଇଥିଲା। ବର୍ତ୍ତମାନ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀମାନେ ଥୋମାସ୍‌ଙ୍କ ଅର୍ଡର ସମ୍ପର୍କରେ ଜାଣି ନ ଥିବା ବାହାନା କରୁଥିବାବେଳେ, ବହୁ ବରିଷ୍ଠ ଅଧିକାରୀ ଏବଂ ବନ ବିଭାଗ ଅଧିକାରୀମାନେ ଥୋମାସ୍ ଜାରି କରିଥିବା ଅର୍ଡର ସମ୍ପର୍କରେ ଜାଣିଥିଲେ ବୋଲି ଯଥେଷ୍ଟ ସୂଚନା ରହିଛି। ପ୍ରଶ୍ନ ହେଉଛି, ସମ୍ପୃକ୍ତ ମନ୍ତ୍ରୀ ଏବଂ ରାଜ୍ୟ କ୍ୟାବିନେଟ୍‌ର ବରିଷ୍ଠ ସଦସ୍ୟମାନଙ୍କ ସହମତି ବା ସ୍ୱୀକୃତି ବିନା କେବଳ ଜଣେ ଅଧିକାରୀ କିଭଳି ଏକ ସରକାରୀ ଅର୍ଡର ଜାରି କରିପାରିଲେ।

### ଆକସ୍ମିକ ପ୍ରସ୍ଥାନ

ରେଲ୍‌ୱେର କାର୍ଯ୍ୟଧାରା ସାଧାରଣତଃ ସୁରୁଖୁରୁରେ ଚାଲେ, କେତେବେଳେ କେମିତି ଟିକେ ବ୍ୟତ୍ୟୟ ହୋଇଥାଏ । ହେଲେ ଏହା ମଧ୍ୟରେ ହଠାତ୍ ଝଟକା ଦେବା ଭଳି ଘଟଣା ଦେଖିବାକୁ ମିଳେ ନାହିଁ। ଏଣୁ ଏବେ ରେଲ୍‌ୱେ ବୋର୍ଡ ମେମ୍ବର (ଟ୍ରାକ୍‌ଶନ ଆଣ୍ଡ୍ ରୋଲିଂ ଷ୍ଟକ୍) ରାହୁଲ ଜୈନଙ୍କୁ ଅବସର ପର୍ଯ୍ୟନ୍ତ ଅଚାନକ ଛୁଟିରେ ପଠାଇଦେବା ଘଟଣାକୁ ନେଇ ରେଲ୍‌ଭବନରେ ଆଲୋଡ଼ନ ସୃଷ୍ଟି ହୋଇଛି। ସେ ଆଉ ୫ ମାସ ପରେ ଅବସର ନେଇଥାଆନ୍ତେ। ନିକଟରେ ସଚିବସ୍ତରୀୟ ଅଧିକାରୀ ଜୈନ କିଛି ଉତ୍ତେଜନାପୂର୍ଣ୍ଣ ଆଲୋଚନା ବା ବିବାଦରେ ଜଡ଼ିତ ଥିଲେ ଓ ତାହା ଗମ୍ଭୀର ହେବାରୁ ତାଙ୍କୁ ଅପ୍ରତ୍ୟାଶିତ ଭାବେ ଛାଡ଼ିଯିବାକୁ ପଡ଼ିଥିବା କଥା ଉଠିଛି। ଏଭଳି ଆକସ୍ମିକ ପ୍ରସ୍ଥାନରେ ଅଧିକ କିଛି ରହସ୍ୟ ଥିବା ଜଣାପଡୁଛି। ପୂର୍ବତନ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କ ସମୟରେ ଜୈନ ବୋର୍ଡର ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ ଓ ସେତେବେଳେ ତାଙ୍କ କାର୍ଯ୍ୟ ନିଷ୍ପାଦନ ରେକର୍ଡରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖିବାକୁ ମିଳି ନ ଥିଲା। ବର୍ତ୍ତମାନ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବତନ ମନ୍ତ୍ରୀଙ୍କ ଠାରୁ ଭିନ୍ନ ନୀତିର ପଥ ଆରମ୍ଭ କରିବାକୁ ଆଗ୍ରହୀ ଅଛନ୍ତି। ଜାଣିବାକୁ ମିଳୁଛି ଯେ, ପୂର୍ବରୁ ଆରମ୍ଭ କରାଯାଇଥିବା ଅନେକ ଯୋଜନାକୁ ଶୀତଳଭଣ୍ଡାରକୁ ଫିଙ୍ଗି ଦେଇ ବୋର୍ଡ ସ୍ତରରେ ନିଜ ଟିମ୍ ଗଢ଼ିବାରେ ଲାଗିଛନ୍ତି, ଯାହା ସମ୍ଭବତଃ ଏଯାବତ୍ ଗଠନ କରାଯାଇନାହିଁ। ମନ୍ତ୍ରୀଙ୍କ ବିଚାରଧାରାର ବିରୋଧୀ ଭାବେ ଜୈନଙ୍କୁ ଦେଖାଯାଉଥିଲା ଓ ଜୈନଙ୍କ ଅପ୍ରତ୍ୟାଶିତ ପ୍ରସ୍ଥାନ ପଛରେ ଏହା ଏକ କାରଣ ହୋଇପାରେ। କିନ୍ତୁ ରେଲ୍‌ୱେ ବୋର୍ଡ ଚେୟାରମ୍ୟାନ୍ ଏବଂ ସିଇଓ ସୁନୀତ ଶର୍ମାଙ୍କ ସହ ଅନ୍ୟ ସଦସ୍ୟମାନେ ଏବେ ଚୁପ୍। ତେବେ ଏବେ ପ୍ରଶ୍ନ ଉଠୁଛି,ଜୈନଙ୍କ ସ୍ଥାନରେ ବୋର୍ଡରେ କିଏ ରହିବେ। ସମ୍ଭବତଃ ଏଥିପାଇଁ ଅନେକେ ରହିଛନ୍ତି, ହେଲେ ବୈଷ୍ଣବ ଏଯାବତ୍ ତାଙ୍କ କାର୍ଡ ପ୍ରକାଶ କରୁନାହାନ୍ତି।

Email: dilipcherian@gmail.com

# ଅସତ୍ୟର ଗହୀର ଚେର



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଭାରତର ଅନେକ ଲୋକ 'ନାଇକା' ବୋଲି ଗୋଟେ କମ୍ପାନୀ ଅଛି ଜାଣି ନ ଥିବେ। କମ୍ପାନୀଟି ସୌନ୍ଦର୍ଯ୍ୟ ଓ ପ୍ରସାଧନ ସାମଗ୍ରୀ ବିକେ। ନିଜେ ତିଆରି କରେ ନାହିଁ, ଅନ୍ୟମାନଙ୍କର ପ୍ରସ୍ତୁତ ସାମଗ୍ରୀ ବିକେ। ଅନ୍ୟ ଭାବରେ କହିଲେ, କମ୍ପାନୀଟି କେବଳ ଏକ ଦୋକାନୀ। ଅନ୍ୟର ପ୍ରସ୍ତୁତ ସାମଗ୍ରୀ କିଣି, କିଛି ଲାଭ ରଖି ଗ୍ରାହକଙ୍କୁ, ବିଶେଷ କରି ଯୁବ ମହିଳା ଗ୍ରାହକଙ୍କୁ ବିକେ। ମୁଖ୍ୟତଃ ଅନ୍‌ଲାଇନରେ ହିଁ ବିକେ। ତା'ସହିତ କମ୍ପାନୀର ୭୬ଟି ଦୋକାନ ରହିଛି। ନିକଟରେ ଜାରି କରିଥିବା ତ୍ରୈମାସିକ ରିପୋର୍ଟରେ କମ୍ପାନୀ କହିଛି ଯେ, ଗତ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ତିନି ମାସରେ ଏହା ୮୮୫ କୋଟି ଟଙ୍କାର ସାମଗ୍ରୀ ବିକ୍ରି କରି ଲାଭ କରିଛି ୧.୧୭ କୋଟି ଟଙ୍କା। ସେତିକି ମାତ୍ର ବେପାର, ଲାଭ ମୋଟେ ଏକ କୋଟିରୁ କିଛି ଅଧିକ କିନ୍ତୁ ଶେୟାର ବଜାର ଅନୁସାରେ ସେହି କମ୍ପାନୀର ମୂଲ୍ୟ ହେଉଛି ଏକ ଲକ୍ଷ କୋଟିରୁ ଅଧିକ। ଏଇଟା କେତେ କମ୍ କି ବେଶି ସାଧାରଣ ଲୋକଟେ ଜାଣିବା ପାଇଁ ଆମେ କିଛି ଉଦାହରଣ ଦେଖିବା। 'ହିରୋ'କମ୍ପାନୀର ଯାନ ଆମେ ସବୁଠାରେ ସବୁସମୟରେ ପ୍ରାୟ ଦେଖିଥାଉ। ଭାରତର ଏକ ବଡ଼ କମ୍ପାନୀ ବୋଲି ମାନୁ, ହିରୋର ବ୍ରାଣ୍ଡକୁ ମାନ୍ୟତା ଦେଇଥାଉ। କିନ୍ତୁ, ବଜାରର ମାପକାଠି ଅନୁସାରେ ଅନେକ ଲୋକ ଜାଣି ନ ଥିବା ନାଇକା କମ୍ପାନୀଟି କୁଆଡ଼େ ହିରୋ କମ୍ପାନୀଠୁ ଦୁଇଗୁଣ ବଡ଼। ଆଉ ଗୋଟେ ଉଦାହରଣ ଦେଖିବା। ଭାରତ ପେଟ୍ରୋଲିୟମ କର୍ପୋରେଶନ। ଭାରତର ଅନ୍ୟତମ ବୃହତ୍ ତୈଳ କମ୍ପାନୀ। କୋଚି ଓ ମୁମ୍ବାଇରେ ଏହି କମ୍ପାନୀର ଦୁଇଟି ବିଶାଳ ପେଟ୍ରୋଲିୟମ ରିଫାଇନେରି ଅଛି। ଦେଶର କୋଣଅନୁକୋଣରେ ଏହାର ପେଟ୍ରୋଲ-ଡିଜେଲ ପମ୍ପ ରହିଛି ତଥା କମ୍ପାନୀ ବିତରଣ କରୁଥିବା ଭାରତ ଗ୍ୟାସ୍‌କୁ ଦେଶର ଅନେକ ପରିବାର ବ୍ୟବହାର କରନ୍ତି। କମ୍ପାନୀ ତୈଳ ଖୋଜ ଓ ଉତ୍ତୋଳନରେ ମଧ୍ୟ ସାମିଲ ହେଲାଣି। କିନ୍ତୁ, ଶେୟାର ବଜାରର ମାପକରେ 'ଭାରତ ପେଟ୍ରୋଲିୟମ' କମ୍ପାନୀଟି 'ନାଇକା' କମ୍ପାନୀଠାରୁ ଛୋଟ, ଅନେକ ଛୋଟ। 'ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ (ସେଲ)'ର ଅନେକ ବିଶାଳ ଲୁହା କାରଖାନା ଓ ଖଣି ଭାରତର ବିଭିନ୍ନ ପ୍ରାନ୍ତରରେ ଅଛି। କିନ୍ତୁ ଶେୟାର ବଜାରର ମାପକରେ 'ନାଇକା' କମ୍ପାନୀ 'ସେଲ'ଠୁ କୁଆଡ଼େ ଅଢ଼େଇ ଗୁଣ ବଡ଼। ଓଡ଼ିଶାର ଅନେକ ଲୋକ କୃଷକ। ତାଙ୍କ ବୃତ୍ତି ସହିତ ସମ୍ବନ୍ଧିତ ଏକ ଉଦାହରଣ ଦେବା। 'କରମଣ୍ଡଳ' ହେଉଛି ଭାରତର ସବୁଠାରୁ ବଡ଼ ସାର ବା ଉର୍ବରକ ଉତ୍ପାଦକ କମ୍ପାନୀ। ତାହାର 'ଗ୍ରୋମୋର' ବ୍ରାଣ୍ଡରେ ମିଳୁଥିବା ସାର ଅଧିକାଂଶ ଚାଷୀଙ୍କର ପ୍ରଥମ ପସନ୍ଦ। ଶେୟାର ବଜାରର ମାପକରେ ସେହି କମ୍ପାନୀଟି କୁଆଡ଼େ 'ନାଇକା' କମ୍ପାନୀର ଚାରି ଭାଗର ଭାଗେରୁ ବି ସାନ ହେବ। ଏବେ ଆସିବା 'ପେଟିଏମ୍' କମ୍ପାନୀକୁ। କମ୍ପାନୀ ଆରମ୍ଭ ହେଲା ଦିନରୁ ଲାଭ କରିନି। କେବେ ଲାଭ କରିବ, କରିବ ବା ନାହିଁ ତାହା ଜଣା ନାହିଁ। ଏହା ମୁଁ କହୁ ନାହିଁ। କମ୍ପାନୀ ଏବେ ଶେୟାର ବଜାରକୁ ପ୍ରବେଶ କରିଛି। ସେ ଜାରି କରିଥିବା ଦସ୍ତାବିଜରେ ହିଁ କହିଛି ଯେ ଆମେ କେବେ ଲାଭ କରିବୁ ଜଣା ନାହିଁ। କିନ୍ତୁ ଶେୟାର ବଜାରକୁ ପ୍ରବେଶ କଲା ବେଳେ ନିଜକୁ ଦେଢ଼ ଲକ୍ଷ କୋଟି ଟଙ୍କାର କମ୍ପାନୀ ବୋଲି ଘୋଷଣା କଲା। ନିଜକୁ ସେ ଟାଟା ଷ୍ଟିଲ, ଇଣ୍ଡିଆନ ଅଏଲ କର୍ପୋରେଶନ, ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଭଳି ବିଶାଳ କମ୍ପାନୀଙ୍କଠୁ ବି ବଡ଼ ବୋଲି ବିଚାରିଲା।

'ବିଟ୍ କଏନ୍' ଅସତ୍ୟକୁ ସତ୍ୟ ବିଚାରିବାର ଆଉ ଏକ ବିରାଟ ଉଦାହରଣ। ବିଟ୍ କଏନ୍ କ'ଣ ତାହା ପୃଥିବୀର ୧୦୦ରୁ ୯୫ ଲୋକ ବୁଝି ନ ଥିବେ। କିନ୍ତୁ, ଏବେ ସରକାରମାନେ ତାହା ଉପରେ ଚର୍ଚ୍ଚା କରିବା ଆରମ୍ଭ କଲେଣି। ଏହା କୁଆଡ଼େ ଏକ ମୁଦ୍ରା। ଏହାକୁ 'ବିକେନ୍ଦ୍ରୀକୃତ ଡିଜିଟାଲ କରେନ୍ସି' ବୋଲି କୁହାହେଉଛି। ପୃଥିବୀର ବିଭିନ୍ନ ଦେଶରେ ଭିନ୍ନଭିନ୍ନ ମୁଦ୍ରା ବ୍ୟବହାର ହୁଏ। ସମସ୍ତ ମୁଦ୍ରାର ନିୟନ୍ତ୍ରଣ ବ୍ୟବସ୍ଥା ଥାଏ। ଆମର ରିଜର୍ଭ ବ୍ୟାଙ୍କ ଭଳି ବ୍ୟାଙ୍କ ମୁଦ୍ରାକୁ ନିୟନ୍ତ୍ରଣ କରିଥାନ୍ତି। କିନ୍ତୁ ବିଟ୍ କଏନ୍‌ର କେହି ନିୟନ୍ତ୍ରକ ନାହାନ୍ତି। ଏହି ତଥାକଥିତ ମୁଦ୍ରାକୁ ଲୋକେ ଦ୍ରବ୍ୟ କିଣାବିକା ପାଇଁ କେତେ ବ୍ୟବହାର କରୁଛନ୍ତି ତାହା ମୁଁ ଜାଣିନି, କିନ୍ତୁ ଏହି ମୁଦ୍ରାର କିଣାବିକା ବିଭିନ୍ନ ଅନ୍ତର୍ଜାତୀୟ ଶେୟାର ବଜାରରେ ଖୁବ୍ ଜୋରରେ ଚାଲିଛି, ଆଉ ଏମିତି ଚାଲିଛି ଯେ ତାହାର କଳ୍ପନା କରିବା ମଧ୍ୟ ଆମ ପାଇଁ କଷ୍ଟ ହୋଇପଡୁଛି। ୨୦୧୦ ମସିହାରେ ବାଣିଜ୍ୟିକ କାରବାର ପାଇଁ ବିଟ୍ କଏନ୍‌ର ପ୍ରଥମ ବ୍ୟବହାର ହୋଇଥିଲା ବୋଲି କିଛି ଆଲେଖ୍ୟ ରହିଛି। ଲାଜିଓ ହେନେଜେ ନାମକ ଜଣେ ବ୍ୟକ୍ତି ୧୦,୦୦୦ (ହଁ, ଦଶ ହଜାର) ବିଟ୍ କଏନ୍ ଦେଇ 'ପାପା ଜନ୍‌ସ' ବୋଲି ଗୋଟିଏ ଖାଦ୍ୟ ଦୋକାନରୁ ଦୁଇଟି (ହଁ, ଦୁଇଟି) ପିଜ୍ଜା କିଣିଥିଲେ କୁଆଡ଼େ। ୨୦୧୩ ମସିହାରେ ବିଟ୍ କଏନ୍‌କୁ ପ୍ରଥମ କରି ଆମେରିକୀୟ ଡଲାର ସହିତ ଅଦଳବଦଳ କରାଯାଇଥିଲା ବୋଲି ଗୋଟିଏ ଆଲେଖ୍ୟ କହେ। ଗୋଟିଏ ବିଟ୍ କଏନ୍‌କୁ ୨୨ ଆମେରିକୀୟ ଡଲାର ଦେଇ ଅଦଳବଦଳ ହୋଇଥିଲା। ବର୍ତ୍ତମାନକୁ ଆସିବା। ଗୋଟିଏ ବିଟ୍ କଏନ୍‌କୁ ୧୯ ନଭେମ୍ବରରେ ଲୋକେ ୫୬,୦୦୦, (ହଁ- ଛପନ ହଜାର) ଆମେରିକୀୟ ଡଲାର ଦେଇକି ବଦଳ କରୁଥିଲେ, ସାତ ଦିନ ଆଗରୁ ତାହା ୬୪,୦୦୦ ଡଲାରରେ ବି ଅଦଳବଦଳ ହେଉଥିଲା। ୨୦୧୦ ମସିହାରେ ଦୁଇଟି ପିଜ୍ଜା ଦେଇ ୧୦,୦୦୦ ବିଟ୍ କଏନ୍ ରଖିଥିବା 'ପାପା ଜନ୍‌ସ' ଯଦି ଏବେ ସେହି ମୁଦ୍ରା ରଖିଥିବେ, ତେବେ ତାହାର ମୂଲ୍ୟ ଏବେ ୫୬ କୋଟି ଆମେରିକୀୟ ଡଲାର ବା ୪,୨୦୦ କୋଟି ଟଙ୍କା ହେବ। ବିଟ୍ କଏନ୍ ଭଳି ଅନେକ ମୁଦ୍ରା ଏବେ ବଜାରରେ। ଦ୍ରବ୍ୟ ଓ ସେବା କିଣାବିକା ପାଇଁ ବ୍ୟବହାର ହେଉ ନ ହେଉ, ଶେୟାର ବଜାରରେ ବ୍ୟାପକ ଭାବରେ କାରବାର ହେଉଛି ସେହିଭଳି ମୁଦ୍ରା। ଇଂଲିଶରେ ସେହିଭଳି ମୁଦ୍ରାକୁ 'crypto currency' ବୋଲି କୁହାହେଉଛି। 'crypto' ର ଆକ୍ଷରିକ ଓଡ଼ିଆ ଅନୁବାଦ ହେଲା ଗୋପନୀୟ। ଲୋକେ କ'ଣ ବୁଝିଛନ୍ତି ଆମେମାନେ ବୁଝିବାକୁ ଅକ୍ଷମ କିନ୍ତୁ ସେହି ମୁଦ୍ରାର କିଣାବିକା କରି ଅନେକ ଲୋକ ଲକ୍ଷପତି, କୋଟିପତି ଓ କାଙ୍ଗାଳ ହୋଇଚାଲିଛନ୍ତି।

ଅଦ୍ଭୁତ ! କମ୍ପାନୀ ଲାଭ କରୁନି, ଦୋକାନ ମାତ୍ର କେଇଟା। କିନ୍ତୁ ମୂଲ୍ୟାଙ୍କନ ହେଉଛି ଯେ କମ୍ପାନୀଟି ଲକ୍ଷଲକ୍ଷ କୋଟି ଟଙ୍କାର। ଏପଟେ ଗୋଟେ ମୁଦ୍ରାକୁ ଲୋକେ ବ୍ୟବହାର କରୁନାହାନ୍ତି, କରିବେ କି ନାହିଁ ତାହା ବି ଜଣା ନାହିଁ କିନ୍ତୁ ଆଠ ବର୍ଷରେ ତାହାର ମୂଲ୍ୟ ବଢ଼ିଛି ୨୫୪୫ ଗୁଣ। ଅନେକ ଲୋକ 'ନାଇକା' ଓ 'ପେଟିଏମ୍' କମ୍ପାନୀର ଶେୟାର କିଣିଛନ୍ତି, ଆଗକୁ ବି କିଣିବେ। ତହିଁର କାହିଁ କେତେ ଗୁଣ ଲୋକ ବିଟ୍ କଏନ୍‌ର ବେପାରରେ ମାତିବେ। କୁଆଡ଼େ ସେମାନେ ଭବିଷ୍ୟତ। ଯାହା ବାସ୍ତବ ତାହାରି ମୂଲ୍ୟ ନାହିଁ। ଚାଷୀ ଚାଷ ଖର୍ଚ୍ଚ ଉଠାଇ ପାରୁନି। ପ୍ରାଥମିକ ବ୍ୟବସ୍ଥାରେ ଥିବା କମ୍ପାନୀ ଓ ବୃତ୍ତିର କ'ଣ ଭବିଷ୍ୟତ ନୁହଁ ? ଦୈନନ୍ଦିନ ଜୀବନ ଜିଇବା ପାଇଁ ଆବଶ୍ୟକ ହେଉଥିବା ଦ୍ରବ୍ୟ, ବେପାର ଓ ବୃତ୍ତିର କ'ଣ କିଛି ଭବିଷ୍ୟତ ନାହିଁ ବା ସେହିଭଳି ଦ୍ରବ୍ୟ, ବେପାର ଓ ବୃତ୍ତିର କ'ଣ କିଛି ମୂଲ୍ୟ ନାହିଁ ? ଦୁର୍ଭାଗ୍ୟ ହେଲା ଯେ ଯାହା ବାସ୍ତବ ନୁହେଁ ବା ଯାହା ଜରୁରୀ ନୁହେଁ ତାହାକୁ ସତ୍ୟ ଓ ଭବିଷ୍ୟତ ବୋଲି ଆମେ ଧରିନେବା ପରମ୍ପରାଟେ ଜଡ଼େଇବାରେ ଲାଗିଛି ଏବଂ ଯାହା ନିରାଟ ବାସ୍ତବ ଓ ଜରୁରୀ ତାହାକୁ ଗୌଣ କହି ଆମେ କହୁଣୀଠେସା ମାରିବାରେ ଲାଗିଛେ।

ଅସତ୍ୟର ଏହି ଗହୀର ଚେର ଖାଲି ଶେୟାର ବଜାରରେ ନାହିଁ, ଏହା ଆଜିର ସମାଜର ପ୍ରାୟ ସବୁ କ୍ଷେତ୍ରରେ ମାଡ଼ି ଚାଲିଛି। ଚାଷକୁ ଏବେ ଏକ ସମ୍ଭ୍ରାନ୍ତ ଓ ସାମାଜିକ ପ୍ରତିଷ୍ଠା ରଖୁଥିବା ବୃତ୍ତି ଭାବରେ ବିବେଚନା କରାଯାଉ ନାହିଁ। ଚାଷ ଓ ଚାଷୀ ଯେମିତି ସମାଜ ଓ ସରକାରଙ୍କ ପାଇଁ ବୋଝ। ଅନ୍ୟ ବୃତ୍ତିର ରୋଜଗାର ଚାଷୀର ରୋଜଗାରଠାରୁ କାହିଁରେ କେତେ ଅଧିକ। ଶ୍ରମକୁ ଜୀବିକା କରୁଥିବା ଲୋକଙ୍କ ଦଶା ବି ସେମିତି। ଯିଏ ଶ୍ରମଜୀବୀ ସିଏ ସମାଜର ସବୁଠାରୁ ତଳେ ଥିବା ବ୍ୟକ୍ତି ବୋଲି ଧରି ନିଆଯାଉଛି। ଶ୍ରମଜୀବୀଙ୍କୁ 'ତୁମେ' ବା 'ଆପଣ' ବୋଲି ସମ୍ବୋଧନ କଲେ ଅନେକ ଲୋକଙ୍କର କୁଆଡ଼େ ଇଜ୍ଜତ ପଳାଇଯାଏ। ତାଙ୍କୁ 'ତୁ' ବୋଲି ହିଁ ସମ୍ବୋଧନ କରିବେ। ଏହିଭଳି ଅନେକ ଅସତ୍ୟ ଆମ ସମାଜକୁ ଜାବୁଡ଼ି ଧରିଛି। ଆମେ ସେହି ଅସତ୍ୟ ନାଟକର ଦର୍ଶକ ନୁହେଁ, ଗୋଟେଗୋଟେ କଳାକାର ହୋଇସାରିଛେ। ମିଥ୍ୟାର ଏହି ରଙ୍ଗମଞ୍ଚରୁ ଆମେ ଶୀଘ୍ର ମୁକୁଳିବା ନିହାତି ଦରକାର।

bimalpandia.@ gmail.com

# ନୈତିକ ଶିକ୍ଷାର ଆବଶ୍ୟକତା



ଅନୁଲିପ୍ତା ମିଶ୍ର

ଶିକ୍ଷା ସମାଜର ମାନଦଣ୍ଡ। ସମାଜକୁ ଉନ୍ନତ, ମହତ ଓ ପ୍ରଗତିଶୀଳ କରିବାରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜୀବନକୁ ସୁସ୍ଥ, ସୁନ୍ଦର କରି ଗଢ଼ିତୋଳିବା ପାଇଁ ଶିକ୍ଷା ହିଁ ପଥପ୍ରଦର୍ଶକ ସାଜିଥାଏ। ଦେଶ ଓ ଜାତିର ସାମୂହିକ କଲ୍ୟାଣ ପାଇଁ ଶିକ୍ଷା ଏକ ଅମୋଘ ଅସ୍ତ୍ର ସଦୃଶ କାର୍ଯ୍ୟ କରେ। ସେହିପରି ଛାତ୍ରମାନେ ହିଁ ସମାଜର ମେରୁଦଣ୍ଡ ଓ ଦେଶର ଭବିଷ୍ୟତ ନିର୍ମାତା। ଦେଶ ଗଠନରେ ଛାତ୍ରମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଏକ ଶୃଙ୍ଖଳିତ, ମାର୍ଜିତ, ସଂଯତ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଛାତ୍ର ବା ଯୁବଗୋଷ୍ଠୀଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବର୍ତ୍ତମାନର ଯୁବଗୋଷ୍ଠୀ ଯେ ପଥଭ୍ରଷ୍ଟ, ବିପଥଗାମୀ ଓ ବିଶୃଙ୍ଖଳିତ ଏହା ଅସ୍ୱୀକାର କରାଯାଇ ପାରେନା। ଏହି ବିଶୃଙ୍ଖଳାର ଅନେକ କାରଣ ମଧ୍ୟରୁ ମୁଖ୍ୟ କାରଣ ହେଉଛି ଆଜିର ଛାତ୍ରମାନଙ୍କ ମଧ୍ୟରେ ନୈତିକ ଶିକ୍ଷାର ଘୋର ଅଭାବ। ଏଥିପାଇଁ ଅବଶ୍ୟ ଛାତ୍ରଙ୍କୁ କେବଳ ଦାୟୀ କରାଯାଇ ନ ପାରେ। ଛାତ୍ର ତା'ର ଦୈନନ୍ଦିନ ଜୀବନରେ ଯାହା ଦେଖେ ତାକୁ ହିଁ ଅନୁକରଣ କରେ। ଛାତ୍ରମାନଙ୍କୁ ସଂଯତ, ଶୃଙ୍ଖଳିତ କରିବାକୁ ଆଜିର ଅଭିଭାବକମାନେ ବୋଧହୁଏ ଆଦୌ ସଚେତନ ନୁହନ୍ତି।

ପିଲାଟିଏ ଜନ୍ମହେଲେ ପ୍ରଥମେ ସେ ତା'ର ମାତା ପିତା ଓ ପରିବାର ସଂସ୍ପର୍ଶରେ ଆସିଥାଏ । ପରିବାର ହିଁ ତା' ପାଇଁ ହୁଏ ପ୍ରଥମ ପାଠଶାଳା ଓ ମାତା ପିତା ହିଁ ପ୍ରଥମ ଗୁରୁ। ପରିବାରରୁ ଆରମ୍ଭ ହୁଏ ତା'ର ନୈତିକ ଶିକ୍ଷା ଓ ଅନୁଶାସନ। ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା, ପରୋପକାର, ସାଧୁତା, ସହନଶୀଳତା, ସମ୍ମାନ, ସଂଯମ, ଆଧ୍ୟାତ୍ମିକତା, ଧୈର୍ଯ୍ୟ, ତ୍ୟାଗ ଆଦି ଗୁଣାବଳୀର ବିକାଶ ପ୍ରଥମେ ପରିବାରରୁ ହିଁ ଆରମ୍ଭ ହୋଇଥାଏ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ବର୍ତ୍ତମାନର ଛାତ୍ର ସମାଜ ଏସବୁ ସୁଗୁଣଠାରୁ ବହୁତ ଦୂରରେ। ହିଂସା, ଈର୍ଷା, ରାଗ, ଦ୍ୱେଷ, ପରଶ୍ରୀକାତରତା, ଅସହିଷ୍ଣୁତା ଆଦି ଦୁର୍ଗୁଣର ଅଧିକାରୀ ଆଜିର ଅଧିକାଂଶ ଯୁବଗୋଷ୍ଠୀ।

ଆଜିର ଯନ୍ତ୍ର ଯୁଗରେ ଯନ୍ତ୍ର ପାଲଟିଗଲାଣି ମନୁଷ୍ୟ। ଦିନଥିଲା ଜେଜେମା, ଜେଜେବାପାଙ୍କ ପାଖରେ ବସି ଛୋଟବେଳୁ ପିଲାଟିଏ ଶୁଣୁଥିଲା ରାମାୟଣ ଓ ମହାଭାରତ ଆଦି ପୌରାଣିକ କାହାଣୀ। ଧ୍ରୁବ, ପ୍ରହଲ୍ଲାଦ, ନଚିକେତା, ଶ୍ରବଣ କୁମାର, ଏକଲବ୍ୟ, ଆରୁଣିଙ୍କ ପରି ମହାନ୍ ଚରିତ୍ରମାନଙ୍କର କଥାଗାଥା ସବୁ। ଯାହା ତା'ର ଆଚାର, ବିଚାର, ବ୍ୟବହାର ଓ ଚରିତ୍ର ଉପରେ ସକାରାତ୍ମକ ପ୍ରଭାବ ପକାଉଥିଲା ଏବଂ ତା'ର ବ୍ୟକ୍ତିତ୍ୱର ବିକାଶରେ ସହାୟକ ହେଉଥିଲା। ଯୌଥ ପରିବାର ଭିତରେ ରହି ପରିବାରର ବିଭିନ୍ନ ସଦସ୍ୟଙ୍କ ସଂସ୍ପର୍ଶରେ ଆସି ତା' ମଧ୍ୟରେ ବିକାଶ ଲାଭ କରୁଥିଲା ସ୍ନେହ, ଶ୍ରଦ୍ଧା, ଭକ୍ତି, ଭଲପାଇବା, ତ୍ୟାଗ ସହନଶୀଳତା, ସମବେଦନା ଭଳି ଦିବ୍ୟ ଗୁଣ ସବୁ। କିନ୍ତୁ ବର୍ତ୍ତମାନର ଏଇ ଆଧୁନିକ ବିଜ୍ଞାନ ଯୁଗରେ ଏସବୁ ସ୍ୱପ୍ନ ପ୍ରାୟ। କେବଳ ଅର୍ଥ, ପ୍ରତିଷ୍ଠା, ପ୍ରତିପତ୍ତି ପଛରେ ଅଣନିଃଶ୍ୱାସୀ ହୋଇ ଧାଇଁ ଚାଲିଛି ମନୁଷ୍ୟ। ନିଜ ପିଲାଙ୍କୁ ପାଠ ପଢ଼ି ଭଲ ମଣିଷ ବଦଳେ ଅର୍ଥ ଉପାର୍ଜନ କରି ବଡ଼ ମଣିଷ ହେବାକୁ ଶିକ୍ଷା ଦେଉଛନ୍ତି ଅଭିଭାବକ। ଆଜିର ଛାତ୍ରମାନଙ୍କ ପାଖରେ ନା ଅଛି ଗୁରୁଜନଙ୍କ ପ୍ରତି ଭକ୍ତିଭାବ ନା ଅଛି ସାନମାନଙ୍କ ପାଇଁ ସ୍ନେହାଶିଷ। ସତ୍ୟ, ଦୟା, କ୍ଷମା, ସାଧୁତା, ପରୋପକାର ପରି ଶବ୍ଦ ସବୁ ମୂଲ୍ୟହୀନ ହୋଇପଡିଛି ଆଜିର ଛାତ୍ରମାନଙ୍କ ପାଇଁ। ଫଳସ୍ୱରୂପ ସମାଜରେ ଅନ୍ୟାୟ, ଅନୀତି, ଅପରାଧ ତା'ର କାୟା ବିସ୍ତାର କରିଚାଲିଛି।

ଛାତ୍ରୀଛାତ୍ରମାନଙ୍କର ନୈତିକ ସ୍ଖଳନର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ମୋବାଇଲ ଫୋନ ଓ ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର। ମୋବାଇଲ ଫୋନର ବହୁଳ ବ୍ୟବହାର ଫଳରେ ବର୍ତ୍ତମାନର ପାରିବାରିକ ସମ୍ପର୍କ ଏବେ ବିକଳାଙ୍ଗ ପ୍ରାୟ। ଅଯଥା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ବାସ୍ତବତାଠାରୁ ବହୁ ଦୂରରେ ବର୍ତ୍ତମାନର ଛାତ୍ରସମାଜ। ଆତ୍ମସଂଯମତା ଓ ଆତ୍ମବିଶ୍ୱାସର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ଆଜିର ଯୁବଗୋଷ୍ଠୀଙ୍କ ମଧ୍ୟରେ। ସେମାନଙ୍କର ଚିନ୍ତା, ଚେତନା ଓ ଭାବନାରେ ଅପସଂସ୍କୃତିର ଛିଟା ଦୃଶ୍ୟମାନ। 'ମୁଁ' ଏବଂ 'ମୋର' ଭାବ ମଧ୍ୟରେ ସୀମିତ ସେମାନଙ୍କ ମାନସିକତା। ଏହିଭଳି ପରିସ୍ଥିତିରେ ଏକ ଉନ୍ନତ ଓ ସୁସ୍ଥ ସମାଜର ପରିକଳ୍ପନା କରିବା ହିଁ ଏକ ବୃଥା ପ୍ରୟାସ ମାତ୍ର।

ଏକ ମାର୍ଜିତ ଓ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଛାତ୍ରମାନଙ୍କୁ ଉଚିତ ଓ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ମଧ୍ୟରେ ମାନବୀୟ ମୂଲ୍ୟବୋଧର ବିକାଶ କରିବା ପାଇଁ ଚେଷ୍ଟା କରିବା ଜରୁରୀ। ଏଥିପାଇଁ ପ୍ରଥମେ ଅଭିଭାବକମାନେ ସଚେତନ ହୋଇ ସେମାନଙ୍କ ପିଲାମାନଙ୍କୁ ବାଲ୍ୟକାଳରୁ ଉପଯୁକ୍ତ ନୈତିକ ଶିକ୍ଷା ଓ ସଂସ୍କାର ଦେବା ସହିତ ସେମାନଙ୍କର ଭବିଷ୍ୟତ ଜୀବନ କିପରି ଶୃଙ୍ଖଳିତ ଓ ମାର୍ଜିତ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏତଦ୍‌ବ୍ୟତୀତ ବିଦ୍ୟାଳୟ ସ୍ତରରେ ମଧ୍ୟ ସେମାନଙ୍କର ନୈତିକ ଚେତନାର ଜାଗରଣ ପାଇଁ ପାଠ୍ୟକ୍ରମରେ ମହାପୁରୁଷଙ୍କ ଜୀବନୀ ଓ ନୀତିଶିକ୍ଷାମୂଳକ ପୁସ୍ତକ ପ୍ରଚଳନର ଅତ୍ୟନ୍ତ ଆବଶ୍ୟକତା ରହିଛି। କାରଣ ବର୍ତ୍ତମାନର ଶିକ୍ଷା ପଦ୍ଧତି ଛାତ୍ରର ଚରିତ୍ର ଗଠନରେ ସାହାଯ୍ୟ କରୁନାହିଁ,ଏହା କେବଳ ପୁସ୍ତକଗତ ଜ୍ଞାନ ପ୍ରଦାନ କରୁଛି।

ଛାତ୍ରମାନେ ହିଁ ଦେଶର ଭବିଷ୍ୟତ। ଛାତ୍ରମାନଙ୍କର ଜୀବନର ବିକାଶରେ ହିଁ ଦେଶର ବିକାଶ। ଛାତ୍ରମାନଙ୍କ ଶୃଙ୍ଖଳାରେ ନିର୍ଭର କରେ ଦେଶର ଶୃଙ୍ଖଳା। ତେଣୁ ଆଜି ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଛାତ୍ରମାନଙ୍କ ମଙ୍ଗଳ ପାଇଁ ସଚେଷ୍ଟ ହେବା ଉଚିତ। ସାମ୍ପ୍ରତିକ ଯୁଗରେ ନୈତିକ ଶିକ୍ଷା ବୈଜ୍ଞାନିକ ଶିକ୍ଷାରେ ସମନ୍ୱିତ ହୋଇ ଛାତ୍ର ଜୀବନକୁ ଗଢ଼ିବା ସଙ୍ଗେ ସଙ୍ଗେ ଦେଶ ଗଠନରେ ସହାୟକ ହେବା ଉଚିତ।

ସହକାରୀ ଶିକ୍ଷୟିତ୍ରୀ, ମହିଳୋ,
ଜଗତ୍‌ସିଂହପୁର
ମୋ: ୯୯୩୮୪୦୦୨୦୫

## ଏଇ ଭାରତରେ

ମରୁଡ଼ିମୁକ୍ତ ଗାଁର ସ୍ୱପ୍ନ ସାକାର କରୁଛନ୍ତି ରାହୁଲ ବକାରେ। ପୁଣେ ବାସିନ୍ଦା ରାହୁଲ ଏକ ନୂଆ ମେଶିନ 'ବୋର୍ ଚାର୍ଜର' ନିର୍ମାଣ କରିଛନ୍ତି ଓ ଏହା ଭୂତଳ ଜଳ ସ୍ତର ବୃଦ୍ଧି କରୁଛି। ଫଳରେ ବିଭିନ୍ନ ଅଞ୍ଚଳରେ ବୋର୍‌ୱେଲରୁ ପର୍ଯ୍ୟାପ୍ତ ପାଣି ମିଳୁଛି। ମହାରାଷ୍ଟ୍ରର ପଶ୍ଚିମଘାଟ ପର୍ବତମାଳା ପାଦଦେଶର ବହୁ ଗାଁ ଏବେ ରାହୁଲଙ୍କ ପ୍ରୟାସ ଯୋଗୁ ପାଣି ପାଉଛନ୍ତି ଓ ଜଳ ପରିଚାଳନା ନୀତି ଗଠନ କରି ଜଳାଭାବ ଦୂର କରିବାକୁ ସକ୍ଷମ ହୋଇଛନ୍ତି। କେବଳ ମହାରାଷ୍ଟ୍ର ନୁହେଁ, ଦେଶର ବିଭିନ୍ନ ରାଜ୍ୟର ମରୁଡ଼ିପ୍ରବଣ ଅଞ୍ଚଳରେ ଉକ୍ତ ମେଶିନ ମାଧ୍ୟମରେ ଭୂତଳ ଜଳସ୍ତର ବୃଦ୍ଧି କରିବା ଦ୍ୱାରା ସେଠାରେ ପାନୀୟ ଜଳ ସମସ୍ୟା ଦୂର ହୋଇଛି। ସେ ଉର୍ଦ୍ଧ୍ୱମ୍ ଏନ୍‌ଭାଇରନ୍‌ମେଣ୍ଟାଲ ଟେକ୍ନୋଲୋଜି କମ୍ପାନୀ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ୫୦ ବର୍ଷୀୟ ରାହୁଲ ଆମେରିକାରେ ଶିକ୍ଷା ଲାଭ କରି ସଫ୍ଟୱେର ଇଣ୍ଡଷ୍ଟ୍ରିରେ କାମ କରୁଥିଲେ। ପରେ ଭାରତ ଫେରିଆସି ଏହି କାର୍ଯ୍ୟରେ ଲାଗିଛନ୍ତି। ବୋର୍ ଚାର୍ଜର ଟେକ୍ନୋଲୋଜି ଭୂପୃଷ୍ଠରୁ ମଧୁର ଜଳକୁ ୬୦୦ ଫୁଟ ଗଭୀରକୁ ପ୍ରବେଶ କରାଇ ଭୂତଳ ଜଳକୁ ୨୦୦ରୁ ୫୦ ଫୁଟ୍ ମଧ୍ୟରେ ରଖିପାରୁଛି। ଭାରତର ୮ଟି ରାଜ୍ୟ ଓ ପଶ୍ଚିମ ଆଫ୍ରିକାରେ ୧୫,୦୦୦ରୁ ଅଧିକ ବୋର୍ ଚାର୍ଜର ଲଗାଇ ସେ ୧୬୫ କୋଟି ଲିଟର ଜଳ ରିଚାର୍ଜ କରି ପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୬

- ମିଳିତ ଜାତିସଂଘର ମହାସଚିବ ପଦ ପାଇଁ ବାରତ୍ରୋସ ଘାଲିଙ୍କୁ ଦ୍ୱିତୀୟ ଥର ପାଇଁ ମନୋନୀତ କରାଯିବାକୁ ନିରାପତ୍ତା ପରିଷଦରେ ଆଗତ ଏକ ଆଫ୍ରିକୀୟ ପ୍ରସ୍ତାବ ଉପରେ ଆମେରିକାର ଭେଟୋ ପ୍ରୟୋଗ।
- ଆଫ୍ରିକାର ବରପୁତ୍ର ନାଇଜେରିଆର ଜେନେରାଲ ଓବାସାଞ୍ଜୋଙ୍କୁ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ।
- ଲାଖୁଭାଇ ପାଠକ ଠକେଇ ମାମଲାରେ ଅଭିଯୁକ୍ତ ଚନ୍ଦ୍ରାସ୍ୱାମୀଙ୍କୁ ତିହାର ଜେଲ୍‌ରୁ ଖଲାସ କରିଦିଆଯାଇଛି।
- ଭାରତୀୟ ଯୁବକଂଗ୍ରେସ ସଭାପତି ପଦରୁ ଏମ୍.ଏସ୍. ବିଟ୍ଟା ବହିଷ୍କୃତ।

## ଚିରନ୍ତନୀ

କେଉଁଠି ଝରିଲା ରକତ ସୁଅ ! କୁହରେ କୁହ !
କେଉଁ ମାଟିତଳ କଲା ସେ ଓଦା,
ନିର୍ମମ ଜାତି ! ପୋଛରେ ଲୁହ।
ଲୁଚିଗଲା କିମ୍ବା ଧରଣୀ ଉପରୁ କାହାର ମୁହଁ
ନିର୍ଲଜ ଆରେ ନୀରବତା ଏଡ଼ି ବଚନ କୁହ !
–(ରକ୍ତ-ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 4 | 8 | | | 6 |
| | 6 | | | | | | | 1 |
| | | | | 9 | | | | |
| 2 | | | 1 | | | | 8 | |
| 8 | 3 | | | | 7 | 6 | | 2 |
| 6 | | | | | | | | 5 |
| | 5 | 2 | | | | | | |
| 9 | | | | | 5 | 7 | | |
| | | | | | 4 | | 1 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 3 | 5 | 1 | 4 | 7 | 2 |
| 3 | 5 | 4 | 2 | 8 | 7 | 6 | 9 | 1 |
| 1 | 2 | 7 | 6 | 9 | 4 | 8 | 5 | 3 |
| 4 | 7 | 1 | 8 | 3 | 6 | 9 | 2 | 5 |
| 6 | 3 | 5 | 9 | 7 | 2 | 1 | 8 | 4 |
| 2 | 8 | 9 | 4 | 1 | 5 | 7 | 3 | 6 |
| 5 | 1 | 2 | 7 | 6 | 8 | 3 | 4 | 9 |
| 8 | 9 | 6 | 5 | 4 | 3 | 2 | 1 | 7 |
| 7 | 4 | 3 | 1 | 2 | 9 | 5 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶର ପ୍ରଜ୍ଞାପନ

ମହାଶୟ,

ଗଣମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦେଇ କେତେ ଯୋଜନା, କେତେ ପ୍ରୋତ୍ସାହନ, କେତେ ଡାକ୍ତରଖାନା, ମାଗଣା ଚିକିତ୍ସା ଉପଲବ୍ଧିର ସଂଖ୍ୟାଧିକ ଯୋଜନା, ବିଏସ୍‌କେୱାଇ କାର୍ଡ ହିତାଧିକାରୀଙ୍କୁ ବଣ୍ଟନର ଆନୁଷ୍ଠାନିକ କାର୍ଯ୍ୟକ୍ରମ ଓ ମନ୍ତ୍ରୀଙ୍କର ବିଭିନ୍ନ ଜିଲାକୁ ଗସ୍ତ ପ୍ରଚାରିତ ଓ ପ୍ରଦର୍ଶିତ ହେଉଛି। ବଡ଼ ବଡ଼ ନାମୀଦାମୀ ଡାକ୍ତରଖାନାରେ ଉନ୍ନତମାନର ଚିକିତ୍ସା ପାଇଁ ୫ରୁ ୧୦ଲକ୍ଷ ଟଙ୍କା ଯାଏଁ ସରକାର ଦେଇ ଚିକିତ୍ସା ସୁବିଧା ଗରିବ ଲୋକମାନଙ୍କୁ ଉପଲବ୍ଧ କରାଇବେ। ବଡ଼ ବଡ଼ ଡାକ୍ତରଖାନାରେ ଯେଉଁ ପ୍ରକାରେ ଚିକିତ୍ସା ପାଇଁ ଅର୍ଥ ଦାବିର ବିଲ୍ ହୁଏ ତାହା ସାମାନ୍ୟ କେତେଦିନର ଚିକିତ୍ସାରେ ସେମାନେ ସରକାରଙ୍କଠାରୁ ଏହି ଯୋଜନା ମାଧ୍ୟମରେ କାଟିନେବେ। ଏହି ଯୋଜନାରେ ସାଧାରଣ ଗରିବ ରୋଗୀଟିଏ କେତେଦୂର ଉପକୃତ ହେବ ତାହା ଯୋଜନା କାର୍ଯ୍ୟକାରୀ ହେଲେ ଜଣା ପଡ଼ିବ। ଏଣେ ଗଣମାଧ୍ୟମରେ ଦେଖାଯାଉଛି ସବୁଦିନେ ରାସ୍ତାର ଦୟନୀୟ ଅବସ୍ଥାରୁ ଆମ୍ବୁଲାନ୍‌ସ ଗାଡ଼ି ରୋଗୀର ଘରପର୍ଯ୍ୟନ୍ତ ଯାଇପାରୁ ନ ଥିବାର ଚିତ୍ର । କିଛି ପରିବାର ଲୋକ ରୋଗୀକୁ ଖଟିଆ, କମ୍ବଳ, ଟିଣ ସିଟ୍‌ରେ ଶୁଆଇ ୩/୪ କିଲୋମିଟର ବୋହି ଆମ୍ବୁଲାନ୍ସ ପାଖରେ ପହଞ୍ଚାଉଛନ୍ତି। ଏହିସବୁ ଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା ସ୍ୱାସ୍ଥ୍ୟସେବା ଯୋଗାଇବା ପ୍ରଥମ ଆବଶ୍ୟକତା। ଏହିପରି ଦୁର୍ଗମ ଗ୍ରାମାଞ୍ଚଳରେ କେତେକ ସ୍ୱେଚ୍ଛାସେବକଙ୍କୁ କିଛି ପ୍ରୋତ୍ସାହନର ସୁବିଧା ଓ ରୋଗୀ ବୋହିବା ଷ୍ଟ୍ରେଚର ଗୋଟିଏ ଦୁଇଟି ଯୋଗାଇ ଆପଦକାଳୀନ ସାହାଯ୍ୟକାରୀ ରୂପେ ନିଯୁକ୍ତି ଦିଆଗଲେ ଭଲ ହୁଅନ୍ତା। କେତେକ ସ୍ଥଳରେ ନିଜେ ଡାକ୍ତର, ଡାକ୍ତରଖାନାର କର୍ମଚାରୀ ଓ ଫାର୍ମାସିଷ୍ଟ ରୋଗୀକୁ ଷ୍ଟେଚରରେ, କାନ୍ଧରେ ବୋହି ଆମ୍ବୁଲାନ୍ସ ଯାଏ ଆଣୁଥିବାର ଦୃଶ୍ୟ ଦେଖିବାକୁ ମିଳନ୍ତା ନାହିଁ।

–ଡା. କୈଳାସ ଚନ୍ଦ୍ର ମିଶ୍ର, କଳିଙ୍ଗବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାଇ କୁବେର ସମାଜର ବୋଇତ ବନ୍ଦାଣ

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ମହୁଲପାଲିଠାରେ ସାଇ କୁବେର ସମାଜ ଆନୁକୂଲ୍ୟରେ ପଞ୍ଚମ ବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। ସ୍ଥାନୀୟ କୁବେର ଭବନରେ ଅନୁଷ୍ଠିତ ଏହି ଉତ୍ସବରେ ଚୁଡ଼ାମଣି ସାହୁ ମୁଖ୍ୟଅତିଥି ଓ ନବକିଶୋର ସାହୁ ସମ୍ମାନିତ ଅତିଥି, ସଭାପତି ତାରାଚନ୍ଦ ସାହୁ, ସମ୍ପାଦକ ବିନନ୍ଦ ସାହୁ, ଯୁବାମଞ୍ଚ ସଭାପତି ମନୋଜ ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରୋହିଣୀ ବଲ୍ଲଭ ନାୟକ ଭାଗବତ ପଠନ କରିଥିଲେ। ପରେ ଅଙ୍ଗ ନଦୀରେ ବୋଇତ ବନ୍ଦାଣ କରାଯାଇଥିଲା।

## ସଂକ୍ଷେପରେ

### ସେକ୍ସନ ଅଫିସର ଭିଜିଲାନ୍ସ ଦ୍ୱାରା ଗିରଫ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**



ସୋନପୁର,୧୯।୧୧(ନି.ପ୍ର.): ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ରମେଶ ପ୍ରସାଦ ନାଗଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଗୁରୁବାର ଓଡିଶା ଭିଜିଲାନ୍ସର ୩ଟି ଟିମ୍ ବଲାଙ୍ଗୀର ଓ ସୋନପୁରରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ରମେଶଙ୍କ ବଲାଙ୍ଗୀର ସହର ଲର୍କିପାଲି ସ୍ଥିତ ଗୋଟିଏ ୩ ମହଲା କୋଠା, ଗୋଟିଏ ୧ ମହଲା କୋଠା, ଲର୍କିପାଲିରେ ୩ଟି ପ୍ଲଟ, ସୋନପୁର ଧୋବାମୁଣ୍ଡାରେ ଗୋଟିଏ ପ୍ଲଟ, ଗୋଟିଏ କାର, ୨ଟି ବାଇକ୍ ସମେତ ମୋଟ ୧.୩ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା । ସମ୍ପତ୍ତି ଆକଳନ ପରେ ଶ୍ରୀ ନାଗ ବେଆଇନ ଭାବେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ବିଭାଗ ସ୍ପଷ୍ଟ କରିଛି । ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ପିଏସ କେଶ ନଂ ୩୮/୨୧ ମୂଳେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।

### ବାର୍ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବା ବେଳେ ୩ ଗିରଫ

ବୌଦ୍ଧ/ବଘିଆପଡା/ବାଉଁଶୁଣୀ,୧୯।୧୧(ସ୍ୱ.ପ୍ର/ଡି.ଏନ.ଏ): ବୌଦ୍ଧ ଗଡଦେଇ ସଂରକ୍ଷିତ ଜଙ୍ଗଲରେ ବାର୍ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବା ବେଳେ ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଥାନା ବାମଣ୍ଡା ପଞ୍ଚାୟତ ନୂଆଗଡ ଗ୍ରାମର ସୀତାରାମ ପ୍ରଧାନ ଓ ପର୍ଶୁରାମ ପ୍ରଧାନ ଏବଂ ସମ୍ବଲପୁର ଜିଲା ରେଢାଖୋଲ ଥାନା କଦଳୀଗଡ ଗ୍ରାମର ବୈରାଗୀ ମହାକୁଡ। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ଠାରୁ ସରୁ ଲୁହାତାର, ଭଙ୍ଗା କାଚ ବୋତଲ ଓ ଶିକାର ପାଇଁ ବ୍ୟବହୃତ ବହୁ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁସାରେ, ଗତ ଗୁରୁବାର ରାତିରେ ଶିକାରୀମାନେ ଗଡଡଦେଇ ସଂରକ୍ଷିତ ଜଙ୍ଗଲରେ ବାର୍ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିଲେ। ବୌଦ୍ଧ ବନଖଣ୍ଡ ଅଧିକାରୀ ଦେପ୍ରିୟ କମ୍ପ କୌଣସି ସୂତ୍ରରୁ ସୂଚନା ପାଇ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାତି ପ୍ରାୟ ୨ଟା ସମୟରେ ଶିକାରୀମାନେ ଜଙ୍ଗଲ ଭିତରେ ବିଦ୍ୟୁତ୍ ତାର ବିଛାଉଥିବା ବେଳେ ଏସିଏଫ ଜିତେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଉକ୍ତ ୩ଜଣଙ୍କୁ କାବୁ କରିଥିଲେ। ପ୍ରାୟ ୧୦ରୁ ୧୫ ଜଣ ଶିକାରୀ ଖସି ପଳାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଫେରାର ସମସ୍ତ ଶିକାରୀ ନୂଆଗଡ ଗ୍ରାମର ବୋଲି ଜଣାପଡିଛି। ଏ ନେଇ ବୌଦ୍ଧ ବନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

# ଚକଡ଼ା ଯୋଗୁ ଚାଷଜମିରେ ନିଆଁ ଲଗାଇଲେ ଚାଷୀ

**ବୀରମହାରାଜପୁର କୃଷି ଜିଲା**

**■ବ୍ୟାପକ ଧାନ ଫସଲ ନଷ୍ଟ**

ଅମରପାଲି,୧୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ଜିଲା ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମର ଚାଷ ଜମିରେ ଚକଡା ଲାଗିବାରୁ ଚାଷୀ ହତାଶ ହୋଇ ଏବେ ଧାନଚାଷରେ ନିଆଁ ଲଗାଇ ଦେଇଛନ୍ତି। ଚଳିତବର୍ଷ ବିଳମ୍ବରେ ହେଲେ ମଧ୍ୟ ଚାଷୀ ଧାନ ଚାଷ ଧାର କରଜ କରି କରିଥିଲେ । ରୁଆ ବିହୁଡା କରି ଠିକ ସମୟରେ ସାର ମଧ୍ୟ ଦେଇଥିଲେ। ଫସଲ ମଧ୍ୟ ଏକ ପ୍ରକାର ଭଲ ହୋଇଥିଲା। ଉକ୍ତ ଅଞ୍ଚଳରେ କେବେ ମରୁଡି ତ କେବେ ରୋଗପୋକ ଲାଗି ଫସଲ ହାନି ହୋଇଥାଏ। ମାତ୍ର ଏବେ ଚାଷୀଙ୍କୁ ଘାରିଛି ଚକଡା ଚିନ୍ତା। ଠିକ ଧାନ ଅମଳ ସମୟରେ ଚାଷୀଙ୍କ ଅବସ୍ଥାକୁ ବେହାଲ କରିଛି ଚକଡା ପୋକ। ଶହ ଶହ ଏକର ଧାନ ଫସଲକୁ ନଷ୍ଟ କରିଦେଲେଣି ଚକଡା। ଧାନ ତ ଦୂରର କଥା ଆଉ ବିଲରୁ ପୁଆଳ ବି ବାହାରିବନି। ଗୋଟିଏ ବିଲରୁ ଆଉ ଗୋଟିଏ ବିଲକୁ ମାଡି ଯାଉଛନ୍ତି ଚକଡା। ଫଳରେ ଏବେ ଉଜୁଡା ଫସଲ ଦେଖି ଚାଷୀ ମୁଣ୍ଡରେ ଚଡକ ପଡିଛି। ଚିନ୍ତାଗ୍ରସ୍ତ ଚାଷୀ ଏବେ ଅନ୍ୟ ବିଲରେ ଥିବା ଫସଲକୁ ସୁରକ୍ଷା ଦେବା ପାଇଁ ଶୁକ୍ରବାର ସନ୍ଧ୍ୟାରେ ଧାନ ବିଲରେ ନିଆଁ ଲଗାଇ ଦେଇଛନ୍ତି। ସବର୍ଣ୍ଣପୁର ଜିଲ୍ଲା ପଣ୍ଡିଆପାଲି ଗାଁରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ଗ୍ରାମର ଧନଞ୍ଜୟ ବେହେରା, ଭାଗିରଥୀ ବେହେରା, ସଞ୍ଜୀବ ସାହୁ, ରୁପେନ ବେହେରା, ଅଭି ବେହେରା, କମ୍ପୁ ସେଠୀ, ବୈଶାଖୁ ସାହୁ, ଦାଶରଥି ବେହେରାଙ୍କ ସମେତ ଅନ୍ୟ ଚାଷୀଙ୍କ ଜମିରେ ଚକଡା ଲାଗିବାରୁ ବଳକା ଫସଲ ବଞ୍ଚାଇବା ପାଇଁ ସେମାନେ ଚକଡା ଲାଗିଥିବା ଜମିରେ ନିଆଁ ଲଗାଇ ଦେଇଛନ୍ତି। କୃଷି ଅଧିକାରୀଙ୍କ ଠାରୁ ଠିକରେ ପରାମର୍ଶ ମିଳୁ ନ ଥିବା ଓ ମାଗଣାରେ ଚକଡା ପାଇଁ କୀଟନାଶକ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ବୀରମହାରାଜପୁର ବ୍ଲକ କୃଷି ଅଧିକାରୀ କାଳିନ୍ଦୀ ପରିଡାଙ୍କୁ ପଚାରିବାରୁ ଚକଡା ପାଇଁ କୀଟନାଶକ ମହଜୁଦ ଅଛି। ୫୦ ପ୍ରତିଶତ ରିହାତିରେ କୀଟନାଶକ ଚାଷୀଙ୍କୁ ଦିଆଯାଉଛି। ମାତ୍ର ଅଞ୍ଚଳର ଚାଷ ଜମିରେ ଚକଡା ଲାଗିଥିବା ନେଇ କୌଣସି ଅଭିଯୋଗ ଆସି ନ ଥିବା ପ୍ରକାଶ କରିଛନ୍ତି। କୃଷିବିଭାଗ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ଏହାର ନିରାକରଣ ବ୍ୟବସ୍ଥା କରିବା ସହିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।



ଚକଡା ଯୋଗୁ ଚାଷ ଜମିରେ ଚାଷୀ ନିଆଁ ଲଗାଇ ଦେଉଛନ୍ତି ।

## ଡାହାଣିପାଲିକୁ ହରାଇ ମେହେର ସ୍ପୋର୍ଟିଂ ବାଉଁଶୁଣୀ ଚାମ୍ପିୟନ

ଅମରପାଲି,୧୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କାନପୁରସ୍ଥିତ ମହାନଦୀ ଖେଳପଡିଆରେ ହେଉଥିବା ୧୨ତମ କାନପୁର କ୍ରିକେଟ କପର ଫାଇନାଲରେ ଡାହାଣିପାଲିକୁ ହରେଇ ମେହେର ସ୍ପୋର୍ଟିଂ ବାଉଁଶୁଣୀ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚଟି ଦୁଇଟି ଫର୍ମାଟରେ ଖେଳା ଯାଇଥିଲା। ପ୍ରଥମ ଫର୍ମାଟରେ ଡାହାଣୀପାଲି ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮୩ ରନ କରିଥିଲା । ଜବାବରେ ମେହେର ସ୍ପୋର୍ଟିଂ ବାଉଁଶୁଣୀ ଦଳ ଆବଶ୍ୟକ ୮୪ ରନକୁ ୭.୫ ଓଭରରେ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବାଉଁଶୁଣୀ ନିର୍ଦ୍ଧାରିତ ୫ ଓଭରରେ ୭୫ରନ କରିଥିଲା। ଜବାବରେ ଡାହାଣୀପାଲି ୫ ଓଭରରେ ୪୯ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବାଉଁଶୁଣୀ ଦଳ ଚାମ୍ପିୟନ ହୋଇଥିଲା । ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ସାହୁ, ପୂର୍ବତନ ସରପଞ୍ଚ ନାରାୟଣ ଲୁହା, କ୍ରୀଡାବିତ ବାଚସ୍ପତି ପଣ୍ଡା, ଲଳିତ ମୋହନ ପଣ୍ଡା, ଶାନ୍ତନୁ ମହାକୁର, ସବ୍ୟସାଚୀ ମିଶ୍ର, ଶାନ୍ତି ଲୁହା, ହିମାଂଶୁ ଖମାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ ଦଳକୁ ନଗଦ ୬ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ଖେଳରେ ରାଜେନ୍ଦ୍ର ଜଗତ ଓ ବାବୁଲୁ କଲତା ଅମ୍ପାୟାର ହୋଇଥିଲେ। ଉଗ୍ରେସନ ମେହେର ଓ ବ୍ୟଞ୍ଜନ ପଣ୍ଡା ସ୍କୋରିଙ୍ଗ ଏବଂ ସତିକାନ୍ତ ଓ ସିତାଂଶୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସରିଲା ୨୪ ପ୍ରହର ନାମ ସଂକୀର୍ତ୍ତନ



ନୂଆପଡା ଖମ୍ଭେଶ୍ୱରୀ ମନ୍ଦିର ସମ୍ମୁଖ ମଣ୍ଡପରେ ସଂକୀର୍ତ୍ତନ କରାଯାଉଛି ।

ସୋନପୁର,୧୯।୧୧(ନି.ପ୍ର.)

ପବିତ୍ର କାର୍ତ୍ତିକ ମାସ ଅବସରରେ ସହରର ନୂଆପଡାସ୍ଥିତ ଖମ୍ଭେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଥିବା ୨୪ ପ୍ରହର ନାମ ସଂକୀର୍ତ୍ତନ ଶୁକ୍ରବାର ଉଦ୍ଯାପିତ ହୋଇଛି। ଅପରାହ୍ନରେ ନାମଯଜ୍ଞରେ ପୂର୍ଣ୍ଣାହୁତି ହୋଇଥିଲା । ବୁଧବାର ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଓ ଅଧିବାସ ଅନୁଷ୍ଠିତ ହୋଇଥିଲା । ରାଧାକୃଷ୍ଣ ସୀତାରାମ ମନ୍ଦିର କମିଟି, ରାମଜୀ ପାଠାଗାର ଓ ନୂଆପଡା ମେହେର ସମାଜ ପକ୍ଷରୁ ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମ ଅବସରରେ ସୁସଜ୍ଜିତ ନାମ ମଣ୍ଡପ ଓ ଯଜ୍ଞମଣ୍ଡପ ନିର୍ମିତ ହୋଇଥିଲା। ମଣ୍ଡପରେ ରାଧାକୃଷ୍ଣ, ପଞ୍ଚତତ୍ତ୍ୱ ଓ ଷୋଡଗୋସ୍ୱାମୀ ମୂର୍ତ୍ତି ବିଜେ ହେବା ସହ ପୂଜା ଓ ଯଜ୍ଞାଦି କାର୍ଯ୍ୟ ପାଇଁ ୬ଜଣ ପୁରୋହିତ ନିୟୋଜିତ ଥିଲେ। ଜିଲା ଓ ଜିଲା ବାହାରର ସଂକୀର୍ତ୍ତନ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଶିଳ୍ପୀଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ସପତ୍ନୀକ ନାମ ସଂକୀର୍ତ୍ତନର କର୍ତ୍ତା ଥିବା ବେଳେ ନୂଆପଡାର ଲୋକେ ଏହି ଧାର୍ମିକ କାର୍ଯ୍ୟକ୍ରମ ପାଇଁ ସମସ୍ତ ସହଯୋଗ କରିଥିଲେ। ଅଞ୍ଚଳବାସୀଙ୍କ ମଙ୍ଗଳ ପାଇଁ ପ୍ରାୟ ୩୫ ବର୍ଷ ଧରି ଏହି ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇ ଆସୁଛି । ଚଳିତବର୍ଷ ପଣ୍ଡିତ କାଳୀଚରଣ ମିଶ୍ର ମୁଖ୍ୟ ଆଚାର୍ଯ୍ୟ, ଆଶିଷ କୁମାର ମିଶ୍ର ପୂଜକ, ଜୟନାରାୟଣ ମିଶ୍ର, ମଧୁ ଦାଶ, ନରେନ୍ଦ୍ର ନନ୍ଦ ଓ ଦେବାଶିଷ ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ।

## ମା'ଙ୍କ ମୃତଦେହ ୧୦ କି.ମି. ବାଇକ୍‌ରେ ନେଲେ ପୁଅ

**କଳାହାଣ୍ଡିରେ ପୁଣି ମୃତଦେହକୁ ଅସମ୍ମାନ**

ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.)

କଳାହାଣ୍ଡିରେ ପୁଣି ମୃତଦେହକୁ ଅସମ୍ମାନ ଦେବା ଘଟଣା ସାମ୍ନାକୁ ଆସିଛି। ମା'ଙ୍କ ମୃତଦେହକୁ ବାଇକ୍‌ରେ ୧୦ କି.ମି. ବୋହିଲା ପୁଅ। ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଗୁଡାରେ।

ମିଳିଥିବା ସୂଚନାନୁସାରେ, ବେହେରାଗୁଡାର କରନ ବେମାଲ ନାମକ ଜଣେ ବୃଦ୍ଧା ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା । ଡାକ୍ତରଖାନା ପକ୍ଷରୁ କରନଙ୍କ ମୃତ୍ୟୁ ଘୋଷଣା ପରେ ମା'ଙ୍କ ମୃତଦେହ ଗାଁକୁ ନେବା ଲାଗି ପୁଅ ଆମ୍ବୁଲାନ୍ସ ଓ ଶବ ବାହକ ଗାଡ଼ି ସହ ଯୋଗାଯୋଗ କରିଥିଲେ। କିନ୍ତୁ ହସ୍ପିଟାଲ ପକ୍ଷରୁ ସେପରି କିଛି ସୁବିଧା ମିଳି ନ ଥିଲା। ଫଳରେ ମୃତଦେହ ଏକ ବାଇକ୍‌ରେ ବୋହି ଗାଁକୁ ଆଣିବାକୁ ବାଧ ହୋଇଥିଲେ ପରିବାର ଲୋକେ। ସୂଚନାଯୋଗ୍ୟ, କଳାହାଣ୍ଡିର ଦାନ ମାଝି ନିଜ ସ୍ତ୍ରୀଙ୍କ ମୃତଦେହ ବୋହିବା ଘଟଣା ସାରା ଦେଶରେ ଚହଳ ପକାଇଥିଲା। ଏହି ଘଟଣା ପରେ ହସ୍ପିଟାଲରେ ଶବ ବାହକ ଗାଡ଼ି ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। ଘୋଷଣା ସତ୍ତ୍ୱେ ବାଇକ୍‌ରେ ମୃତଦେହ ବୁହା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବାହକ ଗାଡ଼ି ବ୍ୟବସ୍ଥା ନ ଥିବା କର୍ତ୍ତୃପକ୍ଷ କହିଛନ୍ତି।



ମୃତଦେହକୁ ବାଇକ୍‌ରେ ନିଆଯାଉଛି।

## ଟ୍ରାକ୍ଟର ତଳେ ଚାପିହୋଇ ୨ ନାବାଳକଙ୍କ ମୃତ୍ୟୁ

ବିନିକା,୧୯।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗ୍ରାପ ଅନ୍ତର୍ଡା କେନାଲ ରାସ୍ତାଠାରେ ଶୁକ୍ରବାର ଏକ ଟ୍ରାକ୍ଟର ତଳେ ଚାପି ହୋଇ ଦୁଇଜଣ ନାବାଳକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ପ୍ରକାଶ ଯେ, ଅନ୍ତର୍ଡା ଗାଁର ଶିବ ସୁନା (୧୬) , ଗୁରୁଦେବ ସୁନା(୧୫) ଓ ପୂର୍ଣ୍ଣଚନ୍ଦ୍ର ସୁନା ସକାଳ ୮ଟା ବେଳେ ଏକ ଲାଲ ରଙ୍ଗର ବାଇକ୍‌ରେ ବିନିକା-ଅନ୍ତର୍ଡା ଆରଡି ରାସ୍ତାରେ ବିନିକାରୁ ଅନ୍ତର୍ଡାକୁ ଫେରୁଥିଲେ । ଏହି ସମୟରେ ଏକ ଟ୍ରାକ୍ଟର ସହିତ ସେମାନେ ଆସୁଥିବା ବାଇକ୍‌ର ଧକ୍କା ହୋଇଥିଲା । ଫଳରେ ବାଇକ୍ ଛିଟିକି ପଡିବା ସହ ଶିବଙ୍କର ଟ୍ରାକ୍ଟର ଚକା ତଳେ ଚାପି ହୋଇ ମୃତ୍ୟୁ ଘଟିଥିଲା । ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁଦେବ ଓ ପୂର୍ଣ୍ଣଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ମୃତ ଶିବଙ୍କ କାକା ଅମର ସୁନା ଟ୍ରାକ୍ଟର ଚାଳକ ପିଲାଙ୍କ ଉପରେ ଟ୍ରାକ୍ଟର ଚଢାଇ ଦେଇଥିବା ବିନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ-୨୨୬/୨୧ରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛି। ବ୍ୟବଚ୍ଛେଦ ପରେ ଶିବଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସାମଗ୍ରିକ ବିକାଶକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୯।୧୧

ବରଗଡ଼ ସହରର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଉଛି । ମୁକ୍ତା ଯୋଜନାରେ ରାଜ୍ୟ ସରକାର ବରଗଡ଼ ସହରର ଉନ୍ନତି ସକାଶେ ୧୪୫ଟି ପ୍ରକଳ୍ପ ପାଇଁ ୧୨କୋଟି ୧୪ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଶୁକ୍ରବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା ସୂଚନା ଦେଇଛନ୍ତି।

ବିଧାୟକ କହିଥିଲେ, ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ବରଗଡ଼ ସହରରେ ୧୩ଟି କ୍ଷୁଦ୍ର ଉଦ୍ୟାନ ପାଇଁ ୩କୋଟି ୩୩ଲକ୍ଷ, ୧୪ଟି ପବ୍ଲିକ ଜିମ୍ ପାଇଁ ୨୩ଲକ୍ଷ, ୧୪ଟି ଶିଶୁ କ୍ରୀଡ଼ା ଉଦ୍ୟାନ ପାଇଁ ୧୨ଲକ୍ଷ, ୬ଟି ଚାଲିବା ରାସ୍ତା ପାଇଁ ୪୩ଲକ୍ଷ, ଗୋଟିଏ ଜଳାଶୟ ପାଇଁ ୩୧ଲକ୍ଷ, ଗୋଟିଏ ଖେଳ ପଡ଼ିଆ ପାଇଁ ୬ଲକ୍ଷ, ୨୩ଟି ଶୌଚାଳୟ ପାଇଁ ୮୧ଲକ୍ଷ, ୪୦ଟି ରାସ୍ତା, ଡ୍ରେନ ପାଇଁ ୪କୋଟି ୩୧ଲକ୍ଷ ୧ହଜାର ଏବଂ ୩୩ଟି ରାସ୍ତା ପାଇଁ ୨କୋଟି ୫୩ଲକ୍ଷ ୯୩ହଜାର ଟଙ୍କା ମଞ୍ଜୁର ହୋଇଛି । କିଛିଦିନ ତଳେ ଭିଡ଼ିଓ କନଫରେନ୍ସରେ ୫-ଟି ସଚିବଙ୍କ ଜରିଆରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସ୍ତାବ ଗୁଡ଼ିକ ଦେଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରି ସାରିଥିବା ବିଧାୟକ ସୂଚନା ଦେଇଥିଲେ। ସେହିପରି ଜିରା ନଦୀର ବାମପାର୍ଶ୍ୱରେ ୨୯କୋଟି ୧୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରିଂ ରୋଡ୍ ହେବ ଏବଂ ଏଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅନୁମୋଦନ ମିଳିସାରିଛି। ୧୩ଟି ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଚାଲିଛି। ଆହୁରି ୧୨ଟି ସ୍କୁଲ ସରକାରଙ୍କ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସାରିଥିବା ଆଚାର୍ଯ୍ୟ କହିଥିଲେ। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଜିରା ବ୍ରିଜ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଥିଲେ। ବିଜେଡ଼ିର ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର ଏବଂ ପୂର୍ବତନ ପୌରାଧ୍ୟକ୍ଷ କିଶୋର ମିଶ୍ର ଉପସ୍ଥିତ ଥିଲେ।




ବରଗଡ଼ ବିଧାୟକ ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଉଛନ୍ତି।

## ଭୋଟର ତାଲିକା ସଂଶୋଧନ ସଚେତନତା

ଉଲୁଣ୍ଡା,୧୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକଠାରେ ଥିବା ପଞ୍ଚାୟତ ଡିଗ୍ରୀ କଲେଜରେ ଶୁକ୍ରବାର ଭୋଟର ସଂଶୋଧନ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଲୁଣ୍ଡା ବିଡ଼ିଓ ହେମସାଗର ଭୋଇ, ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ, ଯୁକ୍ତ ତିନି କଲେଜ ଅଧ୍ୟକ୍ଷ ଦେବାଶିଶ ପାଣ୍ଡିଆ, ଯୁକ୍ତ ୨ ଅଧ୍ୟକ୍ଷ ରମାକାନ୍ତ ବିଶି ଯୋଗଦେଇ ଭୋଟର ସଂଶୋଧନ ଉପରେ ଆଲୋଚନା କରିଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ନୂତନ ଭୋଟରଙ୍କୁ କିପରି ଭୋଟର ତାଲିକାରେ ଯୋଡ଼ିବେ ସେନେଇ ତହସିଲଦାର ନାୟକ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ପରେ ବିଡ଼ିଓ ଭୋଇ ନାମ ପଞ୍ଜୀକରଣ ନିଜ ନିଜ ମୋବାଇଲ ଯୋଗେ କରିପାରିବେ ବୋଲି କହିଥିଲେ । ଆସନ୍ତା ୧।୧।୨୦୨୨ ସୁଦ୍ଧା ଯାହାର ବୟସ ୧୮ କିମ୍ବା ଅଧିକ ହୋଇଥିବ ସେମାନେ ନିଜ ଅଞ୍ଚଳରେ ଥିବା ବିଏଲଓଙ୍କ ପାଖକୁ ଯାଇ ସୂଚନା ଦେଲେ ଭୋଟ ଦେବା ବ୍ୟବସ୍ଥା ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଇଥିଲା। ମୋବାଇଲ ନ ଥିଲେ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କୁହାଯାଇଥିଲା।

## କୁଡାସିଂହାରେ ବୋଇତ ବନ୍ଦାଣ ଉତ୍ସବ

ଦେଓଗାଁ,୧୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଦର ବ୍ଲକ କୁଡାସିଂହାରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ କାର୍ତ୍ତିକେଶ୍ୱର ସାଂସ୍କୃତିକ କଳାପରିଷଦ ତଥା କୁବେର ଯୁବାମଞ୍ଚ ତରଫରୁ ମିଳିତ ଭାବେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ମଧ୍ୟ ୧୦ଫୁଟ ଲମ୍ବ ଓ ୭ଫୁଟ ଉଚ୍ଚ ଥିବା ଶୋଲରେ ନିର୍ମିତ ଡଙ୍ଗାକୁ ନିକଟସ୍ଥ ଅଏଁଳାସାଗରରେ ଭସା ଯାଇଥିଲା। କାର୍ତ୍ତିକେଶ୍ୱର ଡଙ୍ଗାପାର୍ଟିର କର୍ମକର୍ତ୍ତାମାନେ ଭୋର ୪ଟାରୁ ନଗର ସଂକୀର୍ତ୍ତନ କରି ଅଏଁଳାସାଗରରେ ପହଞ୍ଚି ଡଙ୍ଗା ଭସାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ଡା. ଲଳିତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ହରେକୃଷ୍ଣ ସାହୁ ଯୋଗଦେଇ ବୋଇତ ବନ୍ଦାଣ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବାରୁ କମିଟି ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ସାହୁ, ସଭାପତି କୁବେର ସାହୁ, ସମ୍ପାଦକ ମନୋଜ ଝାଙ୍କର, ମ୍ୟାନେଜର ନରେଶ ସାହୁ, ସଞ୍ଜୟ ମାଝି, ଭକ୍ତ ପୁଟେଲ, ପ୍ରକାଶ ପୁଟେଲ, କିରଣ ସାହୁ, ପରେଶ ସାହୁ, ରଞ୍ଜିତ ମାଝୀ, ସାହିଲ ଭୋଇ, ଅଦ୍ୱୈତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଆପ୍ ପାଳିଲା ବିଜୟ ଉତ୍ସବ




ବରଗଡ଼ରେ ଆପ୍‌ର ବିଜୟ ଉତ୍ସବ।

ବରଗଡ଼ ଅଫିସ୍,୧୯।୧୧

୩ କୃଷି ଆଇନ ପ୍ରତ୍ୟାହାର ନିଷ୍ପତ୍ତି ହୋଇଛି ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବା ପରେ ବିଭିନ୍ନ ମହଲରେ ଉତ୍ସାହ ଦେଖାଦେଇଛି। ଏହି କ୍ରମରେ ବରଗଡ଼ ଗାନ୍ଧୀ ଛକରେ ଆମ ଆଦମୀ ପାର୍ଟି (ଆପ୍) ବିଜୟ ଉତ୍ସବ ପାଳିଛି। କର୍ମୀମାନେ ଗାନ୍ଧୀ ଛକରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଛକ ପରିକ୍ରମା ସହିତ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ। ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ରାଜ୍ୟ ଯୁବ ସମ୍ପାଦକ ପୌଲସ୍ତ୍ୟ ସାହା, ରମେଶ ପତି, ସ୍ୱରୂପ ଭୋଇ, ମେରିୟମ ବାର୍ଲା, ସୁଦାମ ସାହୁ, ଅସିତ ସାହୁ, ଧ୍ୟାନ ଦୀପକ, ଏସ୍. ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

## ଐତିହାସିକ ରାଣୀଝୁଲା ପାହାଡ଼କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

**ପାହାଡ଼ରେ ଶ୍ରୀରାମ ମୂର୍ତ୍ତି ପ୍ରତିଷ୍ଠା**

ତରଭା,୧୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ କମସରା ଗ୍ରାମରେ ଥିବା ରାଣୀଝୁଲା ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଛି। ଗୁରୁବାର ରାଣୀଝୁଲା ପାହାଡ ଶିଖରରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବରେ ଗଣେଶ୍ୱର ଭୋଇ ସପତ୍ନୀକ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ନିରଞ୍ଜନ ପୂଜାରୀ ପୂଜା କାର୍ଯ୍ୟ କରିଥିଲେ। କୋଶଳ ଇତିହାସ ଅନୁଯାୟୀ ୧୭୯୯ ଖ୍ରୀଷ୍ଟାବ୍ଦରେ ଭୋଂସଲା ରାଜାଙ୍କ ଚାରିଜଣ ସେନାପତିଙ୍କ ସହ ସୈନ୍ୟମାନେ ତତ୍କାଳୀନ ସୋନପୁର ଗଡଜାତର ମହାରାଜା ପୃଥ୍ୱୀ ସିଂହଙ୍କୁ ରାଜସ୍ୱ ମାଗିଥିଲେ । ରାଜସ୍ୱ ମାଗି ନ ପାଇବାରୁ ରାଜା ପୃଥ୍ୱୀ ଓ ତାଙ୍କ ପୁତ୍ର ରଘୁନାଥ ସିଂହଙ୍କୁ ବନ୍ଦୀ କରି ମଧ୍ୟପ୍ରଦେଶର ଚାନ୍ଦିଭଙ୍ଗୀ ଗୃହରେ ରଖିଥିଲେ। ଯାହାଫଳରେ ରାଣୀ ଲକ୍ଷ୍ମୀପ୍ରିୟା ଭୟଭୀତ ହୋଇ ତତ୍କାଳୀନ କମସରା ଜମିଦାରଙ୍କ ସାହାର୍ଯ୍ୟ ଭିକ୍ଷା କର ଉକ୍ତ ପାହାଡ ଗୁମ୍ଫାରେ ମହାରାଣୀ ରହିଥିଲେ। ସେହିଦିନ ଠାରୁ ଏହି ଗୁମ୍ଫାର ନାମ ରାଣୀଝୁଲା ଗୁମ୍ଫା ଓ ପର୍ବତ ରାଣୀଝୁଲା ପର୍ବତ ନାମରେ ପରିଚୟ ଲାଭ କରିଛି। ଉକ୍ତ ପାହାଡରେ ମହାରାଣୀ ଅବସ୍ଥାନ କରିବା ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ମହାଦେବଙ୍କୁ ପ୍ରତିଦିନ ପୂଜାର୍ଚ୍ଚନା କରୁଥିଲେ । ଏହି ରାଣୀଝୁଲା ଗୁମ୍ଫାରେ ୧୬ଟି ପଥର ଗୃହ ଓ ଢେଙ୍କିଶାଳ ଥିବା ଏବେ ବି ଆଭାସ ମିଳୁଛି। ଇତିହାସକୁ ଭିତ୍ତି କରି ଉକ୍ତ ପାହାଡରେ ପ୍ରଭୁ ରାମଚନ୍ଦ୍ରଙ୍କର ଏକ ସାତଫୁଟ ଉଚ୍ଚର ପୂର୍ଣ୍ଣାବୟବ ମୂର୍ତ୍ତି ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠା କରାଯାଇଛି। ଗୁରୁବାର ସକାଳେ କମସରା ଗ୍ରାମରୁ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀରାମଙ୍କ ମୂର୍ତ୍ତିକୁ ଆଣି ପାହାଡର ଶିଖର ପ୍ରଦେଶରେ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ଭାବେ କମସରା ଗ୍ରାମର ଶିଶିର ପଣ୍ଡା, ରବିକାନ୍ତ ସୋରେନ,ବିପିନ ଦାସ, ପ୍ରଫୁଲ୍ଲ ପୂଜାରୀ, ଚନ୍ଦ୍ରମଣି ରଣା, ରାଜୁ ବିଭାର, ରଙ୍ଗବଲ୍ଲଭ ବିଭାର, ହରେକୃଷ୍ଣ ପଣ୍ଡା, ହରେକୃଷ୍ଣ ପୂଜାରୀ, ଗୋପବନ୍ଧୁ ପଣ୍ଡା, ଦିଲୀପ ପୂଜାରୀ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ପ୍ରତିଷ୍ଠା ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

**ସେମାନେ ଯାହା କହନ୍ତି**

-ରାଣୀଝୁଲା ପାହାଡକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିଲେ ଗୁମ୍ଫାର ଉନ୍ନତି ହେବା ସହ ପର୍ଯ୍ୟଟକ ଆକୃଷ୍ଟ ହେବେ।

**ସୁରେନ୍ଦ୍ର ସାହୁ, କମସରା**

- ରାସ୍ତା ଓ ପାନୀୟ ଜଳ ଯୋଗାଣ ସୁବିଧା ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ।

**- ବିଶ୍ୱାମିତ୍ର କୁଅଁର**

- ଐତିହାସିକ ଭିତ୍ତିଭୂମି ଥିବା ରାଣୀଝୁଲା ପାହାଡକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆଗଲେ ତରଭା ଅଞ୍ଚଳର ବିକାଶ ହୋଇପାରନ୍ତା।

**-ହରେକୃଷ୍ଣ ପଣ୍ଡା**

## ନୃସିଂହନାଥରେ କାର୍ତ୍ତିକ ପୁରାଣ

ପାଇକମାଲ,(ଡି.ଏନ.ଏ): ପଶ୍ଚିମ ଓଡିଶାର ପବିତ୍ର ତୀର୍ଥକ୍ଷେତ୍ର ନୃସିଂହନାଥରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପ୍ରବଳ ଭିଡ ହୋଇଥିଲା। ମଧରାତିରୁ ଭକ୍ତମାନେ ନୃସିଂହନାଥ ଝରଣାରେ ବୁଡ ପକାଇବା ସହ ଡଙ୍ଗା ଭସାଇଥିଲେ । ଠାକୁର ଦର୍ଶନ ପାଇଁ ଭକ୍ତମାନଙ୍କୁ ଲମ୍ବା ଲାଇନରେ ଛିଡା ହେବାକୁ ପଡିଥିଲା। ମନ୍ଦିରରେ ଠାକୁରଙ୍କ ପୂଜା ପରେ ଭକ୍ତମାନେ ଦର୍ଶନ କରିଥିଲେ। ସେହିପରି ନୃସିଂହନାଥ ପୀଠରେ କାର୍ତ୍ତିକ ପୁରାଣ ଓ ନାମ ସଂକୀର୍ତ୍ତନ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପୋଲିସ ମୁତୟନ ହୋଇଥିଲେ । ମନ୍ଦିର ପକ୍ଷରୁ ଆଲୋକ ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଜଣାଇଛନ୍ତି ।

## ସଂକ୍ଷେପରେ

### ଗୋଁଣ୍ଡୱନା ଛାତ୍ର ସଂଘର ପ୍ରଥମ ରାଜ୍ୟ ଅଧିବେଶନ

ଝାରସୁଗୁଡ଼ା ଅଫିସ,୧୯।୧୧: ଗୋଁଣ୍ଡୱନା ଛାତ୍ର ସଂଘର ଏକ ସାଧାରଣ ସଭା ଅନ୍‌ଲାଇନରେ ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ସଂଯୋଜନାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ ଜିଲାର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଭାର ନିଷ୍ପତ୍ତି ଅନୁଯାୟୀ ଗୋଁଣ୍ଡୱାନ ଛାତ୍ର ସଂଘର ପ୍ରଥମ ଦୁଇ ଦିନିଆ ଅଧିବେଶନ ଆସନ୍ତା ଜାନୁୟାରୀ ୮ ଓ ୯ ତାରିଖରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡାରେ ଅନୁଷ୍ଠିତ ହେବ। ଏଥିରେ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ଶିକ୍ଷାବିତ୍, ରାଜନୈତିକ ନେତୃମଣ୍ଡଳୀ, ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଝାରସୁଗୁଡା ଜିଲାର ଅବହେଳିତ ବିକ୍ରମଖୋଲ ଶିଳାଲିପି ଗୁଣ୍ଡି ଭାଷାର ଅନ୍ତର୍ଭୁକ୍ତ। ତାହାର ପରିଚୟ ଲୋକଲୋଚନକୁ ଅଣାଯିବ। ଏହି ସଭାରେ ବିଭିନ୍ନ ଜିଲାର ସଭାପତି ଡମ୍ବରୁଧର ନାଏକ, ଶ୍ୟାମସୁନ୍ଦର ଭୋଇ, ସନ୍ତୋଷ ଭୋଇ, ପ୍ରସନ୍ନ ମାଝି, ବିରାଜ ଭୋଇଙ୍କ ସମେତ ଛାତ୍ରସଂଘର ଜିଲା ସଭାପତି, ମହାସଭାର ମହାସଚିବ ପ୍ୟାରୀମୋହନ ନାୟକ, ଚୁଡାମଣୀ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧୀ ଜୟନ୍ତୀ

ସମ୍ବଲପୁର,୧୯।୧୧(ବ୍ୟୁରୋ): ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୪ତମ ଜୟନ୍ତୀ ଶୁକ୍ରବାର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପରିଚଳାନାରେ କାର୍ଯ୍ୟକ୍ରମ ହୋଇଥିଲା। ସୁରେଶ୍ୱର ମିଶ୍ର, ପ୍ରେମ ପ୍ରକାଶ ସାହାଣୀ, ଅଶୋକ ଅଗ୍ରୱାଲ, ଦେବୀଲାଲ ପ୍ରଧାନ, ଆନନ୍ଦ ମିଶ୍ର, ସୁତପା ମିତ୍ର, ସସ୍ମିତା ଦେହୁରି, ବିଜୟଲକ୍ଷ୍ମୀ ବେହେରା, ପ୍ରଣତୀ ପଟ୍ଟନାୟକ, କନକ ସାମଲ, ପରିକ୍ଷୀତ ନାୟକ, ମହମ୍ମଦ ମୁକ୍ତାର, ଯଶବୀର ସିଂ, କବିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଇନ୍ଦିରାଙ୍କ ରାଜନୈତିକ ଜୀବନ ବିଷୟରେ ଆଲୋକପାତ କରିଥିଲେ।

### ଅବସରପ୍ରାପ୍ତ ଶ୍ରମ ଆୟୁକ୍ତଙ୍କ ବିୟୋଗ

କୋଲାବିରା,୧୯।୧୧(ଡି.ଏନ.ଏ.): ଅବସରପ୍ରାପ୍ତ ଶ୍ରମ ଆୟୁକ୍ତ ବିଜୟ କୁମାର ମହାପାତ୍ରଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। ଚାକିରିକାଳ ମଧ୍ୟରେ ଶ୍ରମ ଆୟୁକ୍ତ ଭାବରେ ସମ୍ବଲପୁରଠାରେ କିଛିଦିନ ରହଣି ପରେ ଅବସର ଗ୍ରହଣ କରିଥିଲେ। ପରେ ସେ ପୈତୃକ ଗ୍ରାମ କୋଲାବିରା ଓ ସମ୍ବଲପୁରଠାରେ ଅବସ୍ଥାନ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ବଜାରକୁ ଯାଇଥିବା ସମୟରେ ଅଚାନକ ବାନ୍ତି ହେବାରୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ବଲପୁର ସ୍ୱର୍ଗଧାମରେ ତାଙ୍କର ଶେଶକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ଅମିୟ ମୁଖାଗ୍ନି ଦେଇଥିଲେ। କୋଲାବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ କିର୍ତ୍ତୀଚନ୍ଦ୍ର ବହିଦାର, ସମଲେଶ୍ୱରୀ ସାହିତ୍ୟ ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

### କାର୍ତ୍ତିକ ପୂର୍ଣ୍ଣିମାରେ ବାଳକ ଭୋଜନ କାର୍ଯ୍ୟକ୍ରମ

ସୋନପୁର,୧୯।୧୧(ନି.ପ୍ର.): କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସହରର ଭାଗବତ ପାଠାଗାର ତେନ୍ତୁଳିଘାଟ ପକ୍ଷରୁ ଶୁକ୍ରବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧାହ୍ନରେ ୫୮ତମ ବାଳକ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୪ ହଜାରରୁ ଉର୍ଦ୍ଧ୍ୱ ବାଳିକା ବାଳକ ମଧାହ୍ନ ଭୋଜନ କରିଥିଲେ । ପାଠାଗାରର କର୍ମକର୍ତ୍ତା ଓ ସ୍ଥାନୀୟ ଅଧିବାସୀ ବାଳିକା ବାଳକଙ୍କ ପାଦ ଧୋଇ ଦେଇ ପ୍ରସାଦ ସେବନର ବ୍ୟବସ୍ଥା କରାଇଥିଲେ । ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସକାଳେ ପାଠାଗାର ପକ୍ଷରୁ ମହାନଦୀ କୂଳରେ ମଙ୍ଗଳ ଆଳତି ହୋଇଥିଲା । ଅପରାହ୍ନରେ କୈବର୍ତ୍ତ ମାନେ ଡଙ୍ଗା ପୂଜା କରିଥିଲେ। ସେହିପରି ସନ୍ଧ୍ୟାରେ ଲଙ୍କେଶ୍ୱରୀ ପୀଠରେ ଆରତୀ ହୋଇଥିଲା। ପାଠାଗାରର ସଭାପତି ଶଙ୍ଖନିଧି ରାୟଗୁରୁ, ସମ୍ପାଦକ ପବିତ୍ର ସାହୁ, ଆଇନ ପରାମର୍ଶଦାତା ନନ୍ଦକିଶୋର ତ୍ରିପାଠୀ, ସଭ୍ୟ ମାର୍କଣ୍ଡ ତରିଆ ସହଯୋଗ କରିଥିଲେ ।

# ଯୁଯୁମୁରାରେ ନକଲି ମଦ ତିଆରି ସନ୍ଦେହ

ସମ୍ବଲପୁର,୧୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବେଆଇନ ନିଶା କାରବାର ଚାଲିଛି। ପୋଲିସ, ଅବକାରୀ ବିଭାଗ ହାତଗଣତି ସ୍ଥାନରେ ଚଢାଉ କରୁଥିବାରୁ ମଦ ମାଫିଆ ଅବାଧରେ ସେମାନଙ୍କ କାରବାର ଚଳାଉଥିବା କୁହାଯାଉଛି। ମାଫିଆମାନେ ଏବେ ନକଲି ମଦ ତିଆରି କରିବା ଆରମ୍ଭ କରିଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଯୁଯୁମୁରା ଥାନା ଯୁଯୁମୁରା ଷ୍ଟେଶନ ନିକଟ ନିଛାଟିଆ ସ୍ଥାନରେ ପଡିଥିବା ନୂଆ ବୋତଲ, ଠିପି, ବିଭିନ୍ନ କମ୍ପାନୀର ଲୋଗୋ ଦେଖିବା ପରେ ସନ୍ଦେହ ଦୃଢୀଭୂତ ହୋଇଛି। ନକଲି ମଦ ପ୍ୟାକିଂ କରିବା ପାଇଁ ମାଫିଆମାନେ ଏସବୁ ସାମଗ୍ରୀ ରଖିଥିଲେ ଓ କୌଣସି କାରଣରୁ ଭୟରେ ଫିଙ୍ଗି ଦେଇଥିବା ଆଲୋଚନା ହେଉଛି।

ଯୁଯୁମୁରା ଅଞ୍ଚଳରେ ଗୋଟିଏ ଲାଇସେନ୍ସ ପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ରହିଥିବା ବେଳେ ଗୋଟିଏ ଲାଇସେନ୍ସ ପ୍ରାପ୍ତ ବାର୍ ରହିଛି। ତେଣୁ ଘଟଣାରେ ସମ୍ପୃକ୍ତି ଥାଇପାରେ ବୋଲି ମଧ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସଦର ଥାନା ଓ ଚାରମାଲ ଥାନା ଅଞ୍ଚଳରୁ ମଦ ମାଫିଆମାନେ ପ୍ରମାଣ ନଷ୍ଟ ଓ ସନ୍ଦେହ ଏଡାଇବା ପାଇଁ ଯୁଯୁମୁରା ଅଞ୍ଚଳରେ ଫିଙ୍ଗି ଦେଇଥିବା କୁହାଯାଉଛି। ଯୁଯୁମୁରା ଅଞ୍ଚଳର ଜଣେ ଲୋକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, କେତେଜଣ ବ୍ୟକ୍ତ ନକଲି ବିଦେଶୀ ମଦ ତିଆରି କରି ବୋତଲରେ ଭର୍ତ୍ତି କରୁଥିଲେ। ନୂଆ ବୋତଲ ସହ ବିଭିନ୍ନ ବ୍ରାଣ୍ଡର ଲୋଗୋ ବ୍ୟବହାର କରୁଥିଲେ। ଏହାକୁ ସେମାନେ ନିଜେ ବିକ୍ରି କରିବା ସହ କୁଚିଆମାନଙ୍କୁ ଯୋଗାଇ ଦେଉଥିଲେ। ପ୍ରାୟ ୨ ମାସ ହେବ ଏହି ମଦ ତିଆରି କାରଖାନା



ଯୁଯୁମୁରା ଅଞ୍ଚଳରେ ନୂଆ ମଦ ବୋତଲ ଓ ଅନ୍ୟ ସାମଗ୍ରୀ ପଡିଛି ।

### ପରିତ୍ୟକ୍ତ ସ୍ଥାନରେ ବୋତଲ, ଠିପି, ଲୋଗୋ

ଚାଲିଥିଲା। ନକଲି ମଦ ତିଆରି ସମ୍ପର୍କରେ କୁହାକୁହି ହେବା ପରେ ମାଫିଆମାନେ ନିଛାଟିଆ ସ୍ଥାନରେ ସାମଗ୍ରୀ ଫିଙ୍ଗି ଦେଇଥିବା ସେ କହିଛନ୍ତି। ଅନ୍ୟପଟେ ନକଲି ମଦ ବିକ୍ରି ହେବା ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। ନକଲି ମଦ ବିକ୍ରି ହେବା ଫଳରେ ମଦ ମୃତ୍ୟୁ ହେବା ଆଶଙ୍କା ମଧ ରହିଛି। ତେଣୁ ଏ ଦିଗରେ ଅବକାରୀ ଓ ପୋଲିସ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରୀ ଦିଲୀପ ଶତପଥୀ କହିଛନ୍ତି, ନକଲି ମଦ ବିକ୍ରି ହେଉଥିବା ନେଇ ଖବର ନାହିଁ। ତଥାପି ଏହାର ତଦନ୍ତ କରାଯିବ। ସ୍ଥାନୀୟ ଓ ପାଖ ବ୍ଲକଗୁଡିକର ଲାଇସେନ୍ସ ପ୍ରାପ୍ତ ଦୋକାନ ଓ ବାର୍‌ରେ ମଧ ଯାଞ୍ଚ କରାଯିବ ବୋଲି କହିଥିଲେ।

## 'ଚାଇଲ୍ଡଲାଇନ ସେ ଦୋସ୍ତି' କାର୍ଯ୍ୟକ୍ରମ

ଜମନକିରା,୧୯।୧୧(ଡି.ଏନ.ଏ.)

ଜମନକିରା ବ୍ଲକରେ ଚାଇଲ୍ଡ ଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ କର୍ମକର୍ତ୍ତାଙ୍କୁ ଦୋସ୍ତିର ହସ୍ତବନ୍ଧନ କରାଯାଇଥିଲା। ଚାଇଲ୍ଡ ଲାଇନ କର୍ମୀ ଶ୍ୱେତାଙ୍ଗିନୀ ବାରିକଙ୍କ ନେତୃତ୍ୱରେ ବିଡିଓ ଟୁନୁ ମେହେରଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜୟଶ୍ରୀ ପଟ୍ଟନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ସିଦ୍ଧାର୍ଥ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକରିଣୀ ଦେବକୀ ନାୟକ, ତହସିଲଦାର ଡା. ସୌମ୍ୟାରୁପା ରଥ, ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁରର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ଦାନି, ସଭ୍ୟ ସତ୍ୟପ୍ରିୟ ମହାପାତ୍ର ପ୍ରମୁଖଙ୍କୁ ହସ୍ତ ବନ୍ଧନ କରାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଟିମ୍ ମେମ୍ବର ନାମାନି ହେମରମ, ଭୂମିଶ୍ୱେତା ଧୁରୁଆ, ଅରୁନୋଦୟ ବିଦ୍ୟାଳୟ ଶିକ୍ଷକ ଲୁମ୍ବିନ କୁମାର ନାୟକ ସହଯୋଗ କରିଥିଲେ।

## ବାଲିଯାତ୍ରା ମହୋତ୍ସବ



ବାଲିଯାତ୍ରା ପଡିଆରେ ପୂଜାର୍ଚ୍ଚନା କରାଯାଉଛି ।

ବିନିକା,୧୯।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଆଖିଦାଦର, ବଳାରଙ୍ଗା ଏବଂ ଚେରୁପାଲି ଗ୍ରାମବାସୀଙ୍କ ଆୟୋଜନ କ୍ରମେ ଶୁକ୍ରବାର ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଖିଦାଦର ଯାତ୍ରା ପଡିଆରେ ଆୟୋଜିତ ବାଲିଯାତ୍ରା ଉତ୍ସବ ପାଇଁ ପ୍ରାଚୀନ ବରଗଛ ମୂଳରେ ସ୍ଥାପିତ ଠାକୁର ଠାକୁରଣୀଙ୍କର ପୂଜାର୍ଚ୍ଚନା ହୋଇଥିଲା । କର୍ତ୍ତା କର୍ତ୍ତୀ ଭାବରେ ଜଗନ୍ନାଥ ପାଢୀ ସପତ୍ନୀକ , ପଞ୍ଚାନନ ମହାକୁର ସପତ୍ନୀକ ଓ ତପୋବନ୍ତ ଭୂଏ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ କୈବଲ୍ୟ ପୂଜାରୀ ଓ କ୍ଷମାନିଧି ଦାଶ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରିଥିଲେ । ବାଲିଯାତ୍ରା ନେଇ ଆଖିଦାଦର ଗାଁ ଯାତ୍ରା ପଡିଆଠାରେ ସର୍ଗୁନା ,ସିନ୍ଦୁରପୁର ,ଭଣ୍ଡାର ,ଅମାପାଳି ସଂକୀର୍ତ୍ତନ ଦଳ ଦ୍ୱାରା କୀର୍ତ୍ତନ ହୋଇଥିଲା । ଯାତ୍ରା ପଡିଆରେ ମେଣ୍ଢା ଲଢେଇ ଓ ବରଗଡ ଜିଲା ସରକଣ୍ଡା ଗ୍ରାମର ଆଞ୍ଚଳିକ ନାଟ୍ୟଦଳ ପକ୍ଷରୁ ନାଟକ ପରିବେଷଣ ହୋଇଥିଲା । ଯାତ୍ରା ପଡିଆରେ ମୀନାବଜାର ହୋଇଥିଲା ।

## ଅଯୋଦ୍ଧା ସରୋବର ଘାଟରେ କାର୍ତ୍ତିକ ପୂର୍ଣ୍ଣିମା ପୂଜା

ସମ୍ବଲପୁର,୧୯।୧୧(ବ୍ୟୁରୋ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଅଯୋଦ୍ଧା ସରୋବର ଘାଟରେ ଶୁକ୍ରବାର ପ୍ରାତଃ ସାଢ଼େ ୪ଟାରୁ ପୂଜାର୍ଚ୍ଚନା କରାଯାଇଛି। ସହରର ବିଭିନ୍ନ ପ୍ରାନ୍ତରରୁ ବାଳିକା, ମହିଳା ଓ ବୃଦ୍ଧାମାନେ ସ୍ନାନ ସାରି ଘାଟରେ ଥିବା ବୃନ୍ଦାବତୀ ଓ ସୂର୍ଯ୍ୟ ଦେବତା ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ କାଗଜ ଡଙ୍ଗାରେ ଫୁଲ, ଦୀପ, ଧୂପ, ଅରୁଆ ଚାଉଳ ସ୍ଥାପନ କରି ନଦୀରେ ଭସାଇଥିଲେ। ବାଳକମାନେ ରଙ୍ଗବେରଙ୍ଗ ଆତସବାଜି ପ୍ରଦର୍ଶନ କରିଥିଲେ। ସେହିପରି ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ରୀତିନୀତି ସହ ନୂତନ ଧ୍ୱଜା ରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଠାକୁର ରାଜରାଜେଶ୍ୱର



ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ରାଜରାଜେଶ୍ୱର ବେଶ ।

### ବ୍ରହ୍ମପୁରା ଠାକୁରଙ୍କ ରାଜରାଜେଶ୍ୱର ବେଶ

ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। କୁଞ୍ଜେଲପଡାର ବିବେକ ସ୍ୱାଇଁ ମନ୍ଦିର ଚୂଡାରେ ଧ୍ୱଜାରୋହଣ କରିଥିଲେ। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ରାଜାରାମ ସୁପକାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୀତାରାମ ସୁପକାର, ମିଲୁ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର, ଅଭିଷେକ ମିଶ୍ର, ପ୍ରବୀଣ ଦିକ୍ଷୀତ, ଶିବାନନ୍ଦନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାହାସ ଯାତ୍ରା ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଦେବଗଡ଼,୧୯।୧୧(ଡି.ଏନ.ଏ.)

ସ୍ଥାନୀୟ ଭିତିରିଆସାହିସ୍ଥିତ ଗୋପୀ କିଶୋର ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାହାଶ ଯାତ୍ରା ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ବିବେକାନନ୍ଦ ଦାସଙ୍କ ଅଧ୍ୟକ୍ଷତା ଓ ଅଧାପକ ଚିତ୍ତ ରଞ୍ଜନ ଦାସଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିର ବହୁ ବୟୋଜ୍ୟେଷ୍ଠ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି, ମହିଳା, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଓ କରୋନା ସମୟରେ ରୋଗୀମାନଙ୍କୁ ସହଯୋଗ କରିଥିବା ସେବା ସଂଗଠନ ପରିବାର ଓ ୧୯୮୯ ମାଟ୍ରିକ ବ୍ୟାଚ ଛାତ୍ରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କର୍ଯ୍ୟକ୍ରମରେ ଆସୋସିଏଶନ ଉପସଭାପତି ସୁଶାନ୍ତ କୁମାର ନାୟକ, ସହସମ୍ପାଦକ ବାଦଲ ଦାସ, କୋଷାଧ୍ୟକ୍ଷ ଅହିଂସା ନାୟକ, ଆସୋସିଏଶନ ବରିଷ୍ଠ ସଦସ୍ୟ ବିରେନ କୁମାର ନାୟକ, ବ୍ରହ୍ମାନନ୍ଦ ଅଗୱାଲା, ଗିରିଜା ଶଙ୍କର ନାୟକ, ରାଜକିଶୋର ସାହୁ, ଗଜେନ୍ଦ୍ର ନାୟକ, ଭୋଲାନାଥ ଦାସ, ବିକାଶ ନାୟକ, ପିଣ୍ଟୁ ନାୟକ, ମୁନା ସାହୁ, ଦୀପନ କୁମାର ନାୟକ ଓ ଅନୀଲ କୁମାର ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କୃଷକ ସଙ୍ଗଠନର ବିଜୟ ଉତ୍ସବ

ପଦ୍ମପୁର ୧୯।୧୧(ଡି.ଏନ.ଏ)

କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ପ୍ରତ୍ୟାହାର ପରେ ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସଙ୍ଗଠନର ଆବାହକ ଅଶୋକ ସାହୁ, ରୋହିତ ପ୍ରଧାନ, ଦହିତ ସାହୁ, କୈଳାସ ବାରିକ, ନବୀନ ବେହେରା, ମୁକ୍ତେଶ୍ୱର ପଟେଲଙ୍କ ସମେତ ଅନ୍ୟ ଚାଷୀମାନେ ବିଜୟ ଉତ୍ସବରେ ସାମିଲ ହୋଇଥିଲେ ।



ଚାଷୀମାନେ ମିଠା ବାଣ୍ଟି ଖୁସି ମନାଉଛନ୍ତି।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଓମ୍ କ୍ଲବ୍ ଚାମ୍ପିୟନ



ଉଭୟ ଦଳର ଖେଳାଳୀଙ୍କ ସହ ଅତିଥିମାନେ ।

ଝାରସୁଗୁଡ଼ା ଅଫିସ,୧୯।୧୧

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବାଣ୍ଡିପାହାଡ ଗ୍ରାମ ଖେଳପଡିଆରେ ସ୍ଥାନୀୟ ଏକାମ୍ କ୍ଲବ୍ ତରଫରୁ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସମୁଦାୟ ୧୬ଦଳ ଅଂଶଗ୍ରହଣ କରିଥିଲେ। ଝାରସୁଗୁଡ଼ା ଓମ୍ କ୍ଲବ୍ ଓ ଝାରସୁଗୁଡ଼ା ତୁର୍କମାଲ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ୭-୬ ପେନାଲଟି ଗୋଲ୍‌ରେ ତୁର୍କମାଲକୁ ହରାଇ ଓମ୍ କ୍ଲବ୍ ଚାମ୍ପିୟନ ହୋଇଥିଲା। ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୨୦ହଜାର ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେମିଫାଇନାଲ ବିଜେତା ଦଳକୁ ୫ହଜାର ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା। ବ୍ରଜରାଜନଗର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, ମୁଖ୍ୟଅତିଥି ଓ ପୁରୁଷୋତ୍ତମ ଜୟସ୍ୱାଲ, ବେଣୁଧର ପ୍ରଧାନ, ନରେନ୍ଦ୍ର ବଡେଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ୍ ସଦସ୍ୟ କେଶବ, ଲୋକେଶ, ବେଣୁ, କୈଳାସ ପ୍ରମୁଖ ସହଯୋଗ କରିଥିଲେ।

## ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

### ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସ୍ମାରକପତ୍ର

ଦେବଗଡ଼,୧୯।୧୧(ଡି.ଏନ.ଏ.)

ଚଳିତ ଖରିଫ ଋତୁ ପ୍ରାରମ୍ଭରେ ବର୍ଷାଭାବ ଯୋଗୁ ଜୀବନ ଜୀବୀକା ପାଇଁ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଦେବଗଡ ଜିଲା ଚାଷୀକୂଳ ମରୁଡିର ସମ୍ମୁଖିନ ହୋଇଥିବା ବେଳେ କିଛିଦିନ ତଳେ ଦିନିଆବର୍ଷା ପାଚିଲା ଧାନକୁ କ୍ଷତି ପହଞ୍ଚାଇଛି। ଅଦିନିଆ ବର୍ଷା ଯୋଗୁ ଜିଲାର ସମସ୍ତ ପଞ୍ଚାୟତରେ ଅମଳକ୍ଷମ ଧାନ ଫସଲ ନଷ୍ଟ ହୋଇଯାଇଛି। ରିଆମାଳ ବ୍ଲକର ରିଆମାଳ, ଧରମପୁର, ନାଉଲିପଡା, ବୁଡିଦୋ, ମଳେହିପଡା, ଆଡଶ, ଲୁଲଙ୍ଗ, କଣ୍ଟାବାହାଳ, ଟିଙ୍କବୀର, ତାରଙ୍ଗ, କୁଣ୍ଡେଇଗୋଳା, ଗୁଣ୍ଡିଆପାଳି, ତାବଡା, କରଲଗା ଓ ବୁଢାଫାଳ ସମେତ ବିଭିନ୍ନ ପଞ୍ଚାୟତରେ ସର୍ବାଧିକ କ୍ଷତି ଘଟିଥିବା ଲିଗାଲ ରାଇଟ କାଉନଶିଲ ଓଡିଶା ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ କ୍ଷତିଗ୍ରସ୍ତ ଗରିବ ଚାଷୀମାନଙ୍କୁ ଏଥିପାଇଁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ଲିଗାଲ ରାଇଟ କାଉନଶିଲ ଇଣ୍ଡିଆର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ, ସଦସ୍ୟ ଅବିନାଶ ପ୍ରଧାନଙ୍କ ସହ ସଦସ୍ୟାସଦସ୍ୟ ଜିଲା ମୁଖ୍ୟ କୃଷି ଅଧିକାରୀ ବାଲକୃଷ୍ଣ ଗୌଡଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ, ବିଭିନ୍ନ ପ୍ରତିଯୋଗିତା



ମହୋତ୍ସବରେ ସାମିଲ ହୋଇଥିବା ବିଭିନ୍ନ ସଂଘର କର୍ମକର୍ତ୍ତା ।

ଦେବଗଡ଼,୧୯।୧୧(ଡି.ଏନ.ଏ.)

ଦେବଗଡ ଜିଲା ତିଲେଇବଣି ବ୍ଲକ ଜାମୁନାଳି ଭେରୁବଣି ଗ୍ରାମଠାରେ ଲୋକକଳା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ବିଭିନ୍ନ ପ୍ରତିଯୋଗିତା ଶୁକ୍ରବାର ଆୟୋଜନ କରାଯାଇଛି। ଏଥିରେ ଭେରୁବଣି ଗ୍ରାମବାସୀ ଡଙ୍ଗାଭସା, ଝୋଟି, ଗାଁ ସଫେଇ ହୁଳହୁଳି, ପିଠାପଣା, ଓଡିଆଣି ବେଶ, ମାଣବସା, ଲକ୍ଷ୍ମୀପୂରାଣ ଓ ଭାଗବତ ପାଠ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଝୋଟି ପ୍ରତିଯୋଗିତାରେ ସସ୍ମିତା ବେହେରା ପ୍ରଥମ, ଭାନୁମତୀ ନାୟକ ଦ୍ୱିତୀୟ ଓ ବର୍ଷା ନାୟକ ତୃତୀୟ, ହୁଳହୁଳି ପ୍ରତିଯୋଗିତାରେ କୈଳାସ ଝାଙ୍କର ପ୍ରଥମ, ତପସ୍ୱିନି କାରିଗର ଦ୍ୱିତୀୟ ଓ ସବିତା ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଓଡିଆଣି ବେଶରେ ତପସ୍ୱିନି କାରିଗର ପ୍ରଥମ, ପଦ୍ମା ପ୍ରଧାନ ଦ୍ୱିତୀୟ ଓ ଦର୍ପଣ ବେହେରା ତୃତୀୟ ଓ ପିଠାପଣା ପ୍ରତିଯୋଗିତାରେ ସୀମା ନାୟକ ପ୍ରଥମ, ଲିସ୍‌ମା ବେହେରା ଦ୍ୱିତୀୟ, ପ୍ରିୟମ୍ବଦା ଗଡନାୟକ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବରେ ମୁଖ୍ୟଅତିଥି ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ, ଦେବଗଡ ଡକ୍ଟର ଭାରତ ଭୂଷଣ ନନ୍ଦ, ମୁଖ୍ୟବକ୍ତା ବ୍ରିଜେଶ ରଞ୍ଜନ ସାହୁ ଏବଂ ବିଚାରକ ଭାବେ ଅଧାପକ ଚିତ୍ତରଞ୍ଜନ ଦାସ, ଉପସଭାପତି ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସରସ୍ୱତୀ କିସାନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ବରିଷ୍ଠ କିରାଣୀ ମିନତି ଦେଈ ଯୋଗଦେଇଥିଲେ। ମହୋତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଗଣପ୍ରତିନିଧି ଯୋଗଦେଇଥିଲେ। ସଭାରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

କୁଚିଣ୍ଡା,୧୯।୧୧(ଡି.ଏନ.ଏ.)

ବାମରା ବ୍ଲକ କବରିବାହାଲ ପଞ୍ଚାୟତର ପାନପୋଷ ଗ୍ରାମରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତୈଳିକ ସମାଜ ଛତାବର ଗ୍ରୁପ ସଭାପତି ଗୁଣସାଗର ସାହୁ ଓ ସମ୍ପାଦକ କିଶୋର ଚନ୍ଦ୍ର ପୃଷେଠଙ୍କ ନେତୃତ୍ୱରେ ପ୍ରଥମେ ବୋଇତକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଆବାଳ ବୃଦ୍ଧା ବନିତା ନାମ କୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ଜଳାଶୟରେ ହରିବୋଲ ଓ ହୁଳହୁଳି ଧ୍ୱନିରେ ବୋଇତ ବନ୍ଦାଣ କରିଥିଲେ। ଏଥିରେ କ୍ଷେତ୍ରମୋହନ ସାହୁ, ବସନ୍ତ ସାହୁ, ଶ୍ରଦ୍ଧାକର ସାହୁ, ଚନ୍ଦ୍ରଶେଖର ପୃଷେଠ, ମୋତିଲାଲ ପୃଷେଠ, କୈଳାସ ପୃଷେଠ, ସୁରେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ପୂଜାର୍ଚ୍ଚନା ପରେ ବୋଇତକୁ ଧରି ଗ୍ରାମ ପରିକ୍ରମା କରୁଛନ୍ତି ଗ୍ରାମବାସୀ।

**ଗ୍ୟାସ ଲିକ୍‌ରୁ ନିଆଁ ଲାଗିଲା**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ ଅନ୍ତର୍ଗତ ସାଧୁପଡ଼ାର ବେଣୁଧର ମହାନ୍ତଙ୍କ ଭଡ଼ା ଘରେ ରହୁଥିବା ଗୋଲାପ ମହାନ୍ତଙ୍କ ଗ୍ୟାସ ସିଲିଣ୍ଡର ଲିକ୍ ହେବାରୁ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗର ଜତୀନ୍ଦ୍ର ଭୋଇ, ସୁଶାନ୍ତ ନାଏକ, ଚାନ୍ଦ୍ରଇ ସୋରେନ, ଜୟନ୍ତ ଟୁଡୁ ଦୀପକ କୁମାର ସାହୁ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ମିରିଖୋଜି ପଞ୍ଚାୟତ ଅସନବାହାଲି ଗ୍ରାମର ଅନାଦି ଚରଣ ମହାନ୍ତଙ୍କ ଖଳାରେ ଥିବା ପାଳଗଦାରେ ତାଙ୍କ ନାତି ନିଆଁ ଲଗାଇ ଦେବାରୁ ପାଳଗଦାଟି ସମ୍ପୂର୍ଣ୍ଣ ଜଳି ଯାଇଛି। ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

## ସଂକ୍ଷେପରେ

### ୧୫୦ଗ୍ରାମ୍ ବ୍ରାଉନସୁଗାର ଜବତ

ଜଳେଶ୍ୱର, ୧୯।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବ୍ରାଉନସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି। ଛୋଟ ଛୋଟ ବେପାରୀଙ୍କୁ



ପୋଲିସ ଧରି କାମ ସାରିଦେଉଥିବା ଏହାର ମୁଖ୍ୟ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଚଳାଇ ରଖିଛନ୍ତି। ଏବେ ନିଶା ବ୍ୟବସାୟୀମାନେ ସହର ଛାଡ଼ି ଗ୍ରାମାଞ୍ଚଳକୁ ନିଜର ସୁରକ୍ଷା କବଚ ଭାବେ ବାଛି ନେଇଛନ୍ତି। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଝାଡ଼େଶ୍ୱରପୁର ଅଞ୍ଚଳର ଜଣେ ଯୁବକ ଏକ ବାଇକ୍‌ରେ ୧୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ନେଇ ପଶ୍ଚିମବଙ୍ଗକୁ ଯାଉଥିବା ବେଳେ ଅଗ୍ରୱାଲା ଛକ ନିକଟରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତାକୁ କାବୁ କରିଥିଲା। ତାଙ୍କୁ ଗିରଫ କରାଯିବା ସହ ବ୍ରାଉନ୍‌ସୁଗାର ଜବତ କରାଯାଇଛି।

### ଟ୍ରାକ୍ଟର ଟାୟାର ଫାଟିବା ଘଟଣା ଚିକିତ୍ସାଧୀନ ନାବାଳକଙ୍କ ମୃତ୍ୟୁ

ସଜନାଗଡ଼, ୧୯।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ପଞ୍ଚଲିଙ୍ଗେଶ୍ୱର ରାସ୍ତା ମାନଗଡ଼ଠାରେ ଗତ ଗୁରୁବାର ଏକ ଟ୍ରାକ୍ଟର ଟାୟାରରେ ପ୍ରେସର ଦେବା ସମୟରେ ଚକା ଫାଟିଯିବାରୁ ଜଣେ ନାବାଳକ ଗୁରୁତର ହୋଇପଡିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଟାୟାର ଦୋକାନୀଙ୍କ ଅସାବଧାନତାରୁ ଏଭଳି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।
ଉକ୍ତ ନାବାଳକଙ୍କ ଘର ନୀଳଗିରି ଥାନା ଅଧୀନ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳ ମୂଳାବାଡ଼ିସାହିରେ। ଗୁରୁତର ଅବସ୍ଥାରେ ନାବାଳକଙ୍କୁ ପ୍ରଥମେ ନୀଳଗିରି ହସ୍ପିଟାଲ, ବାଲେଶ୍ୱର ମେଡ଼ିକାଲ ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

### ପୋଖରୀରେ ବୁଡ଼ି ଶିଶୁ ମୃତ

ଜଳେଶ୍ୱର, ୧୯।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ପାଇକସିଦା ପଞ୍ଚାୟତ ଅଧୀନ ତାଳଗଛିଆ ଗାଁର ପରେଶ ବେହେରାଙ୍କ ୩ବର୍ଷର ପୁଅ ଶୁକ୍ରବାର ପୋଖରୀ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି।
ସେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଅସାବଧାନତାବଶତଃ ଏକ ପୋଖରୀରେ ଖସିପଡିଥିଲେ। ନିକଟରେ କେହି ନ ଥିବାରୁ ଏ ସମ୍ପର୍କରେ କେହି ଜାଣି ପାରି ନ ଥିଲେ। ତାଙ୍କ ମା' କିଛି ସମୟ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା କେହି ଦେଖି ସଙ୍ଗେ ସଙ୍ଗେ ଉଦ୍ଧାର କରି ଜିକେଭଙ୍ଗର ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

କୁଆମରା,୧୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଅନ୍ତର୍ଗତ ଖିରିପଦା ହରିବଳଦେବ ଜୀଉ ଜଗନ୍ନାଥ ମନ୍ଦିର ୧୭ ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନିର୍ମଳ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଯଜ୍ଞ କାର୍ଯ୍ୟରେ ୧୨ଜଣ ବ୍ରାହ୍ମଣ ପୂଜା ପାଠ କରିଥିଲେ। ମନ୍ଦିର ପୂଜକ ପ୍ରବୋଧ କୁମାର ମିଶ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।



# କାର୍ତ୍ତିକ ପୂର୍ଣ୍ଣିମାରେ ଭାସିଲା ୧୬୦ଫୁଟ୍‌ର ବୋଇତ

ସୋର, ୧୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ମାଣତ୍ରୀ ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମାରେ ଭସାଯାଇଛି ୧୬୦ ଫୁଟ୍ ଲମ୍ବର ଡଙ୍ଗା। ଦୀର୍ଘ ୧୮ ବର୍ଷ ଧରି ଏହି ଗ୍ରାମର ମଦନମୋହନ ଜୀଉ ଯୁବକ ସଂଘ ପକ୍ଷରୁ ଏହି ଡଙ୍ଗା ଭସାଣ କରାଯାଉଛି। କ୍ଲବ ମୁଖ୍ୟ ସ୍ଥାନୀୟ ଅଞ୍ଚଳର ଶିଳ୍ପୀଙ୍କୁ ନେଇ ୧୫ ଦିନ ପୂର୍ବରୁ ଏହି ଡଙ୍ଗା ନିର୍ମାଣ ଆରମ୍ଭ କରିଥିଲେ। ଏହି ଡଙ୍ଗାରେ ଗୋବର୍ଦ୍ଧନ ପର୍ବତ ଶୋଭାପାଉଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏହି ଭସାଣି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ଆମ ଉତ୍କଳୀୟ ପ୍ରାଚୀନ ସଂସ୍କୃତି ଓ ଆର୍ଥିକ ସ୍ଥିତିର ନିଦର୍ଶନ ବୋଲି କହିଥିଲେ। ଏହି ଭସାଣି ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ମଦନମୋହନ ମନ୍ଦିର ପରିସରରେ ରୁଣ୍ଡ ହୋଇଥିଲେ।

# ଦିଅଁ ଦର୍ଶନ କରି ଭାବବିହ୍ୱଳ ହେଲେ ଶ୍ରଦ୍ଧାଳୁ

ବାରିପଦା ଅଫିସ,୧୯।୧୧

କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଣ ଓ ଠାକୁରଙ୍କ ଦର୍ଶନ ଲାଗି ମୟୂରଭଞ୍ଜ ଜିଲାର ପ୍ରମୁଖ ମନ୍ଦିର ଏବଂ ଜଳାଶୟରେ ଶୁକ୍ରବାର ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ବାରିପଦା ହରିବଳଦେବ ଜୀଉ ଓ ମା' ଅମ୍ବିକାଙ୍କ ମନ୍ଦିରରେ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ଭକ୍ତ ଦିଅଁ ଦର୍ଶନ କରି ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଓ ଅଷ୍ଟମ ପ୍ରହର ନାମ ଯଜ୍ଞ ସହିତ ଭଜନ କୀର୍ତ୍ତନ ଦଳ ନଗର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା। ଜିଲାର ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦନାଥଙ୍କ ପୀଠରେ ପଞ୍ଚକର ସ୍ୱତନ୍ତ୍ର ପରମ୍ପରା ଅନୁଯାୟୀ ଏକାଦଶୀଠାରୁ ଆରମ୍ଭ ହୋଇଥିବା ଶିବ ଲିଙ୍ଗରେ ବେଲପତ୍ର ସହିତ ତୁଳସୀ ଲାଗି ଶୁକ୍ରବାର ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମହାଦେବଙ୍କ ସୁନାବେଶ ରୀତିନୀତିରେ ହୋଇଥିଲା। ସେହିପରି ଖିଚିଂ ସ୍ଥିତ କିଚେକଶ୍ୱରୀଙ୍କ ସୁନାବେଶ ଚଳିତବର୍ଷ ବନ୍ଦ ଥିବା ବେଳେ ଭକ୍ତମାନେ କୋଭିଡ଼ କଟକଣାରେ ମା'ଙ୍କ ଦର୍ଶନ କରିଥିଲେ।



ବାରିପଦାସ୍ଥିତ ହରି ବଳଦେବ ଜୀଉଙ୍କ ମନ୍ଦିରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

# କଟକଣା ନ ମାନି ଉତ୍ସବ ପାଳିଲେ

ବାସୁଦେବପୁର,୧୯।୧୧(ଡି.ଏନ.ଏ.)

- ଗମେଇ ନଦୀର ଗୋଟିଏ ପାର୍ଶ୍ୱରେ ବନ୍ଦ, ଅପରପାର୍ଶ୍ୱରେ ଉଲ୍ଲଂଘନ
- ୧୪୪ ଜାରି ସତ୍ତ୍ୱେ ବୋଇତ ଭସାଇଲେ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ପ୍ରବାହିତ ଗମେଇ ନଦୀର ଦୁଇପାର୍ଶ୍ୱରେ ପୃଥକ୍ ଭାବେ ବୋଇତ ବନ୍ଦାଣ ଉତ୍ସବ ପାଳନ ହୋଇଆସୁଥିବା ବେଳେ ଚଳିତବର୍ଷ ପ୍ରଶାସନ କଟକଣା ଲଗାଇଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗମେଇ ନଦୀପଠା ସଂଲଗ୍ନ ଅଞ୍ଚଳରେ ୧୪୪ ଜାରି କରି ବୋଇତ ବନ୍ଦାଣ ଉତ୍ସବ ପାଳନ ଉପରେ ରୋକ୍ ଲଗାଯାଇଥିଲା। ଏହି କଟକଣାକୁ ନ ମାନି ନଦୀର ଗୋଟିଏ ପାର୍ଶ୍ୱରେ ଉତ୍ସବ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ୧୪୪ ଜାରି ସତ୍ତ୍ୱେ ଗୋଟିଏ ବୋଇତ ବନ୍ଦାଣ କମିଟି ଉତ୍ସବ ପାଳନ କରିଥିବା ବେଳେ ଅନ୍ୟଟି ପ୍ରଶାସନର ନିୟମକୁ ମାନି ବନ୍ଦ ରଖିଛି।
ପ୍ରକାଶ ଯେ, ନଦୀର ଦକ୍ଷିଣ ପାର୍ଶ୍ୱରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଥିବା କମିଟି ଏଥିପାଇଁ ପ୍ରସ୍ତୁତି ସାରିଥିଲା। କିନ୍ତୁ ପ୍ରଶାସନର କଟକଣା ଯୋଗୁ ଉତ୍ସବ ପାଳନ କରିପାରି ନ ଥିବାରୁ ଆୟୋଜକ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପାର୍ଶ୍ୱରେ ନଦୀର ଉତ୍ତର ଦିଗରେ ଥିବା କମିଟି କଟକଣା ଉଲ୍ଲଂଘନ କରିଛି। ଏ ସମ୍ପର୍କରେ ତହସିଲଦାର ଅନିତା ନାୟକଙ୍କୁ ପଚାରିବାରୁ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉତ୍ସବ ପାଳନ ଉପରେ କଟକଣା ସହ ଶୁକ୍ରବାର ରାତି ୮ଟା ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯାଇଛି। ଏ ଦିଗରେ ତଦାରଖ ପାଇଁ ଅତିରିକ୍ତ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଥିବା ସେ କହିଥିଲେ।

# ବୋଇତ କଳା ପ୍ରତିଯୋଗିତା



ପ୍ରତିଯୋଗିତାରେ ପ୍ରଦର୍ଶିତ ଶ୍ରେଷ୍ଠ ୫ ବୋଇତ।

ବଡ଼ବିଲ,୧୯।୧୧(ସ୍ୱ.ପ୍ର.)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କେନ୍ଦୁଝର ଜିଲା ବଡ଼ବିଲ ସ୍ଥିତ କାରୋ ନଦୀ କୂଳରେ ଡଙ୍ଗା ଭସାଇବାକୁ ଲୋକଙ୍କ ସମାଗମ ହୋଇଥିଲା। ଅଞ୍ଚଳର ନୀଳାଦ୍ରି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବୋଇତ ବନ୍ଦାପନା କରାଯାଇ ଭସାଯାଇଥିଲା। ଏହି ବୋଇତ ବନ୍ଦାଣକୁ ଲୋକାଭିମୁଖୀ କରିବା ପାଇଁ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ କଳା କଳ୍ପନା ପକ୍ଷରୁ ପାରମ୍ପରିକ ବୋଇତ କଳା (ବୋଇତ ନିର୍ମାଣ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିବେଶ ପ୍ରଦୂଷଣ ରୋକିବା ଲାଗି ପ୍ରତିଯୋଗୀମାନଙ୍କୁ ପ୍ଲାଷ୍ଟିକ, ଥର୍ମୋକଲ ଓ ପଲିଥିନ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଥିଲା। ପ୍ରଦର୍ଶିତ ଆକର୍ଷଣୀୟ ବୋଇତ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଶ୍ରେଷ୍ଠ ୫ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମୂହ ବୋଇତ ବନ୍ଦାଣରେ ସମସ୍ତେ ଯୋଗ ଦେଇଥିଲେ।

# ବୈତରଣୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ପାଟଣା,୧୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ସକାଳୁ ବୈତରଣୀ ନଦୀର ଅନୁସୟା ଓ ରାଜନଗର ଶୈବ୍ୟାକାବେରୀ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ଏଥିସହ ଡଙ୍ଗା ଭସାଇଥିଲେ। ସେହିପରି ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ ସଂଲଗ୍ନ ପରମେଶ୍ୱର ଶିବମନ୍ଦିର, ଆନନ୍ଦେଶ୍ୱର, ସ୍ୱାମଶାସନ ସ୍ଥିତ ସୋମେଶ୍ୱର ମହାଦେବ ମନ୍ଦିର, ରାଜନଗର ଦଧିବାମନ ଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଜନଗର ଗ୍ରାମ ବୈତରଣୀ ନଦୀର ଶୈବ୍ୟାକାବେରୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜନଗର ବୋଇତ ବନ୍ଦାଣ କମିଟି ପକ୍ଷରୁ ୪୦ ଫୁଟ ଲମ୍ବ ଓ ୨୦ ଫୁଟ ଓସାରର ଏକ ବୋଇତକୁ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଜଗନ୍ନାଥ ନାଏକଙ୍କ ଦ୍ୱାରା ବନ୍ଦାଣ କାର୍ଯ୍ୟକ୍ରମ ପରେ ବୋଇତକୁ ନଦୀରେ ଭସାଯାଇଥିଲା। କମିଟି ପକ୍ଷରୁ ଧରଣୀଧର ଦାସ, ଦିଲୀପ ସିଂହ, ବାନି ସିଂହ, ପ୍ରତାପ ଚନ୍ଦ୍ର ରଣା, ଶରତ ଜ୍ୟୋତି କର, ଶ୍ରାବଣ କର, ଭାଗୀରଥି ସିଂହ, ବିଜୁ ସିଂହ, ମଣ୍ଟୁ ନାୟକ, ରାଜେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପାଟଣା ଏବଂ ତୁରୁମୁଙ୍ଗା ପୋଲିସ ପକ୍ଷରୁ ବୈତରଣୀ ନଦୀ ଓ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

ଢେଙ୍କିକୋଟ/ଆନନ୍ଦପୁର/ଚାନ୍ଦବାଲି, ୧୯।୧୧(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଢେଙ୍କିକୋଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଏଠାକାର ତୈଳିକ ସମାଜ ତଥା ବ୍ୟବସାୟୀଙ୍କ ଦ୍ୱାରା ଏହି ଉତ୍ସବ ପାଳନ କରାଯାଇଥିଲା। ସ୍ଥାନୀୟ ହାଇସ୍କୁଲସ୍ଥିତ ବିନ୍ଦୁ ସାଗରରେ ତୈଳିକ ସମାଜ ସଭାପତି ମୁରଲୀଧର ସାହୁ ଓ ତାଙ୍କ ସହଧର୍ମିଣୀ ସଂକଳ୍ପ କରିଥିବା ବେଳେ ପୂଜକ ବେଣୁଧର ଦାସଙ୍କ ଦ୍ୱାରା ବୋଇତ ପୂଜା କରାଯାଇଥିଲା। ପରେ ସମାଜର ମା' ଓ ଭଉଣୀ ବନ୍ଦାପନା କରି ବୋଇତକୁ ପାଣିରେ ମେଲାଣି ଦେଇଥିଲେ। ତୈଳିକ ସମାଜର ବିଶରଞ୍ଜନ ପୃଷ୍ଟି ଓ ରାଜକିଶୋର ସାହୁଙ୍କ ନେତୃତ୍ୱ ନେଇଥିଲେ। ବରିଷ୍ଠ ସଦସ୍ୟ ଭୀମସେନ ସାହୁ, ସାରଙ୍ଗଧର ସାହୁ, ଚିତ୍ତରଞ୍ଜନ ସାହୁ, ସରୋଜ ସାହୁ, ଲଲାଟେନ୍ଦୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଘସିପୁରା ସ୍ଥିତ ବୈତରଣୀ ନଦୀର ଝାଡ଼େଶ୍ୱର ଘାଟରେ କଳାକାରମାନଙ୍କୁ ନେଇ ନୃତ୍ୟଶିଳ୍ପୀ ଯଦୁନାଥ ଓଝାଙ୍କ ସଂଯୋଜନାରେ ଉତ୍ସବ ପାଳନ କରାଯାଇଥିଲା। ଚାନ୍ଦବାଲି ସାଂସ୍କୃତିକ ପରିଷଦ ପକ୍ଷରୁ କଳିଙ୍ଗ ପ୍ରବେଶ ପଥ ଚାନ୍ଦବାଲିଠାରେ ବୋଇତ ବନ୍ଦାଣ ଅବସରରେ 'ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ୱର୍ଣ୍ଣିମ ସ୍ୱାକ୍ଷର ଓ ଐତିହ୍ୟର ଉତ୍ତରଣ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ଶାନ୍ତନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ରାଜକନିକା ଏସ୍.ଏନ୍. ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବୈକୁଣ୍ଠ ପରିଡ଼ା, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଶିକ୍ଷକ ଅମୂଲ୍ୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ।



ଢେଙ୍କିକୋଟରେ ବୋଇତକୁ ବନ୍ଦାପନା କରାଯାଉଛି।

# ପାନୀୟଜଳ ଯୋଗାଣର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ସୋର, ୧୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଗ୍ରାମ୍ୟ ଉନ୍ନୟନ ଡାକବଙ୍ଗଳା ପରିସରରେ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମର ଜିଲାସ୍ତରୀୟ ସମୀକ୍ଷା କରିଛନ୍ତି କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ। ବୈଠକରେ ବାଲେଶ୍ୱର, ସୋର, ସିମୁଳିଆ, ଖଇରା ଓ ଔପଦା ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସୂଚନା ପ୍ରଦାନ କରିଥିଲେ। ଏବେ ୫୨ ପାନୀୟଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ମାତ୍ର ଭୋଗରାଇରେ ଗୋଟିଏ କାର୍ଯ୍ୟକାରୀ ହେଉଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ମନ୍ତ୍ରୀ ଟୁଡୁ ଅସନ୍ତୋଷ ପ୍ରକାଶ କରିଥିଲେ।
ସୋର ବ୍ଲକ ଜଳକଷ୍ଟ ପାହାଡତଳି ଅଞ୍ଚଳରେ ପାନୀୟଜଳ ଯୋଗାଣ ପାଇଁ ସିନ୍ଧୁଆ ଡ୍ୟାମ୍ ପ୍ରୋଜେକ୍ଟ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ନାୟକ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ। ଏହି ଅବସରରେ ରାକେଶ ମଲ୍ଲିକଙ୍କ ନେତୃତ୍ୱରେ ଦଳୀୟ ନେତ୍ରୀ ମନୀଷା ଚିନ୍ମୟୀ ବେହେରା, ଜିଲା ସାଧାରଣ ସମ୍ପାଦକ ଈଶ୍ୱର ବେହେରା, ଭଜହରି ପୃଷ୍ଟି, କୃଷକ ମୋର୍ଚ୍ଚା ସଭାପତି କୈଳାସ ବାରିକ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା, ରାଜ୍ୟ ପରିଷଦ ସଦସ୍ୟ ମାଧବ ଧଡା, ସଞ୍ଜୀବ ରାଉଳ, ଖଗେନ୍ଦ୍ର ପ୍ରଧାନ, ଗଣେଶ ଦାସ, ସନ୍ତୋଷ ସାହୁ, ଶ୍ରୀଧର ମହାପାତ୍ର, ମନୋରମା ମଲ୍ଲିକ, ପୂଜା ତରେଇ ଓ ସିଦ୍ଧାର୍ଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହାବିଲଦାରଙ୍କ ସମେତ ୪ ଗିରଫ

**ଲୁହାପଥର ଚୋରା ଚାଲାଣ ଘଟଣା**

ଯୋଡ଼ା,୧୯।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଚୋରା ଲୁହାପଥର କାରବାରକୁ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି। ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଅଞ୍ଚଳରୁ ଗତ ୧୭ତାରିଖ ବିଳମ୍ବିତ ରାତିରେ ଲୁହାପଥର ଚୋରାଚାଲାଣ ବେଳେ ଟାସ୍କ ଫୋର୍ସ ଚଢ଼ାଉ କରି ୪ ଟ୍ରକ୍ ଜବତ ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଯୋଡ଼ା ଥାନାରେ କାର୍ଯ୍ୟରତ ହାବିଲଦାର ବଳରାମ ସେଠୀ, ଯୋଡ଼ାରେ ରହି ମିସ୍ତ୍ରି କାମ କରୁଥିବା ସଞ୍ଜୟ ଶର୍ମା ଏବଂ ଚୋରା କାରବାରରେ ନିୟୋଜିତ ବୋଲେରୋ ମାଲିକ ସୁରେଶ ପାତ୍ର, ଡ୍ରାଇଭର ଦେବାନନ୍ଦ ପାତ୍ର। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ବାଂଶପାଣି ଅଞ୍ଚଳରେ ଗଚ୍ଛିତ ଥିବା ଲୁହାପଥରକୁ ୪ ଟ୍ରକ୍‌ରେ ବୋଝେଇ କରାଯାଉଥିବା ବେଳେ ଟାସ୍କଫୋର୍ସ ଚଢ଼ାଉ କରି ଟ୍ରକ୍ ଓ ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ ଜବତ କରିଥିଲା। ଏହି ସମୟରେ ହାବିଲଦାର ସେଠୀଙ୍କ ଫୋନ କଲ୍ ଆସିଥିଲା। ଟାସ୍କଫୋର୍ସର ନେତୃତ୍ୱ ନେଉଥିବା ଏସ୍‌ଆଇ ବିଶ୍ୱଜିତ ବେହେରା କଲ୍ ରିସିଭ୍ କରିଥିଲେ। ପରେ ଅଧିକ ତଦନ୍ତରୁ ହାବିଲଦାର ସେଠୀ ଅଭିଯୁକ୍ତମାନଙ୍କୁ ସାହାଯ୍ୟ କରୁଥିବା ଜଣାପଡ଼ିଥିଲା। ଏନେଇ ଯୋଡ଼ା ଥାନାରେ ମାମଲା(ନଂ.୧୮୪/୨୧) ରୁଜୁ ହୋଇଛି।

# କଟକଣାରେ ସମ୍ପନ୍ନ ହେଲା ହରଗୌରୀ ବେଶ

ଆରଡ଼ି, ୧୯।୧୧ (ଡି.ଏନ.ଏ.): ପ୍ରସିଦ୍ଧ ଶୈବପୀଠ ଭଦ୍ରକ ଜିଲା ଆରଡ଼ିର ଆଖଣ୍ଡଳମଣି ମନ୍ଦିରରେ ଶୁକ୍ରବାର ରାହାସ ପୂର୍ଣ୍ଣିମାରେ କଟକଣା



ମଧ୍ୟରେ ହରଗୌରୀ ବେଶ ସମ୍ପନ୍ନ ହୋଇଥିଲା। ବାବା ଆଖଣ୍ଡଳମଣିଙ୍କୁ ହର ଏବଂ ମାତା ପାର୍ବତୀଙ୍କୁ ଗୌରୀ ବେଶରେ ସଜ୍ଜିତ କରାଯାଇଥିଲା। ଭୋର ୪ଟା ୩୦ରେ ମନ୍ଦିର ପହଡ଼ ଖୋଲାଯାଇଥିଲା। ମଙ୍ଗଳ ଆଳତି ପରେ ବାବାଙ୍କ ପଞ୍ଚାନନ ବେଶ କରାଯାଇଥିଲା। ଦିନତମାମ ନୀତିକାନ୍ତି ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୫ଟାରେ ହରଗୌରୀ ବେଶ କରାଯାଇଥିଲା। ଏହି ବେଶରେ ପିତ୍ତଳ ଓ ରୁପାରେ ନିର୍ମିତ ଚକ୍ଷୁ, ନାସା, କର୍ଣ୍ଣ, ଅଧର, ହାର, ମୁକୁଟ ଆଦି ବ୍ୟବହାର କରାଯାଇଥିଲା। ପୂର୍ବବର୍ଷ ପରି ଚଳିତବର୍ଷ ବାବାଙ୍କର ଏହି ଦୁର୍ଲ୍ଲଭ ବେଶକୁ ଶ୍ରଦ୍ଧାଳୁମାନେ ଦେଖିପାରିଲେନି। ପୀଠରେ ୧୪୪ ଧାରା ବଳବତ୍ତର ଥିବାରୁ ମନ୍ଦିର ଫାଟକରେ ତାଲା ପଡ଼ିଥିଲା। ସେହିପରି କଟକଣା ଯୋଗୁ ଏବର୍ଷ ଶ୍ରଦ୍ଧାଳୁମାନେ ଶିବଗଙ୍ଗା ପୁଷ୍କରିଣୀରେ ଡଙ୍ଗା ଭସାଇପାରି ନାହାନ୍ତି।

# ଭଦ୍ରକରେ ହେବ ଦ୍ୱିତୀୟ କୁସୁମା

**ଭଦ୍ରକ ଅଫିସ,୧୯।୧୧:** ଭଦ୍ରକ ସହର ଉପକଣ୍ଠ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଦ୍ୱିତୀୟ କୁସୁମା ସ୍ଥାପନ ହେବ। ଯାଜପୁର ସହରରେ ଥିବା କୁସୁମା ପୋଖରୀ ଭଳି ଏଠାରେ ଅନ୍ୟ ଏକ କୁସୁମା ପୋଖରୀ ୩୬ ଏକର ଜାଗାରେ କରାଯିବ। ବୋଟିଂ ସୁବିଧା ସହ ପିଲାଙ୍କ ମନୋରଞ୍ଜନ ପାଇଁ ବ୍ୟବସ୍ଥା ରହିବ। ଶୁକ୍ରବାର ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ସହଯୋଗୀମାନଙ୍କ ସହ ସ୍ଥାନ ନିରୂପଣ କରି ଫେରିଛନ୍ତି। ଏନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଧାନ ସଂଗ୍ରହ ଲାଗି ତାରିଖ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ

କେନ୍ଦୁଝର,୧୯।୧୧ (ସ୍ୱ.ପ୍ର./ଡି.ଏନ.ଏ.)

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

କେନ୍ଦୁଝର ଜିଲାରେ ୨୦୨୧-୨୨ ଖରିଫ ବର୍ଷର ଏଫଏକ୍ୟୁ ମାନର ଧାନ ସଂଗ୍ରହ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୃଙ୍ଖଳିତ ଭାବେ ଧାନ ସଂଗ୍ରହ ପ୍ରକ୍ରିୟା ପରିଚାଳନା ନିମନ୍ତେ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ତଥା କୌଣସି ପଞ୍ଜୀକୃତ ଚାଷୀ ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ କିମ୍ବା ପ୍ରାପ୍ୟ ପାଇବାରେ ହଇରାଣ ହରକତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ବୈଠକରେ ଧାନ ସଂଗ୍ରହର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ବ୍ଲକ ୱାରି ଧାନ ସଂଗ୍ରହ ଆରମ୍ଭ ନିମନ୍ତେ ତାରିଖ ଧାର୍ଯ୍ୟ କରିବାକୁ ବେସାମରିକ ଯୋଗାଣ ଅଧିକାରୀ ଏବଂ ଡିଆରସିଏସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଧାନ ସଂଗ୍ରହ ଆଗାମୀ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଲ୍ୟାମ୍ପସ୍ / ସମବାୟ ସମିତି ଜରିଆରେ ଧାନ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ମିଲର୍, ଯୋଗାଣ ଓ ସମବାୟ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ଏବଂ ଧାନ ସଂଗ୍ରହ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ସାଧାରଣ ଏଫଏକ୍ୟୁ ମାନ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏଫଏକ୍ୟୁ ଗ୍ରେଡ୍ ଏ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ ସୂଚନା ଦେଇଥିଲେ। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟ, ଆନନ୍ଦପୁର ଉପଜିଲାପାଳ ଗୋପୀନାଥ କୁଅଁର, ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ମିଲର ଏବଂ ଚାଷୀ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ରାଜଗାଙ୍ଗପୁର,୧୯।୧୧(ଡି.ଏନ.ଏ):** ହାତୀ ଆକ୍ରମଣରେ ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଡୁଡି ପଞ୍ଚାୟତ ବରଗଡା ଫାରସାଢ଼ିପା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାବଲ ବର୍ଜୋ (୭୨)। ସେ ଶୁକ୍ରବାର ସନ୍ଧ୍ୟା ସମୟରେ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ଏକ ଜଙ୍ଗଲି ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ସାବଲଙ୍କ ମୃତ୍ୟୁ ଘଟିଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଲହୁଣୀପଡ଼ା,୧୯।୧୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ କମାରପୋଷ ଗ୍ରାମର ଗଣନାଥ ମୁଣ୍ଡା ଶୁକ୍ରବାର ଏକ କଞ୍ଚା ବାଉଁଶ ମାଟିରେ ପୋତୁଥିବା ବେଳେ ଉପରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଗୁରୁତର ଆହତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେ. ବଲାଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସ୍କୁଲରୁ ଚୋରି, ଥାନାରେ ଏତଲା

**ବଡଗାଁ,୧୯।୧୧(ଡି.ଏନ୍.ଏ):** ବଡଗାଁ ଥାନା ଅନ୍ତର୍ଗତ ଭୋଇପାଲି ସ୍ଥିତ ଜଙ୍ଗାବଡଦେଓ ଇଂଲିଶ ମାଧ୍ୟମ ଆବାସିକ ବିଦ୍ୟାଳୟରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟର ଟିଭି, ଷ୍ଟାଣ୍ଡ, ଛାତ୍ରୀଛାତ୍ରଙ୍କ ବାକ୍ସ ଭାଙ୍ଗି ଚୋରି କରି ନେଇଛନ୍ତି। ସେହିପରି ସିଲିଂ ଫ୍ୟାନ୍, ଗ୍ୟାସ ଟାଙ୍କି, ଷ୍ଟୋଭ, ରୋଷେଇ ସାମଗ୍ରୀ ଚୋରି ହୋଇଛି। ଶୁକ୍ରବାର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିଲିରଞ୍ଜିତା ମିଞ୍ଜ ଏ ନେଇ ବଡଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ରାଜଗାଙ୍ଗପୁର,୧୯।୧୧(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ତଥା ଲାଞ୍ଜିବେଣ୍ଣା ଫାଣ୍ଡି ଅଧୀନ କୁକୁଡାଠାରେ ଗୁରୁବାର ଏକ ବାଇକ୍ ଡମ୍ଫର ସହିତ ପିଟି ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେଶ ତିର୍କୀ (୩୬)। ପୋଲିସ ଏକ ମାମଲା (ନଂ.୪୧୯/୨୧) ରୁଜୁ କରି ଡମ୍ଫରକୁ ଜବତ କରିଛି। ସୂଚନା ଅନୁସାରେ, ଗୁରୁବାର ରାଜେଶ ନିଜ ବାଇକ୍ (ନଂ.ଓଡ଼ି୧୬ଏଚ୍/୧୪୫୫) ଯୋଗେ ନିଜ ଘର କେସରମାଲ ପଞ୍ଚାୟତ କୋଡପଡା ଯାଉଥିବା ସମୟରେ କୁକୁଡା ଠାରେ ଏକ ଡମ୍ଫର (ନଂ.ଓଡ଼ି୧୬ଏଚ୍/୦୩୪୮) ସହିତ ପିଟି ହୋଇଥିଲା। ସ୍ଥାନୀୟ ଲୋକେ ରାଜେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ଆରଜିଏଚ୍ ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୨ଟା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏ ନେଇ ତଦନ୍ତ ଜାରି ରହିଥିବା ଲାଞ୍ଜିବେଣ୍ଣା ଫାଣ୍ଡି ଅଧିକାରୀ କୈଳାଶ ମୁଣ୍ଡା କହିଛନ୍ତି।

### ରାଜଗାଙ୍ଗପୁରରେ ବୋଇତ ବନ୍ଦାଣ

**ରାଜଗାଙ୍ଗପୁର,୧୯।୧୧(ଡି.ଏନ.ଏ):** ରାଜଗାଙ୍ଗପୁର ନୀଳଚକ୍ର ଶାଖା ସଭାପତି ତଥା ପୂର୍ବତନ ପୌରାଧକ୍ଷା ଶଶିରେଖା ସାମଲଙ୍କ ନେତୃତ୍ୱରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସୋଲର ବୋଇତ ନିର୍ମାଣ କରି ବାବା ପୋଖରୀରେ ପୂଜାର୍ଚ୍ଚନା ପରେ ଭସାଯାଇଥିଲା।

### ଷ୍ଟିଲ ସିଟିରେ ବୋଇତ ବନ୍ଦାଣ ଉତ୍ସବ

**ରାଉରକେଲା ଅଫିସ,୧୯।୧୧:** ଷ୍ଟିଲ୍ ସିଟି ରାଉରକେଲାରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ କୋଭିଡ କଟକଣା ମଧରେ ଶୁକ୍ରବାର ପାଳିତ ହୋଇଛି। ଭୋର୍ ସମୟରେ ବୋଇତ ଭସାଣ ପାଇଁ ଗୋପବନ୍ଧୁ ପାଲ୍ଲୀ ପୋଖରୀ, ବେଦବ୍ୟାସ ବ୍ରାହ୍ମଣୀଘାଟ, ବୈକୁଣ୍ଠ ଘାଟ, ଝିରପାଣି ଘାଟ, ବାଲୁଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ସେକ୍ଟର-୨ ସ୍ଥିତ ଦୁର୍ଗାପୂଜା ପଡ଼ିଆରେ ସାଧାରଣ ସମ୍ପାଦକ ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ୩୧ତମ ବୋଇତ ବନ୍ଦାଣ ଉତ୍ସବ ହୋଇଥିଲା। ଏଥିରେ ସେକ୍ଟର-୩ ଥାନାଧିକାରୀ ଦେବଜାନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆରଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ନାରାୟଣ ପତି, ଚନ୍ଦ୍ରଶେଖର ଶତପଥୀ, ଅଧ୍ୟକ୍ଷ ସୁନୀଲ କଯ୍ୟାଲ, ପ୍ରବନ୍ଧକ ହୀରାଲାଲ ମହାପାତ୍ର, ଶିଳ୍ପପତି ନିହାରିକା ବଡ଼ିଆ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ସେହିପରି ନ୍ୟାଶନାଲ କ୍ଲବ ପରିସରରେ ଏକ କୃତ୍ରିମ ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ଇବ୍ ନଦୀଘାଟରେ ବୋଇତ ବନ୍ଦାଣ

**ସୁନ୍ଦରଗଡ/ ବଡଗାଁ, ୧୯।୧୧ (ଡି.ଏନ୍.ଏ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆ କା ମା ଭୈ ଧ୍ୱନିରେ ମୁଖରିତ ହୋଇଛି ଇବ୍ ନଦୀଘାଟ। ଶ୍ରଦ୍ଧାଳୁମାନେ ଶୁକ୍ରବାର ସକାଳୁ ସୁନ୍ଦରଗଡ ଜିଲାର ବିଭିନ୍ନ ନଦୀ ଓ ପୋଖରୀରେ ସ୍ନାନ କରି ଡଙ୍ଗା ଭସାଇଥିଲେ। ସୁନ୍ଦରଗଡ ସହରର ଇବ୍ ନଦୀର ବିଭିନ୍ନ ଘାଟ ଚଳଚଞ୍ଚଳ ହୋଇ ଉଠିଥିଲା। କାର୍ତ୍ତିକ ବ୍ରତଧାରୀଙ୍କ ସମେତ ସାଧାରଣ ଲୋକେ ପୂଜାର୍ଚ୍ଚନା କରି ଡଙ୍ଗା ଭସାଇଥିଲେ। ନଦୀପଠା ଶ୍ରଦ୍ଧାଳୁଙ୍କ ହୁଳହୁଳି, ଘଣ୍ଟ, ଶଙ୍ଖନାଦ ଓ ଆତସବାଜି ଧ୍ୱନିରେ ମୁଖରିତ ହୋଇଉଠିଥିଲା। ପରେ ଦେବାଳୟ ଗୁଡିକରେ ମଧ୍ୟ ଭିଡ ଦେଖିବାକୁ ମିଳିଥିଲା।


ଇବ୍ ନଦୀରେ ଶ୍ରଦ୍ଧାଳୁଙ୍କ ଡଙ୍ଗାଭସା ।

**ବଡ଼ଗାଁ(ଡି.ଏନ.ଏ.):** ବଡଗାଁ ବ୍ଲକ ଉତ୍କଳ ତୈଳିକ ବୈଶ୍ୟ ସମାଜ ୫୫୦ ଘର ଏବଂ ମଧୁବୈଶ୍ୟ ସମାଜ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। ଚର୍ତ୍ଦ୍ଦଶୀ ସନ୍ଧ୍ୟାରେ ପଣ୍ଡିତ ସ୍ୱପ୍ନେଶ୍ୱର ନାୟକ ଓ ମୁନୁ ପାଣିଗ୍ରାହୀଙ୍କ ଦ୍ୱାରା ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ସହିତ ମଙ୍ଗପୂଜା ସମ୍ପନ୍ନ ହୋଇଥିଲା। ଭୀକାରି ଚରଣ ସା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶୁକ୍ରବାର ସକାଳୁ ନଗର ପରିକ୍ରମା ସହିତ ବଦ୍ରିବିଶାଳ ପୋଖରୀରେ ବୋଇତ ଭସାଣ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ କାର୍ତ୍ତିକ ପଞ୍ଚୁକ ହବିଷାଳି ମହିଳାମାନଙ୍କ ଦ୍ୱାରା ଆକାଶଦୀପ ପ୍ରଜ୍ଜ୍ୱଳନ, ବିଷ୍ଣୁ ସହସ୍ର ନାମ, ଗାୟନ ଓ ପ୍ରସାଦ ସେବନ କରାଯାଇଥିଲା। ସମାଜର କର୍ମକର୍ତ୍ତା ଚକ୍ରଧର ପୃଷେଠ, ମନୋରଞ୍ଜନ ପୃଷେଠ, ସୁରେନ୍ଦ୍ର ସା କୌତୁକ ପୃଷେଠ, ଦିବ୍ୟଲୋଚନ ପୃଷେଠ, ଅଚ୍ୟୁତ ସାହୁ, ଶରତ ସାହୁ, ସ୍ୱାଧୀନ ପୃଷେଠ, ରଜା ସାହୁ, ଗଙ୍ଗାଧର ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫୁଟ୍‌ବଲ: ବେମଟା ଚାମ୍ପିୟନ

**ରାଉରକେଲା ଅଫିସ,୧୯।୧୧**

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ନୂଆଗାଁ ପୁରଣାପାଣି ଗ୍ରାମରେ ଜୋନାଲ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆରଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାରଖାନାର ବିତ୍ତ ଓ ଲେଖା ବିଭାଗ ମହାପ୍ରବନ୍ଧକ ଦିବାକର ପରିଡ଼ା, ସହରସେବା ବିଭାଗ ମହାପ୍ରବନ୍ଧକ ମୁନମୁନ ମିତ୍ର, ସିଇଓ ସଚିବାଳୟର ଉପମହାପ୍ରବନ୍ଧକ ପି. କେ ସାହୁ, ସିଏସ୍‌ଆର ବିଭାଗର ଉପମହାପ୍ରବନ୍ଧକ ଦୁଷ୍ମନ୍ତ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଇଦ୍ରିଷ କୁଲ୍ଲା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ବେମଟା ଗ୍ରାମ୍ୟ ଦଳ ଓ କୋଏଲ ସୂତାର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ବେମଟା ଦଳ ୨-୦ ଗୋଲରେ କୋଏଲ ସୂତାର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଚାମ୍ପିଅନ ଓ ରନର୍ସ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଏବଂ ତୃତୀୟ, ଚତୁର୍ଥ ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। କୋଏଲ ସୂତାର ଦଳର ରାଜ ଟିଗା, ବେମଟା ଦଳର ଅନୁପ ପ୍ରଧାନ ଓ ବିଶାଳ ଲାକ୍ରା, ଧନେଶ୍ୱର ପ୍ରଧାନଙ୍କୁ ଯଥାକ୍ରମେ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଶ୍ରେଷ୍ଠ ଗୋଲକିପର ଓ ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୁରସ୍କୃତ କରାଯାଇଥିଲା।

# ୧୩ ଛାତ୍ରୀଛାତ୍ରଙ୍କୁ ଆଇଟିଆଇ ଶିକ୍ଷା

**ସୁନ୍ଦରଗଡ,୧୯।୧୧(ଡି.ଏନ୍.ଏ)**

### ସୂଚନା ଦେଲା ଏନ୍‌ଟିପିସି

ସୁନ୍ଦରଗଡ ଜିଲା ଦର୍ଲିପାଲି ସ୍ଥିତ ଏନ୍‌ଟିପିସି ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପ ପକ୍ଷରୁ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକଳ୍ପ ପ୍ରଭାବିତ ବିସ୍ଥାପିତ ଗ୍ରାମବାସୀଙ୍କ ମଧ୍ୟରୁ ୧୩ଜଣ ଯୁବତୀ ଯୁବକଙ୍କ ପାଇଁ ମାଗଣା ଆଇଟିଆଇ ପାଠ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ମନୋନୀତ ଯୁବତୀଯୁବକ ଭୁବନେଶ୍ୱର ସ୍ଥିତ ସିପେଟ୍ ଶିକ୍ଷାନୁଷ୍ଠାନରେ ଇଲେକ୍ଟ୍ରିସିଆନ ଓ ଫିଟର ଟ୍ରେଡ୍‌ର ୨ବର୍ଷିୟା ପାଠ୍ୟକ୍ରମ ପଢିବେ। ସେମାନଙ୍କ ପାଇଁ ଏନଟିପିସି ତରଫରୁ ସମସ୍ତ ରହିବା, ଖାଇବା ଓ ପାଠପଢା ଖର୍ଚ୍ଚ ଆନୁମାନିକ ୩୦ଲକ୍ଷ ଟଙ୍କା ବହନ କରାଯିବ ବୋଲି ଶୁକ୍ରବାର ପ୍ରକଳ୍ପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପର ସିଜିଏମ୍ ଏ. କେ. ସମେୟାର ପ୍ରକାଶ କରିଛନ୍ତି। ମନୋନୀତ ଛାତ୍ରୀଛାତ୍ର କଠିନ ପରିଶ୍ରମ ଓ ନିଷ୍ଠା ରଖି ନିଜର କ୍ୟାରିୟର ଗଠନ କରି ପରିବାର ଓ ଗ୍ରାମର ସୁନାମ ରଖିବାକୁ ସମେୟାର ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଏମ୍ ବିଜୟ ଚାନ୍ଦ, ଟିକେ ବାଗେଶ୍ୱର ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ଉପକରଣ କିଟ୍ ପ୍ରଦାନ କରିଥିଲେ। ସିପେଟ୍‌ର ପର୍ସନାଲ ଅଧିକାରୀ ଅଭିମନ୍ୟୁ ବେହେରା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ଗହଣରେ ମନୋନିତ ଛାତ୍ରୀଛାତ୍ର।

## ତ୍ରିବେଣୀ ସଙ୍ଗମରେ ଆରତୀ ସମାରୋହ

**ସୋନପୁର,୧୯।୧୧(ନି.ପ୍ର.)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୁବର୍ଣ୍ଣପୁରର ପ୍ରାଚୀନ ଶୈବପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମ ତଥା ସ୍ୱର୍ଣ୍ଣ ପ୍ରୟାଗ ଠାରେ ୧୦ମ ବର୍ଷ ତ୍ରିବେଣୀ ସଙ୍ଗମ ଆରତୀ ମହାସମାରୋହରେ ପାଳନ ହୋଇଯାଇଛି। ଏଥିପାଇଁ ମୁଖ୍ୟ ଆୟୋଜକ ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମହନ୍ତ ଶ୍ରୀ ଗିରିବର ଦାସ ମହାରାଜା ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ମିଶ୍ର ସମ୍ମାନିତ ଅତିଥି ଅତିଥି ଭାବେ ଯୋଗଦେଇ ଆରତୀ ଅବସରରେ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ସହରବାସୀ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଧାତ୍ମିକତା, ମହାନଦୀ ଓ ତେଲନଦୀ ସହିତ ଅନ୍ୟାନ୍ୟ ନଦୀ ଗୁଡିକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଜନସଚେତନତା ସୃଷ୍ଟି କରା ଯାଇଥିଲା । ଏହି ଅବସରରେ

### ମେଘନାଦ ପାଣିଗ୍ରାହୀଙ୍କୁ ସୁବର୍ଣ୍ଣ ଗୌରବ ସମ୍ମାନ

ଅବସରପ୍ରାପ୍ତ ଶିକ୍ଷକ ତଥା ଆଚାର୍ଯ୍ୟ ମେଘନାଦ ପାଣିଗ୍ରାହୀଙ୍କୁ ସୁବର୍ଣ୍ଣ ଗୌରବ ସମ୍ମାନ ପ୍ରଦାନ କରା ଯାଇଥିଲା । ପୂଜକ ଶିବ ନାରାୟଣ ପୂଜାରୀ, ଗଣେଷ ଦାଶ, ସୁଶାନ୍ତ ପୁରୋହିତ ଓ ସଚ୍ଚିଦାନନ୍ଦ ଦଶ ମାତା ଚିତ୍ରୋତ୍ପଳାଙ୍କୁ ଆରତୀ ସମର୍ପଣ କରିଥିଲେ। ସୁଷମା ମିଶ୍ର ଓ ପୁରୁଷୋତ୍ତମ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶକ ପୁଷ୍ପକ ରାୟ ଓ ସାଥି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ନାଟ୍ୟଶ୍ରୀ ଗଦାଧର ବାରିକ, ଶ୍ରୀବତ୍ସ ମଲ୍ଲିକ, ବେଣୁଧର ପ୍ରଧାନ, ରଶ୍ମିରଞ୍ଜନ ମିଶ୍ର, ପଦ୍ମଲୋଚନ ମହଲା, ମନୋଜ ବାରିକ୍ ପ୍ରମୁଖ ସହଯୋଗ କରିଥିଲେ ।

## ବାଜି ମାରିଲେ ଏନ୍‌ଆଇଟି ଛାତ୍ରଦଳ

**ରାଉରକେଲା ଅଫିସ,୧୯।୧୧**

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଛାତ୍ର ପୁଣି ଅର୍ନ୍ତଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ଆମେରିକାର ଇନ୍‌ଷ୍ଟିଚ୍ୟୁଟ ଅଫ କେମିକାଲ ଇଞ୍ଜିନିୟର୍ସ (ଏଆଇସିଏଚ୍‌ଇ)ର ଅର୍ନ୍ତଜାତୀୟ କେମ୍-ଇ ଜିଓପାର୍ଡ଼ି ପ୍ରତିଯୋଗିତାରେ ଏହି ଅନୁଷ୍ଠାନର ଛାତ୍ର ବିରୁପା ପାତ୍ର, ସ୍ୱସ୍ତିକ ବ୍ରହ୍ମା, ମିଲେନ ସାମନ୍ତରାୟ, ସ୍ୱାଗତ ଶୁଭକାନ୍ତ ଦାସ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ, ଏଆଇସିଏଚ୍‌ଇ ହେଉଛି କେମିକାଲ ଇଞ୍ଜିନିୟରମାନଙ୍କୁ ନେଇ ବୃତ୍ତିଗତ ସଙ୍ଗଠନ । ଏଥିରେ ୧୧୦ଟି ଦେଶର ୬୦ ହଜାର ସଦସ୍ୟ ଅଛନ୍ତି। ଚଳିତବର୍ଷ ଏଆଇସିଏଚ୍‌ଇ ବାର୍ଷିକ ଛାତ୍ର ସମ୍ମିଳନୀ ବୋଷ୍ଟନରେ ଗତ ୬ରୁ୮ ତାରିଖ ଯାଏ ଅଫଲାଇନ୍‌ରେ ଚାଲିଥିବାବେଳେ ୧୫ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨ଶହରୁ ଅଧିକ ବିଶ୍ୱବିଦ୍ୟାଳୟର ରାସାୟନିକ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଫାଇନାଲ ରାଉଣ୍ଡରେ ଫେଡେରାଲ ୟୁନିଭର୍ସିଟି ଅଫ୍ ରିଓ ଡି. ଜେନେରିଓ (ୟୁ.ଏଫ.ଆର.ଜେ) ବ୍ରାଜିଲ ଓ ନ୍ୟାସନାଲ ୟୁନିଭର୍ସିଟି ଅଫ ଇଞ୍ଜିନିୟରିଙ୍ଗ (ୟୁଏନଆଇ) ପେରୁ ଦଳ ସହିତ ଏନ୍‌ଆଇଟି ଦଳର ପ୍ରତିଦ୍ୱନ୍ଦିତା ହୋଇଥିଲା।

## ଫାଇନାନ୍ସ ସଂସ୍ଥା ଏଜେଣ୍ଟଙ୍କୁ ଆକ୍ରମଣ କରି ଲୁଟ୍

**ଝାରସୁଗୁଡ଼ା ଅଫିସ,୧୯।୧୧**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ସାଗରପାଲି ସାହୁପଡା ନିକଟରେ ଗୁରୁବାର ବେଲପାହାଡ ଭରତ ମାଇକ୍ରୋ ଫାଇନାନ୍ସର ଜଣେ ଏଜେଣ୍ଟଙ୍କୁ ୨ଜଣ ଦୁର୍ବୃତ୍ତ ଆକ୍ରମଣକରି ଲୁଟ୍‌କରିଛନ୍ତି। ଏ ନେଇ ସଂସ୍ଥାର ଏଜେଣ୍ଟ ଦୁର୍ବଦଳ ଜଗଦଳା ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦୁର୍ବୃତ୍ତମାନେ ୭୦ ହଜାର ଟଙ୍କା, ଟାବ୍ଲେଟ୍ ଲୁଟି ନେଇଥିବା ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଦୁର୍ବଦଳଙ୍କୁ ପଚରାଉଚରା ଚଳାଇଛି। ପୋଲିସ ଘଟଣାସ୍ଥଳରୁ ଏକ ନକଲି ବନ୍ଧୁକ ଜବତ କରିଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ କହିଛନ୍ତି, ପୋଲିସ ଦୁର୍ବଦଳଙ୍କୁ ପଚରାଉଚରା କରୁଥିଲେ ମଧ ତାଙ୍କ କଥାରେ ତାଳମେଳ ରହୁନାହିଁ। ଫଳରେ ଘଟଣାର ସତ୍ୟାସତ୍ୟକୁ ନେଇ ଅଧିକ ତଦନ୍ତ ଚାଲିଛି। ଦୁର୍ବଦଳ ଋଣ ଟଙ୍କା ସଂଗ୍ରହକରି ଆସୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ପ୍ରଥମେ ବନ୍ଧୁକ ଦେଖାଇ ପରେ ବାଡିରେ ପଟିଥିଲେ । ଏଥିରେ ସେ ଆହତ ହୋଇଥିବାବେଳେ ତାଙ୍କ ବାଇକ୍ ଭାଙ୍ଗିରୁଜି ଯାଇଛି ।

## ବାର୍‌ହା ମାଂସ ଜବତ, ୨ ଗିରଫ

**ନାକଟିଦେଉଳ,୧୯।୧୧(ଡ଼ି.ଏନ୍.ଏ.)**

ନାକଟିଦେଉଳ ବନ ବିଭାଗ ଚଢାଉ କରି ଏହି ଥାନା ଅନ୍ତର୍ଗତ ସାହେବୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ୧କେଜି ବାର୍‌ହା ମାଂସ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାହେବୀ ଗ୍ରାମର ଛବିଳ ମାଝି ଓ ମହେଶ୍ୱର ସାହୁ। ବନବିଭାଗ ସୂଚନା ପାଇବା ପରେ ରେଢାଖୋଲ ଡ଼ିଭିଜନ ସ୍କ୍ୱାଡ୍, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଫରେଷ୍ଟର ସଞ୍ଜୟ କୁମାର ସାହୁପ୍ରମୁଖ ଗୁରୁବାର ରାତ୍ରିରେ ସାହେବୀ ଗ୍ରାମର ଛବିଳ ମାଝିଙ୍କ ଘରେ ଚଢାଉ କରି ବାର୍‌ହା ମାଂସ ଜବତ କରିଥିଲେ। ଏ ନେଇ ନାକଟିଦେଉଳ ବନ ବିଭାଗ ବନ୍ୟଜନ୍ତୁ ସୁରକ୍ଷା ଆଇନରେ ଏକ ମାମଲା ରୁଜୁ ହୋଇଛି।

# ଭାଜପାର ମିଶ୍ରଣ ପର୍ବ


ଭାଜପା ନେତୃବୃନ୍ଦଙ୍କ ସହ ଦଳରେ ସାମିଲ ହୋଇଥିବା କର୍ମୀ।

**ନାକଟିଦେଉଳ,୧୯।୧୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଡ଼ଙ୍ଗଁଚା ପଞ୍ଚାୟତ ହିନ୍ତରାଇ ଗ୍ରାମରେ ଶୁକ୍ରବାର ଭାଜପାର ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ନାକଟିଦେଉଳ ଜୋନ-୨ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଳି ବିଧାୟକ ନାଉରୀ ନାଏକ, ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଅନୀଲ କୁମାର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, ଜୋନ-୧ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ୧୨ କଂଗ୍ରେସ କର୍ମୀ ଓ ହିନ୍ତରାଇ ଗ୍ରାମର ପ୍ରାୟ ୩୭୦ଜଣ ଗ୍ରାମବାସୀ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର, ନାଉରୀ ନାଏକ ଓ ଦେବେନ୍ଦ୍ର ମହାପାତ୍ର ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଗ୍ରାମରେ ସେଭଳି କୌଣସି ବିକାଶ ହୋଇ ନ ଥିବା ବେଳେ ଗ୍ରାମ୍ୟ ଜଙ୍ଗଲକୁ ନେଇ ସୃଷ୍ଟି ହୋଇଥିବା ବିବାଦରେ ହିନ୍ତରାଇ ଗ୍ରାମକୁ ପ୍ରଶାସନ ଅଣଦେଖା କରିଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀ ଭାଜପାରେ ସାମିଲ ହୋଇଥିବା ନେଇ ଗ୍ରାମର ନରହରି ମାଝି କହିଛନ୍ତି।

## ସଇଡା ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

**କୁଚିଣ୍ଡା,୧୯।୧୧(ଡି.ଏନ.ଏ.)**

କୁଚିଣ୍ଡା ନିକଟସ୍ଥ ସଇଡା ଭେଡେନ ନଦୀଶଯ୍ୟାରେ ଚାଲିଥିବା ବାଲିଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ବରିଷ୍ଠ ଓକିଲ ହୃଦାନନ୍ଦ ଶର୍ମା, ହୃଷୀକେଶ ପଟେଲ, ଯୋଗ ଗୁରୁ ବାସୁଦେବ ତାଣ୍ଡିଆ, ଅବସରପ୍ରାପ୍ତ ଅଧକ୍ଷ ସୁବାସ ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଟିକେଶ୍ୱର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଲିଯାତ୍ରା ଓଡ଼ିଶା ସଂସ୍କୃତିର ପ୍ରତୀକ ବୋଲି କହିବା ସହିତ ବାଲିଯାତ୍ରା କବିତା ପାଠ କରିଥିଲେ। ଶେଷରେ ନିରଞ୍ଜନ ପୃଷେଠ ଧନ୍ୟବାଦ ଦେଇଥିଲେ। ବାଲିଯାତ୍ରା ସମ୍ପାଦକ ବିଶ୍ୱନାଥ କଣ୍ଡରା, କ୍ଷୀରୋଦ ସା, ପ୍ରଫୁଲ୍ଲ ନାୟକ, ଦିବ୍ୟ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳ ଫୁଟ୍‌ବଲ: ଲୁନ୍ଦୁରୁଡିହି ଚାମ୍ପିୟନ

**କୁଚିଣ୍ଡା,୧୯।୧୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ତମନଗୋଡାଠାରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତମନଗୋଡା ନେହେରୁ କ୍ଲବ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ଆଠଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମନ୍ତ୍ରୀମଣ୍ଡା ଦଳକୁ ୧-୦ ଗୋଲରେ ହରାଇ ଲୁନ୍ଦୁରୁଡିହି ଦଳ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ରାଜିନ କିସାନ, ମନୋଜ କିସାନ ଓ ତରଣୀ କିସାନ ଖେଳ ପରିଚାଳନା କରିଥିଲେ। ଖବରଦାତା ବିରଞ୍ଚି ଦର୍ଶାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟା ମମତା ପଟେଲ, ଭାଜପା ଆଦିବାସୀ ମୋର୍ଚ୍ଚା ସଭାପତି ଦିବ୍ୟରାଜ କିସାନ, ଜିଲା ପ୍ରବକ୍ତା ପିଙ୍କୁ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୪ହଜାର ଓ ରନର୍ସଅପ ଦଳକୁ ୩ ହଜାର ଟଙ୍କା ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ। କ୍ଲବ ସଭାପତି ଧନସ୍ତ୍ରୀ କିସାନ, ସମ୍ପାଦକ କିଶୋର କିସାନ, ଭିକ କିସାନ, ଭୁଲେଶ୍ୱର ଗୌଡ, ବିକାଶ କିସାନ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ସହ ଖେଳାଳିମାନେ।

# ଶିଶୁ ଜୀବନ ଗଠନରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା ଅଫିସ,୧୯।୧୧**

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ଓଡିଶା ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଓ ଓଡିଶା ସଙ୍ଗୀତ ଏକାଡ଼େମୀ ଆନୁକୂଲ୍ୟରେ ଆୟୋଜିତ ଶିଶୁ ନାଟକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଅରୁଣ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଜୀବନ ଗଠନରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ରାଉରକେଲା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ର ନାଥ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୁରୁବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମର ଶେଷ ଦିନରେ ୪ଟି ନାଟକ ପରିବେଷଣ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ବିଭିଷଣ ବାରିକଙ୍କ ନିର୍ଦ୍ଦେଶିତ 'ଆମ ଗାଁ ସୁନ୍ଦର' ନାଟକକୁ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ସେହିପରି ପ୍ରମିଳା ଜେନାଙ୍କ


ଶିଶୁମାନେ ନାଟକ ପରିବେଷଣ କରୁଛନ୍ତି।

ନିର୍ଦ୍ଦେଶନାରେ ରାଉରକେଲା ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ 'ଏକ ନୂଆ ସକାଳ ଅପେକ୍ଷାରେ' ନାଟକ ପରିବେଷଣ କରିଥିଲେ। ଜଗଦା ସ୍ଥିତ ପ୍ରଗତି ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଅମଣିଷ' ନାଟକ ନରହରି ପଣ୍ଡାଙ୍କ ନିର୍ଦ୍ଦେଶରେ ପରିବେଷଣ କରାଯାଇଥିଲା। ଶେଷରେ ଦୀପିକା ପ୍ରାଇମେରୀ ସ୍କୁଲ ଦ୍ୱାରା ମାମି ଚୌଧୁରୀଙ୍କ ନିର୍ଦ୍ଦେଶନାରେ 'ଭବିଷ୍ୟତ' ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ଶିଶୁର ମାନସିକ ବିକାଶ ନାଟକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡ. ସଞ୍ଜୟ ହାତୀ, ନାରାୟଣ ପତି, ପ୍ରଫୁଲ୍ଲ ସେଠୀ, ଡ. ସମର ମୁଦାଲି, ସଚିତ୍ର ମହାନ୍ତି ଓ ଅଶୋକ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଘର କିଣିବା ମହଙ୍ଗା ହେବ

ଭୁବନେଶ୍ୱର,୧୯।୧୧

■ନିର୍ମାଣ ସାମଗ୍ରୀ ମୂଲ୍ୟ ବୃଦ୍ଧି ଚିନ୍ତା
■ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା କ୍ରେଡାଇ



କରୋନା ମହାମାରୀ ଦ୍ୱାରା ଦେଶର ରିୟଲ ଇଷ୍ଟେଟ କ୍ଷେତ୍ର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ବର୍ତ୍ତମାନ ନିର୍ମାଣ ସାମଗ୍ରୀ ମୂଲ୍ୟ ବୃଦ୍ଧି ଶିଳ୍ପର ଚିନ୍ତାକୁ ବଢ଼ାଇଛି। ବାଲି, ସିମେଣ୍ଟ, ଷ୍ଟିଲ ଏବଂ ପରିବହନ ଭଳି ଖର୍ଚ୍ଚ ବଢ଼ିବା ଯୋଗୁ ଏହାର ପ୍ରଭାବ ରିୟଲ ଇଷ୍ଟେଟ ପ୍ରକଳ୍ପ ଖର୍ଚ୍ଚ ଉପରେ ସିଧାସଳଖ ପଡୁଛି। ଫଳରେ ଗ୍ରାହକଙ୍କ ଲାଗି ଘର କିଣିବା ଆହୁରି ମହଙ୍ଗା ହେଉଥିବା ଜଣାପଡ଼ିଛି। ଏହି ସ୍ଥିତି ଲାଗି ରହିଲେ ଶିଳ୍ପ ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇବ ବୋଲି ରିୟଲ ଇଷ୍ଟେଟ ଶିଳ୍ପ ପକ୍ଷରୁ ଆଶଙ୍କା ପ୍ରକଟ କରାଯାଇଛି।

ଇସ୍ପାତ ମୂଲ୍ୟ ଗତ ବର୍ଷ ୪୩ରୁ ୪୮ ହଜାର ଟଙ୍କା ଥିବା ବେଳେ ଏହା ବର୍ତ୍ତମାନ ପ୍ରାୟ ୬୫ ହଜାର ଟଙ୍କାକୁ ବଢ଼ିଛି। ସେହିଭଳି ସିମେଣ୍ଟର ମୂଲ୍ୟ ପ୍ରାୟ ୩୫୦ ଟଙ୍କା ଛୁଇଁଛି। ଏହାବାଦ ଟାଇଲ୍ସ, ଇଲେକ୍ଟ୍ରିକାଲ ସାମଗ୍ରୀ, ଫାବ୍ରିକେଶନ ମାଟେରିଆଲ, ପେଣ୍ଟିଂ ସାମଗ୍ରୀ, ପାଇପ ଏବଂ ସାନିଟାରି ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିବା ଯୋଗୁ ଶିଳ୍ପ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଫ୍ଲାଟ୍‌ର ଚୂଡ଼ାନ୍ତ ଖର୍ଚ୍ଚ ଉପରେ ଏହା ପଡିବାରୁ ଗ୍ରାହକଙ୍କ ଉପରେ ବୋଝ ହେଉଛି। ଓଡ଼ିଶାରେ ନିର୍ମାଣ ଖର୍ଚ୍ଚ ପ୍ରାୟ ୫୦% ବୃଦ୍ଧି ପାଇଛି। ଫଳରେ ରିୟଲ ଇଷ୍ଟେଟ ଡେଭଲପରଙ୍କୁ ଅତିରିକ୍ତ ଖର୍ଚ୍ଚ ଉଠାଇବାକୁ ପଡୁଛି। ଫ୍ଲାଟ୍ ୟୁନିଟ ପିଛା ପ୍ରାୟ ୮ରୁ ୧୦ ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଆକଳନ କରାଯାଇଛି। ସେହିଭଳି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ପରିବହନ ଖର୍ଚ୍ଚକୁ ବଢ଼ାଇଛି।

ରିୟଲ ଇଷ୍ଟେଟ ରେଗୁଲେଶନ ଆଣ୍ଡ ଡେଭଲପମେଣ୍ଟ ଆଇନ (ରେରା) ମୁତାବକ ବିଲ୍ଡର ଗ୍ରାହକଙ୍କ ସହ ଚୁକ୍ତି କରିଛନ୍ତି। ନୂଆ ପ୍ରକଳ୍ପ ଲାଗି ବର୍ଦ୍ଧିତ ଖର୍ଚ୍ଚ କଲେ ଏହା ମିଳିପାରିବ। ମାତ୍ର ପୁରୁଣା ଏଗ୍ରିମେଣ୍ଟ ଲାଗି ଏଭଳି ସୁବିଧା ନ ଥିବାରୁ ଡେଭଲପର କ୍ଷତି ସହୁଥିବା ଶିଳ୍ପ ପକ୍ଷରୁ କୁହାଯାଇଛି। ଏହି ପ୍ରସଙ୍ଗକୁ ନେଇ ଶିଳ୍ପ ପକ୍ଷରୁ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ସରକାର ସମସ୍ୟାକୁ ବିଚାର କରନ୍ତୁ ବୋଲି ନିବେଦନ କରାଯାଇଛି। କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନର ସଭାପତି କାନ୍ତିଲାଲ ପଟେଲ କହିଛନ୍ତି, ରିୟଲ ଇଷ୍ଟେଟ କ୍ଷେତ୍ରର ରାଜ୍ୟ ଜିଡିପି ଏବଂ ନିଯୁକ୍ତି କ୍ଷେତ୍ରକୁ ପ୍ରମୁଖ ଯୋଗଦାନ ରଖୁଛି। କରୋନା ମହାମାରୀ ଏବଂ ଲକ୍‌ଡାଉନ ଯୋଗୁ ଶ୍ରମିକ ସମସ୍ୟା, କଞ୍ଚାମାଲ ଅଭାବ ଦେଖାଯାଇଛି। ଯେଉଁ ଘରଗୁଡ଼ିକୁ ପ୍ରସ୍ତୁତ ହୋଇଛି ତାକୁ ବିକ୍ରି କରିବା ଲାଗି ସମସ୍ୟା ଉପୁଜିଛି। ମହାମାରୀ ସ୍ଥିତି ସୁଧୁରିବା ବେଳେ ରିୟଲ ଇଷ୍ଟେଟ କ୍ଷେତ୍ର ସ୍ୱାଭାବିକ ହେବାକୁ ଚେଷ୍ଟା ଜାରି ରଖିଛି। ମାତ୍ର ବର୍ତ୍ତମାନ ବିଭିନ୍ନ କଞ୍ଚାମାଲ ମୂଲ୍ୟ ବୃଦ୍ଧି ଯୋଗୁ ବଡ଼ ସମସ୍ୟା ସୃଷ୍ଟି ହୋଇଛି।

ସଂଘର ସାଧାରଣ ସମ୍ପାଦକ ଉମେଶ ପଟ୍ଟନାୟକ କହିଛନ୍ତି, ସବୁ କ୍ଷେତ୍ରରୁ ରିୟଲ ଇଷ୍ଟେଟ ଡେଭଲପରମାନେ ସମସ୍ୟାର ସାମ୍ନା କରୁଛନ୍ତି। କୋଭିଡ୍-୧୯ ଯୋଗୁ ବଜାର ପ୍ରଭାବିତ ହୋଇ ରହିଥିବା ବେଳେ ବର୍ତ୍ତମାନର ଇନ୍‌ପୁଟ ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ ହାଉସିଂ ପ୍ରକଳ୍ପ ଶେଷ କରିବା ଲାଗି ସମସ୍ୟା ଉପୁଜୁଛି।

## ସଂକ୍ଷେପରେ

### କମିପାରେ ପେଟ୍ରୋଲ, ଡିଜେଲ ଦର

ନୂଆଦିଲ୍ଲୀ, ୧୯।୧୧: ଆଗାମୀ କିଛି ଦିନରେ ତେଲ ଦର ପୁଣି କମିବା ନେଇ ଆକଳନ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ବ୍ରେଣ୍ଟ ଅଶୋଧିତ ତେଲ ବର୍ତ୍ତମାନ ୮୦ ଡଲାରରୁ ନିମ୍ନକୁ ଖସିଛି। ଡିସେମ୍ବର ବେଳକୁ ଅଶୋଧିତ ତେଲ ଉତ୍ପାଦନ ବୃଦ୍ଧି କରିବା ଲାଗି ଓପେକ୍ ପ୍ଲସ୍ ଦେଶଗୁଡ଼ିକ କହିଛନ୍ତି। ଆଗାମୀ ଦିନରେ ତେଲ ଉତ୍ପାଦନ ବୃଦ୍ଧି ଧାରା ଜାରି ରଖିବା ଲାଗି ଦେଶ ସମୂହ ନିଷ୍ପତ୍ତି ନେଇଛନ୍ତି। ତେବେ ଅଶୋଧିତ ତେଲ ୭୫ ଡଲାର ପର୍ଯ୍ୟନ୍ତ ଖସିବା ନେଇ ମଧ କିଛି ବିଶେଷଜ୍ଞ ଆକଳନ କରିଛନ୍ତି। ଅଶୋଧିତ ତେଲ ଦର କମିଲେ ଏହାର ଲାଭ ତେଲ କମ୍ପାନୀଗୁଡ଼ିକ ସାଧାରଣ ଲୋକଙ୍କୁ ପ୍ରଦାନ କରିବେ। ତେବେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ପ୍ରାୟ ୨ରୁ ୩ ଟଙ୍କା ହ୍ରାସ ହୋଇପାରେ। ଏଭଳି ସ୍ଥିତିରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିଲେ ଚ୍ୟାଲେଞ୍ଜିଂ ସ୍ଥିତି ଉପୁଜିପାରେ।

### ଆସନ୍ତା ଆର୍ଥିକ ବର୍ଷରେ ୭.୫% ଅଭିବୃଦ୍ଧି

ନୂଆଦିଲ୍ଲୀ, ୧୯।୧୧: ଆର୍ଥିକ ବର୍ଷ ୨୦୨୨-୨୩ରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୭ ରୁ ୭.୫% ଛୁଇଁପାରେ ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ଆଶା ପ୍ରକଟ କରିଛି। ଶିଳ୍ପଗୁଡ଼ିକରେ କ୍ଷମତା ବ୍ୟବହାର ଏବଂ ଘରୋଇ ନିବେଶରେ ଉନ୍ନତି ଆସିବା ନେଇ ଏହା ମଧ ଆକଳନ କରିଛି। ସାଧାରଣ ବଜେଟରେ କେନ୍ଦ୍ର ସରକାର ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମକୁ ମଧ ଆଗକୁ ବଢ଼ାଇବେ। ଉଭୟ ମାନବ ସମ୍ବଳ ଏବଂ ପୁଞ୍ଜି ଖର୍ଚ୍ଚକୁ ଗୁରୁତ୍ୱ ମିଳିବାର ସମ୍ଭାବନା ରହିଛି। ଆସନ୍ତା ଆର୍ଥିକ ବର୍ଷରେ ନିର୍ମାଣ ଏବଂ ଶ୍ରମିକଙ୍କ ଉପରେ ନିର୍ଭର କରୁଥିବା ଶିଳ୍ପ ଗୁଡିକର ସ୍ୱାଭାବିକ ସ୍ଥିତିକୁ ଫେରିପାରେ। ଘରୋଇକରଣକୁ ତ୍ୱରାନ୍ୱିତ କରିବା ଏବଂ ଅଭିବୃଦ୍ଧିକୁ ଉତ୍ସାହିତ କରିବା ଭଳି ଦିଗଗୁଡ଼ିକ ଉପରେ କେନ୍ଦ୍ର ସରକାର ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି ବୋଲି ପରିଷଦ କହିଛି।

# ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁସିଭ ଷ୍ଟୋର




ଭୁବନେଶ୍ୱର,୧୯।୧୧

ଦେଶର ପ୍ରମୁଖ ଗୃହୋପକରଣ (ରୋଷେଇ ସାମଗ୍ରୀ) ନିର୍ମାତା କମ୍ପାନୀ ପ୍ରେଷ୍ଟିଜ ପକ୍ଷରୁ ସ୍ଥାନୀୟ ଡମଣାଠାରେ ଶୁକ୍ରବାର ଏକ୍ସକ୍ଲୁସିଭ ଷ୍ଟୋର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ଅରୋ ଟ୍ରେଡର୍ସ ସହଯୋଗରେ ଏହା ଖୋଲିଛି। ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ବରିଷ୍ଠ ଅଧିକାରୀ ଧନେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଏହି ଷ୍ଟୋର ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ କରିବା ଦିଗରେ ସହାୟକ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଏଠାରେ ପ୍ରେଷ୍ଟିଜ ପକ୍ଷରୁ ପ୍ରସ୍ତୁତ ଗୋଟିଏ ପରିବାର ପାଇଁ ଆବଶ୍ୟକ ସମସ୍ତ ରୋଷେଇ ସାମଗ୍ରୀଠାରୁ ନେଇ ଅନ୍ୟାନ୍ୟ ଗୃହ ଉପକରଣ ସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ଏହା ସହ ଗୁଣବତ୍ତା ସାମଗ୍ରୀ ଏବଂ ସେବା ଗ୍ରାହକଙ୍କ ଲାଗି ଉପଲବ୍ଧ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ପାର୍ବଣ ଅବସରରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିବା 'ଶୁଭ ଉତ୍ସବ' ନଭେମ୍ବର ୩୦ ପର୍ଯ୍ୟନ୍ତ ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି। ଏହି ଅଫର ଜରିଆରେ ଗ୍ରାହକଙ୍କୁ ପ୍ରତି କିଣାକିଣିରେ ଆକର୍ଷଣୀୟ ଅଫର ସାଙ୍ଗକୁ ରିହାତି ସୁବିଧା ପ୍ରଦାନ କରାଯାଉଛି। ସେହିପରି ଉଦ୍‌ଘାଟନୀ ଅବସରରେ ପ୍ରଥମ ୫୦ଜଣ ଗ୍ରାହକଙ୍କୁ କ୍ରୟ ଉପରେ ମାଗଣା ଉପହାର ପ୍ରଦାନର ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବରିଷ୍ଠ ଅଧିକାରୀ ଅମିତ କୁମାର ଭୂୟାଁ, ଶେଷଦେବ ବିଶ୍ୱାଳ, ଷ୍ଟୋର ସ୍ୱତ୍ତ୍ୱାଧିକାରୀ ସୌମ୍ୟପ୍ରସାଦ ଦାସ, ବିଷ୍ଣୁପ୍ରସାଦ ଦାସଙ୍କ ସମେତ ଦାସ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ପକ୍ଷରୁ ଏସ୍‌ଏଚ୍‌ଜି ଋଣମେଳା

ଭୁବନେଶ୍ୱର,୧୯।୧୧




ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଆଞ୍ଚଳିକ କ୍ଷେତ୍ରୀୟ କାର୍ଯ୍ୟାଳୟ ଫୁଲବାଣୀ ଆନୁକୂଲ୍ୟରେ ଏକ ମେଗା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ୪୭୯ ଗୋଟି ନୂତନ ଏସ୍‌ଏଚ୍‌ଜିକୁ ୯.୭୨ କୋଟି ଟଙ୍କାର ଋଣ ବଣ୍ଟନ କରିଥିଲେ। ସେହିଭଳି ୧୦୩୩ ଗୋଟି ଏସ୍‌ଏଚ୍‌ଜିକୁ ନବୀକରଣ କରି ମୋଟ ୭.୭୪ କୋଟି ଟଙ୍କାର ଋଣ ପ୍ରଦାନ କରିଥିଲେ। ଏହି ଅବସରରେ ୧୫,୧୨୦ ଜଣ ଏସ୍‌ଏଚ୍‌ଜି ଋଣଗ୍ରହୀତାମାନେ ଲାଭବାନ ହୋଇଥିବା ଜଣାପଡିଛି। ସେହିପରି ୫୦୧ ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ୟୁଆର କୋଡ୍ ମଧ ପ୍ରଦାନ କରାଯାଇଥିଲା। ଫୁଲବାଣୀ ଜିଲାରେ କୋଭିଡ୍ ପରେ ଏସ୍‌ବିଆଇ ପକ୍ଷରୁ ଏଭଳି ଏକ ବୃହତ୍ ଋଣମେଳାର ଆୟୋଜନ କରିଥିବାରୁ ଜିଲାପାଳ ଡା. ବୃନ୍ଦା ଡି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଏହି କାର୍ଯ୍ୟ ଆଗାମୀ ଦିନରେ ଫୁଲବାଣୀ ଜିଲା ତଥା ଜିଲାର ଅନ୍ୟ ମହିଳାମାନଙ୍କ ଆର୍ଥିକ ଅବସ୍ଥା ସୁଦୃଢ କରିବାରେ ସହାୟକ ହେବ ବୋଲି ଜିଲାପାଳ କହିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତି ଅଗ୍ରୱାଲଙ୍କ ସମେତ ବ୍ୟାଙ୍କର ଉପ ମହାପ୍ରବନ୍ଧକ ଶାକ୍ୟ ସିହ୍ନା ବୈରାଗୀ ଏବଂ ମହାପ୍ରବନ୍ଧକ ବିଜୟ କୁମାର କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରିଜିଓନାଲ ମ୍ୟାନେଜର ହୃଦୟ ରଞ୍ଜନ ଦାସ ପରିଚାଳନା କରିଥିଲେ। ପରିଶେଷରେ ଫୁଲବାଣୀ ସ୍ଥିତ ଗୋପବନ୍ଧୁ ବାଳାଶ୍ରମର ଅନ୍ତେବାସୀମାନଙ୍କୁ ବିଦ୍ୟାକ୍ରିଷ୍ଣନ ସ୍କୁଲ ବ୍ୟାଗ୍ ବଣ୍ଟନ କରିଥିଲେ।

# ଶିଶୁଙ୍କ ସଶକ୍ତୀକରଣ ଲାଗି ଏସ୍‌ବିଆଇ ଲାଇଫ୍‌ର ପଦକ୍ଷେପ

ଭୁବନେଶ୍ୱର,୧୯।୧୧

ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ କେନ୍ଦୁଝର ଜିଲାର ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲାମାନଙ୍କୁ ସଶକ୍ତ କରିବା ଭଳି ମହତ୍ କାର୍ଯ୍ୟ ହାତକୁ ନିଆଯାଇଛି। କମ୍ପାନୀ ପକ୍ଷରୁ ଦୁଇଟି ପ୍ରମୁଖ ପ୍ରକଳ୍ପ-ପ୍ରୟାସ-ମାନସିକ ଭିନ୍ନକ୍ଷମ ପିଲାମାନଙ୍କ ଲାଗି ଏକ ଆବାସିକ ସ୍କୁଲ ଏବଂ ଗୋଷ୍ଠୀଭିତ୍ତିକ ଥଇଥାନ କାର୍ଯ୍ୟକ୍ରମ (ସିବିଆର୍)-ଏକ ଗୃହଭିତ୍ତିକ ଚିକିତ୍ସା ପଦକ୍ଷେପ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଏନ୍‌ଜିଓ ସଦ୍‌ଭାବନା ସହ ହାତ ମିଳାଯାଇଛି। ମାନସିକ ଓ ଶାରୀରିକ ଭିନ୍ନକ୍ଷମ ପିଲା କିଶୋରାବସ୍ଥାର ପିଲାମାନଙ୍କ ସାମଗ୍ରିକ ବିକାଶ ଲାଗି ଏସ୍‌ବିଆଇ ଲାଇଫ୍ ପକ୍ଷରୁ ସଦ୍‌ଭାବନା ଏନ୍‌ଜିଓ ସହିତ ସହଯୋଗିତା ସ୍ଥାପନ କରାଯାଇଛି।

# ଏଏସ୍‌ବିଏମ୍‌ରେ ଲ' ପାଠ୍ୟକ୍ରମ

ଭୁବନେଶ୍ୱର, ୧୯।୧୧

ASBM UNIVERSITY

ଏଏସ୍‌ବିଏମ୍ ସ୍କୁଲ ଅଫ୍ ଲ ଲାଗି ବାର୍ କାଉନସିଲ ଅଫ୍ ଇଣ୍ଡିଆର ମାନ୍ୟତା ଲାଭ କରିଛି। ଆବଶ୍ୟକତା ଏବଂ କର୍ମସଂସ୍ଥାନକୁ ନଜରରେ ରଖି ଆଗାମୀ ଶିକ୍ଷାବର୍ଷଠାରୁ ବିଶ୍ୱବିଦ୍ୟାଳୟରେ ଆଇନ ବିଷୟରେ ୨ଟି ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ବିଏଏଲ୍‌ଏଲ୍‌ବି (ସମ୍ମାନ) ଏବଂ ବିବିଏ ଏଲ୍‌ଏଲ୍‌ବି (ସମ୍ମାନ) ଆରମ୍ଭ କରାଯିବ। ଯୁକ୍ତ ୨ ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀଛାତ୍ର ଏହାର ସୁଯୋଗ ନେଇପାରିବେ। ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଏଥିଲାଗି ବାର୍ କାଉନସିଲ ଅଫ୍ ଇଣ୍ଡିଆକୁ ସାଧୁବାଦ ଜଣାଇଛନ୍ତି। ସେ କହିଛନ୍ତି, ଆଇନ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଉଦ୍ୟମ ଅବ୍ୟାହତ ରଖିବ। ଆଇନ ଛାତ୍ରୀଛାତ୍ରଙ୍କୁ କୁଶଳୀ କରିବା ଦିଗରେ ଅନୁଷ୍ଠାନ ପକ୍ଷରୁ ଫିନିସିଂ ସ୍କୁଲ କାର୍ଯ୍ୟକ୍ଷମ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଫୁର୍‌ସତ୍



# ଟେଲିଭିଜନ ଶୋ'ରେ ନଜର ଆସିବେ ପରିଣୀତି

ମୁମ୍ବାଇ: ବଲିଉଡ୍‌ରେ ନାଁ କମାଇଥିବା ଅନେକ କଳାକାର ଛୋଟ ପରଦାରେ କାର୍ଯ୍ୟ କରିବାର ଟ୍ରେଣ୍ଡ ଦୀର୍ଘବର୍ଷ ଧରି ଚାଲିଆସୁଛି। ଏବେ ଆଉ ଜଣେ ବଲିଉଡ୍ ସେଲିବ୍ରିଟିଙ୍କ ନାଁ ଏହି ତାଲିକାରେ ଯୋଡ଼ା ହେବାକୁ ଯାଉଛି। ଅଭିନେତ୍ରୀ ପରିଣୀତି ଚୋପ୍ରା ଖୁବ୍‌ଶୀଘ୍ର ଟେଲିଭିଜନର ଏକ ରିଏଲିଟି ଶୋ'ରେ ବିଚାରକ ଭାବେ ଯୋଗଦେବାକୁ ଯାଉଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଟେଲିଭିଜନରେ କାର୍ଯ୍ୟ କରିବା ପାଇଁ ଅଫର ଆସିଥିଲେ ହେଁ ଫିଲ୍ମ ଶୁଟିରେ ବ୍ୟସ୍ତତା କାରଣରୁ ସେ ଅଫର୍ ଗ୍ରହଣ କରିପାରୁ ନ ଥିଲେ। ଏବେ ସେ ସମୟ ପାଇ ଟିଭିକୁ ଆସିବାକୁ ପ୍ରସ୍ତୁତ ଅଛନ୍ତି। କିଛି ଦିନ ପୂର୍ବେ ରିୟଲିଟି ଶୋ' 'ହୁନରବାଜ-ଦେଶ କି ଶାନ'ର ମେକର୍ ପରୀଙ୍କୁ ବିଚାରକ ଭାବେ ସାମିଲ ହେବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ଫିଲ୍ମ ସୁଟିଂ ସମୟକୁ ଧ୍ୟାନରେ ରଖି ଶୋ'ର ସୁଟିଂ ଯୋଜନା ହେବ ବୋଲି ମେକର୍ କଥା ଦେଇଛନ୍ତି। ଅନେକ ବୈଠକ ପରେ ପରୀ ଏହି ଶୋ' ପାଇଁ ହଁ କହିଛନ୍ତି । ଚଳିତ ବର୍ଷ ଶେଷ ବେଳକୁ ଶୋ'ର ସୁଟିଂ ସେ ଆରମ୍ଭ କରିବେ। ସପ୍ତାହର ଗୋଟିଏ ଦିନରେ ଦୁଇଟି ଏପିସୋଡ ଶୁଟ୍ କରିବାକୁ ସେ କହିଛନ୍ତି। ପରୀଙ୍କ ସହ ଏଥିରେ କରନ ଜୋହର ଓ ପ୍ରଖ୍ୟାତ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ବିଚାରକ ଭାବେ ନଜର ଆସିବେ । ଟେଲିଭିଜନରେ ପରିଣୀତିଙ୍କର ଏହା ପ୍ରଥମ ଶୋ' ନୁହେଁ । ୨୦୧୪ରେ ରିୟଲିଟି ଶୋ' 'ସିନେଷ୍ଟାର୍ସ କି ଖୋଜ'ରେ ସେ ମେଣ୍ଟର୍ ଭାବେ ନଜର ଆସିଥିଲେ । ୨୦୧୧ରେ ଯଶରାଜ ଫିଲ୍ମସରୁ ସିନେ କ୍ୟାରିଅର୍ ଆରମ୍ଭ କରିଥିବା ପରିଣୀତି ଏବେ ସୁଦ୍ଧା ୧୫ଟି ଚଳଚ୍ଚିତ୍ରରେ କାମ କରିସାରିଛନ୍ତି।

# ଭବିଷ୍ୟତର ନାଗରିକ

## ଅନ୍ତର୍ଜାତୀୟ ଶିଶୁ ଦିବସ

ଆଜିର ଶିଶୁ ଭବିଷ୍ୟତର ନାଗରିକ। ଅନ୍ତର୍ଜାତୀୟସ୍ତରରେ ଶିଶୁଙ୍କ ବିକାଶ ଏବଂ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୨୦ରେ ଅନ୍ତର୍ଜାତୀୟ ଶିଶୁ ଦିବସ ପାଳନ କରାଯାଇଆସୁଛି। ୧୯୨୫ରେ, ଶିଶୁ କଲ୍ୟାଣ ଉପରେ ଅନୁଷ୍ଠିତ ବିଶ୍ୱ ସମ୍ମିଳନୀରେ ଜେନେଭାରେ ଅନ୍ତର୍ଜାତୀୟ ଶିଶୁ ଦିବସ ପାଳନ ସମ୍ପର୍କରେ ପ୍ରଥମେ ଘୋଷଣା କରାଯାଇଥିଲା। ୧୯୫୦ ପରଠାରୁ, ଏହା ଅଧିକାଂଶ ଦେଶରେ ୧ ଜୁନରେ ପାଳନ କରାଯାଉଥିଲା। ତେବେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦ ନଭେମ୍ବରରେ ଏହି ଦିବସ ପାଳନ ଲାଗି ୧୯୫୯ରେ ଘୋଷଣା କରାଯାଇଥିଲା। ଏହା ପୂର୍ବରୁ ୧୮୫୭ରେ ଶିଶୁ ଦିବସ ଜୁନ ମାସ ୨ୟ ରବିବାର ଦିନ ମାସାଚୁସେଟ୍ସର ଚେଲ୍ସରେ ଥିବା ରେଡମିୟର ୟୁନିଭର୍ସାଲିଷ୍ଟ ଚର୍ଚ୍ଚର ପାଷ୍ଟର ରେଭରେଣ୍ଡ ଡକ୍ଟର ଚାର୍ଲ୍ସ ଲିଓନାର୍ଡଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଲିଓନାର୍ଡ ଏହି ଦିନକୁ ରୋଜ ଡେ ନାମରେ ନାମିତ କରିଥିଲେ। ତେବେ ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ବିଭିନ୍ନ ରାଷ୍ଟ୍ରର ଶିଶୁଙ୍କ ମଧ୍ୟରେ ପାରସ୍ପରିକ ଭାବର ଆଦାନ ପ୍ରଦାନ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରାଯାଇଥାଏ।



## ବିଶ୍ୱର ସବୁଠୁ ଭୟଙ୍କର ପାର୍କ

ୱାଶିଂଟନ: ଆମେରିକାର ଏକ ପାର୍କ ବର୍ତ୍ତମାନ ଭୟଙ୍କର ସ୍ଥାନ ପାଲଟିଛି। ଏହି ପାର୍କ ଏକଦା ଲୋକଙ୍କ ପ୍ରିୟ ଥିଲା। ପାର୍କ ଦେଖିବା ପାଇଁ ବହୁସଂଖ୍ୟାରେ ଲୋକ ଆସିଥାନ୍ତି। ଏବେ ଏହା ଏକ ଭୟଙ୍କର ସ୍ଥାନ ପାଲଟିଛି। ଏଠାରେ ବେଳେବେଳେ ଆଲୋକ ସହ ଅଜବ ଶବ୍ଦ ଶୁଣାଯାଏ। କୁହାଯାଏ, ବାତ୍ୟାରେ ପ୍ରାଣ ହରାଇଥିବା ଆତ୍ମାଗୁଡ଼ିକ ଏହି ପାର୍କରେ ଘୂରି ବୁଲେ। ପାର୍କକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଛି। ଜଣେ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାତା ଏହାର ଫଟୋ ଶେୟାର କରିଛନ୍ତି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



କର୍ଣ୍ଣେଲ ଡାଃ ସୁଶୀଲ କୁମାର ଦାଶ
(୦୧।୦୪।୧୯୫୫ - ୦୧।୧୨।୨୦୨୦)
ଶାନ୍ତି ହାଉସ, ପ୍ଲଟ୍ ନଂ. ୨୭୧/୧
ଶାନ୍ତିନଗର, ଭୁବନେଶ୍ୱର

ଆଉ ପଛ ହୋଇ 'ନିତିଆ' ଓ 'ବୁ' ଦୁଇ ବାଲେଶୋରିଆ ମୋତେ ଏକାକରି ଚାଲିଗଲ। ଏ ବର୍ଷକ ଭିତରେ କେତେ ଯେ ଥର ତୁମ ଦୁଇଜଣଙ୍କୁ ସ୍ୱପ୍ନରେ ଭେଟିଲିଣି ତା'ର ହିସାବ ନାହିଁ। ଆଜିକାଲି ଏହି 'କରୋନା' ସମୟରେ ସାଙ୍ଗସାଥୀଙ୍କ ସହ ଦୁଃଖ ସୁଖ ହେବା ତ ଦୂରର କଥା, ଦେଖା ହେବାର ବି ବିଶେଷ ସୁଯୋଗ ନାହିଁ। ଏବେ ବି ଯାହାର ଯେ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଆସିଲା ବେଳେ 'ବୁ' ମନେ ପଡୁଛୁ। ଆଉ ଆଜିର ଏହି ପୁଣ୍ୟତିଥିରେ ତୋ'ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: 'ବାଲ୍ୟବନ୍ଧୁ' ସୁଶୀଲ କୁମାର ନନ୍ଦ ଓ ତାଙ୍କ ପରିବାରବର୍ଗ ତଥା ସ୍ୱର୍ଗତ ଡାକ୍ତର ଦାଶଙ୍କ ପରିବାରବର୍ଗ।
ଧ-୬୭୪୧୩

**ଦ୍ୱିତୀୟ ମାସିକ ଶ୍ରାଦ୍ଧ ଉପଲକ୍ଷେ**



ୱପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧
ତୁମେ ଛାଡ଼ି ଯାଇଥିବା ତୁମର ପରିବାର, ଜ୍ୟେଷ୍ଠ ପୁତ୍ର: ଜିତେନ, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି, ନାତୁଣୀ: ରୀମା, ସିତୁନ, ପପ୍‌ଲି, ପୀୟୂଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମର ଆତ୍ମାର ସଦ୍‌ଗତି ହେଉ।
ଧ-୬୮୮୯୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଶାନ୍ତିଲତା ପଣ୍ଡା
ତୁଳପୁର, ମାଳଶାସନ, କଟକ
ଆବିର୍ଭାବ: ୦୧।୦୧।୧୯୪୩
ତିରୋଧାନ: ୧୦।୧୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ବନ୍ଧୁ ପରିବାରବର୍ଗ ।
ଧ-୨୨୩୨୧

**15th Death Anniversary**



LATE PRAVIN PATTANAIK (BUBUL)
DOB: 25.11.1986
DOD: 20.11.2006
Time flies fast.
Life goes on at its own pace,
But some memories can
Never be erased
From the mind,
You will always remain
in our thoughts.
In reverence & remembrance Pravin Memorial Trust
Malipada, Bhubaneswar
D-22320

**ଏକାଦଶାହ ଉପଲକ୍ଷେ**



ୱ ବିଜୟକୁମାର ମହାନ୍ତି
ଆଇ.ଆର୍.ସି ଭିଲେଜ, ଭୁବନେଶ୍ୱର
ପୂର୍ବତନ ମୁଖ୍ୟଯନ୍ତ୍ରୀ, ଗ୍ରିଡ୍‌କୋ
ଆବିର୍ଭାବ : ୦୧.୦୯.୧୯୪୩
ତିରୋଧାନ : ୧୦.୧୧.୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।
ଆପଣଙ୍କର ଆକସ୍ମିକ ବିୟୋଗରେ ଆମେ ସମସ୍ତେ ଗଭୀର ମର୍ମାହତ, ସ୍ତବ୍ଧ। ଆପଣ ଜୀବନ କାଳ ମଧ୍ୟରେ ବାଣ୍ଟିଛନ୍ତି ଅମାପ ଶ୍ରଦ୍ଧା ଓ ଆନନ୍ଦ। ଆପଣଙ୍କର ଆଦର୍ଶ, କର୍ତ୍ତବ୍ୟପରାୟଣତା, ପରୋପକାରୀ ମନୋବୃତ୍ତି ଆମକୁ ସର୍ବଦା ପ୍ରେରଣା ଦେଉଥିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର-ପୁତ୍ରବଧୂ, କନ୍ୟା, କନ୍ୟା-ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୭୧୦୧୦

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବୁଡାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୨୦/୨୦୨୧ Sambalpur, Saturday, November 20/ 2021

## ସଂକ୍ଷେପରେ

### ସମସ୍ତ ଫର୍ମାଟରୁ ଡି'ଭିଲର୍ସଙ୍କ ଅବସର



**ଜୋହାନ୍ସବର୍ଗ, ୧୯।୧୧ (ପି.ଟି.):** ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ବ୍ୟାଟର ଏବି ଡି'ଭିଲର୍ସ ଶୁକ୍ରବାର କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦୀର୍ଘ ୧୭ ବର୍ଷ ଧରି ସେ ତାଙ୍କ ୩୬୦ ଡିଗ୍ରୀ ବ୍ୟାଟିଂ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ। ଅବସର ଘୋଷଣା ଦ୍ୱାରା ରୟାଲ ଚ୍ୟାଲେଞ୍ଜର୍ସ ସହ ଏହି ୩୭ ବର୍ଷୀୟ ଭର୍ସାଟାଇଲ କ୍ରିକେଟରଙ୍କ ସମ୍ପର୍କ ଛିନ୍ନ ହୋଇଛି। ଡି'ଭିଲର୍ସ ଟୁଇଟର ପେଜ୍‌ରେ ତାଙ୍କ ଅବସର ଘୋଷଣା କରିଛନ୍ତି। ଦକ୍ଷିଣ ଆଫ୍ରିକା ତରଫରୁ ସେ ୧୧୪ ଟେଷ୍ଟ, ୨୨୮ ଅନ୍ତର୍ଜାତୀୟ ଦିନିକିଆ ଓ ୭୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଡି'ଭିଲର୍ସ ତାଙ୍କର ଏକ ବିବୃତିରେ କହିଛନ୍ତି ଏହା ଏକ ଅବିଶ୍ୱସନୀୟ ଯାତ୍ରା ଥିଲା। କିନ୍ତୁ ସେ କ୍ରିକେଟରୁ ସନ୍ନ୍ୟାସ ନେଉଛନ୍ତି। ଖେଳକୁ ସେ ଉତ୍ସାହର ସହ ଭରପୂର ଉପଭୋଗ କରିଛନ୍ତି। ବର୍ତ୍ତମାନ ତାଙ୍କୁ ୩୭ ବର୍ଷ ବୟସ ହେଲାଣି। ତାଙ୍କ ପାଖରେ ଆଉ ସେ ପୂର୍ବ ଚମକ ନାହିଁ। ମାତାପିତା ଓ ତାଙ୍କ ପରିବାରର ତ୍ୟାଗ ଯୋଗୁ ସେ କ୍ରିକେଟରେ ଏତେବାଟ ଯାଇପାରିଛନ୍ତି। ବର୍ତ୍ତମାନ ସେ ସେମାନଙ୍କ ପ୍ରତି ସମୟ ଦେବାକୁ ଚାହାନ୍ତି। ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ତଥା ପ୍ରମୁଖ ବ୍ୟାଟର ଡି'ଭିଲର୍ସ ୨୦୧୮ରେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ନେଇ ସାରିଥିଲେ।

### ଆମେରିକାର ବୟକଟ ଧମକକୁ ଚାଇନାର ସମାଲୋଚନା

**ବେଜିଂ,୧୯।୧୧:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଚାଇନା ସମାଲୋଚନା କରିଛି। ବେଜିଂ ଶୀତକାଳୀନ ଅଲିମ୍ପିକ୍ସରୁ ଆମେରିକା ଓହରିଯିବା ନେଇ ମନସ୍ଥ କରୁଛି। ଚାଇନାରେ ଚାଲିଥିବା ବ୍ୟାପକ ମାନବିକ ଅଧିକାର ଉଲ୍ଲଂଘନ ବିରୋଧରେ ଆମେରିକା ଏହି ମେଗା କ୍ରୀଡ଼ା ଇଭେଣ୍ଟରୁ ଓହରିଯିବାକୁ ପରୋକ୍ଷରେ ଧମକ ଦେଇଛି। ଫଳରେ ବାଇଡେନଙ୍କୁ ଚାଇନା ସରକାରଙ୍କ ତରଫରୁ ଶୁକ୍ରବାର କଡ଼ା ସମାଲୋଚନା କରାଯାଇଛି। ଏହି କ୍ରୀଡ଼ା ଇଭେଣ୍ଟକୁ ନେଇ ଆମେରିକା ରାଜନୀତି କରୁଛି ବୋଲି ଚାଇନା କହିଛି। ଗୁରୁବାର ହ୍ୱାଇଟ ହାଉସ୍‌ରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡେଉଙ୍କ ସହ ଆଲୋଚନା ପରେ ବାଇଡେନ ଏହି ଅଲିମ୍ପିକ୍ସରୁ ଓହରିଯିବା ନେଇ ଚିନ୍ତା କରୁଛି ବୋଲି କହିଛନ୍ତି।

# କଳିଙ୍ଗ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ: ଭାଲେଣ୍ଟିନ



ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ଜୁନିୟର ହକି ବିଶ୍ୱକପ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ଜର୍ମାନୀ ଦଳ।



କିଟ୍ ହକି ଷ୍ଟାଡିୟମରେ କାନାଡ଼ା ଦଳର ଅଭ୍ୟାସ।

**ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ଜୁନିୟର ବିଶ୍ୱକପ**

**■ ପୋଲାଣ୍ଡ,କାନାଡ଼ା ଓ ସଫଳ ଦଳ ଜର୍ମାନୀ ପହଞ୍ଚିଲା**

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ଜୁନିୟର ବିଶ୍ୱକପ୍ ଖେଳିବା ପାଇଁ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଜର୍ମାନୀ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛି। ପୋଲାଣ୍ଡ ଓ କାନାଡ଼ା ଦଳ ମଧ୍ୟ ପହଞ୍ଚିଛନ୍ତି। ଜର୍ମାନୀ ୧୯୮୨, ୧୯୮୫, ୧୯୮୯, ୧୯୯୩, ୨୦୦୯, ୨୦୧୩ରେ ସବୁଠାରୁ ଅଧିକ ୬ ଥର ଚାମ୍ପିୟନ ହୋଇଛି। ଏହା ବ୍ୟତୀତ ଏହି ଦଳ ୧୯୭୯ରେ ରନର୍ସଅପ୍, ୧୯୯୭, ୨୦୦୧ ଓ ୨୦୧୬ରେ ତୃତୀୟ ସ୍ଥାନ ହାସଲ କରିଛି। ଗତ ସଂସ୍କରଣରେ ଶୁଟ୍ ଆଉଟ୍‌ରେ ବେଲଜିୟମଠାରୁ ୩-୪ ଗୋଲରେ ହାରି ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିବା ଜର୍ମାନୀ ପ୍ଲେ-ଅଫ୍‌ରେ କିନ୍ତୁ ଅଷ୍ଟ୍ରେଲିଆକୁ ୩-୦ ଗୋଲରେ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏଥର କିନ୍ତୁ ଦଳ ଟାଇଟଲ ହାସଲ ଆଶାରେ ଓଡ଼ିଶାରେ ପାଦ ଦେଇଛି। ପ୍ରତିଯୋଗିତା ଆରମ୍ଭରୁ କଡ଼ା ଚ୍ୟାଲେଞ୍ଜ ଆଶା କରୁଛି ଜର୍ମାନୀ। "କୋଭିଡ୍-୧୯ ଲକ୍‌ଡାଉନ୍ ସମୟରେ ଆଞ୍ଚଳିକ ଭିତ୍ତିରେ ଛୋଟ ଗ୍ରୁପ ହୋଇ ଟ୍ରେନିଂ କରିଥିଲୁ। ଗ୍ରୀଷ୍ମ ସମୟରେ ଆମେ ୟୁରୋପିଆନ ଦଳଗୁଡ଼ିକ ବିପକ୍ଷରେ କେତେକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମଧ୍ୟ ଖେଳିଛୁ। ଏହା ଆମକୁ ଟୁର୍ନାମେଣ୍ଟ ସମୟରେ ସହାୟକ ହେବ" ବୋଲି ଜର୍ମାନୀ ମୁଖ୍ୟ କୋଚ୍ ଭାଲେଣ୍ଟିନ ଆଲ୍ଟେନବର୍ଗ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟାଡିୟମରେ ତାଙ୍କ ଦଳ ଖେଳିବାକୁ ବ୍ୟଗ୍ରଥିବା ସେ କହିଛନ୍ତି। "ଭୁବନେଶ୍ୱର ଆସି ଏଠାକାର ବଡ଼ ଷ୍ଟାଡିୟମରେ ଖେଳିବା ପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ ଥିଲୁ। କଳିଙ୍ଗ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ" ବୋଲି ସେ ଅଭିହିତ କରିଛନ୍ତି। ଆର୍ଜେଣ୍ଟିନା, ଇଜିପ୍ଟ ଏବଂ ପାକିସ୍ତାନ ସହିତ ଜର୍ମାନୀ ପୁଲ୍ 'ଡି'ରେ ସ୍ଥାନ ପାଇଛି। ଏହାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ପାକିସ୍ତାନ। ୨୪ ତାରିଖରେ ଏହି ଦଳ ପାକିସ୍ତାନକୁ ଭେଟିବା ପରେ ୨୬ରେ ଆର୍ଜେଣ୍ଟିନା ଓ ୨୮ରେ ଇଜିପ୍ଟକୁ ଭେଟିବ। ଗ୍ରୁପ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅନ୍ୟପକ୍ଷରେ ପୋଲାଣ୍ଡ ଓ କାନାଡ଼ାର ପ୍ରଦର୍ଶନ ଏ ପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ପୋଲାଣ୍ଡ ୨ ଥର ଜୁନିୟର ବିଶ୍ୱକପ୍‌ରେ ଭାଗନେଇ ୨୦୦୫ରେ ୧୪ତମ ଏବଂ ୨୦୦୯ରେ ୧୦ମ ସ୍ଥାନ ପାଇଥିଲା। ସେହିପରି କାନାଡ଼ା ୧୯୮୨ରେ ୮ମ, ୧୯୮୫ରେ ୧୩ତମ ଏବଂ ୨୦୦୧, ୨୦୧୩ ଓ ୨୦୧୬ରେ ୧୬ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଏଥର କୋଭିଡ୍-୧୯ କଟକଣା କାରଣରୁ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ପରି ଦଳ ଓହରି ଯାଇଥିବାରୁ ର୍‍ୟାଙ୍କ୍ ଅନୁସାରେ ପୋଲାଣ୍ଡ, କାନାଡ଼ା ସହ ଆମେରିକାକୁ ସ୍ଥାନ ମିଳିଛି। ପୋଲାଣ୍ଡ ଓ କାନାଡ଼ା ଏଥିରେ ଗୋଟିଏ ଗ୍ରୁପ୍ ପୁଲ୍ 'ବି'ରେ ସ୍ଥାନ ପାଇଛନ୍ତି। ଏହି ପୁଲ୍‌ର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ହେଲେ ଆୟୋଜକ ଭାରତ ଓ ଫ୍ରାନ୍ସ। ୨୪ ତାରିଖରେ କାନାଡ଼ା ଓ ପୋଲାଣ୍ଡ ପରସ୍ପରକୁ ଭେଟି ଅଭିଯାନ ଆରମ୍ଭ କରିବେ। ପୋଲାଣ୍ଡ ଏହାର ଦ୍ୱିତୀୟ ମ୍ୟାଚରେ ୨୫ରେ ଫ୍ରାନ୍ସ ଓ ତୃତୀୟ ମ୍ୟାଚରେ ୨୭ ତାରିଖରେ ଭାରତକୁ ଭେଟିବ। ସେହିପରି କାନାଡ଼ା ୨୫ରେ ଏହାର ଦ୍ୱିତୀୟ ମ୍ୟାଚ ଭାରତ ଏବଂ ୨୭ରେ ତୃତୀୟ ମ୍ୟାଚ ଫ୍ରାନ୍ସ ସହିତ ଖେଳିବ। ଭାରତ ଓ ଫ୍ରାନ୍ସ ଉପସ୍ଥିତିରେ ପୋଲାଣ୍ଡ ଓ କାନାଡ଼ାକୁ ନକ୍‌ଆଉଟରେ ପ୍ରବେଶ ଅତ୍ୟନ୍ତ କଷ୍ଟକର ହେବ। ପୋଲାଣ୍ଡ ମୁଖ୍ୟ କୋଚ୍ ଜାସେକ ଆଡ୍ରିଆନ ମଧ୍ୟ ଦଳର ପ୍ରସ୍ତୁତି ସମ୍ପର୍କରେ ମତ ରଖିଛନ୍ତି। "ଆମେ ଅଧିକ ଦିନ ପ୍ରସ୍ତୁତି କରି ପାରିନାହୁଁ। ପୋଲାଣ୍ଡର ଜଳବାୟୁ ସମ୍ପୂର୍ଣ୍ଣ ଭିନ୍ନ। ଶୀତଦିନେ ସେଠାରେ ଅଧିକ ଶୀତ ଅନୁଭୂତ ହୋଇଥାଏ। ତେବେ ଆମେ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚେଷ୍ଟା କରିବୁ" ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ "ଟୁର୍ନାମେଣ୍ଟକୁ ନେଇ ଆମେ ଖୁବ୍ ଉତ୍ସାହିତ ଅଛୁ। ବିଶ୍ୱ ହକିର ଅନ୍ୟତମ ମକ୍କା କୁହାଯାଉଥିବା କଳିଙ୍ଗ ଷ୍ଟାଡିୟମରେ ଖେଳିବା ଉପରେ ଆମେ ଏକାଗ୍ର ରହିଛୁ। ଷ୍ଟାଡିୟମ ପ୍ରକୃତରେ ବିଶ୍ୱସ୍ତରୀୟ। ସେଠାରେ ଖେଳିବାକୁ ଆମ ମଧ୍ୟରେ ଉତ୍ସାହ ବଢ଼ିଛି" ବୋଲି କାନାଡ଼ା ଅଧିନାୟକ ଖ୍ରିଷ୍ଟୋଫର ଟାର୍ଡିଫ ପ୍ରକାଶ କରିଛନ୍ତି। କାନାଡ଼ା ଦଳ ଶୁକ୍ରବାର କିଟ୍ ହକି ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍‌ରେ ଅଭ୍ୟାସ କରିଛି।

## ସୌମ୍ୟଙ୍କୁ ୭୦ତମ ଓପନ ଚେସ୍ ଟାଇଟଲ

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ୍ ଓପନ ଚେସ୍ ଟୁର୍ନାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ସୌମ୍ୟଙ୍କ କ୍ୟାରିୟରର ୭୦ତମ ଓପନ ଚେସ୍ ଟାଇଟଲ। ଏହି ଚେସ୍ ତାରକା ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୭.୫ ପଏଣ୍ଟ ପାଇଥିଲେ। ରବୀନ୍ଦ୍ର କୁମାର ଓଝା ୬.୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଥିଲେ। ଦାଶରଥି ସାହୁ, ଆରିନ ଅନ୍ୱେଷ ସ୍ୱାଇଁ (ଉଭୟେ ୬ ପଏଣ୍ଟ), ସତ୍ୟମ ସରବଜିତ ମିଶ୍ର (୫.୫), ହର୍ଷିତ ରଞ୍ଜନ ସାହୁ, ସୂରଜ କୁମାର ମହାରଣା, ବସନ୍ତ କୁମାର ଦାସ, ପ୍ରତୀକ କୁଶାଲ ରାଉତ, ଦେବୀ ପ୍ରସାଦ ନାୟକ, ଅଦିତି ଉପାସନା ପଟ୍ଟନାୟକ(ସମସ୍ତେ ୫ ପଏଣ୍ଟ) ଓ ମନୋଜ କୁମାର ତ୍ରିପାଠୀ(୪.୫) ଟପ୍-୧୨ ଫିନିଶ୍ କରିଥିଲେ। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅକ୍ଷଜ ନାୟକ, ଅଦିତି ମହାରଣା, ଅନସଲ ଥୋମାସ, ସାରାଂଶ ମିଶ୍ର, ସିଦ୍ଧାର୍ଥ ମିଶ୍ର, ଉଦୟ ପରିଡ଼ା, ଶ୍ରୀୟାଂଶ ଶେଖର ରାଉତ, ସ୍ୱୟଂ ପ୍ରକାଶ ସାହୁ, ଶ୍ୱେତାଲିନା ପଟ୍ଟନାୟକ, ଶ୍ରୀବର୍ଦ୍ଧନ ପଣ୍ଡା, ସାହାନା ଲେଙ୍କା ଓ ଅଦଭିକା ଦାସଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ଲଳିତ ମୋହନ ଦିଗଲ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଥିଲେ। ଗୁଗୁଲ ମିଟ୍‌ରେ ଉଦ୍‌ଘାଟିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ଆହ୍ୱାନ ପାଢ଼ୀ ଓ ସର୍ବେଶ୍ୱର ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ଦୀପକ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ସୌମ୍ୟରଞ୍ଜନ ମିଶ୍ର।

## ପାକିସ୍ତାନ ୪ ଉଇକେଟରେ ବିଜୟୀ

**ଢାକା, ୧୯। ୧୧:** ବାଂଲାଦେଶ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ୪ ଉଇକେଟରେ ବିଜୟ ହାସଲ କରିଛି। ମୀରପୁରର ଶେର ବାଂଲା ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ୨୪ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ଶେଷରେ ବାଜି ମାରିଛି। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୧୯.୨ ଓଭରରେ ୬ ଉଇକେଟ ହରାଇ ୧୩୨ ରନକରି ବିଜୟୀ ହୋଇଛି। ହାସନ ଅଲି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୨୭/୭ (ଅଫିଫ୍ ହୋସେନ- ୩୬, ମାହେଦି ହାସନ- ୩୦*, ନୁରୁଲ ହାସନ- ୨୮, ହାସନ ଅଲି- ୩/୨୨, ମହମ୍ମଦ ୱାସିମ- ୨/୨୪)।ପାକିସ୍ତାନ ୧୯.୨ ଓଭରରେ ୧୩୨/୬ (ଫଖର ଜମାନ- ୩୪, ଖୁସଦିଲ ଶାହା- ୩୪, ଶଦାବ ଖାଁ- ୨୧*, ମହମ୍ମଦ ନୱାଜ- ୧୮*, ତାସ୍କିନ ଅହମ୍ମଦ- ୨/ ୩୧)।

# ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି

**ନୂଆଦିଲ୍ଲୀ,୧୯।୧୧**



ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି**

**■ ରାଣୀଙ୍କୁ ବିଶ୍ରାମ, ସବିତା ନେବେ ନେତୃତ୍ୱ**

ଆସନ୍ତା ମାସରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଆୟୋଜନ ହେବ। ଏହି ଟୁର୍ନାମେଣ୍ଟରେ ଅଧିନାୟିକା ରାଣୀ ରାମପଲଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ଉପ- ଅଧିନାୟିକା ସବିତା ପୁନିଆଙ୍କୁ ଭାରତୀୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେ ୧୮ ଜଣିଆ ଦଳର ଅଧିନାୟିକା ଭାବେ ଦାୟିତ୍ୱ ତୁଲାଇବେ। ଚାମ୍ପିୟନ୍ସ ଟ୍ରଫି ଡିସେମ୍ବର ୫ରୁ ୧୨ ତାରିଖ ମଧ୍ୟରେ ଦକ୍ଷିଣ କୋରିଆର ଡୋଙ୍ଗହାଏଠାରେ ଆୟୋଜନ ହେବ। ଅଭିଜ୍ଞ ମହିଳା ଓଡ଼ିଆ ଡିଫେଣ୍ଡର ଦୀପ୍‌ଗ୍ରେସ ଏକ୍କା ଉପ- ଅଧିନାୟିକା ଦାୟିତ୍ୱ ତୁଲାଇବା ସହ ସବିତାଙ୍କୁ ସହଯୋଗ କରିବେ। ସେହିପରି ଅନ୍ୟ ୩ଜଣ ଓଡ଼ିଆ ଖେଳାଳି ଭାବେ ନମିତା ଟପ୍ପୋ, ଲିଲିମା ମିଞ୍ଜ ଓ ମାରିଆନା କୁଜୁରଙ୍କୁ ଏହି ଦଳରେ ସାମିଲ କରାଯାଇଛି।

ଟୁର୍ନାମେଣ୍ଟରେ ଭାରତ ପ୍ରଥମ ଦିବସରୁ ଅଭିଯାନ ଆରମ୍ଭ କରିବ। ଏହି ସିଙ୍ଗଲ ପୁଲ୍ ଟୁର୍ନାମେଣ୍ଟରେ ଭାରତ ଚାଇନା, କୋରିଆ, ଜାପାନ, ଥାଇଲାଣ୍ଡ ଓ ମାଲେସିଆ ବିପକ୍ଷରେ ମ୍ୟାଚ୍ ଖେଳିବ। ସବିତା ଚଳିତ ବର୍ଷ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଗୋଲକିପର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ରାଣୀ ରିହାବିଲିଟେଶନ ପାଇଁ ବେଙ୍ଗାଲୁରୁରେ ରହିବେ। ଏହି ଦଳରୁ ଫରୱାର୍ଡ ଲାଲରେମସିଆମି, ଶର୍ମିଳା ଦେବୀ ଓ ମିଡ୍‌ଫିଲ୍ଡର ସାଲିମା ଟେଟେଙ୍କୁ ବାଦ୍ ଦିଆଯାଇଛି। ଏହି ୩ ଖେଳାଳି ଟୋକିଓ ଅଲିମ୍ପିକ୍ସ ଦଳର ସଦସ୍ୟା ଥିଲେ। ଏହି ୩ ଖେଳାଳି ଜୁନିୟର ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓ ଦକ୍ଷିଣ ଆଫ୍ରିକାରେ ଡିସେମ୍ବର ୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱକପ୍‌ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଏହି ୩ ଖେଳାଳିଙ୍କ ଅନୁପସ୍ଥିତିରେ ଓଡ଼ିଶାର ନମିତା ଟପ୍ପୋ, ଲିଲିମା ମିଞ୍ଜଙ୍କୁ ଚାମ୍ପିୟନ୍ସ ଟ୍ରଫି ଦଳରେ ସାମିଲ କରାଯାଇଛି। ଦଳର ହେଡ୍ କୋଚ୍ ଭାବେ ଜାନେକ ସ୍କୋପମ୍ୟାନ ପ୍ରଥମଥର ପାଇଁ ଦାୟିତ୍ୱ ଗ୍ରହଣ କରିବେ। ଦଳରେ ଭଲ ପ୍ରଦର୍ଶନ ନେଇ ସେ ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି। ଯୁବ ଖେଳାଳିଙ୍କ ପାଇଁ ଏହି ଟୁର୍ନାମେଣ୍ଟ ସୁଯୋଗ ସୃଷ୍ଟି କରିଛି। ଡିସେମ୍ବର ୫ରେ ଭାରତ ଥାଇଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୬ ତାରିଖରେ ମାଲେସିଆ, ୮ ତାରିଖରେ ଗତଥରର ଚାମ୍ପିୟନ କୋରିଆ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ। ସେହିପରି ଚାଇନା ଓ ଜାପାନ ବିପକ୍ଷରେ ଭାରତ ଯଥାକ୍ରମେ ୮ ଓ ୧୧ ତାରିଖରେ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ଡିସେମ୍ବର ୧୨ ତାରିଖରେ ପୁଲ୍ ଦୁଇ ଶ୍ରେଷ୍ଠ ଦଳ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ୨୦୧୮ରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଗତ ସଂସ୍କରଣରେ ଭାରତ କୋରିଆ ପଛକୁ ରହି ରନର୍ସଅପ୍ ହୋଇଥିଲା।

**ଭାରତୀୟ ଦଳ**

ଗୋଲକିପର- ସବିତା ପୁନିଆ (ଅଧିନାୟିକା), ରାଜାନୀ ଏଟିମାର୍ପୁ। ଡିଫେଣ୍ଡର୍ସ- ଦୀପ୍‌ଗ୍ରେସଏକ୍କା (ଉପଅଧିନାୟିକା), ଉଦୀତା, ନିକ୍କି ପ୍ରଧାନ, ଗୁରଜିତ କୌର। ମିଡ୍‌ଫିଲ୍ଡର୍ସ- ନିଶା, ସୁଶୀଳା ଚାନୁ ପୁଖ୍ରାମ୍ବାମ୍, ନମିତା ଟପ୍ପୋ, ମୋନିକା, ନେହା, ଜ୍ୟୋତି, ଲିଲିମା ମିଞ୍ଜ। ଫରୱାର୍ଡ୍ସ- ନବନୀତ କୌର, ବନ୍ଦନା କାଟାରିୟା, ରାଜୱିନ୍ଦର କୌର, ମାରିଆନା କୁଜୁର ଓ ସୋନିକା।

# ଭାରତ ଟି୨୦ ସିରିଜ ବିଜୟୀ

**ରାଞ୍ଚି, ୧୯।୧୧**

ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରି ଭାରତ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ସହ ଭାରତ ଏହାକୁ ଆଗୁଆ ଜିତି ନେଇଛି। ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୫୩ ରନକରିଥିଲା। ଭାରତ ୧୭.୨ ଓଭରରେ ୩ ଉଇକେଟ ହରାଇ୧୫୫ ରନ ସଂଗ୍ରହ କରି ନେଇଥିଲା। ୧୫୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତର ଦୁଇ ଓପନର ଲୋକେଶ ରାହୁଲ ଓ ରୋହିତ ଶର୍ମା ପ୍ରଥମ ଉଇକେଟ ଯୋଡ଼ିରେ ୮୦ ବଲ୍‌ରୁ ୧୧୭ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୧୪ତମ ଓଭରର ଦ୍ୱିତୀୟ ବଲ୍‌ରେ ରାହୁଲଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ଟିମ୍ ସୌଦୀ। ୪୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରାହୁଲ ୬ ଚୌକା ଓ ୨ ଛକା ସହାୟତାରେ ୬୫ ରନ କରିଥିଲେ। ରୋହିତ ୩୬ ବଲ୍‌ରୁ ୧ ଚୌକା ଓ ୫ ଛକା ସହ ୫୫ ରନ କରଥିଲେ। ସୌଦୀ ୧୬ତମ ଓଭରରେ ରୋହିତ ଓ ସୂର୍ଯ୍ୟକୁମାର ଯାଦବ (୧)ଙ୍କୁ ଆଉଟ କରି ଭାରତକୁ ଡବଲ ଝଟ୍‌କା ଦେଇଥିଲେ। ତେବେ ରିଷଭ ପନ୍ତ ୧୨(୨ ଛକା) ଓ ଭେଙ୍କଟେଶ ଆୟାର ୧୨ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ।

**ପଦାର୍ପଣରେ ହର୍ଷଲ ପ୍ରଭାବୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚମତ୍କାର ପ୍ରଦର୍ଶନ କରିଥିବା ହର୍ଷଲ ପଟେଲ ଏଠାରେ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରି ପୂର୍ବତନ ଦ୍ରୁତ ବୋଲର ଅଜିତ ଅଗରକରଙ୍କଠାରୁ ଭାରତୀୟ କ୍ୟାପ୍ ଗ୍ରହଣ କରିଥିଲେ। କ୍ରମାଗତ ଦ୍ୱିତୀୟଥର ପାଇଁ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ତେବେ ନ୍ୟୁଜିଲାଣ୍ଡର ଦୁଇ ଓପନର ମାର୍ଟିନ ଗୁପ୍‌ଟିଲ ଓ ଡାରିଲ ମିଚେଲ ଦ୍ରୁତ ହାରରେ ରନ ସଂଗ୍ରହ କରିବାରୁ ନ୍ୟୁଜିଲାଣ୍ଡ ପାୱାର ପ୍ଲେ ୬ ଓଭରରେ ୧ ଉଇକେଟ ହରାଇ ୬୪ ରନ ସଂଗ୍ରହ କରି ନେଇଥିଲା। ତେଣୁ ଦଳ ଏଠାରେ ଏକ ବଡ଼ ସ୍କୋର କରିବ ବୋଲି ଆଶା କରାଯାଉଥିଲା। ମାତ୍ର ମିଡ୍‌ଲ ଅର୍ଡର ଓ ଡେଥ୍ ଓଭରଗୁଡ଼ିକରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିବାରୁ ଦଳୀୟ ସ୍କୋର ୧୫୩/୬ରେ ସୀମିତ ରହି ଯାଇଥିଲା। ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୩୪, ଗୁପ୍‌ଟିଲ ଓ ଡାରିଲ ମିଚେଲ ୩୧ ରନ ଲେଖାଏ କରିଥିବାବେଳେ ମାର୍କ ଚାପ୍‌ମ୍ୟାନ ୨୧ ରନ କରିଥିଲେ। ଗୁପ୍‌ଟିଲ ୧୫ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୩୧ ରନ କରିବା ଅବସରରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ସ୍କୋରର ହୋଇ ଯାଇଥିଲେ। ଏ କ୍ଷେତ୍ରରେ ସେ ଭାରତର ବିରାଟ କୋହଲିଙ୍କୁ ଅତିକ୍ରମ କରିଛନ୍ତି। ନିକଟରେ ଟି୨୦ ଅଧିନାୟକ ପଦରୁ ଓହରି ଯାଇଥିବା ବିରାଟ ୩୨୨୭ ରନ କରିଥିବାବେଳେ ଗୁପ୍‌ଟିଲଙ୍କ ସ୍କୋର ୩୨୪୮ରେ ପହଞ୍ଚିଛି। ଭାରତ ପକ୍ଷରୁ ହର୍ଷଲ ପଟେଲ ନିଜ ପ୍ରଥମ ମ୍ୟାଚରେ ୨୫ ରନ ବିନିମୟରେ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଭୁବନେଶ୍ୱର କୁମାର, ଦୀପକ ଚହର, ଅକ୍ଷର ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।



ବୋଲିଂ ଅବସରରେ ହର୍ଷଲ ପଟେଲ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୩/୬ (ଗ୍ଲେନ ଫିଲିପ୍ସ-୩୪, ମାର୍ଟିନ ଗୁପ୍‌ଟିଲ-୩୧, ଡାରିଲ ମିଚେଲ-୩୧, ହର୍ଷଲ ପଟେଲ-୨/୨୫, ରବିଚନ୍ଦ୍ରନ ଅଶ୍ୱିନ-୧/୧୯, ଅକ୍ଷର ପଟେଲ-୧/୨୬, ଭୁବନେଶ୍ୱର କୁମାର-୧/୩୯, ଦୀପକ ଚହର-୧/୪୨)। ଭାରତ ୧୭.୨ ଓଭରରେ ୧୫୫/୩ (ଲୋକେଶ ରାହୁଲ-୬୫, ରୋହିତ ଶର୍ମା-୫୫, ଟିମ୍ ସୌଦୀ-୩/୧୬)।

# ସିନ୍ଧୁ, ଶ୍ରୀକାନ୍ତ ସେମିଫାଇନାଲରେ

**ବାଲି, ୧୯।୧୧ (ପି.ଟି.)**

ଇଣ୍ଡୋନେସିଆ ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ତଥା ଏଠାରେ ତୃତୀୟ ସିଡ୍ ମାନ୍ୟତା ଲାଭ କରିଥିବା ସିନ୍ଧୁ ମହିଳା ସିଙ୍ଗଲ୍ସର ଏକ କ୍ୱାର୍ଟରଫାଇନାଲରେ ସେ ଅଣସିଡ୍ ତୁର୍କୀର ନେସ୍‌ଲିହାନ୍ ୟିଜିଟ୍‌ଙ୍କୁ ୨୧-୧୩, ୨୧-୧୦ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ମାତ୍ର ୩୫ ମିନିଟରେ ଶେଷ ହୋଇଥିଲା। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ସିନ୍ଧୁ ତାଙ୍କ କ୍ୟାରିୟରରେ ଏ ପର୍ଯ୍ୟନ୍ତ ୟିଜିଟ୍‌ଙ୍କ ସହିତ ୪ଥର ମୁକାବିଲା କରିଛନ୍ତି। ସମସ୍ତ ମ୍ୟାଚରେ ସେ ବିଜୟ ହାସଲ କରିଛନ୍ତି। ହାଇଦ୍ରାବାଦର ଏହି ୨୬ ବର୍ଷୀୟା ଖେଳାଳି ଗତ ମାସରେ ଡେନମାର୍କ ଓପନରେ ୟିଜିଟ୍‌ଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ସେ ଟପ୍ ସିଡ୍ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ୟାମାଗୁଚି ବର୍ତ୍ତମାନ ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ହୋଇଥିଲେ ମଧ୍ୟ ତାଙ୍କ ବିରୋଧରେ ସିନ୍ଧୁଙ୍କ ବିଜୟ ପରାଜୟ ରେକର୍ଡ ୧୨-୭ ରହିଛି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ ନିଜ ଦେଶର ଏଚ. ଏସ. ପ୍ରଣୟଙ୍କୁ ୨୧-୭, ୨୧-୧୮ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ଥାଇଲାଣ୍ଡର କୁନ୍‌ଲାଭଟ୍ ଭିଟିଡସରନ କିମ୍ବା ଡେନମାର୍କର ଆଣ୍ଡର୍ସ ଆଣ୍ଟନସେନଙ୍କୁ ଭେଟିବେ।

# ପଦକ ନିଶ୍ଚିତ କଲେ ପ୍ରମୋଦ

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**




ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି ଓଡ଼ିଶାର ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ ଏସଏଲ-୩ କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ଶରତ ଚନ୍ଦ୍ର ଯୋଶୀଙ୍କୁ ୨୧-୧୬, ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି। ତେବେ ଅନ୍ୟତମ ଦୁଇ ଓଡ଼ିଆ ଖେଳାଳି ଦୀପ୍ ରଞ୍ଜନ ବିଷୋୟୀ ଓ ଜି. ଦିଲେଶ୍ୱର ରାଓ କ୍ୱାର୍ଟର ଫାଇନାଲରେ ହାରି ଯାଇଛନ୍ତି। ପ୍ରମୋଦ ଶନିବାର ସେମିଫାଇନାଲରେ ନିଜ ଦେଶର ବିକ୍ରମ କୁମାରଙ୍କୁ ଭେଟିବେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ନଭେମ୍ବର ୨୦/୨୦୨୧ | Sambalpur, Saturday, November 20/2021 | ପୃଷ୍ଠା-୧



## ପିଟର ପୁରସ୍କୃତ

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହକି ଖେଳାଳି ପିଟର ତିର୍କୀଙ୍କୁ ସହିଦ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି।

୦୮

୦୬

## କିନ୍ନର ମେଘନାଙ୍କ ସଂଘର୍ଷ କଥା କହିବ 'ଟି'

କିନ୍ନର ମେଘନା ସାହୁଙ୍କ ଜୀବନକୁ ନେଇ ପ୍ରସ୍ତୁତ ହେଉଛି ଚଳଚ୍ଚିତ୍ର 'ଟି'। ଏହି ଫିଲ୍ମର ଶୁଟିଂ ଆସନ୍ତା ୨୧ରୁ ଆରମ୍ଭ ହେବ।






# ବାୟୁସେନାକୁ ମିଳିଲା ସ୍ୱଦେଶୀ ହେଲିକପ୍ଟର

**ଝାନ୍ସୀ, ୧୯।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଝାନ୍ସୀଠାରେ ଭାରତୀୟ ବାୟୁସେନାକୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଲଢୁଆ ହେଲିକପ୍ଟର (ଏଲ୍‌ସିଏଚ୍) ହସ୍ତାନ୍ତର କରିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏହି ହେଲିକପ୍ଟରରେ ପ୍ରଭାବଶାଳୀ ଆକ୍ରମଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ (ହାଲ୍) ନିର୍ମିତ ଏହି ଏଲ୍‌ସିଏଚ୍ ବିଶ୍ୱର ଏକମାତ୍ର ଆକ୍ରମଣକାରୀ ହେଲିକପ୍ଟର ଯାହା ଇନ୍ଧନ ଓ ଅସ୍ତ୍ରଶସ୍ତ୍ର ସହ ୫,୦୦୦ ମିଟର ଉଚ୍ଚତାରେ ଉଡ଼ାଣ ଓ ଅବତରଣ କରିପାରିବ। ଦୁଇ ଇଞ୍ଜିନ ବିଶିଷ୍ଟ


ହାଲ୍ ନିର୍ମିତ ହାଲୁକା ଲଢୁଆ ହେଲିକପ୍ଟର।

୫.୮ ଟନ୍ ଶ୍ରେଣୀର ଏହି ହେଲିକପ୍ଟରରେ ପାଇଲଟ ଏବଂ ସହପାଇଲଟ୍/ୱିପନ ସିଷ୍ଟମ ଅପରେଟରଙ୍କ ପାଇଁ ଅପ୍ରଶସ୍ତ ଫ୍ୟୁଜ୍‌ଲେଗ ଓ ପଛକୁ ପଛ କନ୍‌ଫିଗୁରେଶନ ରହିଛି। ଏହା ବ୍ୟତୀତ ହେଲିକପ୍ଟରରେ ଅନ୍ୟାନ୍ୟ ଅତ୍ୟାଧୁନିକ ଫିଚର ରହିଛି।

ଭାରତ ସ୍ୱାଧୀନତାର ୭୫ତମ ବର୍ଷ ଅବସରରେ ଝାନ୍ସୀରେ ଆୟୋଜିତ 'ରାଷ୍ଟ୍ର ରକ୍ଷା ସମର୍ପଣ ପର୍ବ'ର ଉଦ୍‌ଯାପନ ଦିବସରେ ପ୍ରଧାନମନ୍ତ୍ରୀ ସ୍ଥଳସେନାକୁ ଭାରତୀୟ ଷ୍ଟାର୍ଟଅପ୍‌ମାନଙ୍କ ଦ୍ୱାରା ବିକଶିତ ଡ୍ରୋନ ହସ୍ତାନ୍ତର କରିବା ସହ ନୌସେନାର ଯୁଦ୍ଧଜାହାଜ, ବିମାନବାହୀ ରଣତରୀ ପାଇଁ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ୱାରଫେୟାର ସୁଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ଡାଇନାମିକ୍ସ ଅଧୀନରେ ନିର୍ମାଣ ହେବାକୁ ଥିବା ଏକ ପ୍ଲାଣ୍ଟର ଶିଳାନ୍ୟାସ କରିଥିଲେ ପ୍ରଧାନମନ୍ତ୍ରୀ। ୪୦୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଉକ୍ତ ପ୍ଲାଣ୍ଟ ଆଣ୍ଟି ଟ୍ୟାଙ୍କ ଗାଇଡେଡ୍ ମିସାଇଲ ପାଇଁ ପ୍ରପଲଶନ ସିଷ୍ଟମ ପ୍ରସ୍ତୁତ କରିବ। ସାମରିକ ପ୍ରକଳ୍ପ ବ୍ୟତୀତ ମୋଦି ଉତ୍ତରପ୍ରଦେଶର ପଛୁଆ ବୁନ୍ଦେଲଖଣ୍ଡ ଅଞ୍ଚଳ ଲାଗି ମୋଟ ୩,୪୨୫ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଥିମଧ୍ୟରେ ରହିଛି ୩,୦୧୩ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ୬୦୦ ମେଗାୱାଟର ଅଲ୍‌ଟ୍ରା ମେଗା ସୋଲାର ପାୱାର ପାର୍କ। ଏହା ବ୍ୟତୀତ ମୋଦି ଝାନ୍ସୀଠାରେ ଅଟଳ ଏକତା ପାର୍କକୁ ଉଦ୍‌ଘାଟନ କରିଥିଲେ।

# ପାଣିରେ ଗଲା ୩ ଜୀବନ

**ନିମାପଡ଼ା/ଭୁବନ, ୧୯।୧୧(ଡି.ଏନ୍.ଏ.)**

- ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ
- ବ୍ରାହ୍ମଣୀରେ ଭାସିଗଲେ ୮ମ ଶ୍ରେଣୀ ଛାତ୍ର

କାର୍ତ୍ତିକ ପୂର୍ଣ୍ଣିମାରେ ରାଜ୍ୟର ପୃଥକ୍ ସ୍ଥାନରେ ପାଣିରେ ବୁଡ଼ି ୩ ନାବାଳକଙ୍କ ମୃତ୍ୟୁ ଘଟିଛି। ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ିଯାଇ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଆଳିପିଙ୍ଗଳ ଗ୍ରାମର ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଡଙ୍ଗା ଭସାଇବାବେଳେ ବ୍ରାହ୍ମଣୀ ନଦୀରେ ଭାସିଯାଇ ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ଜଣେ ଛାତ୍ରଙ୍କ ଜୀବନ ଯାଇଛି।

ଆଳିପିଙ୍ଗଳ ଗ୍ରାମର ସାଇସତ୍ୟମ୍ ବାରିକ(୧୦) ଏବଂ ଶକ୍ତି ସାହୁ (୭) ଶୁକ୍ରବାର ଅପରାହ୍ଣରେ ସ୍ଥାନୀୟ ହାଡ଼ଗଡ଼ିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଅସାବଧାନତାରୁ ଗୋଡ଼ ଖସିଯିବାରୁ ଉଭୟେ ବୁଡ଼ିଯାଇଥିଲେ। ପୋଖରୀ ରାସ୍ତା ଦେଇ ଯାଉଥିବା କେତେଜଣ ବ୍ୟକ୍ତି ଉଭୟଙ୍କୁ ଉଦ୍ଧାର କରିବା ସହିତ ପରିବାରକୁ ସୂଚନା ଦେଇଥିଲେ। ☞ପୃଷ୍ଠା-୬

# ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷାଫଳ ଆଜି

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇବ। ପୂର୍ବାହ୍ଣ ୧୧ଟାରେ www.orissaresults.nic.in ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ଏହି ୱେବ୍‌ସାଇଟରେ ନିଜ ☞ପୃଷ୍ଠା-୬

# ଗ୍ରୀନ୍ ଜୋନ୍‌କୁ ଆସିଲା ଖୋର୍ଦ୍ଧା

## କରୋନାମୁକ୍ତ ହେଲା କେନ୍ଦୁଝର

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ରାଜ୍ୟରେ କେନ୍ଦୁଝର ଜିଲା ଏବେ କରୋନା ମୁକ୍ତ ହୋଇଛି। ଏହି ଜିଲାରେ ଏବେ କେହି କରୋନାରେ ଆକ୍ରାନ୍ତ ନ ଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡ଼ିଛି। ସେହିପରି ସକ୍ରିୟ ରୋଗୀ ସଂଖ୍ୟାରେ ପ୍ରଥମେ ରେଡ୍ ଜୋନ୍ ଓ ପରେ ୟେଲୋ ଜୋନ୍‌ରେ ଥିବା ଖୋର୍ଦ୍ଧା ଜିଲା ଦୀର୍ଘମାସ ପରେ ଗ୍ରୀନ୍ ଜୋନ୍‌କୁ ଆସିଛି। ଶୁକ୍ରବାର ରାଜ୍ୟରେ ୩୫୪ଜଣ କରୋନାରୁ ସୁସ୍ଥ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୦୭ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ୍ ଆରୋଗ୍ୟଙ୍କ ସଂଖ୍ୟା ୧୦,୩୫,୯୬୭ରେ ପହଞ୍ଚିଛି। ରାଜ୍ୟରେ ଏବେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨,୧୫୦ ଥିବାବେଳେ ଖୋର୍ଦ୍ଧା ଜିଲାରେ ୧ ହଜାରକୁ ଖସି ଯାଇଛି। ସେପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୫୬,୫୧୫ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୪୨ଜଣ କରୋନା ପଜିଟିଭ୍ ☞ପୃଷ୍ଠା-୬




ଅଫର୍ ମଧ୍ୟ ବୈଧ ରହିଛି
TRENDS MAN | TRENDS WOMAN | TRENDS FOOTWEAR
ଅନ୍ୟ ଅଫର୍ ପାଇଁ, ଅନଲାଇନ୍ କିଣାକିଣି କରନ୍ତୁ:
JioMart | www.trends.ajio.com

*ସର୍ତ୍ତ ଓ ନିୟମାବଳି ପ୍ରଯୁଜ୍ୟ। ଷ୍ଟକ୍ ରହିଥିବା ପର୍ଯ୍ୟନ୍ତ ଏହି ଅଫର୍ ପ୍ରଯୁଜ୍ୟ। ମର୍ଚାଣ୍ଡାଇଜ୍ ମଧ୍ୟ ଏହି ଅଫର୍ ବ୍ୟତୀତ ଉପଲବ୍ଧ ରହିଛି। 2 ବା ଅଧିକ ବିଲ୍ ଏକାଠି କରିବା କିମ୍ବା ବିଭାଜିତ କରିବା ପାଇଁ ଅନୁମତି ଦିଆଯାଏ ନାହିଁ। ଟ୍ରେଣ୍ଡସ୍ ଷ୍ଟୋରରେ ଗୋଟିଏ ବିଲରେ ଅତିକମରେ ₹2999/- ର କିଣାକିଣି ଉପରେ, ଦୟାକରି ନିମ୍ନଲିଖିତ ଲାଭଗୁଡ଼ିକ ପାଇବା ପାଇଁ ଟ୍ରେଣ୍ଡସ୍ ଷ୍ଟୋରର ଗ୍ରାହକ ସେବା ଡେସ୍କରେ ବିଲ୍ ଉପସ୍ଥାପନ କରନ୍ତୁ: ₹1500 ର ଟ୍ରେଣ୍ଡସ୍ କୁପନ୍ (ପ୍ରତିଟି ₹500 ମୂଲ୍ୟର 3ଟି କୁପନ୍) ଏବଂ ₹1500 ର Trends.Ajio.com କୁପନ୍ (ପ୍ରତିଟି ₹500 ମୂଲ୍ୟର 3ଟି କୁପନ୍)। ଦୟାକରି ସର୍ତ୍ତ ଓ ନିୟମାବଳି, ଟ୍ରେଣ୍ଡସ୍, Trends.Ajio.com ଦ୍ୱାରା ଜାରି କରାଯାଇଥିବା କୁପନ୍ ର ବୈଧତା ବିଷୟରେ ଅଧିକ ବିବରଣୀ ପାଇଁ ଷ୍ଟୋର୍ ଷ୍ଟାଫଙ୍କୁ ପଚାରନ୍ତୁ।

# ମୁଖ୍ୟମନ୍ତ୍ରୀଙ୍କ ନୈତିକତା କୁଆଡ଼େ ଗଲା: ଧର୍ମେନ୍ଦ୍ର

**ମମିତା ମେହେର ହତ୍ୟା ପ୍ରସଙ୍ଗ**

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

ମମିତା ମେହେର ହତ୍ୟା ମାମଲାକୁ ନେଇ ଶୁକ୍ରବାର ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବର୍ଷିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଧର୍ମେନ୍ଦ୍ର ସିଧାସଳଖ ମମିତା ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ନୈତିକତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଲାଲବାହାଦୁର ଶାସ୍ତ୍ରୀ ରେଳ ଦୁର୍ଘଟଣା ପରେ ନୈତିକତା ଚାପରେ ଇସ୍ତଫା ଦେଇଥିଲେ। ଲାଲକୃଷ୍ଣ ଆଡଭାନୀ ମଧ୍ୟ ହାୱାଲା ମାମଲାରେ ନୈତିକତା ଦୃଷ୍ଟିରୁ ବିରୋଧୀ ଦଳ ନେତା ପଦବୀରୁ ଇସ୍ତଫା ଦେବାର ନଜିର ରହିଛି। ଦୀର୍ଘଦିନର ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ଅନେକ ଘଟଣା କିମ୍ବା ଦୁର୍ନୀତି ମାମଲାରେ ନୈତିକତା ଦୃଷ୍ଟିରୁ ବହୁ ନେତା ଓ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଛନ୍ତି। ହେଲେ ମମିତା ମେହେର ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବାର ଅଭିଯୋଗ ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନୈତିକତା କୁଆଡ଼େ ଗଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ପୁଣି ମମିତାଙ୍କ ବାପା, ମା'ଙ୍କ ୧୬୪ ବୟାନ ରେକର୍ଡ କରାଯାଇନାହିଁ। ଏଭଳି ସ୍ଥିତିରେ ସେମାନଙ୍କ ଉପରେ ଚାପ ପକାଇ ପ୍ରାୟୋଜିତ ମାମଲା କରାଯିବା ସହ ତ୍ୱରିତ ଶୁଣାଣି ପାଇଁ କେସ୍ ହୋଇଛି। ମାମଲାର ଚାର୍ଜଶିଟ୍ ହୋଇ ନ ଥିବାବେଳେ ତ୍ୱରିତ ଶୁଣାଣି ପାଇଁ ଅପିଲ୍ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ସରକାର ଥିବାବେଳେ କିଏ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଆଠଗଡ଼ ନେଇ ଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୦୦ ମସିହାର ଆଠଗଡ଼ ନିର୍ବାଚନ ସଭା ଅଞ୍ଜନା ମିଶ୍ର ପ୍ରସଙ୍ଗରେ ହୋଇଥିଲା ନା ନାହିଁ। ସେତେବେଳେ ଏହି ପ୍ରସଙ୍ଗ ଯଦି ସମ୍ବେଦନଶୀଳ ଥିଲା ତେବେ ବର୍ତ୍ତମାନ ଓଡ଼ିଆ ଝିଅର ଇଜ୍ଜତକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଲେ ତାହାକୁ ହୀନ ରାଜନୀତି କିଭଳି କୁହାଯିବ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଓଡ଼ିଆ ଲୋକ ଭରସା କରି ମୁଖ୍ୟମନ୍ତ୍ରୀଙ୍କୁ ଭୋଟ ଦେଇଛନ୍ତି। କିନ୍ତୁ ସେହି ଦମ୍ଭରେ ପ୍ରଶ୍ନ ପଚାରିବାକୁ ଆଉ କାହାର ଅଧିକାର ନାହିଁ ବୋଲି ଭାବିବା ଠିକ୍ ନୁହେଁ। କାହାରି ଅହଂକାର ବେଶିଦିନ ତିଷ୍ଠିନି ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, କରୋନା ସମୟରେ ପାଖାପାଖି ଦେଢ଼ବର୍ଷ ପର୍ଯ୍ୟନ୍ତ ମୋଦି ସରକାର ଜଣ ପିଛା ୫ କେଜି ଚାଉଳ, ଡାଲି ଦେଇଥିଲେ। ମାଗଣାରେ ଘର, ଖାଦ୍ୟ, ବିଜୁଳି, ଗ୍ୟାସ୍, ଶୌଚାଳୟ, ପିଇବାପାଣି ଯୋଗାଇଛନ୍ତି। ସମଗ୍ର ଦେଶର ୧୧୩ କୋଟି ଲୋକଙ୍କ କରୋନା ଟିକାର ଡୋଜ ଦିଆଯାଇଛି। ସେଥିମଧ୍ୟରୁ ୪୦କୋଟି ଲୋକଙ୍କୁ ୨ ଡୋଜ ଦିଆସରିଛି। ହେଲେ ଓଡ଼ିଶାରେ ୨୫ ଲକ୍ଷରୁ ଅଧିକ ଟିକା ମହଜୁଦ ରହିଛି। ଟିକାକରଣ କ୍ଷେତ୍ରରେ ଓଡ଼ିଶା ଏକ ପଛୁଆ ରାଜ୍ୟ। ଗରିବ, ଚାଷୀ, ପଛୁଆ ଲୋକ, ଆଦିବାସୀଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା ଆରମ୍ଭ ହୋଇଛି। ହେଲେ ଏହାକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ବିକଳ୍ପ ବ୍ୟବସ୍ଥା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

# ପ୍ରମାଣ ଦେଲେ ମୁଖ୍ୟମନ୍ତ୍ରୀ ଜେଲରେ ଭର୍ତ୍ତି କରିବେ: ପ୍ରଣବ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମମିତା ମେହେର ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିବା ପରେ ଏହା ଉପରେ ପ୍ରତିକ୍ରିୟା ରଖି ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଟୁଇଟ୍ କରି ସେ କହିଛନ୍ତି, କେନ୍ଦ୍ର ସରକାର ଚାଷୀ ଆଇନ ପ୍ରତ୍ୟାହାର କରିଛନ୍ତି। କିନ୍ତୁ ଭାରତବର୍ଷରେ ପ୍ରାଣ ହରାଇଥିବା ୭୫୦ ନିରୀହ ଚାଷୀଙ୍କ କଥା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ନୈତିକ ଦାୟିତ୍ୱ କାହା ଉପରେ ବୋଲି ପ୍ରଣବ ପ୍ରଶ୍ନ କରିଛନ୍ତି। ଧର୍ମେନ୍ଦ୍ରଙ୍କୁ ଭାଇ ବୋଲି ସମ୍ବୋଧନ କରି ପ୍ରଣବ ଆହୁରି ଉଲ୍ଲେଖ କରିଛନ୍ତି, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ପୁଅ ଗାଡ଼ି ଚଢ଼ାଇ ୭ଜଣ ନିରୀହ ଚାଷୀଙ୍କୁ ମାରି ଜେଲରେ ଅଛନ୍ତି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ତାଙ୍କ ଉପରେ ମକଦ୍ଦମା ହେଲା। ଆପଣଙ୍କ ମୂଲ୍ୟବାନ୍ ସମୟରୁ କିଛି ସମୟ ବାହାର କରି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ନୈତିକତାର ପାଠ ପଢ଼ାଇଲେ ଭଲ ହୁଅନ୍ତା। ଟ୍ରେନ୍ ଦୁର୍ଘଟଣାରେ ଶାସ୍ତ୍ରିଜୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। ଆପଣଙ୍କ ସରକାର ଶାସନ କାଳରେ ଅନେକ ଟ୍ରେନ୍ ଦୁର୍ଘଟଣା ଘଟିଛି। ଅନେକ ନିରୀହ ଲୋକ ପ୍ରାଣ ହରାଇଛନ୍ତି। ଆପଣଙ୍କ ମନ୍ତ୍ରିମଣ୍ଡଳରୁ କେତେଜଣ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି ବୋଲି ପ୍ରଣବ ପଚାରିଛନ୍ତି। ଯଦି ମମିତା ମେହେର ହତ୍ୟା ଘଟଣାରେ ଆପଣ କିମ୍ବା ଆପଣଙ୍କ ଦଳ ଆସି ପୋଲିସ କିମ୍ବା ଉଚ୍ଚନ୍ୟାୟାଳୟରେ ଠୋସ୍ ପ୍ରମାଣ ଦିଅନ୍ତି, ଇସ୍ତଫା ନୁହେଁ ମୁଖ୍ୟମନ୍ତ୍ରୀ ଆମ ମନ୍ତ୍ରୀଙ୍କୁ ଜେଲରେ ଭର୍ତ୍ତି କରିବେ। ଯେତେ ପ୍ରଭାବଶାଳୀ ବ୍ୟକ୍ତି ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଅତୀତରେ ଭୁଲ୍ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ଆପଣ ସ୍ୱୀକାର କରିଥିବାରୁ ଧନ୍ୟବାଦ। ଏବେ ମଧ୍ୟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ବୋଲି ରାଜ୍ୟବାସୀ ଜାଣିଥିବା ପ୍ରଣବ କହିଛନ୍ତି।



# ମମିତା ହତ୍ୟାର ଏସ୍‌ଆଇଟି ତଦନ୍ତ ଦାବି ଦୋହରାଇଲା କଂଗ୍ରେସ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ଏସ୍‌ଆଇଟି ତଦନ୍ତ ଦାବିକୁ ପୁଣି ଦୋହରାଇଛି କଂଗ୍ରେସ। ଶୁକ୍ରବାର ଖବରଦାତା ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଏ.ଚେଲ୍ଲାକୁମାର କହିଛନ୍ତି, ଲଖିମପୁର ଖେରି କୃଷକ ଗଣହତ୍ୟା ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆନୁଯାୟୀ ସ୍ୱତନ୍ତ୍ର ତଦନ୍ତକରୀ ଦଳ (ଏସ୍‌ଆଇଟି) ଦ୍ୱାରା ଘଟଣାର ତଦନ୍ତ କରାଯିବା ପାଇଁ ଉତ୍ତର ପ୍ରଦେଶର ଉଚ୍ଚ ନ୍ୟାୟାଳୟକୁ ଆଦେଶ ଦେଇଛନ୍ତି। ସେହିପରି ଭାଜପା ମଧ୍ୟ କଂଗ୍ରେସର ଦାବି ସହ ସହମତ ହୋଇ ମମିତା ମେହେର ହତ୍ୟା ଘଟଣାର ତଦନ୍ତ ଉଚ୍ଚ ନ୍ୟାୟାଳୟ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକରୀ ଦଳ ମାଧ୍ୟମରେ ତଦନ୍ତ ପାଇଁ ଦାବି ରଖୁ। କିନ୍ତୁ ଭାଜପା ଓ ବିଜେଡି ଦୁହେଁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ଭାଜପା କେବଳ ସିବିଆଇ ତଦନ୍ତ ଦାବି କରି ନାଟକ କରୁଥିବା ଚେଲ୍ଲାକୁମାର କହିଛନ୍ତି।

## ଭାଜପାରେ ସଞ୍ଜୀବ ସାହୁ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ):** ନିକଟରେ ବିଜେଡି ଛାଡ଼ିଥିବା ବରିଷ୍ଠ ନେତା ସଞ୍ଜୀବ ସାହୁ ଶୁକ୍ରବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଞ୍ଜୀବ ନିଜର ଶତାଧିକ ସମର୍ଥକଙ୍କ ସହ ଭାଜପାରେ ମିଶିଛନ୍ତି। ବିଜେଡି ଟିକେଟରୁ ୪ଥର ବିଧାୟକ ତଥା ମନ୍ତ୍ରୀ ହୋଇଥିବା ସଞ୍ଜୀବ ଗତ ୩ ତାରିଖରେ ବିଜେଡି ଛାଡ଼ିଥିଲେ। ଏହାପରଠାରୁ ସେ ଭାଜପାରେ ମିଶିବେ ବୋଲି ଆଲୋଚନା ଜୋର୍ ଧରିଥିଲା। ଧର୍ମେନ୍ଦ୍ର ତାଙ୍କୁ ଏହି ଅବସରରେ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଭାଜପାକୁ ସ୍ୱାଗତ କରିଛନ୍ତି।

# ଅହଂକାରର ପରାଜୟ: କଂଗ୍ରେସ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

୩ କୃଷି ଆଇନକୁ ପ୍ରତ୍ୟାହାର କରାଯିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଛନ୍ତି। ସେହି ଆଇନକୁ ସଂସଦର ଆସନ୍ତା ଶୀତକାଳୀନ ଅଧିବେଶନରେ ରଦ୍ଦ କରାଯିବ। ଏହା କୃଷକ ଓ ଗଣତନ୍ତ୍ରର ବିଜୟ ଏବଂ କେନ୍ଦ୍ର ସରକାରଙ୍କ ଅହଂକାରର ପରାଜୟ ବୋଲି କଂଗ୍ରେସ କହିଛି। ଦଳର ପ୍ରଦେଶ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଭାରୀ ଏ.ଚେଲ୍ଲାକୁମାର କହିଛନ୍ତି, ଦେଶରେ ନରେନ୍ଦ୍ର ମୋଦି ସରକାର ଯେଉଁ କଳା କୃଷି ଆଇନ ପ୍ରଣୟନ କରିଥିଲେ, ତାହାକୁ ରଦ୍ଦ କରିବାକୁ ଆଜି ସେ ନିଜେ ଘୋଷଣା କରିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ କୋଟି କୋଟି କୃଷକ ଯେଉଁ ଆନ୍ଦୋଳନ ଜାରି ରଖିଥିଲେ ତାହା ନ୍ୟାୟ ସଙ୍ଗତ ଥିଲା। ନିକଟରେ ଦେଶରେ ହୋଇଥିବା ଉପ ନିର୍ବାଚନରେ କଂଗ୍ରେସର ସଫଳତା କୃଷି ଆଇନ ପ୍ରତ୍ୟାହାର ପାଇଁ କେନ୍ଦ୍ରକୁ ବାଧ୍ୟ କରିଛି। ଆନ୍ଦୋଳନ ସମୟରେ କୃଷକମାନଙ୍କୁ ଆତଙ୍କବାଦୀ ବୋଲି ଚିତ୍ରଣ କରାଯାଇଥିଲା। ୭୦୦ରୁ ଅଧିକ କୃଷକ ପ୍ରାଣ ହରାଇଛନ୍ତି। ତେବେ ପାର୍ଲାମେଣ୍ଟରେ ଏହି ୩ କୃଷି ଆଇନ ପ୍ରତ୍ୟାହାର ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ ବୋଲି ଚେଲ୍ଲାକୁମାର କହିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଏଆଇସିସି ସମ୍ପାଦକ ଜି. ରୁଦ୍ର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

**ଉପ ନିର୍ବାଚନରେ କଂଗ୍ରେସର ସଫଳତା କୃଷି ଆଇନ ପ୍ରତ୍ୟାହାର କାରଣ: ଚେଲ୍ଲାକୁମାର**



ଖବରତାଦା ସମ୍ମିଳନୀରେ କଂଗ୍ରେସ ନେତା ରୁଦ୍ର ରାଜୁ, ଚେଲ୍ଲାକୁମାର, ନିରଞ୍ଜନ ପଟ୍ଟନାୟକ।

## ଜାତୀୟ/ଅନ୍ତର୍ଜାତୀୟ

**ସଂକ୍ଷେପରେ**

### ବଳାତ୍କାର ମାମଲାରେ ଜେଲ ଗଲେ ୨ ଡାକ୍ତର

**ଚେନ୍ନାଇ, ୧୯।୧୧:** ଚେନ୍ନାଇର ଏକ ସରକାରୀ ହସ୍ପିଟାଲର ସହକର୍ମୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ଦୁଇଜଣ ଡାକ୍ତରଙ୍କୁ ଶୁକ୍ରବାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ଅଗଷ୍ଟରେ କୋଭିଡ୍ ଡ୍ୟୁଟି ପରେ ଏକ ହୋଟେଲ ରୁମ୍‌ରେ କ୍ୱାରାଣ୍ଟାଇନରେ ରହୁଥିବା ସହକର୍ମୀଙ୍କୁ ଅଭିଯୁକ୍ତ ଡାକ୍ତର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସେମାନେ ଅପରାଧ ସମ୍ପର୍କରେ ସ୍ୱୀକାର କରିଥିବା ପୋଲିସ କହିଛି। ବଳାତ୍କାର ପରେ ଗୁରୁତର ହୋଇପଡ଼ିଥିବା ପୀଡ଼ିତା ୨ ମାସ ଛୁଟିରେ ରହିବା ପରେ ଗତ ମାସରେ ଡ୍ୟୁଟିରେ ଯୋଗଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ଦୁଇ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ହୋଟେଲର ସିସିଟିଭି ଫୁଟେଜ୍‌ରୁ ଅଭିଯୋଗ ସତ୍ୟ ଜଣାପଡ଼ିଥିଲା।

### ବିଶ୍ୱ ଭ୍ରମଣ କରିଥିବା ଚା' ବ୍ୟବସାୟୀଙ୍କ ପରଲୋକ



**କୋଚି, ୧୯।୧୧:** ସ୍ତ୍ରୀଙ୍କୁ ନେଇ ସାରା ବିଶ୍ୱ ଭ୍ରମଣ କରିଥିବା କେରଳର ୭୧ ବର୍ଷୀୟ ଚା' ବ୍ୟବସାୟୀ କେ.ଆର୍. ବିଜୟନଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବିଜୟନ ଓ ତାଙ୍କ ସ୍ତ୍ରୀ ମୋହନାଙ୍କର କୋଚିରେ ଶ୍ରୀ ବାଲାଜୀ କଫି ହାଉସ୍ ନାମରେ ଏକ ଟି' ଷ୍ଟଲ୍ ରହିଛି। ସେମାନେ ଉପାର୍ଜିତ ଅର୍ଥକୁ ବିଶ୍ୱ ଭ୍ରମଣରେ ଲଗାଇ ଚର୍ଚ୍ଚାକୁ ଆସିଥିଲେ। ଗତ ଅକ୍ଟୋବର ୨୮ରେ ସେମାନେ ରୁଷିଆରୁ ଫେରିଥିଲେ। ଭ୍ରମଣ ପାଇଁ ସେମାନେ ଦୈନିକ ରୋଜଗାରରୁ ୩୦୦ ଟଙ୍କା ସଞ୍ଚୟ କରୁଥିଲେ। ୨୦୦୭ରେ ପ୍ରଥମେ ଇସ୍ରାଏଲ୍ ଯାଇଥିଲେ। ଗତ ୧୪ ବର୍ଷରେ ଏହି ଦମ୍ପତି ୨୬ ଦେଶ ଭ୍ରମଣ କରିଛନ୍ତି। ୨୦୧୯ରେ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ସେମାନଙ୍କୁ ଅଷ୍ଟ୍ରେଲିଆ ଭ୍ରମଣ ଖର୍ଚ୍ଚ ବହନ କରିଥିଲେ।

# ଆନ୍ଧ୍ରରେ ବର୍ଷା ବିପ୍ରାତ: ୧୭ ମୃତ

**ଶତାଧିକ ନିଖୋଜ**

ତିରୁପତି, ୧୯।୧୧

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ଲାଗିରହିଛି। ରୟାଲସୀମା ଅନ୍ତର୍ଗତ ୪ ଜିଲାରେ ବର୍ଷା ଓ ବନ୍ୟାରେ ଶୁକ୍ରବାର ୧୭ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ଚେୟେରୁ ନଦୀରେ ବନ୍ୟା ଆସି ଅନେକ ଗ୍ରାମ ଜଳାର୍ଣ୍ଣବ ହୋଇଥିବାବେଳେ ନନ୍ଦାଲୁରଠାରେ ଥିବା ସ୍ୱାମୀ ଆନନ୍ଦ ମନ୍ଦିର ପାଣିରେ ବୁଡ଼ିଯାଇଛି। କଡପା ଜିଲାର ରାଜମପେଟ ଓ ଅନ୍ୟ ଅଞ୍ଚଳ ବନ୍ୟାପ୍ଲାବିତ ହୋଇଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ଗଣ୍ଡଲୁରୁ ଅଞ୍ଚଳରୁ ୭ ମୃତଦେହ ମିଳିଥିବା ବେଳେ ରାୟାଭରମରୁ ୩ ଏବଂ ମଣ୍ଡପାଲ୍ଲି ନିକଟରୁ ୨ ଜଣଙ୍କ ମୃତଦେହ ମିଳିଛି। ମଣ୍ଡପାଲ୍ଲି, ଆକେପାଡ୍ଡୁ, ନନ୍ଦାଲୁରୁ ଅଞ୍ଚଳରୁ ୩୦ ଜଣ ବନ୍ୟାରେ ଭାସିଯାଇଛନ୍ତି। ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ଓ ରେଳଲାଇନ ପାଣିରେ ବୁଡ଼ିଯାଇଛି। କଡପା ବିମାନ ବନ୍ଦରକୁ ୨୫ ତାରିଖ ଯାଏ ବନ୍ଦ କରାଯାଇଥିବାବେଳେ ନନ୍ଦାଲୁର-ରାଜାପେଟ୍ ମଧ୍ୟରେ ଚଳାଚଳ କରୁଥିବା ୧୦ଟି ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ ହୋଇଛି।

ଲଘୁଚାପ ଯୋଗୁ ଆନ୍ଧ୍ରପ୍ରଦେଶର ଦକ୍ଷିଣ ଉପକୂଳ ଏବଂ ରାୟଲସୀମାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ତିରୁମାଲାରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ପ୍ରଭୁ ଭେଙ୍କଟେଶ୍ୱରଙ୍କ ଦର୍ଶନରେ ଆସିଥିବା ତୀର୍ଥଯାତ୍ରୀମାନେ ଫସିରହିଛନ୍ତି। ତିରୁମାଲା ମନ୍ଦିରକୁ ଯାଇଥିବା ୪ଟି ରାସ୍ତା ବନ୍ୟାପାଣିରେ ବୁଡିଥିବାବେଳେ ଗଛ ଉପୁଡି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ବର୍ଷା ପ୍ରଭାବିତ ଜିଲାଗୁଡ଼ିକର ଜିଲାପାଳମାନଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିବା ସହ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।



ତିରୁପତିଠାରେ ଲୋକେ ପାଣିଭର୍ତ୍ତି ରାସ୍ତାରୁ ମାଛ ଧରୁଛନ୍ତି।

### କାନ୍ଥ ଭୁଶୁଡ଼ି ୪ ଶିଶୁଙ୍କ ସମେତ ୯ ମୃତ

**ଭେଲୋର, ୧୯।୧୧:** ତାମିଲନାଡୁର ଭେଲୋର ଜିଲାରେ ପ୍ରବଳ ବର୍ଷା ଜାରି ରହିଥିବାବେଳେ ଶୁକ୍ରବାର କାନ୍ଥ ପଡ଼ି ୪ ଶିଶୁଙ୍କ ସମେତ ୯ ଜଣଙ୍କ ଜୀବନ ଯାଇଛି। ଭେଲୋରର ପେର୍ନାମପାଟ୍ଟୁ ଅଞ୍ଚଳରେ ଉକ୍ତ ବିଲ୍ଡିଂର କାନ୍ଥ ଭୁଶୁଡ଼ିବା ବେଳେ ସେଠାରେ ୫୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିଲେ। ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କ ଲାଗି ୫୦,୦୦୦ ଟଙ୍କାର ସହାୟତା ଘୋଷଣା କରାଯାଇଛି। ଗତ ସପ୍ତାହରୁ ତାମିଲନାଡୁରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁ ଚେନ୍ନାଇ ସମେତ ତାମିଲନାଡୁର ଅଧିକାଂଶ ଜିଲାରେ ସ୍କୁଲ୍ ବନ୍ଦ ରହିଛି। ଗତ ସପ୍ତାହରେ ବର୍ଷା ବିପ୍ରାତରେ ୧୦ ଜଣଙ୍କ ଜୀବନ ଯାଇଥିଲା।

# ହସ୍ପିଟାଲରେ ବାଇଡେନ

ୱାଶିଂଟନ, ୧୯।୧୧

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କଲୋନୋସ୍କୋପି ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ଓ ତାଙ୍କୁ ଆନାସ୍ଥେସିଆ ଦିଆଯାଇଛି। କଲୋନୋସ୍କୋପି ପୂର୍ବରୁ ଶୁକ୍ରବାର ସେ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ସାମୟିକ ଭାବେ କ୍ଷମତା ହସ୍ତାନ୍ତର କରିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଏହି ସମୟରେ ହାରିସ ନିଜ ୱେଷ୍ଟ ୱିଙ୍ଗ୍ ଅଫିସରୁ କାର୍ଯ୍ୟ କରିବେ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ଜେନ୍ ସାକି କହିଛନ୍ତି। ବୃହଦନ୍ତ୍ର ଭିତରକୁ ପରୀକ୍ଷା କରି ଦେଖିବା ପାଇଁ ଏହା ଭିତରେ ଏକ ଫ୍ଲେକ୍ସିବଲ୍ କ୍ୟାମେରା ଖଞ୍ଜା ଯାଇଥାଏ। ଏହା ଦ୍ୱାରା ବୃହଦନ୍ତ୍ରରେ ରକ୍ତ କ୍ଷରଣ, ପୋଲିପ୍ସ ଏବଂ କେଲୋନ କ୍ୟାନସର ଲକ୍ଷଣ ସମ୍ପର୍କରେ ଜଣାପଡ଼ିଥାଏ। ଏହି ପରୀକ୍ଷାକୁ କଲୋନସ୍କୋପି କୁହାଯାଏ। ୨୦୦୨ ଏବଂ ୨୦୦୭ରେ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କର କଲୋନୋସ୍କୋପି ବେଳେ ସେ ଉପରାଷ୍ଟ୍ରପତିଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ।

**ହାରିସଙ୍କୁ ସାମୟିକ କ୍ଷମତା ହସ୍ତାନ୍ତର**



କମଲା ହାରିସ୍

# ବିଚାର ବିଭାଗୀୟ ତଦନ୍ତ ଦାବିକଲା ଗୁପ୍‌କାର ମେଣ୍ଟ

ଶ୍ରୀନଗର, ୧୯।୧୧

ହାଇଦରପୋରା ଏନ୍‌କାଉଣ୍ଟରର ବିଚାର ବିଭାଗୀୟ ତଦନ୍ତ ଲାଗି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲାଙ୍କ ନେତୃତ୍ୱରେ ୬ ଦଳୀୟ ଗୁପ୍‌କାର ମେଣ୍ଟ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଗତ ସୋମବାର ଶ୍ରୀନଗରର ହାଇଦରପୋରାରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟବେଳେ ଦୁଇ ବ୍ୟବସାୟୀ ନିହତ ହୋଇଥିଲେ। ସେନା ଗୁଳିରେ ନିରୀହ ଲୋକଙ୍କ ଜୀବନ ଯାଇଥିବା ଦର୍ଶାଇ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିହତ ବ୍ୟବସାୟୀ ମହମ୍ମଦ ଅଲ୍‌ତାଫ୍ ଭଟ୍ଟ ଏବଂ ଡା. ମୁଦାସିର ଗୁଲ୍‌ଙ୍କ ମୃତଦେହ ଗୁରୁବାର ରାତିରେ ମାଟି ତଳୁ ଖୋଳାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହା ପୂର୍ବରୁ ମୃତକଙ୍କ ପରିବାରକୁ ନ୍ୟାୟ ଏବଂ ମୃତଦେହ ଫେରାଇବା ନିମନ୍ତେ ନ୍ୟାଶନାଲ କନଫରେନ୍ସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଧାରଣାରେ ବସିଥିଲେ। ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପୋଲିସ ପ୍ରଶାସନର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଯାଇଥିଲା।

**ହାଇଦରପୋରା ଏନ୍‌କାଉଣ୍ଟର**




# କାନ୍ଦିଲେ ଚନ୍ଦ୍ରାବାବୁ ନାଇଡୁ

ଅମରାବତୀ, ୧୯।୧୧

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁଦେଶମ୍ ପାର୍ଟି (ଟିଡିପି) ନେତା ଏନ୍. ଚନ୍ଦ୍ରାବାବୁ ନାଇଡୁ ଶୁକ୍ରବାର ରାଜ୍ୟ ବିଧାନସଭାରୁ କକ୍ଷତ୍ୟାଗ କରିବା ସମୟରେ କାନ୍ଦି ପକାଇଥିଲେ। ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସଦସ୍ୟମାନଙ୍କ ଅପମାନଜନକ ମନ୍ତବ୍ୟରେ କ୍ଷୁବ୍ଧ ଚନ୍ଦ୍ରାବାବୁ ବିଧାନସଭାକୁ ତାଙ୍କ କାର୍ଯ୍ୟକାଳର ଅବଶିଷ୍ଟ ସମୟ ପାଇଁ ଆଉ ଆସିବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ସେ ଗୃହକୁ ଫେରିବେ ବୋଲି ୭୧ ବର୍ଷୀୟ ଟିଡିପି ନେତା କହିଛନ୍ତି। ବିଧାନସଭା ଶୀତ ଅଧିବେଶନରେ ଦ୍ୱିତୀୟ ଦିନ ପାଇଁ ମହିଳା ସଶକ୍ତୀକରଣ ଉପରେ ଆଲୋଚନା ଚାଲିଥିବାବେଳେ ଶାସକ ଦଳର କେତେଜଣ ସଦସ୍ୟ ତାଙ୍କ ସ୍ତ୍ରୀଙ୍କୁ ଆକ୍ଷେପ କରି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଟିଡିପି ମୁଖ୍ୟାଳୟଠାରେ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବା ବେଳେ ଚନ୍ଦ୍ରାବାବୁ କାନ୍ଦିବା ସହ କିଛି ସମୟ ମୁହଁକୁ ହାତରେ ଘୋଡ଼ାଇ ରଖିଥିଲେ ଓ କିଛି କହିପାରି ନ ଥିଲେ। ସେ କହିଥିଲେ, ତାଙ୍କ ସ୍ତ୍ରୀ କଦାପି ରାଜନୀତିରେ ନାହାନ୍ତି। ତଥାପି ଶାସକ ଦଳ ସଦସ୍ୟ ତାଙ୍କ ସ୍ତ୍ରୀଙ୍କୁ ନେଇ ଅପମାନଜନକ ମନ୍ତବ୍ୟ ଦେଉଛନ୍ତି। ୪୦ ବର୍ଷର ରାଜନୈତିକ କ୍ୟାରିୟର ମଧ୍ୟରେ ସେ କେବେ ଏଭଳି ଅପମାନିତ ହୋଇ ନ ଥିଲେ। ସେ ବିଧାନସଭାକୁ ମହାଭାରତର କୌରବ ସହ ତୁଳନା କରିଛନ୍ତି, ଯେଉଁଠି କୌରବମାନେ ଦ୍ରୌପଦୀଙ୍କ ବସ୍ତ୍ର ହରଣ କରି ପାଣ୍ଡବମାନଙ୍କୁ ଅପମାନିତ କରିଥିଲେ। ବିଧାନସଭାରେ ବିରୋଧୀ ଦଳକୁ ଅପମାନିତ କରାଯାଉଥିବାବେଳେ ବାଚସ୍ପତି ନୀରବ ଦର୍ଶକ ସାଜିବା ଦୁର୍ଭାଗ୍ୟଜନକ ବୋଲି ଚନ୍ଦ୍ରାବାବୁ ମତ ଦେଇଛନ୍ତି।

**କ୍ଷମତାକୁ ନ ଫେରିବା ଯାଏ ବିଧାନସଭା ଆସିବେ ନାହିଁ**



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୬୬,୪୯,୪୬୦ | ୫୧,୫୧,୭୦୧ | ୨୩,୧୭,୯୯,୯୮୦ |
| ଭାରତ | ୩,୪୪,୮୯,୬୨୩ | ୪,୬୫,୦୮୨ | ୩,୩୮,୯୭,୯୨୧ |
| ଓଡ଼ିଶା | ୧୦,୪୬,୫୫୯ | ୮୩୮୯(+୫୩) | ୧୦,୩୫,୬୧୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର









୩ କୃଷି ଆଇନ ପ୍ରତ୍ୟାହାର ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ଶୁକ୍ରବାର ନବ ନିର୍ମାଣ କୃଷକ ସଂଗଠନ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା କର୍ମକର୍ତ୍ତା ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିଜୟ ଉତ୍ସବ ପାଳନ କରୁଛନ୍ତି।

# ସଂଖ୍ୟାଗରିଷ୍ଠତାରେ ସବୁ କାର୍ଯ୍ୟ ହେବନି

**ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠତାର ମହତ୍ତ୍ୱ ଅଧିକ। କିନ୍ତୁ ଏହାର ଦୁରୁପଯୋଗ ହେଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ନିଶ୍ଚିତ। କେନ୍ଦ୍ର ସରକାରଙ୍କ ୩ କଳା କୃଷି ଆଇନ ଏହାର ସଦ୍ୟ ଉଦାହରଣ। ସରକାର ସଂଖ୍ୟା ବଳକୁ ନେଇ ଅହଂକାରୀ ହୋଇପାରିବେ ନାହିଁ। କାରଣ ନ୍ୟାୟ ଓ ଅଧିକାର ପାଇଁ ଲଢ଼େଇ କରୁଥିବା ଲୋକଙ୍କ ବଳ କ୍ଷମତାସୀନ ଲୋକଙ୍କୁ ମୁଣ୍ଡ ନୁଆଁଇବାକୁ ବାଧ କରିଥାଏ, ଯାହା କୃଷି ଆଇନ ପ୍ରତ୍ୟାହାର ଘୋଷଣାରୁ ପ୍ରମାଣିତ ହୋଇଛି।**

## ମୋଦି ସରକାରଙ୍କୁ ଶିକ୍ଷା ମିଳିଛି



କୃଷି ଆଇନ୍ ପ୍ରତ୍ୟାହାର ଦ୍ୱାରା କୃଷକମାନଙ୍କର ଐତିହାସିକ ବିଜୟ ହୋଇଛି। କୃଷକମାନଙ୍କ ଆଗରେ ଭାଜପା ସରକାର ମୁଣ୍ଡ ନୁଆଁଇଛନ୍ତି। କେବଳ ସଂଖ୍ୟା ଗରିଷ୍ଠତାରେ ସବୁ କାର୍ଯ୍ୟ କରିବା ସମ୍ଭବ ନୁହେଁ ବୋଲି ମୋଦି ସରକାରଙ୍କୁ ଶିକ୍ଷା ମିଳିଛି।

**- ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ**

## ଏମ୍ଏସ୍‌ପିକୁ ଆଇନସମ୍ମତ କରାଯାଉ



ଦେଶତମାମ କୃଷକମାନଙ୍କ ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ କୃଷି ଆଇନକୁ ପ୍ରତ୍ୟାହାର କରିଛନ୍ତି। କିନ୍ତୁ ଚାଷୀ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି)କୁ ଆଇନ ସମ୍ମତ କରିନାହାନ୍ତି। ତେଣୁ କୃଷକଙ୍କ ହିତ ଦୃଷ୍ଟିରୁ ଏମ୍ଏସ୍‌ପିକୁ ଆଇନସମ୍ମତ କରାଯାଉ।

**- ନିମାଇଁ ରାୟ, ରାଜ୍ୟ ସହ ସଂଯୋଜକ, ନବନିର୍ମାଣ କୃଷକ ସଂଗଠନ**

## କୃଷି ଆଇନ ପ୍ରତ୍ୟାହାର ନିଷ୍ପତ୍ତିକୁ ସ୍ୱାଗତ



୩ ନୂତନ କୃଷି ଆଇନ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଦେଶ ତଥା ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏପରି ନିଷ୍ପତ୍ତି ନିଆଯାଇଛି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଚାଷୀଙ୍କ ପରିବାର ଓ ଚାଷ ଜମି ତାଙ୍କୁ ଅପେକ୍ଷା କରିଛି। ଘରକୁ ଫେରିଲେ ସେମାନେ ସ୍ୱାଗତ କରିବେ। ଚାଷୀଙ୍କ ସ୍ୱାର୍ଥକୁ ବିଜେଡି ସବୁବେଳେ ସମର୍ଥନ କରିଆସିଛି।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ଗଣତନ୍ତ୍ରକୁ ସମୃଦ୍ଧ କରିବ



ଦେଶର କିଛି ପ୍ରଦେଶର ଚାଷୀ ଓ ନେତାଙ୍କ ମତକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ଟି କୃଷି ଆଇନକୁ ପ୍ରତ୍ୟାହାର କରି ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଆସନ୍ତା ଶୀତ ଅଧିବେଶନରେ ଏହି ଆଇନଗୁଡିକ ସମ୍ବିଧାନିକ ଭାବେ ପ୍ରତ୍ୟାହାର କରାଯିବ। ପ୍ରଧାନମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଗଣତନ୍ତ୍ରକୁ ମଧ ସମୃଦ୍ଧ କରିବ। ଚାଷୀଙ୍କ ଉତ୍ପାଦିତ ସାମଗ୍ରୀର ଠିକ୍ ମୂଲ୍ୟ ଦେବା ଓ ଏମଏସ୍‌ପିକୁ ଅଧିକ ପ୍ରଭାବଶାଳୀ କରିବା ଉପରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାର ଏକ କମିଟି ଗଠନ କରିବେ। ଏହି କମିଟିରେ କେନ୍ଦ୍ର ସରକାର, ରାଜ୍ୟ ସରକାର, କୃଷି ବୈଜ୍ଞାନିକ, କୃଷି ଅର୍ଥନୀତିଜ୍ଞ ପ୍ରତିନିଧି ରହିବେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ ସରକାର ଚାଷୀଙ୍କ ସାମଗ୍ରିକ ସମୃଦ୍ଧି ଏବଂ ବିକାଶ ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ।

**- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**

## ଅହଂକାରର ପରିସମାପ୍ତି



କେନ୍ଦ୍ର ସରକାରଙ୍କ ଅହଂକାରର ପରିସମାପ୍ତି ଘଟିଲା। ଯେଉଁ ସରକାର ଯେତେବେଳେ ଏଭଳି ଜନ ବିରୋଧୀ ପଦକ୍ଷେପ ନିଅନ୍ତି, ତାଙ୍କୁ ଏଭଳି ପରିଣାମ ଭୋଗିବାକୁ ପଡ଼େ। ଉତ୍ତର ପ୍ରଦେଶ ନିର୍ବାଚନରେ ନିଶ୍ଚିତ ପରାଜୟ ଜାଣି ପ୍ରଧାନମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏମ୍ଏସ୍‌ପିକୁ ନେଇ ରହିଥିବା ଦାବିକୁ କେନ୍ଦ୍ର ସରକାର ଗ୍ରହଣ କରନ୍ତୁ।

**- ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ**

## ଐତିହାସିକ ବିଜୟ



କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ପ୍ରତ୍ୟାହାର କରିନେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏହି ଘୋଷଣା ଚାଷୀ ଆନ୍ଦୋଳନର ନୈତିକ ଓ ଐତିହାସିକ ବିଜୟ। ଦୀର୍ଘଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ କୃଷକମାନଙ୍କ ଆନ୍ଦୋଳନ ଯୋଗୁ କେନ୍ଦ୍ର ସରକାର କୃଷି ଆଇନ ରଦ୍ଦ କରିବାକୁ ବାଧ ହୋଇଛନ୍ତି।

**- ଶେଷଦେବ ନନ୍ଦ, ରାଜ୍ୟ ସଂଯୋଜକ, ନବନିର୍ମାଣ କୃଷକ ସଂଗଠନ**

## ନିର୍ବାଚନ ପାଇଁ ପ୍ରତ୍ୟାହାର



ଉତ୍ତର ପ୍ରଦେଶ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ କୃଷି ଆଇନକୁ ଉଚ୍ଛେଦ ଘୋଷଣା କରିଛନ୍ତି। ନିର୍ବାଚନ ହାରିବା ଆଶଙ୍କାରେ ମୋଦି ଏଭଳି ନିଷ୍ପତ୍ତି ନେଇଛନ୍ତି। ସରକାର କୃଷକ ଆନ୍ଦୋଳନକୁ ସମ୍ମାନ ଜଣାଇ ଏମ୍ଏସ୍‌ପିକୁ ଆଇନ୍ ଅନୁମୋଦିତ କରିବା ସହ ଦରଦାମ୍ ବୃଦ୍ଧି ରୋକନ୍ତୁ।

**- ରବି ବେହେରା, ରାଜ୍ୟ ସଭାପତି, ସମାଜବାଦୀ ପାର୍ଟି**

# 'ଆତ୍ମା' କର୍ମଚାରୀଙ୍କୁ ଅଣଦେଖା

## ୪ ମାସ ହେବ ବିନା ଦରମାରେ ଖଟୁଛନ୍ତି

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

କୃଷି ବୈଷୟିକ ପରିଚାଳନା ଏଜେନ୍ସି (ଆତ୍ମା) ହେଉଛି କୃଷି ବିଭାଗର ମେରୁଦଣ୍ଡ । ଧାନ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସହ କୃଷକମାନଙ୍କୁ ସହାୟତା କରିବା କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁ ରାଜ୍ୟ ସରକାରଙ୍କୁ ୪ ଥର କୃଷି କର୍ମଣ ପୁରସ୍କାର ମିଳି ସାରିଲାଣି। କେବଳ ଧାନ ନୁହେଁ, ମକା, ମାଣ୍ଡିଆ, ବାଜରା, ଯଅ ଆଦି ଚାଷ କ୍ଷେତ୍ର ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ମିଲେଟ ମିଶନ ମଧ୍ୟ ଆତ୍ମା କର୍ମଚାରୀଙ୍କ ଯୋଗୁ ସଫଳ ହୋଇଛି। କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ଓଡ଼ିଶାକୁ ପୁରସ୍କୃତ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର କୃଷିକୁ ଅଗ୍ରାଧିକାର ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏସବୁ ସଫଳତା ପଛରେ ଦିନରାତି ଏକକରି ବ୍ଲକ ଓ ଜିଲା ସ୍ତରରେ କାର୍ଯ୍ୟ କରୁଥିବା ପ୍ରାୟ ୧୪୦୦ରୁ ଉର୍ଦ୍ଧ୍ୱ ବ୍ଲକ ଟେକ୍ନୋଲୋଜି ମ୍ୟାନେଜର (ବିଟିଏମ୍) ଓ ଆସିଷ୍ଟାଣ୍ଟ ଟେକ୍ନୋଲୋଜି ମ୍ୟାନେଜର, ଜିଲା ସ୍ତରରେ କମ୍ପ୍ୟୁଟର ଅପରେଟର ଏବଂ ଆକାଉଣ୍ଟାଣ୍ଟମାନଙ୍କୁ ଦୀର୍ଘବର୍ଷ ଧରି ଅଣଦେଖା କରାଯାଉଛି। ସ୍ୱଳ୍ପ ପାରିଶ୍ରମିକରେ କ୍ଷେତ୍ରସ୍ତରରେ ଆଉଟସୋର୍ସିଂ ଜରିଆରେ କାର୍ଯ୍ୟ କରୁଥିବା ଏହି ଉଚ୍ଚଶିକ୍ଷିତମାନେ ଶୋଷଣର ଶିକାର ହୋଇ ଚାଲିଛନ୍ତି। ଘରୋଇ ସଂସ୍ଥା ଇପିଏଫ୍ ପ୍ରାପ୍ୟ ପଇଠ କରୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ଦୀର୍ଘ ୪ ମାସ ହେବ ଦରମା ନ ପାଇ କର୍ମଚାରୀମାନେ ହନ୍ତସନ୍ତ ହେଉଛନ୍ତି।

'ଆତ୍ମା' ଏକ କେନ୍ଦ୍ରୀୟ ପ୍ରକଳ୍ପ। ଏଥିପାଇଁ କେନ୍ଦ୍ର ସରକାର ୬୦% ଅନୁଦାନ ଦେଉଥିବା ବେଳେ ରାଜ୍ୟ ସରକାର ମାତ୍ର ୪୦% ଅନୁଦାନ ଦେଉଛନ୍ତି। ୨୦୧୨ରୁ ଆତ୍ମା ଅଧୀନରେ କାର୍ଯ୍ୟ କରି ଆସୁଥିବା କର୍ମଚାରୀମାନେ ବ୍ଲକ କୃଷି ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଅହରହ କାର୍ଯ୍ୟକରି ଆସୁଛନ୍ତି। ରାଜ୍ୟ ସରକାରଙ୍କ କାଳିଆ, ବଳରାମ,ପିଏମ୍ କିଷାନ ଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଯୋଜନାକୁ ସଫଳ କରିବାରେ କର୍ମଚାରୀ ଗୁରୁଦାୟିତ୍ୱ ବହନ କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ବର୍ତ୍ତମାନ ସାରା ରାଜ୍ୟରେ ୭୬ ଲକ୍ଷ କୃଷକଙ୍କର ଡାଟାବେସ୍ କାର୍ଯ୍ୟ ଚାଲିଛି। କୃଷକମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ। ଏହାକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ କର୍ମଚାରୀମାନେ ଗାଁ ଗାଁ ବୁଲି କୃଷକମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ସମସ୍ତ କାର୍ଯ୍ୟ ସତ୍ତ୍ୱେ ବ୍ଲକ ଓ ଜିଲାସ୍ତରୀୟ କୃଷି ଅଧିକାରୀମାନଙ୍କ ଖାମଖିଆଲ ମନୋଭାବ ଯୋଗୁ କେନ୍ଦ୍ର ଓ ରାଜ୍ୟ ଅନୁଦାନ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଏପରି କି ଏହି କର୍ମଚାରୀମାନେ ଗତ ୪ ମାସ ହେବ ଦରମା ନ ପାଇ ଦହଗଞ୍ଜ ହେଉଛନ୍ତି। କେବଳ ସେତିକି ନୁହେଁ, କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ବାବଦରେ ଆଉଟ୍‌ସୋର୍ସିଂ ସଂସ୍ଥା ଇପିଏଫ୍ ଅର୍ଥ ପଇଠ କରୁନାହିଁ। ଏହାଛଡ଼ା କେନ୍ଦ୍ରୀୟ ଗାଇଡ୍‌ଲାଇନ ଅନୁଯାୟୀ କର୍ମଚାରୀଙ୍କୁ ପ୍ରତ୍ୟେକ ବର୍ଷ ୧୦% ମହଙ୍ଗା ଭତ୍ତା ଦିଆଯାଉ ନାହିଁ। ବିଟିଏମ୍ ଏବଂ ଏଟିଏମ୍ ତଥା ଆତ୍ମା ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀ ସଂଘ ଏ ବାବଦରେ କୃଷି ନିର୍ଦ୍ଦେଶକ, ଇମେଜ କର୍ତ୍ତୃପକ୍ଷ, କୃଷି ସଚିବ, କୃଷି ଉତ୍ପାଦନ କମିଶନରଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏହାକୁ ନେଇ ଆତ୍ମା କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆତ୍ମା ଓଡ଼ିଶା କର୍ମଚାରୀମାନଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ଦୂର କରିବା ସହ ତୁରନ୍ତ ପ୍ରତ୍ୟେକ ମାସରେ ଦରମା ଦେବା ସହିତ ସ୍ଥାୟୀ ନିଯୁକ୍ତି ଦେବାକୁ ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି।






## ସଟ୍ଟା କାରବାର: ଜଣେ ଗିରଫ

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଢୋଲମହୁଲଠାରେ ଲୋଇସିଂହା ପୋଲିସ ଶୁକ୍ରବାର ଚଢ଼ାଉ କରି ସଟ୍ଟା କାରବାର ଚଳାଉଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଢୋଲମହୁଲର ମୁନା କୁଅଁର। ତାଙ୍କଠାରୁ ୨ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି। ଲୋଇସିଂହା ଅଞ୍ଚଳରେ ସଟ୍ଟା ଖେଳ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଏହାବାଦ ଥାନା ଅଞ୍ଚଳରେ ଘୁଡଘୁଡୁ ପଟି ଏବଂ ତୀରମାଡ ଖେଳ ଚାଲିଛି। ଏଥିରେ ଲୋକେ ସର୍ବସ୍ୱାନ୍ତ ହେଉଥିବା ଅଭିଯୋଗ ହୋଇଛି। ଏଦିଗରେ ଜିଲାର ବରିଷ୍ଠ ପୋଲିସ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ତହସିଲଦାରଙ୍କୁ ଆକ୍ରମଣ: ଜଣେ ଗିରଫ

**ଧର୍ମଗଡ,୧୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ସହର ଦେଇ ଯାଇଥିବା ମୁଖ୍ୟରାସ୍ତା ପ୍ରଶସ୍ତିକରଣ ପାଇଁ ମାପଚୁପ ତଦାରଖ କରୁଥିବା ବେଳେ ଗୁରୁବାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାରଙ୍କୁ ଜଣେ ବ୍ୟକ୍ତି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ଧର୍ମଗଡ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଅଭିଯୋଗରେ ତରୁଣ ପ୍ରକାଶ ଭୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଧର୍ମଗଡ କେଳପଡିଆ ନିକଟରେ ରାସ୍ତା ପ୍ରଶସ୍ତିକରଣ ପାଇଁ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ହରେକୃଷ୍ଣ ବରିହା ତଦାରଖ କରୁଥିଲେ। ଏହି ସମୟରେ ହଠାତ ତରୁଣ ଏକ ବାଇକ୍‌ରେ ଆସି ଡ୍ୟୁଟିରେ ଥିବା ତହସିଲଦାରଙ୍କୁ ଆକ୍ରମଣ କରି ଗାଡି ମଧ୍ୟରୁ କଲର ଧରି ଟାଣିଆଣିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ନିକଟରେ ଥିବା ପୋଲିସ ଓ ତହସିଲ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭୋଇଙ୍କୁ କାବୁ କରିଥିଲେ। ଏ ନେଇ ଧର୍ମଗଡ ଥାନାରେ ଏକ ମାମଲା (ନଂ.୧୭୩/୨୧) ରୁଜୁ ହୋଇଥିବା ତଦନ୍ତ ଅଧିକାରୀ ଟୁନା ସେଠୀ କହିଛନ୍ତି। ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କ ପ୍ରତି ଏଭଳି ଆଚରଣକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି।

# ୫ ଦଫା ଦାବି ନେଇ କୃଷି ସମବାୟ ସମିତିରେ ତାଲା

**ଲାଠୋର,୧୯।୧୧(ଡି.ଏନ.ଏ.)**

ପଶ୍ଚିମ ଓଡିଶା ସେବା ସମବାୟ ସମିତି କର୍ମଚାରୀ ମହାସଂଘର ଡାକରା କ୍ରମେ ପଶ୍ଚିମ ଓଡିଶାର ୧୦ ଗୋଟି ଜିଲାରେ କାର୍ଯ୍ୟରତ ସେବା ସମବାୟ ସମିତିର କର୍ମଚାରୀମାନେ ୫ ଦଫା ଦାବି ନେଇ ଗୁରବାର ଠାରୁ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସମସ୍ତ ସେବା ସମବାୟ ସମିତି କର୍ମଚାରୀ ଅସହଯୋଗ ଆନ୍ଦୋଳନ ପନ୍ଥା ଗ୍ରହଣ କରି ସଂପୃକ୍ତ ଉପନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ଠାରେ ଧାରଣା ଦେବେ ବୋଲି ଚେତାବନୀ



ଲାଠୋର ସେବା ସମବାୟ ସମିତିରେ ତାଲା ଝୁଲୁଛି।

ଦେଇଛନ୍ତି। ସେହି କ୍ରମରେ ବଲାଙ୍ଗୀର ଜିଲା ଲାଠୋର ସେବା ସମବାୟ ସମତିରେ ମଧ ତାଲା ଝୁଲୁଛି। ଆନ୍ଦୋଳନକୁ ନେଇ ଅଞ୍ଚଳର ଚାଷୀମାନଙ୍କ ମହଲରେ ଭାଳେଣି ପଡିଲାଣି। ଧାର କରଜ କରି ଅଧିକାଂଶ ଚାଷୀ ଚାଷ କରିଛନ୍ତି। ଏବେ ଫସଲ ଅମଳ ସମୟରେ ମଣ୍ଡି କେବେ ଖୋଲିବ ଅପେକ୍ଷା କରିଥିବା ବେଳେ କର୍ମଚାରୀଙ୍କ ଆନ୍ଦୋଳନ ଚାଷୀଙ୍କୁ ହତାଶ କରିଛି। ଯଦି କର୍ମଚାରୀମାନେ ଆନ୍ଦୋଳନ ଜାରି ରଖନ୍ତି ତାହେଲେ ଚାଷୀମାନେ ଦଲାଲ ମାନଙ୍କ ହାବୁଡରେ ପଡି କମ ଦରରେ ଧାନ ବିକିବା ଆଶଙ୍କା ରହିଛି। ଏନେଇ ଲାଠୋର ସେବା ସମବାୟ ସମିତି ସମ୍ପାଦକ ଜଗଦୀଶ ରଣାଙ୍କୁ ଯୋଗାଯୋଗ କରିବାରେ କହିଥିଲେ ଆମେ ଆମ ହକ୍ ପାଇଁ ଆନ୍ଦୋଳନ ଚଳାଇଛୁ। ଯେ ପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ।

# ଐତିହାସିକ କୃଷକ ଆନ୍ଦୋଳନର ବିଜୟ ଦିବସ ପାଳନ



ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଛକରେ ଏସୟୁସିଆଇ(ସି) ପକ୍ଷରୁ ବିଜୟ ଦିବସ ପାଳନ କରାଯାଉଛି।

**ବଲାଙ୍ଗୀର ଅଫିସ,୧୯।୧୧**

ଜନବିରୋଧୀ ତିନି କଳା କୃଷି ଆଇନକୁ ପ୍ରତ୍ୟାହାର କରିବା ଦାବିରେ ଚାଲିଥିବା ୧୨ ମାସର ଐତିହାସିକ କୃଷକ ଆନ୍ଦୋଳନର ବିଜୟ ଉପଲକ୍ଷେ ଏସୟୁସିଆଇ (ସି) ବଲାଙ୍ଗୀର ଜିଲା ତରଫରୁ ବିଭିନ୍ନ ସ୍ଥାନରେ ବିଜୟ ଦିବସ ପାଳିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛକରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ଏହି ଆନ୍ଦୋଳନରେ ଶହୀଦ ହୋଇଥିବା ୭୫୦ରୁ ଊର୍ଦ୍ଧ୍ୱ କୃଷକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଗଣତାନ୍ତ୍ରିକ ଆନ୍ଦୋଳନ ଯେ ଦାବି ପୂରଣର ଏକମାତ୍ର ପଥ ତାହା ଏହି ଆନ୍ଦୋଳନ ପୁଣି ଥରେ ପ୍ରମାଣିତ କରିଛି ଓ ଜନଗଣଙ୍କ ଐକ୍ୟବଦ୍ଧ ଶକ୍ତି ଆଗରେ କେନ୍ଦ୍ର ସରକାର ମଥାନତ କରିବାକୁ ବାଧ ହୋଇଛି ବୋଲି ଏହି ସଭାରେ ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଆନ୍ଦୋଳନରୁ ଶିକ୍ଷା ନେଇ ଆଗାମୀ ଦିନରେ ସରକାରଙ୍କ ସମସ୍ତ ଜନବିରୋଧୀ ନୀତିର ପ୍ରତିବାଦରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଜିଲା ସମ୍ପାଦକ ସୁନିଲ ଭୋଇ ପ୍ରକାଶ କରିଛନ୍ତି। ଜିଲା କମିଟି ସଭ୍ୟ ରାଜେନ୍ଦ୍ର ରଣା ଓ ବିକାଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲକ୍ଷାଧିକ ଟଙ୍କାର ଖୁଣ୍ଟ କାଠ ଜବତ

**ବଲାଙ୍ଗୀର ଅଫିସ,୧୯।୧୧:** ବଲାଙ୍ଗୀର ବନଖଣ୍ଡର ବନ୍ଧପଡା ସେକ୍ସନ ଏବଂ ଦେଷଣ୍ଡ ବିଟ୍ ଅନ୍ତର୍ଗତ କ୍ଷୀରିବାଞ୍ଜି ସଂରକ୍ଷିତ ଜଙ୍ଗଲରୁ ବନବିଭାଗ ମୋବାଇଲ ଟିମ୍ ଶୁକ୍ରବାର ଅତର୍କିତ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଖୁଣ୍ଟ କାଠ ଜବତ କରିଛି।

**କ୍ଷୀରିବାଞ୍ଜି ଜଙ୍ଗଲରେ ବନ ବିଭାଗର ଚଢ଼ାଉ**

ଏହି ଖୁଣ୍ଟ କାଠ ବେଆଇନ ଭାବେ ଚାଲାଣ ହେବାକୁ ରଖାଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାରଙ୍କୁ ସୂଚନା ମିଳିଥିଲା। ଏହାପରେ ଡିଏଫ୍‌ଓ କୁମାର ମୋବାଇଲ ସ୍କ୍ୱାଡ୍‌କୁ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଜବତ କାଠଗଣ୍ଡିର ଆକଳନ କରାଯିବ ବୋଲି ଡିଏଫ୍‌ଓ କୁମାର ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଚୋରା କାଠ ବେପାରୀ ଫେରାର ହୋଇଯାଇଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।


**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**

**Tender Call Notice No. File No. IDCO/HO-P&C/O-3139/04/2021/V-1/19660** **Dated: 12.11.2021**

**NOTICE INVITING TENDER THROUGH e-Procurement**

No. CAD-1889: **Name of the Work :** Supply, Installation, Testing & commissioning of 2 Nos. 750 KVA Silent type DG Set with Energy metering arrangement for Office-cum-Commercial Complex at Badmal, Jharsuguda.
**Period of Completion: 3 (Three) Calendar Months**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-42/2021-22 | 17.00 hours of Dt.20.11.2021 | 17.00 hours of Dt.17.12.2021 |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal as well as in IDCO website.
**OIPR-14003/11/0123/2122** **Sd./- Chief General Manager (P&C), IDCO, Bhubaneswar**



**1 NATION TAX MARKET**

**COMMISSIONERATE OF CT & GST**
**(Under Finance Department, GOVERNMENT OF ODISHA)**

No.S-29

**ଧ୍ୟାନ ଦିଅନ୍ତୁ**

**ଓଡ଼ିଶାରେ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଦ୍ରବ୍ୟ ଓ ସେବା କର ତଥା ବୃତ୍ତିଗତ କର ଅଧୀନରେ ପଞ୍ଜୀକରଣ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କର ସର୍ଭେ**

- ରାଜ୍ୟରେ ବ୍ୟବସାୟ ଚଳାଉଥିବା, କିନ୍ତୁ ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ନିୟମ ଅନୁଯାୟୀ ପଞ୍ଜୀକରଣ ହୋଇ ନ ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ପାଇଁ ଓଡ଼ିଶାର ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ସଂସ୍ଥା ତରଫରୁ ଏକ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି।
- ପଞ୍ଜୀକୃତ ଟିକସଦାତାମାନେ ଅନେକ ସୁବିଧା ସୁଯୋଗ ପାଇପାରିବେ ଯଥା- ଇନ୍‌ପୁଟ୍ ଟାକ୍ସ କ୍ରେଡିଟ୍ ପାଇବା ବା ହସ୍ତାନ୍ତର କରିବା, ଇ-ୱେ ବିଲ୍ ବ୍ୟବହାର କରିବା ଇତ୍ୟାଦି।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ କରିବା ପାଇଁ ଯୋଗ୍ୟ ହୋଇସାରିଥିବା ସତ୍ତ୍ୱେ ବିନା ପଞ୍ଜୀକରଣରେ ବ୍ୟବସାୟ ଚଳାଇବା ବେଆଇନ ଅଟେ ଏବଂ ସମ୍ପୃକ୍ତ ଆଇନ ଅନୁଯାୟୀ ଜରିମାନା ଦେବାକୁ ପଡିବ।
- ଦ୍ରବ୍ୟ ଓ ସେବା କର ଆଇନ ଏବଂ / କିମ୍ବା ବୃତ୍ତିଗତ କର ଆଇନ ଅଧୀନରେ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣା ଏବଂ ଏକ ସରଳ ଅନ୍‌ଲାଇନ ପ୍ରକ୍ରିୟା।

Help Desk: 1800-345-6753 (Toll Free)
email: ctdho@odishatax.gov.in

Commissioner of CT & GST
Government of Odisha, Cuttack
OIPR-05032/11/0001/2122



**e-Procurement Notice for Road Works Identification No.10/EERW/BLS/2021-22**

No. O-957

1. Name of the Work : Roads
2. Total No. of Works : 9 Nos.
3. Estimated Cost : Estimated Cost Rs.4.83 lakh to Rs.32.80 lakh
4. Class of Contractor : 'D', 'C' & 'B' Class
5. Time of Completion : 1 Month (One Calendar Month)
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Balasore | 10/EERW/ BLS/2021-22 | 22.11.2021 at 11.00 A.M. | 29.11.2021 upto 5.00 P.M. | 29.11.2021 upto 1.00 P.M. | 30.11.2021 at 10.00 A.M. |

Further details can be seen from the website **www.tendersodisha.gov.in**.
**Sd./- Superintending Engineer**
**R.W. Division, Balasore**
**OIPR-25108/11/0008/2122**



No.C-1319 **Government of Odisha**
**"e" Procurement Notice**
**Bid Identification No. 47/2021-22**

| | | | |
|---|---|---|---|
| 1. | Name of the work | : | 3 Nos. of work |
| 2. | Estimated cost | : | **237.92 lakhs to 544.27 lakh** |
| 3. | Period of completion | : | 2 (Two) Months |
| 4. | Date & Time of availability of bid document in the portal | : | From11.00 AM of 20.11.2021 to 5.00 PM of 10.12.2021 |
| 5. | Last date/time for receipt of bids in the portal | : | 5.00 PM of 10.12.2021 |
| 6. | Name and address of the Officer Inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (**http://tendersorissa.gov.in**)
**Sd./- Superintending Engineer,**
**P.H. Division, Bhubaneswar**
**OIPR-13021/11/0017/2122**



**CDA କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12**

**ସୂଚନା**

No.CAD-1871:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର), ସେକ୍ଟର-୭ରେ ପ୍ଲଟ୍ ନଂ.- 7D/1292ଟିକୁ ଶ୍ରୀ ବ୍ରଜେନ୍ଦ୍ର କୁମାର ଶତପଥୀ, ପିତା- ଗୌରାଙ୍ଗ ଚରଣ ଶତପଥୀ, ସା.- ଭୂଇଁପୁର, ପୋ.- ବନସିଂହ, ଥା- ଢେଙ୍କାନାଳ ସଦର, ଜିଲ୍ଲା- ଢେଙ୍କାନାଳଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବ୍ରଜେନ୍ଦ୍ର କୁମାର ଶତପଥୀ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମୃତ୍ୟୁଞ୍ଜୟ ନାୟକ, ପିତା- ଫକୀର ଚରଣ ନାୟକ, ସା.- ପଥରଚକଡା, ପୋ.- ମାଧପୁର, ଥା- ଫତେଗଡ଼, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ
OIPR-13037/11/0125/2122



**GOVERNMENT OF ODISHA**
**WORKS DEPARTMENT**
**QUOTATION CALL NOTICE**

**OE-II-0732180012/2020/15853/W** **Dt.15.11.21**

No. B-640: Sealed quotation in Official Letter Head/Pad are invited from intending Registered Firms/Suppliers located in Bhubaneswar having valid TIN/SRIN number with GST Registration Certificate for supply of 5 Nos. of Dell Laptop as per the specification mentioned below.

| Sl. No. | Name of the Item | Specification | Quantity |
|---|---|---|---|
| 1 | Laptop (Dell/HP) | Core i5 10th generation, 8GB DDR4, 1TB HDD + SSD (preferably 256 GB or more), 15.6 inch (1920 × 1080), HD Web came, Finger Print Reader, 3 Cell 42 hr. battery, 3 years on-site warranty (1 year on battery & adapter), Windows 10 professional, Ms Office 365. | 5 |

The quotations should reach the undersigned by 30.11.2021 upto 4.00 P.M. at the latest and the quotations will be opened on the same day at 5.00 P.M. in the presence of quotationers or their authorized representative if they like so. Final selection of supplier will be made on the basis of loest price offered by the Firms/Dealers/Suppliers subject to fulfillment of other conditions. The authority reserves the right to marginally modify the quantity of the item after finalization of bidder.
The authority reserves the right to accept or reject any quotation without assigning any reason thereof. The quotation received in incomplete shape or after the scheduled date and time shall be summarily rejected. The accepted quotation will remain valid till 31.03.2022.

**Sd./- Deputy Secretary to Government**
**OIPR-34001/11/0003/2122**


# ମେଣ୍ଟାଟାଲ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୧୯।୧୧**

ନୂଆପଡା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ମେଣ୍ଟାଟାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ଯଶୋବନ୍ତି ବାଗ, ଶୁଭ୍ରାସୁ ବାବୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମଦର ଟେରେସା ସେବା ସଂସ୍ଥା ପକ୍ଷରୁ ଲୁଚାଇତ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଜିଲାର ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରି ନୂତନ ପ୍ରତିଭା ଚୟନ କରାଯାଉଛି।

# କାର୍ତ୍ତିକ ପୂର୍ଣ୍ଣିମା ପାଳିତ

**ଲାଠୋର,୧୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମେହେରପଡାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କମିଟି ସଦସ୍ୟ ଓ ଗ୍ରାମବାସୀ ସାମୁହିକ ଭାବେ ଗ୍ରାମ୍ୟ ପୋଖରୀରେ ସ୍ନାନ ପରେ ବୋଇତ ଭସାଣୀ ଉତ୍ସବ ହୋଇଥିଲା। ପୂଜକ ସଦାଶିବଙ୍କ ଦ୍ୱାରା ମେହେରପଡା ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା କର୍ତ୍ତୀ ଭାବେ ଗ୍ରାମର ପୁଷ୍ପାଳି ମେହେର ଏବଂ ଅନିରୁଦ୍ଧ ମେହେର ଦାୟିତ୍ୱ ତୁଲାଇ ଥିଲେ। କମିଟି ସଭାପତି ବାଲେଶ୍ୱର ମେହେର, ସୁବର୍ଣ୍ଣ ମେହେର, ଜୟନ୍ତୀ ମେହେର, ରଏବାରି ମେହେର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣିମା ଉପଲକ୍ଷେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀପୂଜା କମିଟି ଆନୁକୁଲ୍ୟରେ ମାସ ସାରା ସାମୁହିକ କାର୍ତ୍ତିକ ସ୍ନାନ ଚାଲିଥିଲା।

# ଭାରତ ସ୍କାଉଟ୍‌ସ ପକ୍ଷରୁ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ

**କୋକସରା,୧୯।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଳପାଲି ପଞ୍ଚାୟତ ସରକାରୀ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରିଗୁଡାଠାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ସ୍କାଉଟ୍‌ସ ଓ ଗାଇଡ଼ ମିଳିତ ଆନୁକୂଲ୍ୟରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପଣ୍ଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍କାଉଟ୍‌ସ ଓ ଗାଇଡ଼ର ଜାତୀୟସ୍ତର ପ୍ରଶିକ୍ଷକ ତ୍ରିନାଥ ଠାକୁର ଯୋଗଦେଇ ସ୍କାଉଟ ଟ୍ରେନିଂର ବିଭିନ୍ନ ଦିଗ ଓ ସମାଜ ଉପରେ ଏହାର ଉପକାରୀତା ଉପରେ କହିଥିଲେ। ଜାତୀୟସ୍ତରର ଉପପ୍ରଶିକ୍ଷକ ତଥା କଳାହାଣ୍ଡି ଜିଲା ଟ୍ରେନିଂ କମିଶନର ଧୀରେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ରଖିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମୁଣ୍ଡ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଅନିରୁଦ୍ଧ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋଭିଡ୍ ମୁକାବିଲା ଉପରେ ବୁଝାଇଥିଲେ। ଶିବିରରେ ବିଭିନ୍ନ ହାଇସ୍କୁଲର ୧୫ ଶିକ୍ଷକ ଓ ସ୍କାଉଟ୍‌ସ ଛାତ୍ର ଯୋଗଦେଇଥିଲେ। ମୋଟେର ହାଇସ୍କୁଲ ସ୍କାଉଟ୍‌ସ ଶିକ୍ଷକ ଅଶ୍ୱିନ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦୋନ୍ନତି ପାଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା ଅଫିସ,୧୯।୧୧:** ନୂଆପଡା ସଦର ବ୍ଲକ ମୋଟା ନୂଆପଡା ସାଦନା କେନ୍ଦ୍ରଠାରେ ପଦୋନ୍ନତି ପାଇଥିବା ବରିଷ୍ଠ ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ତୋର୍ଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡାଙ୍କ ସଭାପତିତ୍ୱ ସଭାରେ ମୁଖ୍ୟଅତିଥି ଭାବେ ମୋଟା ନୂଆପଡା ସରପଞ୍ଚ ନନ୍ଦଲାଲ ରାଉତ ଯୋଗଦେଇ ପଦୋନ୍ନତି ପାଇଥିବା ଶିକ୍ଷକ ଭୁବନଲାଲ ମାଝି, ମୟରାମ କେଉଟ, ଶଙ୍କରଶଣ ପୁରୋହିତ, ଗିରିଧାରି ନାଏକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗକୁ ଶିକ୍ଷାର ବିକାଶ ସାଙ୍ଗକୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆହ୍ୱାନ କରିଥିଲେ। ଯୋଗେନ୍ଦ୍ର ବେହେରା, ସମସ୍ତ ଶିକ୍ଷୟତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ କଲମିଦାଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।




## ନିମ୍ନମାନର ପାଇଁ ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଗାଡେବନ୍ଧ ପଞ୍ଚାୟତ ସାନ ଘୁଣ୍ଡୁରୀ ଗ୍ରାମଠାରୁ ଘଣ୍ଟମାଳ ୧୧ କି.ମି. ପର୍ଯ୍ୟନ୍ତ ଆରଡି ରାସ୍ତା ଦୋହରୀକରଣ କରାଯାଉଛି। ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ କରୁଥିବାରୁ ପିଚୁ ଉଠିଯାଉଥିବା ଏବଂ ବିନା କନିଷ୍ଠ କାର୍ଯ୍ୟ ନିର୍ବାହୀଯନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟ ଚାଲୁ କରୁଥିବା ଦେଖି ସରିଆ ପଞ୍ଚାୟତର ପ୍ରତିଶ କୁମାର ଭୋଇ, ମିଳନ ଭୋଇ, ପ୍ରହ୍ଲାଦ ଭୋଇ ଏବଂ ସୁବଳ ସାହୁ ଉକ୍ତ ରାସ୍ତା କାର୍ଯ୍ୟ ବନ୍ଦ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ସ୍ମାର୍ଟ ପାର୍କ ନିର୍ମାଣ ନେଇ ଜମି ଚିହ୍ନଟ

କଣ୍ଟାବାଞ୍ଜି,୧୯।୧୧(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଏନ.ଏ.ସି. ତଥା ମ୍ୟୁନିସିପାଲିଟିରେ ସ୍ମାର୍ଟ ପାର୍କ ନିର୍ମାଣ କରାଯାଉଛି। କଣ୍ଟାବାଞ୍ଜି ଏନ.ଏ.ସି.ରେ ମଧ ଏହି ପାର୍କ ନିର୍ମାଣ ପାଇଁ ଶୁକ୍ରବାର ଜମି ଚିହ୍ନଟ ହୋଇଛି। ଦୀର୍ଘ ବର୍ଷ ଧରି ତହସିଲ ଅଫିସ ପଛପଟେ ଥିବା ଓଡିଶା ଖାଦ୍ୟ ନିଗମର ପରିତ୍ୟକ୍ତ ୬ଟି ଗୋଦାମ ଗୃହ ଏବଂ ଖାଲି ପଡିଥିବା ଜମି ଉପରେ ନିର୍ମାଣ ହେବାକୁ ଥିବା ସ୍ମାର୍ଟ ପାର୍କ ପାଇଁ ଟିଟିଲାଗଡ ଉପଜିଲାପାଳ ସତ୍ୟବାନ ମନୋଜ ମହାଜନ ଜମି ଚିହ୍ନଟ କରିଥିଲେ। ୭୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ ହେବ।

### ୨୭ ଯୁବକ କଲେ ରକ୍ତଦାନ

ଟିଟିଲାଗଡ଼,୧୯।୧୧ (ଡି.ଏନ.ଏ.): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଖୋଲାନ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଗ୍ରାମର ୨୭ ଜଣ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ସାମାଜିକ କର୍ମୀ ନରେଶ ଅଗ୍ରୱାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସତ୍ୟସାଇ ଭଜନ ମଣ୍ଡଳୀ ଜିଲା ସଭାପତି କ୍ଷୀରୋଦ ପ୍ରସାଦ ସାହୁ, ରାକେଶ ସ୍ୱାଇଁ, ଛନ୍ଦାଚରଣ ସ୍ୱାଇଁ, ଦୀପକ ଗୌଡ, କାଲୁ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ। ଟିଟିଲାଗଡ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲଡ ବ୍ୟାଙ୍କ ଅଧିକାରୀ ଡ. କୃଷ୍ଣଚନ୍ଦ୍ର ପାଲ, ବିଶେଷଜ୍ଞ ଗଜେନ୍ଦ୍ରନାଥ ରାଉତ, ଜୟରାମ ମଚ୍ଛଖଣ୍ଡ, ଅଫିସର ସାହୁ ରକ୍ତ ସଂଗ୍ରହ କରିଥିଲେ।

### କଲେଜରେ ବକ୍ତୃତା ପ୍ରତିଯୋଗିତା

ଲୋଇସିଂହା,୧୯।୧୧(ଡି.ଏନ.ଏ): ବଲାଙ୍ଗୀର ନେହେରୁ ଯୁବ କେନ୍ଦ୍ରର ପ୍ରତିଷ୍ଠା ଦିବସ ଉପଲକ୍ଷେ ଲୋଇସିଂହା କଲେଜରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଏବଂ ସ୍ଥାନୀୟ ସୁରସଙ୍ଗମ ସାଂସ୍କୃତିକ ସଂସଦର ସହାୟତାରେ ସ୍ୱେଚ୍ଛାସେବୀ ସରୋଜ ମହାକୁରଙ୍କ ସଂଯୋଜନାରେ ଏହା ହୋଇଥିଲା। ଏଥିରେ କଲେଜ ଅଧକ୍ଷ ଗୋବିନ୍ଦଚନ୍ଦ୍ର ସାହୁ, ଅଧାପକ ବିବେକା ନନ୍ଦ ମିଶ୍ର, ସନ୍ତୋଷ ଦାସ ବିଚାରକ ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରର ବିକାଶରେ ଯୁବକଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ସ୍ୱରାଜ ନନ୍ଦିନୀ ନାୟକ ପ୍ରଥମ,ଶାଶ୍ୱତୀ ସାହୁ ଦ୍ୱିତୀୟ ଏବଂ ମୃତ୍ୟୁଞ୍ଜୟ ଖୁଣ୍ଟଲା ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ନେହେରୁ ଯୁବା କେନ୍ଦ୍ର ସ୍ୱେଚ୍ଛାସେବୀ ଏବଂ କଲେଜ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜଳଯୋଗାଣ ପାଇଁ ଚାଷୀ ଉପଜିଲାପାଳଙ୍କ ଦ୍ୱାରସ୍ଥ

ଧର୍ମଗଡ,୧୯।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତରାପୁର ପଞ୍ଚାୟତ ଚାଷୀମାନେ ଆଗାମୀ ରବି (ଡାଲୁଅ) ଧାନଚାଷ ପାଇଁ ଇନ୍ଦ୍ରାବତୀ କେନାଲରେ ଜଳ ଯୋଗାଣ କରିବାକୁ ସ୍ଥାନୀୟ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏ ବିଷୟରେ ଉପଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି। ସୂଚନା ଯେ, ଚଳିତବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଆବଶ୍ୟକତାଠାରୁ କମ ପାଣି ଥିବାରୁ ଆଗାମୀ ରବିଋତୁ ଧାନ ଚାଷ ପାଇଁ ଇନ୍ଦ୍ରାବତୀ ବାମ କେନାଲରେ ଜଳ ଯୋଗାଣ କିଛି ଅଞ୍ଚଳରେ ହେବ ବୋଲି ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଛି। ଜଳ ଯୋଗାଣକୁ ପୋଡବେଡା ମେନଗେଟଠାରେ ବନ୍ଦ କରାଯାଇ ଉପର ଅଞ୍ଚଳକୁ କେବଳ ପାଣି ଯୋଗାଣ ହେବ। ପୋଡବେଡା ମେନଗେଟଠାରୁ ଲିକେଜ ହେଉଥିବା ବଳକା ପାଣି ସହ ଅଳ୍ପ କିଛି ପାଣି ତରାପୁର ପଞ୍ଚାୟତ ସୀମା ୩ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ଛଡାଗଲେ ପୋଡବେଡା, ଝାରକୁଣ୍ଡାମାଲ, ତରାପୁର, କର୍ଲାକୋଟ ଓ ସନ୍ଧିମୁଣ୍ଡା ଆଦି ଗ୍ରାମର ଲୋକେ ଉପକୃତ ହେବେ ବୋଲି ଚାଷୀମାନେ କହିଛନ୍ତି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ନିୟମାବଳୀ ଅନୁଯାୟୀ ୯୦ ଦିନିଆ ଧାନ ଚାଷ, ଜଳ ଯୋଗାଣ ପାଇଁ ଚାଷୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଓ ସର୍ବୋପରୀ ପ୍ରଶାସନିକ ସହଯୋଗ ପରେ ମଧ୍ୟ ଚାଷରେ କୌଣସି କ୍ଷତି ହେଲେ ତାହାର ଉତ୍ତରଦାୟୀ ମଧ୍ୟ ଚାଷୀମାନେ ନିଜେ ରହିବେ ବୋଲି ସେମାନେ କହିଛନ୍ତି। ଏଣୁ ପ୍ରଶାସନ ଚାଷୀମାନଙ୍କ ହୀତ ଦୃଷ୍ଟିରେ ରଖି ଜଳ ଯୋଗାଣ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ଚାଷୀଙ୍କୁ ବୁଝାଇ ନ ପାରି ନିଜେ ବୁଝିଗଲେ

**କରୋନା କାଳରେ କେନ୍ଦ୍ର ସରକାର ତରବରିଆ ଭାବେ ୩ କୃଷି ଆଇନ ଆଣି ବିବାଦ ଘେରକୁ ଆସିଥିଲେ। ଗତବର୍ଷ ନଭେମ୍ବରରୁ ଏହାକୁ ନେଇ ଦେଶବ୍ୟାପୀ ଚାଷୀ ମହଲରେ ପ୍ରତିବାଦର ସ୍ୱର ତେଜି ଉଠିଥିଲା। ଦିଲ୍ଲୀ ସୀମାରେ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇ ଅନେକ ଚାଷୀଙ୍କ ମୃତ୍ୟୁ ହୋଇଥିଲା। ବିରୋଧୀ ଦଳ ଗୁଡ଼ିକ ମଧ୍ୟ ଏହାକୁ ପ୍ରସଙ୍ଗ କରି କେନ୍ଦ୍ରର ମୋଦି ସରକାରକୁ ଟାର୍ଗେଟ୍ କରିଆସୁଥିଲେ। ତଥାପି ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା ପରିଲକ୍ଷିତ ହୋଇ ନ ଥିଲା। ଶେଷରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ୩କୃଷି ଆଇନ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ହୋଇ ସାରିଥିବା ଘୋଷଣା କରିଛନ୍ତି।**

### ଗଣତନ୍ତ୍ର, ଲୋକଶକ୍ତିର ବିଜୟ



କୃଷକ ଆନ୍ଦୋଳନ ଦେଶବ୍ୟାପୀ କାୟା ବିସ୍ତାର କଲା। ୬ଶହରୁ ଅଧିକ ଚାଷୀ ବଳିଦାନ କରିବା ପରେ କେନ୍ଦ୍ର ସରକାର କୃଷକଙ୍କ ଦାବି ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। ଦେଶର ଗଣତନ୍ତ୍ର ଏବଂ ଲୋକଶକ୍ତିର ଏହା ଐତିହାସିକ, ବୈପ୍ଳବିକ ବିଜୟ। ଆଗାମୀ ଦିନରେ ହେବାକୁ ଥିବା ୫ଟି ବିଧାନସଭା ନିର୍ବାଚନରେ ସଂଯୁକ୍ତ କିଶାନ ମୋର୍ଚ୍ଚା କୃଷକ ବିରୋଧୀ ମୋଦି ସରକାର ବିରୋଧରେ ଭୋଟ ଅସ୍ତ୍ରକୁ ପ୍ରୟୋଗ କରି ଅଭିଯାନ ଚଳାଇବେ ବୋଲି ଘୋଷଣା କରିଥିଲେ। ଏହା ମହଙ୍ଗା ପଡ଼ିବ ବୋଲି କେନ୍ଦ୍ରର ମୋଦି ସରକାର ଅନୁଭବ କରିଥିଲେ।

—ଲିଙ୍ଗରାଜ, ଆବାହକ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି

### ଚାଷୀ ଠିକ୍ ବୁଝିଥିଲେ



ଚାଷୀଙ୍କ ବିରୋଧ ସତ୍ତ୍ୱେ କେନ୍ଦ୍ର ସରକାର ୩ କୃଷି ଆଇନର ବହୁ ପ୍ରଚାର, ପ୍ରସାର କରିଥିଲେ। ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି ଯୁକ୍ତି ବାଢ଼ିଥିଲେ। କିନ୍ତୁ ଚାଷୀମାନେ ବୁଝି ସାରିଥିଲେ ଯେ, ସେହି ୩ କୃଷି ଆଇନ ଚାଷୀଙ୍କ ପାଇଁ ନୁହଁ, କମ୍ପାନୀ ସ୍ୱାର୍ଥରେ ଅଣାଯାଇଛି। ପ୍ରାୟ ବର୍ଷେ ଧରି ଏହି ଆଇନ ବିରୋଧରେ ଆନ୍ଦୋଳନ ଚାଲିଛି। ଅନେକ ଚାଷୀ ଶହୀଦ ହୋଇଛନ୍ତି। ଶେଷରେ କେନ୍ଦ୍ରର ମୋଦି ସରକାର ଚାଷୀଙ୍କୁ ବୁଝାଇ ନ ପାରି ନିଜେ ବୁଝିଗଲେ, ସେହି ଆଇନ ଆସନ୍ତା ନିର୍ବାଚନରେ ଦଳ ପାଇଁ କାଳ ହେବ।

—ରମେଶ ମହାପାତ୍ର, ଚାଷୀନେତା, ବରଗଡ଼

### ଏମ୍ଏସ୍‌ପିକୁ ଆଇନଗତ ମାନ୍ୟତା ମିଳୁ



କୃଷି ଆଇନ ପ୍ରତ୍ୟାହାର ପାଇଁ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଛି। ଆସନ୍ତା ୨୬ ତାରିଖରେ ଆନ୍ଦୋଳନକୁ ବର୍ଷେ ପୂରିବ। କୃଷି ଆଇନ ପ୍ରତ୍ୟାହାର ଦାବି କରୁଥିବା ଆନ୍ଦୋଳନରତ ଚାଷୀଙ୍କୁ ଆନ୍ଦୋଳନଜୀବୀ, ପରଜୀବୀ, ଖଲିସ୍ଥାନୀ ବୋଲି ଆଖ୍ୟା ଦିଆଯାଇଥିଲା। କିନ୍ତୁ ଶେଷରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଚାଷୀଙ୍କ ଆଗରେ ମୁଣ୍ଡ ନୂଆଁଇଲେ। କୃଷି ଆଇନ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ହୋଇଥିବା ଘୋଷଣା କଲେ। ଏହା ନିଶ୍ଚିତ ଭାବେ ଖୁସି ଖବର। କିନ୍ତୁ ଆଂଶିକ ବିଜୟ। ଯେଉଁଦିନ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ ଆଇନଗତ ମାନ୍ୟତା ମିଳିବ ସେହିଦିନ ହିଁ ସମ୍ପୂର୍ଣ୍ଣ ବିଜୟ ହୋଇଛି କହିଲେ ଠିକ୍ ହେବ।

—ହର ବଣିଆ, ଜୟ କିଶାନ ଆନ୍ଦୋଳନ

### ତଥାପି ଭରସା ନାହିଁ



କେନ୍ଦ୍ରର ମୋଦି ସରକାରକୁ ନିର୍ବାଚନରେ ପରାଜୟ ଭୟ ଘାରିଛି। ନିକଟ ଅତୀତରେ ହୋଇଥିବା ଭୋଟ୍‌ରେ ହାରିଛନ୍ତି। ଆଗକୁ ପୁଣି ନିର୍ବାଚନ ଆସୁଛି। ସେଥିପାଇଁ ଏବେ ଏଭଳି ଘୋଷଣା କରିଛନ୍ତି। ଚାଷୀମାନେ ପ୍ରାୟ ବର୍ଷେ ହେଲା ଆନ୍ଦୋଳନ ଚଳାଇଥିବା ବେଳେ ବିଭିନ୍ନ ରାଜ୍ୟରେ ହେବାକୁ ଥିବା ନିର୍ବାଚନର ଅବ୍ୟବହିତ ପୂର୍ବରୁ ୩କୃଷି ଆଇନ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିବା ଘୋଷଣା କରୁଛନ୍ତି। ତଥାପି ଭରସା ନାହିଁ। ମୋଦିଙ୍କ ଏଭଳି ଘୋଷଣା କେତେଦୂର କାର୍ଯ୍ୟକାରୀ ହେବ, ସେ ନେଇ ଆଶଙ୍କା ରହିଛି।

—ସରୋଜ ପ୍ରଧାନ, ଚାଷୀ, ଗାଇସୀମା

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

# କୃଷି ଉପରେ ସଚେତନ କରୁଛନ୍ତି କୃଷିବିଜ୍ଞାନ ଛାତ୍ରୀ



କୃଷିବିଜ୍ଞାନ ଛାତ୍ରୀ ସୋନାଲି ପ୍ରିୟଦର୍ଶିନୀ ପ୍ରଧାନଙ୍କ ସହ ଚାଷୀମାନେ।

ସିନାପାଲି,୧୯।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଟିମନପୁର ପଞ୍ଚାୟତ ପ୍ରତ୍ୟେକ ଗାଁରେ ସେନଚୁରିଆନ ବିଶ୍ୱବିଦ୍ୟାଳୟର କୃଷିବିଜ୍ଞାନ ଛାତ୍ରୀ ସୋନାଲି ପ୍ରିୟଦର୍ଶିନୀ ପ୍ରଧାନ ଗାଁ ଗାଁ ବୁଲି ଲୋକଙ୍କୁ କୃଷି ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀ କିଭଳି ଉପକୃତ ହେବା ସହ ଚାଷ କରି ପରିବାର ପ୍ରତିପୋଷଣ କରିବେ ଏବଂ ଲାଭବାନ ହେବେ ସେ ନେଇ ସଚେତନା କାର୍ଯ୍ୟକ୍ରମ କରୁଛନ୍ତି। ଏହି ସଚେତନା କାର୍ଯ୍ୟକ୍ରମ ଅକ୍ଟୋବର ୨ରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଚାଲିବ। ୧୦ ସପ୍ତାହ ଧରି ଟିମନପୁର ଗ୍ରାମପଞ୍ଚାୟତ ପ୍ରତ୍ୟେକ ଗାଁରେ ଚାଲିଛି। ସୂଚନା ଯେ, ଟିମନପୁର ପଞ୍ଚାୟତରେ ଗରିବ ଲୋକେ ବାସ କରୁଥିବା ବେଳେ ସମସ୍ତେ ଚାଷ ଉପରେ ନିର୍ଭର କରିଥାନ୍ତି। ସେମାନଙ୍କୁ ନିଜେ ଯେଉଁ ଶିକ୍ଷା ଲାଭ କରିଛନ୍ତି, ସେ ଶିକ୍ଷା ଗରିବ ଲୋକଙ୍କୁ ଚାଷ ଉପରେ ଦେଇ ଚାଷୀଙ୍କୁ କେମିତି ଭଲ ଚାଷ ଉତ୍ପାଦନ କରିବା ସହିତ ଲାଭବାନ ହେବେ ସେ ଦିଗରେ ବୁଝାଉଛନ୍ତି। କୃଷି ବିଜ୍ଞାନୀ ଛାତ୍ରୀଙ୍କ ତାମିଲ ପାଇ ଚାଷୀମାନେ ବୁଝି ଚାଷ କାମରେ ମନଦେଇ ଜୋରଦାର ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ନୂଆପଡ଼ା ଜିଲାର ଜଣେ ଝିଅ ଆଜି ପାଠପଢ଼ି ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କୁ ଚାଷ ବିଷୟରେ ତାଲିମ ଦେଉଛନ୍ତି। ଏପରି ପରିସ୍ଥିତିରେ ଚାଷକୁ ଧୀରେ ଧୀରେ ଲୋକେ ଛାଡ଼ି ଆସୁଥିବା ବେଳେ ଉପଯୁକ୍ତ ପରାମର୍ଶ ଦେଇ ସୋନାଲି ଚାଷୀଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରୁଛନ୍ତି। ପାଠ ପଢ଼ିବା ସହିତ ଅଞ୍ଚଳର ଚାଷୀମାନଙ୍କ ଚାଷ ଉପରେ ଗୁରୁତ୍ୱ ଦେଇଛନ୍ତି।

# ପ୍ରତିଭା ଅନ୍ୱେଷଣ ଅଭିଯାନ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୯।୧୧(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀମାନେ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅମର ମହାବିଦ୍ୟାଳୟ କୁଶୁର୍ଲାଠାରେ ଅ' ପତ୍ରିକା ପକ୍ଷରୁ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ନରେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ନବୀନ ପଧାନ, ଅଧାପିକା ସସ୍ମିତା ସାହୁ, ଅଧାପକ ନରେଶ ବିଶି, ସହସମ୍ପାଦକ ବିଶନାଥ ସାହୁ, କାହ୍ନୁ ଚରଣ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ସାହୁ, ଶରତ ଚନ୍ଦନ ସାହୁ ପ୍ରମୁଖ ଯୋଗଦେଇ କଳାହାଣ୍ଡି ସାହିତ୍ୟକୁ ଆଗେଇ ନେବାର ଏହା ଏକ ଅଭିନ ପ୍ରୟାସ ବୋଲି କହିଥିଲେ। ଏଥିରେ କଲେଜର ଅନେକ ଛାତ୍ରୀଛାତ୍ର ଭାଗ ନେଇ କବିତା ଲେଖିଥିଲେ। ପଦ୍ମିନୀ ସାହୁ ପ୍ରଥମ, ରଶ୍ମିତା ସାହୁ ଦିତୀୟ, ସ୍ୱପ୍ନା ବାରିକ ଓ ମୋନାଲିସା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ଛାତ୍ର ଦିଲେଶର ସାହୁ, ଯୋଗେଶ୍ୱର ସାହୁ ସହଯୋଗ କରିଥିବା ବେଳେ ମୁଖ୍ୟ ସମ୍ପାଦକ ତପନ କୁମାର ସାହୁ ଧନ୍ୟବାଦ ଅର୍ପଣ ଥିଲେ।

# କାର୍ତ୍ତିକ ପୂର୍ଣ୍ଣିମାରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ,୧୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ହରିଶଙ୍କର ଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ପାପନାଶିନୀ ଝରଣାରେ କାର୍ତ୍ତିକ ବୁଡ ପକାଇ ଡଙ୍ଗା ଭସାଇ ଥିଲେ। ହରିଶଙ୍କର ମନ୍ଦିର ଭୋର ୩ ଟାରେ ଖୋଲା ଯାଇଥିବା ବେଳେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଠାକୁର ଙ୍କ ଦର୍ଶନ କରିଥିଲେ। ଭିଡ ନିୟନ୍ତ୍ରଣ ପାଇଁ ନାନ୍ଦୁପଲାଠାରେ ଚାରିଚକିଆ ଗାଡି ପାର୍କିଂ ବ୍ୟବସ୍ଥା କରଯାଇଥିଲା। ଶ୍ରଦ୍ଧାଳୁମାନେ ଦୀର୍ଘ ଦୁଇ କିମି ଚାଲି ଚାଲି ମନ୍ଦିର ନିକଟକୁ ଯାଇଥିଲେ। ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ତହସିଲଦାର ଆଦିତ୍ୟ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ମନ୍ଦିରର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର, ଦେବତ୍ତୋର କର୍ମଚାରୀ, କମିଟି ସଦସ୍ୟ ଉପସ୍ଥିତ ରହି ପରିଚାଳିନା କରିଥିଲେ।

# ଛୋରିଆଗଡ଼ରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ



କାର୍ତ୍ତିକ ମହୋତ୍ସବରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ଅନ୍ୟମାନେ।

ଜୁନାଗଡ,୧୯।୧୧(ଡି.ଏନ.ଏ.)

**ଲୋକକଳା ଗ୍ରାମ ଏବେ ପର୍ଯ୍ୟଟନସ୍ଥଳୀରେ ପରିଣତ ହେବ: ମନ୍ତ୍ରୀ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଲୋକକଳା ଗ୍ରାମ ଛୋରିଆଗଡରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସ୍ଥାନୀୟ ମହିଳାଙ୍କ ମଧ୍ୟରେ ହୁଳହୁଳି, ଝୋଟି, ଚିତା, ଲକ୍ଷ୍ମୀପୁରାଣ ପଠନ, ଓଡିଆଣୀ ବେଶ ଓ ପିଠାପଣା ପ୍ରତିଯୋଗୀତା ହୋଇଥିଲା। ସେହିପରି ପୁରୁଷଙ୍କ ମଧରେ ଡଙ୍ଗାଭସା, ଗ୍ରାମ ସଫେଇ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଲୋକକଳା ଗ୍ରାମ ପରେ ଏହିଗାଁକୁ ଖୁବ୍‌ଶୀଘ୍ର ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ କରାଯିବ ବୋଲି କହିଥିଲେ। ଏଥିପାଇଁ ପ୍ରୟାସ ମଧ ଆରମ୍ଭ ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ, ଜୁନାଗଡ ପୂର୍ବତନ ଏନ୍ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମି ରଞ୍ଜନ ନାଏକ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବର୍ଗର୍ଡ, ମହିଚଲା ସରପଞ୍ଚ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ କଲ୍ୟାଣୀ ନାଏକ ଓ ଦିଲୀପ ଠାକୁର ପରିଚାଳନା କରିଥିଲେ। ସନ୍ଧ୍ୟାରେ ଉଦ୍‌ଯାପନୀ ସମାରୋହରେ ଗ୍ରାମର କଳାକାରଙ୍କ ଦ୍ୱାରା ରାହାସ ଓ ବନାବାଡି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ସୁମନ୍ତ ମାଝି, ବିଏସଏସଓ ତୁଷାର ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଗ୍ରାମ ଜଳ ଓ ପରିମଳ କମିଟି ଗଠିତ

ସିନାପାଲି,୧୯।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଚଚରାଭଟାଠାରେ ସରକାରଙ୍କ ଜଳ ଜୀବନ ମିଶନ ଯୋଜନା ଅଧୀନ ଗ୍ରାମ ଜଳ ଓ ପରିମଳ କମିଟି ଗଠିତ ହୋଇଛି। ଖଡ଼ିଆଳର ୟାର ଅନୁଷ୍ଠାନ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ସିନାପାଲି ବ୍ଲକ ସଂଯୋଜକ ପରମାନନ୍ଦ କଛିଆଙ୍କ ଉପସ୍ଥିତିରେ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଗାମୀ ଦିନରେ ଜଳର କିପରି ସଦବ୍ୟବହାର ଓ ସୁପରିଚାଳନା ହୋଇପାରିବ ଏବଂ ପରିମଳ ବ୍ୟବସ୍ଥା ଠିକ ରହିବ ସେ ନେଇ ଏହି ନବଗଠିତ କମିଟି କାର୍ଯ୍ୟ କରିବ ସେ ବିଷୟରେ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ନବଗଠିତ କମିଟିରେ ସଭାପତି ଭାବେ ହରି ମାଝି, ଉପସଭାପତି ଭାବେ ସନ୍ତୋଷ ବାଗ, ସମ୍ପାଦକ ଡିସମ୍ବର ଛାତ୍ରିଆ, କୋଷାଧକ୍ଷ ପ୍ରତିମା ତାଣ୍ଡିଙ୍କୁ ଚୟନ କରାଯାଇଛି। ସଦସ୍ୟ ଭାବେ ଜୟ ଛାତ୍ରିଆ, ଦୈତାରି ତାଣ୍ଡି, ଲଖିଧର ଛାତ୍ରିଆ, ବିବେକାନନ୍ଦ ଠେଲା, ଲୋକେଶ ମାଝି, ବନିତା ଜଗତ, ବାସନ୍ତି ବାଗ, ନିସାରାଣୀ ଦୁର୍ଗା, ସୁନ୍ଦରମଣି ମାଝୀ, ମାଧବୀ ଛାତ୍ରିଆ ପ୍ରମୁଖଙ୍କୁ ଚୟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡସଭ୍ୟ, ଶତାଧିକ ଜନସଧାରଣ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ପୂଜା, ନାମଯଜ୍ଞ ଉଦ୍‌ଯାପିତ

ନୂଆପଡ଼ା ଅଫିସ,୧୯।୧୧

ନୁଆପଡା ଜିଲା କୋମନା ବ୍ଲକ ତରବୋଡ ବଙ୍ଗଳା ଓ କଲୋନିପଡାରେ ୭ ଦିନ ଧରି ଚାଲିଥିବା ୪୮ତମ ରାଧାକୃଷ୍ଣ ପୂଜା ଏବଂ ଉଦେଅଷ୍ଟ ମହାମନ୍ତ୍ର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ରବିବାର ପୁରୀ ଜଗନ୍ନାଥ ଧାମରୁ ଆସିଥିବା ନୀଳଚକ୍ର ବାହାରି ଗ୍ରାମ ପରିକ୍ରମା କରି ଥିଲା। ଗ୍ରାମର ପ୍ରତ୍ୟେକ ଘରେ ବନ୍ଦାପଣା କରି ନୀଳଚକ୍ରକୁ ସ୍ୱାଗତ କରିଥିଲେ। ଅପରାହ୍ନରେ ନୂତନ ନିର୍ମାଣାଧୀନ ଯଜ୍ଞବେଦିର କୁମ୍ଭ ମୁନ୍ଦା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗ୍ରାମ ପୋଖରୀରୁ କଳସ ଆଣି ସ୍ଥାପନ କରାଯାଇଥିଲା। ସୋମବାର ଉଦେଅଷ୍ଟ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଧାକୃଷ୍ଣ ପୂଜା ଅନୁଷ୍ଠିତ ହୋଇଥିଲା। ଶୁକ୍ଳପକ୍ଷ ତ୍ରୟଦଶୀ ମଙ୍ଗଳବାରରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉମାକାନ୍ତ ଚଲାନ ଓ ଅପୂର୍ବ ଚଲାନ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିବା ବେଳେ ମାନଭଞ୍ଜୀ ତ୍ରିପାଠି ପୂଜକ ଥିଲେ। ବସନ୍ତ ସାହାଣୀ, ହୃଷୀକେଶ ହଂସ, ଅର୍ଜୁନ ଭୋଇ, ଚିତ ଚିରାଙ୍ଗୁଲ, ଚୁଡାରାମ ରଣା, ନିଶିକାନ୍ତ ରଣା, ଅନନ୍ତ ହଂସ, ଲମ୍ବୋଦର ଶଗରୀଆ, ବୁଲୁ ପ୍ରଧାନୀ ପ୍ରମୁଖ ପୂଜା ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଚୋରି ଅଭିଯୋଗରେ ୨ଜଣଙ୍କ ନାଁରେ ଏତଲା



ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ବିଦ୍ୟୁତ୍ ଚୋରି କରିବା ଅଭିଯୋଗରେ ଶୁକ୍ରବାର ୨ଜଣ ନାଁରେ ଜିଲା ବିଦ୍ୟୁତ୍ ଥାନାରେ ଏତଲା ଦେଇଛି ସ୍ଥାନୀୟ ବିଦ୍ୟୁତ୍ ବିଭାଗ। ସେମାନେ ହେଲେ ଭବାନୀପାଟଣା ଦେୱାନସାହି ପଡାର ଅରୁଣ ଜେନା ଓ ଅନ୍ୟ ଜଣେ ସାହିଲ ନାଏକ। ସୂଚନା ଅନୁଯାୟୀ, ଗୁରୁବାର ଭବାନୀପାଟଣା ନକଟିଗୁଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିନାୟକ ରାଉତ ଓ ଯନ୍ତ୍ରୀ ସଞ୍ଜୀବ କୁମାର ଜେନା ବିଦ୍ୟୁତ୍ ଚୋରି ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଏହି ପଡାରେ ଚଢାଉ କରିଥିଲେ। ଏହି ସମୟରେ ପଡାର ଅରୁଣ ବିଭାଗରୁ କୌଣସି ବିଦ୍ୟୁତ୍ ସଂଯୋଗ ନ ନେଇ ବେଆଇନ ଭାବେ ଏକ ହୁକିଂ କରି ମିକଚର ଫ୍ୟାକ୍ଟ୍ରିକରି କାମ ଚଳାଇଥିଲେ। ସେହିପରି ସାହିଲ ନିଜ ଘରୁ ଏବିସିଏସ୍ ଘରୋଇ ସ୍କୁଲକୁ ମାଟି ତଳେ ତାର ପୋତି ବିଦ୍ୟୁତ ସଂଯୋଗ ଦେଇଥିବା ଦେଖିବାକୁ ପାଇଥିଲେ। ଫଳରେ ବେଆଇନ ଭାବରେ ବିଦ୍ୟୁତ ଚୋରି କରୁଥିବା ନେଇ ସମ୍ପୃକ୍ତ ୨ ଜଣଙ୍କ ନାମରେ ବିଭାଗ ପକ୍ଷରୁ ଏତଲା ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required Teachers (MATH., SCL, ENG., HINDI, SST).
RDM Public School, Patia, Bhubaneswar.
Contact: 9337325035 9668484511

REQUIREMENT
Direct Joining
1. Security Guard
2. Customer Care
3. Front Office Exe.
CONTACT
7008100677, 9692911851

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

APPOINTMENT
URGENTLY REQUIRED 1. TECHNICIAN (R.O / CHIMINEY), 2. SALES MANAGER, 3. FRONT OFFICE EXECUTIVE, 4. OFFICE ASSISTANT, 5. COOK.
Contact: 9040043929

APPOINTMENT
A Logistics firm at BBSR requires graduate/ undergraduate with computer/ Tally working knowledge. Send CV to
E Mail:-nimai.das91@gmail.com
9337789007 / 9437570000

Urgently Required
(Direct joining, permanent job)
Groundstaff, supervisor, checker, loader, helper, Driver
Salary: 25,500/- ରୁ 55,500/-
ଯୋଗ୍ୟତା- ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
Contact - 8448123162

SUCCESS
DHARITRI Career appointment Every Wednesday and Saturday

CHENNAI FINANCIER WANTED
Finance Consultant
Mediator
DSA
with knowledge of English
salary upto 1lakh & Commission
CHENNAI 9092 692 403

# ଭିମ୍‌ସାରରେ ୧୧୫ ସ୍ଥାୟୀ ଡାକ୍ତର ପଦ ଖାଲି

ସମ୍ବଲପୁର,୧୯।୧୧(ବ୍ୟୁରୋ)

■ ସ୍ପଷ୍ଟୀକରଣ ଆଳରେ ସମୟ ଗଡୁଛି
■ ସ୍ୱାଧୀନ ଥାଇ ପରାଧୀନ ଭଳି କାମ

ସମ୍ବଲପୁର ଜିଲା ବୁର୍ଲାର ଭିମ୍‌ସାରରେ ୨ବର୍ଷ ହେବ ସ୍ଥାୟୀ ଡାକ୍ତର ନିଯୁକ୍ତି କରାଯାଉ ନାହିଁ। ଖାଲିପଡିଥିବା ଶହେରୁ ଉର୍ଦ୍ଧ୍ୱ ପଦ ପୂରଣ ପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ନେବା ବଦଳରେ ସରକାରଙ୍କ ପାଖକୁ ନିଯୁକ୍ତି ବାବଦରେ ଥିବା କେତେକ ସମସ୍ୟା ଉପରେ ସ୍ପଷ୍ଟୀକରଣ ମାଗିଥିବା କହୁଛନ୍ତି। ଭିମ୍‌ସାର ସ୍ୱୟଂଶାସିତ। ଏହାର ସ୍ୱତନ୍ତ୍ର ଆଇନ ଓ କ୍ଷମତା ରହିଛି। ନିଯୁକ୍ତିଠାରୁ ଆରମ୍ଭ କରି ସାମଗ୍ରୀ କିଣା ପର୍ଯ୍ୟନ୍ତ ସମସ୍ତ କାମ ନିଜେ କରିପାରିବେ। ସ୍ୱାଧୀନ ଥାଇ ବି କର୍ତ୍ତୃପକ୍ଷ ପରାଧୀନ ଭଳି କାମ କରୁଛନ୍ତି। ନିଯୁକ୍ତି ପାଇଁ ସରକାରଙ୍କ ପାଖରୁ କୌଣସି ସ୍ପଷ୍ଟୀକରଣର ଆବଶ୍ୟକତା ପଡେନାହିଁ। ପୂର୍ବରୁ ଏଭଳି ନିଯୁକ୍ତି ହୋଇଥିବା ରେକର୍ଡ ମଧ୍ୟ ରହିଛି। ଯଦି ନିଯୁକ୍ତି ପ୍ରକ୍ରିୟା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ କର୍ମଚାରୀଙ୍କ ଅଭାବ ରହିଛି ତା'ହେଲେ ସରକାରଙ୍କୁ ଦାବି କରି ଅସ୍ଥାୟୀ ଭାବେ ନିଯୁକ୍ତି ଦେଇପାରିବେ।

ମିଳିଥିବା ରିପୋର୍ଟ ଅନୁସାରେ ଭିମ୍‌ସାରରେ ୨୦୨୧ ଜୁନ ସୁଦ୍ଧା ୧୧୫ ଡାକ୍ତର ପଦ ଖାଲି ରହିଥିଲା। ଏଥିମଧ୍ୟରେ ୩୫ ପ୍ରଫେସର ପଦ ରହିଥିବାବେଳେ ୧୫ ଜଣ ନିଯୁକ୍ତ ଅଛନ୍ତି। ସେହିପରି ୭୧ ଆସୋସିଏଟ ପ୍ରଫେସର ପଦ ଥିବାବେଳେ ୪୫ଜଣ କାର୍ଯ୍ୟରତ ଅଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର ପଦ ୧୪୩ ମଧ୍ୟରୁ ୭୪ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏବେ ଓପିଏସ୍‌ସି ପକ୍ଷରୁ ରାଜ୍ୟର ଅନ୍ୟ ମେଡିକାଲ କଲେଜରେ ୩୮୦ ଆସିଷ୍ଟାଣ୍ଟ ପ୍ରଫେସର ପଦ ପାଇଁ ବିଜ୍ଞାପନ ପ୍ରକାଶ ପାଇଛି। ଏହା ଜାଣିବା ପରେ ସାଧାରଣରେ ଭୟ ଓ ଅସନ୍ତୋଷ ଦେଖାଦେଇଛି।




ଭିମ୍‌ସାରରେ କଣ୍ଟ୍ରାକ୍ଟୁଆଲ ଡାକ୍ତରମାନେ ପରୀକ୍ଷା ଦେଇ ଅନ୍ୟ ମେଡିକାଲକୁ ଚାଲିଯିବା ସମ୍ଭାବନା ଦେଖାଦେଇଛି। ତେଣୁ ଭିମ୍‌ସାର କର୍ତ୍ତୃପକ୍ଷ ଶୀଘ୍ର ନିଯୁକ୍ତି ପ୍ରକ୍ରିୟା କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଭିମ୍‌ସାରରେ ଡାକ୍ତର ସମସ୍ୟା ହେବ ନାହିଁ। କୌଣସି ଡାକ୍ତରଙ୍କୁ ବଳପୂର୍ବକ କାମ କରାଇହେବ ନାହିଁ। ଓପିଏସ୍‌ସି ପରୀକ୍ଷା ହେବା ଫଳରେ କେତେଜଣ ସ୍ଥାୟୀ ଓ ଅସ୍ଥାୟୀ ଡାକ୍ତର ଅନ୍ୟତ୍ର ଯିବା ଆଶଙ୍କା ରହୁଛି। ହେଲେ ତାହା ସେମାନଙ୍କ ସ୍ୱାଧୀନତାର ଅଧିକାର। ସରକାରଙ୍କ ପାଖରୁ ସ୍ପଷ୍ଟୀକରଣ ଆସିବା ମାତ୍ରେ ଶୀଘ୍ର ନିଯୁକ୍ତି ଦିଆଯିବ। ଓପିଏସ୍‌ସି ପରୀକ୍ଷା ହେବା ଫଳରେ ଭିମ୍‌ସାରକୁ ସେଭଳି କୌଣସି ସମସ୍ୟା ହେବ ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ ଭିମ୍‌ସାର ଉପରେ ସମ୍ବଲପୁର ଜିଲା ସମେତ ପଶ୍ଚିମଓଡ଼ିଶା ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଝାଡ଼ଖଣ୍ଡ ରୋଗୀମାନେ ନିର୍ଭର କରନ୍ତି। ଡାକ୍ତର ଅଭାବ ଏକ ପ୍ରମୁଖ ସମସ୍ୟା ହୋଇଛି। ଯଦି କାର୍ଯ୍ୟରତ ଡାକ୍ତର ଅନ୍ୟତ୍ର ଯିବେ ତା'ହେଲେ ଲକ୍ଷାଧିକ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହେବା ସମ୍ଭାବନା ରହିଛି।

# ୧୦ ଲକ୍ଷର ବ୍ରାଉନସୁଗାର ଜବତ, ୩ ଗିରଫ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ):** ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ବିହାର ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ବ୍ରାଉନସୁଗାର ଡିଲ୍ ବେଳେ ପୋଲିସ ୩ଜଣ ଯୁବକଙ୍କୁ ଶୁକ୍ରବାର ଗିରଫ କରି। ସେମାନେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନାଞ୍ଚଳର ସୁରେଶ କୁମାର ହାତୀ, ଖୋର୍ଦ୍ଧା ସଦର ଥାନାଞ୍ଚଳର ସଞ୍ଜୟ କୁମାର ସାହୁ ଓ ସୋମନାଥ ମହାରଣା। ସେମାନଙ୍କଠାରୁ ଗୋଟିଏ ବାଇକ ଓ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୧୦୭ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୪୬/୨୧) ରୁଜୁ ହୋଇଛି।

ODISHA PUBLIC SERVICE COMMISSION
ADVERTISEMENT No.22 OF 2021-22
Recruitment to the posts of Assistant Director (Law) in Group-B of Odisha Secretariat Service under Home Department
WEBSITE - www.opsc.gov.in

**No. D-204:-** Online applications are invited from the prospective candidates through the Proforma application form to be made available on the website (**https://www.opsc.gov.in**) for Direct recruitment to **80 (Eighty)** posts of **Assistant Director (Law)** in Group-B of Odisha Secretariat Service under Home Department in the scale of pay of Rs.44,900/- in Level 10, Cell-1 of Pay Matrix of ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:** As per requisition filed by the Home Department, out of a total number of 80 (27-w) vacancies, 35 (12-w) vacancies are reserved for UR category, 10 (03-w) vacancies are reserved for SEBC category, 15 (05-w) vacancies are reserved for SC category and 20 (07-w) vacancies are reserved for ST category. Also, 02 (01-w) vacancies are reserved for Ex-Servicemen, 01 vacancy is reserved for Sports Persons and 03 vacancies are reserved for Persons with Disabilities.

**3. AGE:** A candidate must have attained the age of **23 (Twenty-three)** years and must not be above **35 (Thirty-five)** years as on the 1st day of January 2021 i.e. he/she must have been born not earlier than 2nd January 1986 and not later than 1st January 1998.

**4. EDUCATIONAL QUALIFICATION:** A candidate must have possessed **Bachelor's Degree in Law** from a recognized University and have **knowledge in Computer Application** on the date of application.

**5. EXAMINATION FEE:** A candidate is required to pay a non-refundable and non-adjustable fee of **Rs. 500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.

**6. METHOD OF SELECTION:** The selection of candidates for recruitment to the posts of Assistant Director (Law) will be made on the basis of **Written Test, Skill Test in Computer Application and Viva Voce Test.**

The **qualifying mark for written examination** is **45% for UR & SEBC candidates** and **40% for SC & ST** category candidates **in each paper**.

**The link for registration/ re-registration and payment of examination fees shall be available from 26.11.2021 to 24.12.2021 Note: *31.12.2021* is the last date for submission of Registered Online Application).**

The candidates are advised to visit the Website of the Commission at http://opsc.gov.in **for detail information for applying to the above post.**

**CUTTACK**
**DATE- 18.11.2021**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**
OIPR-12002/11/0139/2122

# 'ସମବାୟ ମାଧ୍ୟମରେ ସାମଗ୍ରିକ ସମୃଦ୍ଧି ହାସଲ କରିହେବ'

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଗ୍ରାମାଞ୍ଚଳ ସମେତ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସମବାୟ ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। ଜନସଂଖ୍ୟାର ଏକ ବୃହତ୍ ଅଂଶ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ। କୃଷି ସାମଗ୍ରୀ କ୍ରୟ, କ୍ଷୁଦ୍ର କାରିଗର, ବ୍ୟବସାୟୀଙ୍କୁ ଋଣ ପ୍ରଦାନ, ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟାରେ ଏହା ପ୍ରମୁଖ ଭୂମିକା ତୁଲାଇଆସିଛି। ସମବାୟ ମାଧ୍ୟମରେ ସାମଗ୍ରିକ ସମୃଦ୍ଧି ହାସଲ କରିହେବ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ୬୮ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ 'ସମବାୟ ମାଧ୍ୟମରେ ସମୃଦ୍ଧି' ଶୀର୍ଷକ ରାଜ୍ୟସ୍ତରୀୟ ୱେବିନାର୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ ଏହା କହିଥିଲେ।

ପ୍ରାୟ ୨ ବର୍ଷ ହେଲା କରୋନା ମହାମାରୀରେ ପ୍ରାୟ ସମସ୍ତ ଅର୍ଥନୈତିକ କ୍ଷେତ୍ର ପ୍ରଭାବିତ ହୋଇଛି। ତଥାପି ଠିକଣା ସମୟରେ ଚାଷୀଙ୍କୁ ଋଣ ଏବଂ କୃଷି ସାମଗ୍ରୀ ଯୋଗାଇ ଦିଆଯାଇପାରିଛି। ଫଳରେ

## ରାଜ୍ୟସ୍ତରୀୟ ୱେବିନାର

ପର୍ଯ୍ୟାପ୍ତ ଫସଲ ଉତ୍ପାଦନ ହୋଇଛି। ସମବାୟ ସଂସ୍ଥା ଦ୍ୱାରା ରାଜ୍ୟର ୬୩% ଚାଷୀଙ୍କୁ ଫସଲ ଋଣ ପ୍ରଦାନ କରାଯାଇଛି। ପ୍ୟାକ୍ସ, ଲ୍ୟାମ୍ପସ ମାଧ୍ୟମରେ ଧାନ, ଡାଲି, ତୈଳବୀଜ ଜାତୀୟ ଫସଲ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ କହିଲେ, କ୍ଷତିଗ୍ରସ୍ତ ଅର୍ଥନୀତିର ପୁନଃନିର୍ମାଣ ଦିଗରେ ସମବାୟ ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। କେନ୍ଦ୍ର ସମବାୟ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅଧିକାରୀ କମଳାକାନ୍ତ ତ୍ରିପାଠୀ କହିଲେ, ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୀତି ପ୍ରଣୟନ ହେବା ଜରୁରୀ। ସମବାୟ କ୍ଷେତ୍ରର ବିସ୍ତାର ନିମନ୍ତେ ଏକ ରୋଡ୍ ମ୍ୟାପ୍‌ର ଆବଶ୍ୟକତା ରହିଥିବା ସେ ପ୍ରସ୍ତାବ ଦେଇଥିଲେ। ସମବାୟ ସଂସ୍ଥା ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରାଇବା ସହ ଏହାର ବିକ୍ରିବଟାର ସୁବ୍ୟବସ୍ଥା କରାଗଲେ ସଦସ୍ୟଙ୍କ ଆୟବୃଦ୍ଧି ହୋଇପାରିବ ବୋଲି ପୁନେସ୍ଥିତ 'ଭାମ୍‌ନିକମ୍'ର ନିର୍ଦ୍ଦେଶିକା ହେମା ଯାଦବ ମତ ରଖିଥିଲେ।



# ଜୁଡ଼ିଆଘାଟିରେ ଓଲଟିଲା ଟମାଟୋ ବୋଝେଇ ଟ୍ରକ୍

କେନ୍ଦୁଝର, ୧୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ୪୯ ନଂ. ଜାତୀୟ ରାଜପଥର ଜୁଡ଼ିଆ ଘାଟିରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଟମାଟୋ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ସେଥିରେ ଥିବା ଟମାଟୋ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିରହିଥିଲା। ଫଳରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ, ଟ୍ରକ୍‌ଟି କୋଲକାତା ଆଡୁ ମୁମ୍ବାଇ ଅଭିମୁଖେ ଯାଉଥିବା ବେଳେ ଏହି ଘାଟିରେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଚାଳକ ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଉଦ୍ଧାର କରିଥିଲା।

OFFICE OF THE SUPERINTENDENT
KISANTANDI CHC, MORADA, MAYURBHANJ
E-mail: bpmumorada@gmail.com
ROGI KALYAN SAMITI, KISANTANDI CHC, MORADA, MAYURBHANJ
Request for Proposal (RFP) for Supply of Cooked Food for Patient on Out Sourcing Basis

**Adv. No. 1485** **Date: 16.11.2021**

No. E-648: Sealed proposals as per the RFP document are invited from interested eligible bidders having adequate experience in taking up the work of **"Supply of Cooked Food for Patient"**. The eligibility criteria and the detail requirement of the said service along with the formats for submission for proposal which may be downloaded from the district website **www.mayurbhanj.nic.in**. The tender should be reached in the Office of the undersigned within **4 P.M. of Dt.15.12.2021** through Speed Post/Registered Post/Courier only and tender will be opened on **Dt.16.12.2021 at 11 A.M.** in the Office Chamber of Suptd. Kisantandi CHC, Morada. The undersigned will not be held responsible for any postal delay and reserves the right to reject any or all the tenders without assigning reason thereof.

**Sd./- Superintendent Kisantandi CHC,**
**Morada, Mayurbhanj**
**OIPR-10156/11/0002/2122**

OFFICE OF THE MUNICIPAL COUNCIL, BRAJRAJNAGAR
No.C-1321:-
E-Procurement Notice
**Bid Identificatin No.: BRJNRM-04/2021-22**
Total No. of works: 60 Nos.
Tender ID: **2021_ORULB_72695**
Tender value : Rs.6.00 Lakhs to 19.93 Lakhs
Bid security : Rs.6000.00 to Rs.19,930.00
Available Period : Dt.20.11.2021, 11.00 A.M. to 29.11.2021, 05.00 P.M.
Tender opening date: 3rd December 2021, 11.00 A.M.
Bidders are requested to participate in advance with their Class-II and Class-III contractor DSC before the closing date.
Further details please visit: www.tendersorissa.gov.in
**Sd./- Executive Officer**
**Brajrajnagar Municipality**
OIPR-13099/11/0007/2122

# କିନ୍ନର ମେଘନାଙ୍କ ସଂଘର୍ଷ କଥା କହିବ 'ଟି'

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକ ଦେଖିବାକୁ ପାଇବେ କିନ୍ନରଙ୍କ ସଂଘର୍ଷମୟ ଜୀବନ କାହାଣୀ। କିନ୍ନର ମେଘନା ସାହୁଙ୍କ ଜୀବନକୁ ନେଇ ପ୍ରସ୍ତୁତ ହେଉଛି ଚଳଚ୍ଚିତ୍ର 'ଟି'। ମେଘନା କିଭଳି ଛୋଟବେଳୁ ଅବହେଳା ଓ ଘୃଣାର ଶିକାର ହୋଇଥିଲେ, କେଉଁ ପରିସ୍ଥିତିରେ ଭୁବନେଶ୍ୱର ଓ ଦିଲ୍ଲୀରେ ସେକ୍ସ ୱାର୍କର ଭାବେ କାମ କରିଥିଲେ, ତାଙ୍କର ପ୍ରେମ କାହାଣୀ ସହ ଜୀବନରେ ଘଟିଥିବା ସମସ୍ତ ଘଟଣା ଅଘଟଣକୁ ଦର୍ଶକମାନେ ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ପାଇବେ। ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ଏହା ରିଲିଜ୍ ହେବା ସହ ଶୁଟିଂ ମଧ୍ୟ କରାଯିବ ବୋଲି ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତେଶ କୁମାର ପରିଡ଼ା ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମେଘନାଙ୍କ ଚରିତ୍ରରେ ଅଭିନେତା ଦେବ ପରଦାକୁ ଆସୁଥିବାବେଳେ ଏଥିରେ ଅଭିନେତ୍ରୀ ଉଷସୀ ମିଶ୍ର କିନ୍ନର ମୀରା ପରିଡାଙ୍କ ଭୂମିକା ତୁଲାଇବେ। ଫିଲ୍ମକୁ କେବଳ ଓଡ଼ିଶା ନୁହେଁ, ବିଭିନ୍ନ ରାଜ୍ୟରେ ରିଲିଜ୍ କରାଇବାର ଯୋଜନା ରହିଛି। ଆସନ୍ତା ୨୧ରୁ ଫିଲ୍ମର ଶୁଟିଂ ଆରମ୍ଭ ହେବ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ହର ରଥ, ରଣବୀର, ପ୍ରସନ୍ନଜିତ୍ ଏବଂ ଅନ୍ୟମାନେ ରହିଛନ୍ତି। ଏହି ଅବସରରେ ଚଳଚ୍ଚିତ୍ରର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ବୁଦ୍ଧମନ୍ଦିରଠାରେ ଆୟୋଜିତ ଏହି ସମ୍ମିଳନୀରେ ନିର୍ଦ୍ଦେଶକ ଜିତେଶ, ମୀରା ପରିଡା, ମେଘନା ମିଶ୍ର, ଚଳଚ୍ଚିତ୍ରର ଅଭିନେତାମାନେ ଉପସ୍ଥିତ ଥିଲେ।

## ଚଳଚ୍ଚିତ୍ରର ପୋଷ୍ଟର ଉନ୍ମୋଚିତ, ୨୧ରୁ ଶୁଟିଂ




ଚଳଚ୍ଚିତ୍ର 'ଟି'ର ପୋଷ୍ଟର ଉନ୍ମୋଚନ ଅବସରରେ ମେଘନା ଓ ଅନ୍ୟମାନେ।

ପୌର ପରିଷଦ କାର୍ଯ୍ୟାଳୟ, ବଲାଙ୍ଗୀର
OFFICE OF THE MUNICIPAL COUNCIL, BALANGIR
At/Po./Dist. Balangir, e-mail: bgrmc1972@gmail.com
Letter No.______ Date.______
ବିଜ୍ଞାପନ

No. C-1322:- ଏତଦ୍ୱାରା ବଲାଙ୍ଗୀର ପୌରାଞ୍ଚଳରେ ପରିଚାଳିତ ହେଉଥିବା ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ତୃତୀୟ ଲିଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ପାର୍କିଂ ଜୋନମାନଙ୍କରେ ଟିକସ ଆଦାୟ ନିମନ୍ତେ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀମାନେ ତା୨୬.୧୧.୨୦୨୧ ସୁଦ୍ଧା ଆବେଦନ କରିପାରିବେ।

ପାର୍କିଂ ଜୋନର ଟିକସ ଆଦାୟ ନିମନ୍ତେ ଗୋଟିଏ ସ୍ଥାନ ପାଇଁ ଏକାଧିକ ଆବେଦନ ଆସିଥିଲେ ଲଟେରୀ ଉଠାଣ ମାଧ୍ୟମରେ ନିର୍ଦ୍ଧାରଣ କରି ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯିବ।

ଏହା ବ୍ୟତୀତ ପରିଷଦ ଦ୍ୱାରା ପ୍ରଦତ୍ତ ନିୟମ, ସର୍ତ୍ତ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପାର୍କିଂ ଫିଜ ଆଦାୟ କରିବେ ଏବଂ ଏ ସମ୍ପର୍କିତ ଏକ ଚୁକ୍ତି ପତ୍ର ପରିଷଦ ଦ୍ୱାରା ସମ୍ପାଦନ କରିବେ।

୧. ପୁରୁଣା ସିଭିଲ ସପ୍ଲାଏ ଅଫିସ
୨. ପାଟଣା ହୋଟେଲ ଛକ
୩. ଦୁର୍ଗାମନ୍ଦିର ସମ୍ମୁଖ
୪. ଟିକ୍ରାପଡ଼ା ଛକ

ବି.ଦ୍ର.- ପୁରୁଣା ସିଭିଲ ସପ୍ଲାଏ ଅଫିସ ପାର୍ଶ୍ୱ ପାର୍କିଂ ଟିକସ ଆଦାୟ ନିମନ୍ତେ କେବଳ ତୃତୀୟ ଲିଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିପାରିବେ।

Sd./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ବଲାଙ୍ଗୀର
OIPR-13169/11/0005/2122

NO. A-634
GOVT. OF ODISHA
OFFICE OF THE ENGINEER-IN-CHIEF, WATER RESOURCES
ODISHA, BHUBANESWAR
'e' PROCUREMENT NOTICE NO. CEMKS 07 OF 2021-22

1. Name of the work : **Construction of flood protection embankment on Brahmani left from Dighi to Gobindpur of Bhuban Block.**
2. Amount put to Tender : Rs. 17,32,31,558.00
3. Bid Document Cost : Rs. 10,000.00 (online)
4. E.M.D. : Bid Security Declaration to be furnished as per Annexure-III of Section-6 of Technical Bid Document.
5. Class of Contractor : Super Class
6. Period of Completion : 24 Calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS ANG 01 OF 2021-22 | 22.11.2021 10.00 hrs. | 08.12.2021 17.00 hrs | 09.12.2021 11.00 hrs. |

8. e-mail id : celmbbbsr@yahoo.co.in

Further detail conditions can be seen from the Govt. website www.tendersodisha.gov.in

Sd./- Chief Engineer & Basin Manager,
Mahanadi Kathajodi System, Bhubaneswar.
OIPR-32252/11/0008/2122

## ପ୍ରଥମ ପୃଷ୍ଠାରୁ...

### ପାଣିରେ ଗଲା...

ସେମାନଙ୍କୁ ତୁରନ୍ତ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କାର୍ତ୍ତିକ ପୂର୍ଣ୍ଣିମା ଭଳି ଦିନରେ ୨ ନାବାଳକଙ୍କ ଏଭଳି ମୃତ୍ୟୁରେ ଗ୍ରାମବାସୀ ମ୍ରିୟମାଣ ହୋଇପଡ଼ିଛନ୍ତି। ଏଭଳି ଦୁଃଖଦ ଘଟଣାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ଭୁବନ ଏନ୍‌ଏସି ୧ନଂ. ୱାର୍ଡ ସିନେମା ହଲ୍ ଛକରେ ରହୁଥିବା ବିଦ୍ୟାଧର ନାୟକଙ୍କ ଏକମାତ୍ର ପୁଅ ରଶ୍ମିରଞ୍ଜନ (୧୩)ଙ୍କ ବ୍ରାହ୍ମଣୀ ନଦୀରେ ଭାସିଯାଇ ମୃତ୍ୟୁ ଘଟିଛି। ଭୁବନ ସରକାରୀ ହାଇସ୍କୁଲରେ ୮ମ ଶ୍ରେଣୀରେ ପଢୁଥିବା ରଶ୍ମି, ସାଙ୍ଗସାଥୀ ଏବଂ ପରିବାର ଲୋକଙ୍କ ସହିତ ବୁଦ୍ଧେଶ୍ୱର ଶୈବପୀଠ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀଘାଟକୁ ଡଙ୍ଗା ଭସାଇବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ସୁଅ ମୁହଁରେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୂଚନା ପାଇ ଭୁବନ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। କେତେଜଣ ମାଛ ଧରାଳି ସୁଲେଇପାଳ ଘାଟରୁ ଜାଲ ସହାୟତାରେ ରଶ୍ମିଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସାଲାଇନ୍ ଏବଂ ଅକ୍ସିଜେନ ଲଗାଇ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଭୁବନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୁକ୍ତ୨ ସ୍ୱତନ୍ତ୍ର...

ରେଜଲ୍ଟ ଦେଖିପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ପାଇଁ ବିନା ପରୀକ୍ଷାରେ ଯୁକ୍ତ୨ ମୂଲ୍ୟାୟନ ହୋଇଥିଲା। ସ୍ୱତନ୍ତ୍ର ମୂଲ୍ୟାୟନ ପଦ୍ଧତିରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଘୋଷଣା କରାଯାଇଥିଲା। କିନ୍ତୁ ଅନେକ ଛାତ୍ରୀଛାତ୍ର ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିଲେ। ତେଣୁ ଏହି ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୧ରୁ ୧୧ ତାରିଖ ଯାଏ ସ୍ୱତନ୍ତ୍ର ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା। ରାଜ୍ୟର ପ୍ରାୟ ୧୩ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ।

### ଗ୍ରୀନ୍ ଜୋନ୍‌କୁ ଆସିଲା...

ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୦.୪୩%କୁ ଛୁଇଁଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୬,୫୫୯କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୩ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱରରୁ ୨ଜଣ ଓ ଗଞ୍ଜାମରୁ ଜଣେ ରହିଛନ୍ତି। ଏବେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୩୮୯ରେ ପହଞ୍ଚିଛି।

BHUBANESWAR MUNICIPAL CORPORATION
e-Procurement Notice
e-Mail: ee1@bmc.gov.in C-1325
XI-D-I-48/2021
**No. 82737** **Date: 18.11.2021**

1. Bid Reference No. : BMC-DIV-1-15/2021-22 Dt.18.11.2021
2. Tender Call Notice No. : **82737** dtd.**18.11.2021**
3. Name of Work : 05 Nos. (Five)
4. Bid Value : ₹4,01,87,935.00 to ₹12,20,45,736.00
5. Period of Completion : 90 days

**Critical Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders on-line for bidding | From Dt.25.11.2021 from 11.00 AM to Dt.15.12.2021 upto 5.00 PM |
| (ii) | Last date & time of seeking clarifications (if any) | Dt.4.12.21 upto 5.00 PM |
| (iii) | Pre Bid Meeting | At 11.00 A.M. of Date- 09.12.21 |
| (iv) | Uploading of Pre Bid Meeting Proceedings | At 12.00 hrs of Date 09.12.21 |
| (v) | Last date & time of bidding online | Dt.15.12.2021 upto 5.00 PM |
| (vi) | Date & time of opening of the Technical Bids received online | Dt.16.12.2021 (11.00 AM onwards) |
| (vii) | Date & time of opening of Price Bid/Financial Bid/DTCN Part-II | To be intimated later to the bidder(s) found qualified after checking and evaluation of Technical Bids received online. |

6. Tender details can be seen for the e-Procurement portal https://www.tendersodisha.gov.in & BMC Website https://www.bmc.gov.in

**Sd./- City Engineer**
**Bhubaneswar Municipal Corporation**
OIPR-13002/11/0087/2122

DISTRICT OFFICE, SUBARNAPUR
(Civil Supplies Section)
**Advertisement No. 1789** **Dated: 15.11.2021**
ADVERTISEMENT FOR CONTRACTUAL ENGAGEMENT FOR "TECHNICAL SUPPORT STAFF"

No. H-41: In pursuance of Letter No. 13704 / 20.09.2021 of Food Supplies & Consumer Welfare Department, Government of Odisha, Bhubaneswar, application forms are invited from prospective eligible and experienced candidates for contractual engagement for the post of **"TECHNICAL SUPPORT STAFF"** for District Project Management Unit (DPMU), Subarnapur under Integrated Management of Public Distribution (IM-PDS) Scheme.

Information in detials including job description, eligibility criteria & general instructions for submisison of application(s) may be seen in District website **https://subarnapur.nic.in, https://www.foododisha.in & http://oscsc.in**.

The application shall be submitted through Speed Post/ Registered Post only addressed to "Chief Civil Supplies Officer, Subarnapur (Near Tahasil Office, Sonepur), P.O./ Dist.- Subarnapur (Odisha), PIN - 767017.

Closing date for submission of complete application in all respect is **30th November, 2021**.

**Sd./- Collector, Subarnapur**
**OIPR-07030/11/0007/2122**

ଧରିତ୍ରୀ
DHARITRI
ଶନିବାର, ୨୦ ନଭେମ୍ବର ୨୦୨୧



## କହିଲ ଦେଖି

କଦଳୀପଟୁକା ଅବା ସୋଲରେ
ଗଢ଼ିଥାନ୍ତି ତାକୁ କେତେ ଯତ୍ନରେ
ପାନ ଗୁଆ ପୁଣି ସେଥିରେ ଥୋଇ
ତୁଣ୍ଡେ ଆ କା ମା ବଇ ଗୀତଟି ଗାଇ
କାର୍ତ୍ତିକ ପୂର୍ଣ୍ଣମୀ ଦିନ ଦିଅନ୍ତି ଭସେଇ ।
ଉ–**ଡଙ୍ଗା**

ବରଷରେ ଅଛି ପାଞ୍ଚଟି ଦିନ
ହବିଷ ପାଇଁ କି ବଳଇ ମନ
ଶୁଦ୍ଧ ନିରାମିଷ ଭୋଜନ ଖାଇ
ପ୍ରଭୁଙ୍କ ନାମକୁ ତୁଣ୍ଡରେ ନେଇ
ନେଉଥାନ୍ତି ସବୁ ପ୍ରଭୁ ଶରଣ
କରୁଥାନ୍ତି କେତେ ସ୍ତୁତି ଚାରଣ
ଏହି ପାଞ୍ଚଦିନ ଏକ ନାମ ଯେ ବହି
କିଏ ସେ ପାରିବ କୁହ ସେ ନାମ କହି ।



ଉ–**ପଞ୍ଚକ**

ମାସଙ୍କ ମଧ୍ୟରେ ଅଟେ ସେ ସାର
ପୁଣ୍ୟମାସ ବୋଲି ନାମ ବିସ୍ତାର
ଏହି ମାସେ ସବୁ ଛାଡ଼ି ଆମିଷ
କରୁଥାନ୍ତି ପୁଣି ବ୍ରତ ହବିଷ
ଭଜନ କୀର୍ତ୍ତନ କେତେ ଯେ ହୁଏ
ଗୀତା ଭାଗବତ ମନ ଚୋରାଏ
ମାସଟିର ନାମ କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ ।
ଉ–**କାର୍ତ୍ତିକ ମାସ**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର

## ତୁମ ପଢ଼ିବା ପାଇଁ

କୋରିଆର ଲୋକକଥା




ବିଭିନ୍ନ ଗପ, ଗୀତ, ଲୋକକଥା ଆଦି ମାଧ୍ୟମରେ ପିଲାମାନଙ୍କୁ ଅନେକ ଶିକ୍ଷଣୀୟ ଜିନିଷ ବିଷୟରେ ଅବଗତ କରାଯାଇଥାଏ । ଏପରି ପ୍ରୟାସ କରାଯାଇଛି ଲଳିତ କୁମାର ଖୁଣ୍ଟିଆଙ୍କ ପୁସ୍ତକ 'କୋରିଆର ଲୋକକଥା'ରେ । ଉପାଦେୟ ଲୋକକଥା ମଧ୍ୟରେ ରହିଛି କୁନି ଚଢ଼େଇର ଦାନ, କୁହୁକ ଠେଙ୍ଗା, ହଜିଲା ଦରବ ଫେରିଲା, ବେଙ୍ଗପୁଅର ବାହାଘର, ପଶୁ ହେଲେ ବି ଉପକାରୀ ଭଳି ଅନେକ । ଏହା ସବୁ ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ । ଏହାର ମୂଲ୍ୟ ରହିଛି ମାତ୍ର ୨୦ଟଙ୍କା । **ଯୋଗାଯୋଗ ଠିକଣା**–ଲଳିତ କୁମାର ଖୁଣ୍ଟିଆ, ଶହୀଦ୍ ନଗର, ଭୁବନେଶ୍ୱର

## ମତାମତ

➤ଗଏଥର ଆସ ଜାଣିବା ସ୍ତମ୍ଭରେ 'ସବୁଠାରୁ ବଡ଼ ଓ ଛୋଟ ଫୁଲ'ର ଉପସ୍ଥାପନା ଶୈଳୀ ବହୁତ ଭଲ ଲାଗିଲା ।
*–ବିକାଶ ରାଉତ, ଢେଙ୍କାନାଳ*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଶିକ୍ଷଣୀୟ ହୋଇପାରୁଛି ।
*–ମୌସୁମୀ ପରିଡ଼ା, ବାଙ୍କୀ, କଟକ*

➤ତୁମ ତୂଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା ।
*–ମଧୁସ୍ମିତା ସିଂ, ଭୁବନେଶ୍ୱର*

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ପଢ଼ି ବହୁତ ଭଲ ଲାଗିଲା ।
*–ବିଭୁ ପ୍ରସାଦ କର, ଭବାନୀପାଟଣା, କଳାହାଣ୍ଡି*




# ପ୍ରକୃତ ସାଧକ



ଗପ

**ଗୋ**ଟିଏ ଗାଆଁରେ ରଘୁନାଥ ନାମକ ଜଣେ ସମାଜସେବୀ ରହୁଥିଲେ । ତାଙ୍କର ବୟସ ପାଖାପାଖି ୬୦ ବର୍ଷ ହେବ । ସକାଳରୁ ସନ୍ଧ୍ୟାଯାଏ ସେ ଲୋକମାନଙ୍କର ସେବା କରନ୍ତି । କାହାର ଦେହ ଖରାପ ହେଲେ ଡାକ୍ତରଖାନା ନେଇ ଚିକିତ୍ସା କରିବା, ଗାଆଁ ଲୋକଙ୍କ ମଧ୍ୟରେ କଳିକଜିଆର ସୁସମାଧାନ ସହିତ ସମସ୍ତ ପ୍ରକାର ସାମାଜିକ ସେବାରେ ସେ ଠିଆ ହେଉଥିଲେ । ଆଖପାଖ ଗାଁରେ ବି ତାଙ୍କର ଭାରି ଖାତିରି । ଲୋକମାନଙ୍କ ଦୁଃଖରେ ସେ ଠିଆ ହୁଅନ୍ତି ଓ ସବୁକଥା ବୁଝି ଦିଅନ୍ତି ।

ଥରେ ସେ ଗାଁ ଲୋକମାନଙ୍କ କଥା ବୁଝି ନିଜ ଘରକୁ ଫେରୁଥାଆନ୍ତି । ସନ୍ଧ୍ୟା ସମୟ । ଘର ପାଖକୁ ଆସି ଝରକା ବାଟେ ଦେଖିଲେ କେହି ଜଣେ ଆଲୁଅ ଜାଳି ଖଣ୍ଡିଏ ସାଦା କାଗଜରେ କ'ଣ ଗୁଡ଼ାଏ ଲେଖି ଯାଉଛନ୍ତି । ରଘୁନାଥ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯିବା ସହିତ ପଚାରିଲେ, ଆଜ୍ଞା ଆପଣ କିଏ ? ସେ କହିଲେ, ମୁଁ ଜଣେ ସାଧାରଣ ମଣିଷ, ଏଇ ସଂସାରରେ ଈଶ୍ୱରଙ୍କୁ କିଏ କେତେ ଭଲପାଏ, ତା'ର ତାଲିକା କରୁଛି । ରଘୁନାଥ ଏକଥା ଶୁଣି କହିଲେ,'ଆଜ୍ଞା ଦେଖିଲେ ଏଇ ତାଲିକା ଭିତରେ ମୋର ନାମ ରହିଛି କି ନାହିଁ ?' ସଙ୍ଗେ ସଙ୍ଗେ ଲୋକ ଜଣକ ଉତ୍ତର ଦେଲେ, ଆପଣଙ୍କର ନାମ ମୋ ତାଲିକା ଭିତରେ ନାହିଁ । ରଘୁନାଥ ଏଇ କଥାକୁ ଏତେ ଗୁରୁତ୍ୱ ଦେଲେ ନାହିଁ । ଝରକା ପାରି ହୋଇ ଘର ଭିତରକୁ ପଶିବା ବେଳକୁ ସେ ଲୋକଟି ଆଉ ନ ଥିଲେ କି ଆଲୁଅ ଜଳୁ ନ ଥିଲା । ଏକଥା ସେ କାହାରିକୁ ନ କହି ନିଜ କର୍ତ୍ତବ୍ୟରେ ଅଗ୍ରସର ହେଲେ । ଏମିତି କିଛିଦିନ ଗଲା ।

ପୁଣି ଦିନେ ସନ୍ଧ୍ୟାବେଳେ ଘରକୁ ଆସିବାରୁ ଦେଖିଲେ କେହିଜଣେ ବସି କ'ଣ ଗୁଡ଼ାଏ ଲେଖି ଚାଲିଥାଆନ୍ତି । ରଘୁନାଥ ପଚାରିଲେ 'ଆପଣ କିଏ ? ଏଠି କ'ଣ ଲେଖୁଛନ୍ତି ?' ସେ କହିଲେ, ମୁଁ ଜଣେ ସାଧାରଣ ଲୋକ । ଭଗବାନଙ୍କୁ କିଏ କେତେଭଲ ପାଉଛନ୍ତି ତା'ର ଏକ ତାଲିକା କରୁଛି । ଆଗ୍ରହ ନ ଥିଲେ ବି ସେ ଏଥର ମଧ୍ୟ ନିଜର ନାମ ଏଇ ତାଲିକା ଭିତରେ ଅଛି କି ନାହିଁ ପଚାରିଲେ । ଘର ଭିତରେ ଥିବା ଲୋକଟି ଉତ୍ତର ଦେଲେ ' ନା–ନା ଆପଣଙ୍କର ନାମ ଏଇ ତାଲିକା ଭିତରେ ନାହିଁ । ' ରଘୁନାଥ ସାମାନ୍ୟ ଚିନ୍ତାକରି ଭାବିଲେ ମୋ ନାମ ନ ଥାଉ ପଛେ ମୁଁ ତ ମୋର କର୍ତ୍ତବ୍ୟ କରି ଚାଲିଛି ।

ଏଥର ନିଜ ସ୍ତ୍ରୀ ପିଲାଛୁଆଙ୍କୁ ଏ ବିଷୟରେ ପଚାରିଲେ, ସେମାନେ କିଛି ଦେଖିନାହାନ୍ତି ବୋଲି କହିଲେ । ଏ ଘଟଣାକୁ କିଛିଦିନ ପରେ ସେ ଭୁଲି ଯାଉଥିବାବେଳେ ପୁନଶ୍ଚ ସେ ସନ୍ଧ୍ୟା ସମୟରେ ଘରକୁ ଫେରିବା ବେଳେ ଦେଖିଲେ ଘରଭିତରେ ଏକ ସବୁଜ ଆଲୁଅ ଜଳୁଛି । ଜଣେ ଦାଢ଼ି ରଖୁଥିବା ବୃଦ୍ଧ ବ୍ୟକ୍ତି ସାଦା କାଗଜରେ କ'ଣ ଲେଖୁଛନ୍ତି । ସାଦାସିଧା ଧଳା ପୋଷାକ ପିନ୍ଧିଛନ୍ତି । ରଘୁନାଥ ତାଙ୍କୁ ନମସ୍କାର କରି ତାଙ୍କର ପରିଚୟ ଓ କ'ଣ ଲେଖୁଛନ୍ତି ପଚାରିଲେ । ସେ କହିଲେ "ମୁଁ ଏଇ ନିକଟ ଆଶ୍ରମରୁ ଆସିଛି । କେଉଁ ମଣିଷଙ୍କୁ ଈଶ୍ୱର ବେଶି ଭଲପାଆନ୍ତି, ମୁଁ ସେମାନଙ୍କର ତାଲିକା କରୁଛି । ରଘୁନାଥ ପଚାରିଲେ, "ମୋର ନାମ ଏଇ ତାଲିକା ଭିତରେ ଅଛି କି ନାହିଁ ଦେଖିଲେ", ସନ୍ନ୍ୟାସୀ ଜଣକ କହିଲେ, "ହଁ ହଁ ଏଇ ତାଲିକା ଭିତରେ ତୁମର ନାମ ରହିଛି " । ସେ ନିଜ ଘର ଭିତରକୁ ପଶିବା ବେଳକୁ ଆଲୁଅ ଲିଭିଯାଇଥିଲା ଓ ସନ୍ନ୍ୟାସୀ ଜଣକ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ସ୍ୱୟଂ ଭଗବାନ ଦେବଦୂତ ସାଜି ରଘୁନାଥଙ୍କୁ ତାଙ୍କର ଉତ୍ସର୍ଗୀକୃତ, ନିଃସ୍ୱାର୍ଥପର ଜନସେବା ପାଇଁ ପରୀକ୍ଷା କରିବାକୁ ଆସିଥିଲେ । ବାସ୍ତବରେ ରଘୁନାଥ ଥିଲେ ଏ ସମାଜରେ ପ୍ରକୃତ ସାଧକ ; ଯିଏ କି ନିଜର ସ୍ୱାର୍ଥ ତ୍ୟାଗକରି ଦେଶସେବା ମାଧ୍ୟମରେ ସୁନାମ ଅର୍ଜନ କରିଛନ୍ତି । ଆମ୍ଭେମାନେ ନିଃସ୍ୱାର୍ଥ ସେବା କାର୍ଯ୍ୟ କଲେ ଈଶ୍ୱର ଆମକୁ ଆଶୀର୍ବାଦ କରିବେ ଓ ଜୀବନ ଧନ୍ୟ ହୋଇଯିବ ।

**– ଶଶଧର ମହନୀ**
ମାଷ୍ଟର କଲୋନୀ, ଚରମ୍ପା, ଭଦ୍ରକ
ମୋ – ୭୯୭୮୫୦୬୬୪୭





## କରିବାନି ଆମେ ଅପରାଧ

ସବୁ ଜାଣିଶୁଣି, ସବୁ ଦେଖି ଦେଖି
ନୀରବ ରହିବା ଅପରାଧ,
କେହି ନ ଦେଖିଲେ, କେହି ନ ଜାଣିଲେ
ନିଜେ ତ ସାଜିଲ ସ୍ମୃତିସୌଧ ।
ଛୋଟ ହେଉ ଅବା ବଡ଼ ଅପରାଧ
ଜୀବନକୁ କରେ ଧ୍ୱଂସ ପ୍ରାୟ,
ନଜର ହଟିଲେ ସବୁ କିଛି ଶେଷ
ଏବଠୁଁ ନ ହୁଅ ଅସହାୟ ।
ନିଜ ଚାରିପାଖ ଘୂରିଲେ ତୁମର
କେନ୍ଦ୍ରବିନ୍ଦୁ ହେବ ତୁମ ପ୍ରାଣ,
ସହଜ ସରଳ ଲାଗୁଥିଲେ ମଧ୍ୟ
ଅପରାଧ ହେବଟି ନିଶାଣ ।
ଅପରାଧ ଆଉ ଅପରାଧୀ ଦୁହେଁ
ଦୁହିଁଙ୍କର ସାଥୀ ସବୁବେଳେ,
ଏମାନଙ୍କ ପାଖୁ ଦୂରେଇ ରହିଲେ
ସୁଖୀ ରହିଥିବ କାଳେକାଳେ ।

**–ପୁଷ୍ପଲତା ମହାନ୍ତି**
୭୧/ଏ, କଳ୍ପନା ସ୍କୋୟାର, ଭୁବନେଶ୍ୱର

ଦୀନ ଜନ ସେବା ଲାଗି
ମନ ପ୍ରାଣ ଉଠୁ ଜାଗି ।
**–ବସନ୍ତ କୁମାର ଦାସ**
ରଂପା, ବରି, ଯାଜପୁର

କ ବି ତା

## ଶୀତ ସାଥେ ବସିବା ମିତ

ଆସିଗଲେ ଶୀତ ବଗିଚା ହସେ
ଟପ ଟପ କରି କାକର ଖସେ
ଢଳ ଢଳ ଦୂବ ପତରେ,
କି ସୁନ୍ଦର ଦିଶେ ଜହ୍ନ ଆଲୁଏ
ମନ କିଣି ନିଏ ସତରେ ।
ହସେ ଖିଲି ଖିଲି ସୋରିଷ କ୍ଷେତ
ବାସନାରେ ପେଟ ପୂରଇ ସେ'ତ
କି ସୁନ୍ଦର ପରା ଦିଶେରେ,
ଶୀତୁଆ ପବନ ନାଚି ନାଚିକା
ସତେ କି ମାଟିରେ ମିଶେରେ ।
ନିରିମଳ ଶୋଭା ପାଏଟି ଧରା
ମେଘ ଘଡ଼ଘଡ଼ି ନ ଥାଏ ପରା
ଫୁଲଫଳେ ହୋଇ ସଜାଇ,
ଗୁଣୁଗୁଣୁ ଗୀତ ଗାଇ ହରଷେ
ମନକୁ ଦିଏ ସେ ମଜାଇ ।
ଶୀତ ଋତୁ ଜାଣ ଦେହକୁ ହିତ
ଆସ ଆସ ପିଲେ ବସିବା ମିତ
ସାବଧାନେ ଆମେ ରହିବା,
ଥଣ୍ଡା ରୋଗ ଆମ ମାଡ଼ିବନି ପାଖ
ଏକଥା ସଭିଙ୍କୁ କହିବା ।

**–ଶରତ କୁମାର ଦାସ**
ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର

## ଛାଡଖାଇ

ଆସୁ ପଛେ ଛାଡ ଖାଇ
ଖୁସି ମନାଇବା ନାହିଁ ।
ଆମିଷ ଆଡେ ନଜର
ଦେବା ନାହିଁ ଏଇଥର ।
କରିବାନି ଖିରି ପୁରି
ଆଣିବାନି ପନିଅରି ।
ଭାତ ଡାଲମାରେ ମନ
ବଳାଇବା ଏଇ ସନ ।
ଏ ଭାବେ ଖରଚ କାଟି
ଭଲ କାମେ ଦେବା ବାଣ୍ଟି ।
ଦୟା ବହି ଦିଅ କିଛି
ଯାହା ପାଖେ ଯାହା ଅଛି ।

## ବହି

ରଙ୍ଗ ରଙ୍ଗିଆ ଭାରି ଢଙ୍ଗିଆ
ହୋଇଛି ମୋର ଦେହ
ପିଲାଠୁ ବଡ ସଭିଏ ପରା
କରନ୍ତି ମୋତେ ସ୍ନେହ ।

ମୋ ପାଖେ ଅଛି ଭଳିଭଳିକା
ଶିଖିବା ପାଇଁ କଥା
ପଢ଼ିବ ଯିଏ ଶରଧା ମନେ
ଉଚ୍ଚ ହେବ ତା' ମଥା ।

ସଭିଏ ମୋତେ ଆଦର କରି
ଡାକନ୍ତି ବହି ବୋଲି
ସକଳ ଶଙ୍କା ସବୁରି ମନୁ
ଦିଅଇ ମୁହିଁ ଖୋଲି ।



ପାଠଶାଳାରେ ସଭିଏ ତାକୁ
ପାଆନ୍ତି ଭଲ ଅତି
କହଇ କୁନା ଏ ବହି ପଢ଼ି
ସୁନ୍ଦର ମୋର ମତି ।

ଆସରେ ଆସ ସଭିଏ ତୁମେ
ଖୋଲି ପଢ଼ରେ ବହି
ଦୁନିଆ ଯାକ କଥା ଜାଣିବ
ଏକଥା ଦେଲି କହି ।

**ଅଶୋକ କୁମାର ପ୍ରଧାନ**
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ

## ଶିଶୁ କଳିକା

ଏଇ ଭାରତର ଆମେ
ଯେତେ ଶିଶୁ କଳିକା
କେଉଁ ଦେଶ ଶିଶୁ କୁହ
ହେବ ଆମ ଭଳିକା ?



ଆମରି ଆଖିରେ ଅଛି
ଭଳି ଭଳି ସପନ
ମନରେ ତ ରଖିଅଛୁ
କେତେ କଥା ଗୋପନ ।

ବଡ଼ ହେଲେ ଭାରତକୁ
ଏମିତିକା ଗଢ଼ିବୁ
ସଫଳତା ଶୀର୍ଷ ଆମେ
ସଦାବେଳେ ଚଢ଼ିବୁ ।

ଆମ ସାଥେ କେହି ଜଣେ
ଦେବ ନାହିଁ ଟକ୍କର
ନୂଆ କିଛି କରିବାକୁ
ମାରୁଥିବୁ ଚକ୍କର ।

**–ନିରଞ୍ଜନ ସାହୁ**
ସରକାରୀ ପ୍ର.ଉ.ପ୍ରା. ବିଦ୍ୟାଳୟ, ନିହଲପ୍ରସାଦ, ଢେଙ୍କାନାଳ

## ଖିଲିଖିଲି ହସ

**(ଛାତ୍ରର ଭଗବାନଙ୍କ ପାଖେ ପ୍ରାର୍ଥନା...)**
ଛାତ୍ର–ପ୍ରଭୁ! ଆଉ ଥରେ ୩ୟ ବିଶ୍ୱଯୁଦ୍ଧ ହେଉ, ଏହା ମୁଁ କେବେ ବି ଚାହେଁନା ।
ଭଗବାନ–କାହିଁକି ? ତୁମେ ତୁମ ଦେଶକୁ ଏତେ ଭଲ ପାଅ ?
ଛାତ୍ର–ନା ମ ପ୍ରଭୁ । ଇତିହାସ ମନେରଖିବାରେ ମୁଁ ଦୁର୍ବଳ ତ, ସେଥିପାଇଁ କହୁଛି ନ ହଉ । କାରଣ ହେଲେ, ସେଗୁଡ଼ା ଇତିହାସରେ ଲେଖା ହେବ ଆଉ ମୋତେ ପୁଣି ଘୋଷିବାକୁ ହେବ ।

(ରାମୁକୁ ଡାକ୍ତରଙ୍କ ପରାମର୍ଶ...)
ଡାକ୍ତର–ଶୁଣ ରାମୁ, ଶରୀରକୁ ସୁସ୍ଥ ରଖିବାକୁ ହେଲେ ଦିନକୁ ୧୦ ଗ୍ଲାସ୍ ପାଣି ପିଇବା ନିହାତି ଦରକାର ।
(ଏହା ଶୁଣି)ରାମୁ– କ'ଣ କହିଲେ ସାର୍ ! ଦିନକୁ ୧୦ ଗ୍ଲାସ୍ ! ଏହା ଅସମ୍ଭବ । ଏତେ କ'ଣ ପିଇ ହବ ?
ଡାକ୍ତର–ହଁ ! କାହିଁକି ନୁହେଁ ।
ରାମୁ– କାହିଁକି ନା , ଆମ ଘରେ ମାତ୍ର ୪ଟି ଗ୍ଲାସ୍ ଅଛି । ୧୦ ଗ୍ଲାସ ପାଣି କେମିତି ପିଇବି ?

## ଟଗଲା ଭୀମୁ








**ଶୁଭ୍ରଦୀପ ମାଣିକ**
କ୍ଲାସ–୩, ଜଳେଶ୍ୱର ପବ୍ଲିକ ସ୍କୁଲ, ବାଲେଶ୍ୱର



**ସାଦ୍ୟାନ୍ତ ଶତପଥୀ**
କ୍ଲାସ– ୩, ମଦର୍ସ ପବ୍ଲିକ ସ୍କୁଲ, ପୁରୀ








**ସାଇପ୍ରସାଦ ବାଘ**
କ୍ଲାସ– ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ ୩, ଭୁବନେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୨୦/୨୦୨୧ Sambalpur, Saturday, November 20/ 2021

# ପିଟର ତିର୍କୀ, ହରି ପଟ୍ଟନାୟକ ପୁରସ୍କୃତ

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ସହିଦ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨୦୨୦-୨୧ ବର୍ଷପାଇଁ ୮ମ କମଲ ଗାଙ୍ଗୁଲି କ୍ରୀଡା ପୁରସ୍କାର ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। କ୍ଲବ ପରିସରରେ ଆୟୋଜିତ ଉତ୍ସବରେ

**କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର**



ଶୁକ୍ରବାର ପୁରସ୍କୃତ ହେବା ଅବସରରେ ଅତିଥିଙ୍କ ଗହଣରେ ପିଟର ତିର୍କୀ ଓ ହରିପ୍ରସାଦ ପଟ୍ଟନାୟକ।

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହକି ଖେଳାଳି ପିଟର ତିର୍କୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଏବଂ ହରି ପ୍ରସାଦ ପଟ୍ଟନାୟକଙ୍କୁ ଶ୍ରେଷ୍ଠ କୋଚ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ୨୦୧୨ରୁ ଆରମ୍ଭ ହୋଇଥିବା ଏହି କ୍ରୀଡା ପୁରସ୍କାରର ପ୍ରାୟୋଜକ ଅଛନ୍ତି ମାରୁତି ଇସ୍ପାତ ଇଣ୍ଡିଆ ପ୍ରା. ଲିମିଟେଡ। ଅଭିଜ୍ଞ କ୍ରୀଡ଼ା ଖବରଦାତା, ମାରୁତି ଇଣ୍ଡିଆର ଏମ୍‌ଡି ଜିତେନ୍ଦ୍ର ପ୍ରସାଦ ସିଂ ଓ ସହିଦ ସ୍ପୋର୍ଟିଂର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଚୟନ କମିଟି ଶ୍ରେଷ୍ଠ କୋଚ ପାଇଁ ଫିଟ୍‌ନେସ ଗୁରୁ ହରି ପଟ୍ଟନାୟକ ଏବଂ ଲାଇଫ୍ ଟାଇମ ଆଚିଭମେଣ୍ଟ ପାଇଁ ପିଟର ତିର୍କୀଙ୍କୁ ମନୋନୟନ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ପାଦକ ସଞ୍ଜୟ ବେହେରା ଓ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା.ବିଶ୍ୱଜିତ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଉଭୟ ହରିପ୍ରସାଦ ଓ ପିଟର ସହିଦ ସ୍ପୋର୍ଟିଂର ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। ପୁରସ୍କାର ପାଇଁ ଚୟନ କରାଯାଇଥିବାରୁ ଉଭୟ ଜୁରି କମିଟି ଏବଂ ଆୟୋଜକ କ୍ଲବକୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବିଗତ ବର୍ଷମାନଙ୍କରେ ସଫଳତା ପାଇଁ ଦେବାଶିଷ ମହାନ୍ତି, ରଶ୍ମି ରଞ୍ଜନ ପରିଡା, ପି.ଜୟଚନ୍ଦ୍ରଙ୍କ ପରି ବିଗତ ଦିନର ଖେଳାଳି ତଥା କ୍ଲବର ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ସହିତ କ୍ଲବ କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ୭ ପଦକ ସହ ଭାରତର ଅଭିଯାନ ଶେଷ

**ଢାକା, ୧୯।୧୧ (ପି.ଟି):** ଏସିଆନ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭାରତ ୭ ପଦକ ସହ ଏହାର ଅଭିଯାନ ଶେଷ କରିଛି। ଶୁକ୍ରବାର ଭାରତୀୟ ରିକର୍ଭ ତୀରନ୍ଦାଜମାନେ ଶକ୍ତିଶାଳୀ କୋରିଆନଙ୍କ ବିପକ୍ଷରେ ପୁଣି ବିଫଳ ହୋଇଛନ୍ତି। ଏକତରଫା ପରାଜୟ ସହ ସେମାନେ ପୁରୁଷ ଓ ଟିମ୍ ଇଭେଣ୍ଟରେ ୨ରୌପ୍ୟ ପଦକ ପାଇଛନ୍ତି। ତୀରନ୍ଦାଜମାନେ ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଉଜ୍‌ବେକିସ୍ତାନ ବିପକ୍ଷରେ ୬-୦ରେ ବିଜୟ ହାସଲ ସହ ଏହି ୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ଏହାର ଅଭିଯାନ ଶେଷ କରିଛନ୍ତି। ଗତ ସଂସ୍କରଣରେ ମଧ୍ୟ ଭାରତ ୭ ପଦକ (୧-୨-୪) ଲାଭ କରିଥିଲା। ତୀରନ୍ଦାଜମାନେ ଏଥର କିନ୍ତୁ ଅଧିକ ରୌପ୍ୟ ପଦକ ଜିତିଛନ୍ତି।

# ଅଷ୍ଟ୍ରେଲିଆ ଅଧିନାୟକ ପଦରୁ ପେନ୍‌ଙ୍କ ଇସ୍ତଫା

**ହୋବାର୍ଟ,୧୯।୧୧**

ଜଣେ ମହିଳା ସହକର୍ମୀଙ୍କୁ ଅଶ୍ଳୀଳ ଫଟୋ ଓ ମେସେଜ ପଠାଇବା ମାମଲାରେ ଛନ୍ଦି ହୋଇ ଟିମ୍ ପେନ୍ ଅଷ୍ଟ୍ରେଲିଆ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ଆଶେସ ଆରମ୍ଭ ହେବାକୁ ଆଉ ୧୯ ଦିନ ବାକିଥିବା ବେଳେ ପେନ୍ ଏ ନେଇ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ଫଳରେ ଅଷ୍ଟ୍ରେଲିଆ ଟେଷ୍ଟ ଦଳକୁ ବଡ଼ ଝଟକା ଲାଗିଛି। ଏ ନେଇ ନିଜର ନିଷ୍ପତ୍ତି ସାର୍ବଜନୀନ କରିବା ବେଳେ ପେନ୍‌ଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ଏହି ନିଷ୍ପତ୍ତି ନେବା କଷ୍ଟକର। ତେବେ ଏହା ମୋ ପରିବାର ଓ କ୍ରିକେଟ ପାଇଁ ହିତକର ବୋଲି ସେ କହିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ମଧ୍ୟ ପେନ୍‌ଙ୍କ ଇସ୍ତଫା ସ୍ୱୀକାର କରିଛି। ଏବେ ଆଶେସ ପାଇଁ ଜଣେ ନୂଆ ଅଧିନାୟକଙ୍କୁ ନିଯୁକ୍ତ କରାଯିବ ବୋଲି କୁହାଯାଇଛି।

୨୦୧୭ରେ ଏହି ବିବାଦୀୟ ଘଟଣା ଘଟିଥିଲା। ପେନ୍ ନିଜର ଏକ ଅଶ୍ଳୀଳ ଫଟୋ ଜଣେ ମହିଳାଙ୍କ ନିକଟକୁ ପଠାଇଥିଲେ। ସେତେବେଳେ ଏହାର ଯାଞ୍ଚ କରାଯାଇଥିଲା। ପେନ୍ ମଧ୍ୟ ତଦନ୍ତରେ ସହଯୋଗ କରିଥିଲେ। କ୍ରିକେଟ ଅଷ୍ଟ୍ରେଲିଆ ଓ କ୍ରିକେଟ ତାସମାନିଆ ମିଳିତ ଭାବେ ଏହି

**ମହିଳାଙ୍କୁ ଅଶ୍ଳୀଳ ମେସେଜ ମାମଲା**

ଘଟଣାର ତଦନ୍ତ କରିଥିଲେ। ପେନ୍‌ଙ୍କୁ ମଧ୍ୟ କ୍ଲିନ୍‌ଚିଟ୍ ପ୍ରଦାନ କରାଯାଇଥିଲା। ଏହି ମାମଲାରେ କ୍ରିକେଟ ଅଷ୍ଟ୍ରେଲିଆର ଆଚରଣବିଧି ଉଲ୍ଲଂଘନ ହୋଇ ନ ଥିଲା। ତେବେ ସେତେବେଳେ ଭୁଲ କରିଥିଲି ବୋଲି ହୃଦୟଙ୍ଗମ କରିଥିଲି। ଏବେ ମଧ୍ୟ କରୁଛି। ଏବେ ୪ ବର୍ଷ ପରେ ଏହି ବ୍ୟକ୍ତିଗତ ମେସେଜକୁ ସାର୍ବଜନୀନ କରାଯିବାରୁ ଇସ୍ତଫା ଦେଉଛି ବୋଲି ପେନ୍ କହିଛନ୍ତି। ଏ ନେଇ ସ୍ତ୍ରୀ ଓ ପରିବାର ସଦସ୍ୟଙ୍କୁ ଅବଗତ କରାଇଥିଲି। ସେମାନେ ମଧ୍ୟ କ୍ଷମା କରିବା ସହ ମୋତ ସମର୍ଥନ କରି ପଛରେ ଠିଆ ହୋଇଥିଲେ। ସମ୍ପୃକ୍ତ ମହିଳା ଜଣକ କ୍ରିକେଟ ତାସମାନିଆର କର୍ମଚାରୀ ଥିଲେ। ୨୦୧୮ ଜୁନ୍‌ରେ ମହିଳା ଜଣକ ପେନ୍‌ଙ୍କ ଆଚରଣ ନେଇ ଅଷ୍ଟ୍ରେଲିଆ କ୍ରିକେଟ କର୍ତ୍ତୃପକ୍ଷ ନିକଟରେ ଅଭିଯୋଗ ଆଣିଥିଲେ। ତେବେ ଏହାପୂର୍ବରୁ ସେ ୨୦୧୭ରେ ଚାକିରି ଛାଡିଥିଲେ।

ଇଂଲଣ୍ଡ ବିପକ୍ଷ ଆଶେସ ଟେଷ୍ଟ ସିରିଜ ଡିସେମ୍ବର ୮ ତାରିଖରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ଡିସେମ୍ବର ବ୍ରିସ୍‌ବେନ୍‌ରେ ଖେଳାଯିବ। ଅଧିନାୟକ ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ପେନ୍ ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିବେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୨୦/୨୦୨୧ | Sambalpur, Saturday, November 20/2021









